# ଧରିତ୍ରୀ DHARITRI

ଭୁବନେଶ୍ୱର, ମଙ୍ଗଳବାର, ଏପ୍ରିଲ ୨୧/୨୦୨୬ (୧୪ ପୃଷ୍ଠା) | Bhubaneswar, Tuesday, April 21/2026 | Page 14 | ₹ 7.00 | DHENKANAL

୫୨ଶ ଭାଗ ୧୪୬ ସଂଖ୍ୟା | www.orissakhabar.com/www.dharitri.com | Printed at Angul, Bhubaneswar, Sambalpur & Rayagada | VOLUME 52 ISSUE 146 | ମୂଲ୍ୟ ₹୭/-




### ତିଳକ ବର୍ମାଙ୍କ ଶତକ

ଗୁଜରାଟ ଟାଇଟନ୍ସ ବିପକ୍ଷ ଆଇପିଏଲ୍ ମ୍ୟାଚରେ ଶତକ ହାସଲ କରିଛନ୍ତି ମୁମ୍ବାଇ ଇଣ୍ଡିଆନ୍ସର ତିଳକ ବର୍ମା। **୧୪**

**୦୫** 

### ନିଦା ଖାନ୍‌ଙ୍କୁ ଜାମିନ ମିଳିଲାନି

ଟିସିଏସ୍ ଯୌନ ନିର୍ଯାତନା ଓ ଧର୍ମାନ୍ତରୀକରଣ ମାମଲାରେ ନାଶିକ କୋର୍ଟ ଅଭିଯୁକ୍ତ ନିଦା ଖାନ୍‌ଙ୍କ ଜାମିନ ଆବେଦନକୁ ଖାରଜ କରିଦେଇଛନ୍ତି।





କଟକ ବିଦ୍ୟାଧରପୁର କେନ୍ଦ୍ରୀୟ ଧାନ ଗବେଷଣା ପ୍ରତିଷ୍ଠାନରେ ସୋମବାର ଅକ୍ଷୟତୃତୀୟା ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଅଖିମୁଠି ଅନୁକୂଳ କରି ଚାଷ କରୁଛନ୍ତି।

# ୩୧୫ ତହସିଲଦାରଙ୍କ ଖାତାରେ ଜମାହୋଇଛି ୨୫୬.୮୧କୋଟିର ରୟାଲ୍‌ଟି

**ଭୁବନେଶ୍ୱର,୨୦।୪(ରବିନାରାୟଣ ଜେନା)**

### ମୁଖ୍ୟ ସଚିବଙ୍କ ହସ୍ତକ୍ଷେପ ଲୋଡ଼ିଲେ ପିଏଜି

ରାଜ୍ୟରେ ଲଘୁ ଖଣିଜ ଦ୍ରବ୍ୟରୁ ସରକାରଙ୍କୁ ଯେଉଁ ଅର୍ଥ ମିଳିବା କଥା ତାହା ବାଟବଣା ହୋଇଛି। ନିୟମ ଅନୁଯାୟୀ, ଏହି ଉତ୍ସରୁ ସଂଗ୍ରହ ସମସ୍ତ ରୟାଲ୍‌ଟି ସରକାରଙ୍କ ନିର୍ଦ୍ଦିଷ୍ଟ ବ୍ୟାଙ୍କ ଖାତା ତଥା ରାଜକୋଷରେ ଡିପୋଜିଟ୍ ହେବା ଆବଶ୍ୟକ, ମାତ୍ର ରାଜ୍ୟରେ ୨୦୨୩ରୁ ୨୦୨୫ ଡିସେମ୍ବର ମଧ୍ୟରେ ଆଦାୟ ହୋଇଥିବା ଅର୍ଥ ତହସିଲଦାରମାନଙ୍କ ବ୍ୟାଙ୍କ ଖାତାରେ ଜମାହୋଇଛି। ଏହି ଅବଧି ମଧ୍ୟରେ ୩୧୫ ତହସିଲଦାରଙ୍କ ବ୍ୟାଙ୍କ ଖାତାରେ ୨୫୬.୮୧କୋଟି ଟଙ୍କାର ରୟାଲ୍‌ଟି ବନ୍ଧାହୋଇଛି। ଏହା ସମ୍ପୂର୍ଣ୍ଣ ଭାବେ ବେଆଇନ ହୋଇଥିବାରୁ ତୁରନ୍ତ ଏହା ଉପରେ ପଦକ୍ଷେପ ନେବା ଲାଗି ପ୍ରମୁଖ ମହାଲେଖାକାର(ପିଏଜି) ଡି. ସାହୁ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କୁ ପତ୍ର ଲେଖି ଅବଗତ କରାଇଛନ୍ତି। ଏନେଇ ମୁଖ୍ୟ ସଚିବଙ୍କ କାର୍ଯ୍ୟାଳୟ ପକ୍ଷରୁ ଅର୍ଥ ବିଭାଗଠାରୁ ରିପୋର୍ଟ ଲୋଡ଼ାଯିବା ପରେ ଅର୍ଥ ବିଭାଗ ପକ୍ଷରୁ ପଞ୍ଚାୟତିରାଜ ଏବଂ ନଗର ଉନ୍ନୟନ ବିଭାଗକୁ ପତ୍ର ଲେଖାଯାଇ ପୂର୍ଣ୍ଣାଙ୍ଗ ବିବରଣୀ ଲୋଡ଼ାଯାଇଥିବା ବିଭାଗର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି।

ପ୍ରମୁଖ ମହାଲେଖାକାର ମୁଖ୍ୟ ସଚିବଙ୍କୁ ପ୍ରଦାନ କରିଥିବା ତଥ୍ୟରେ ଦର୍ଶାଇଛନ୍ତି, ୨୦୨୩ରୁ ୨୦୨୫ ମଧ୍ୟରେ ସମସ୍ତ ପଞ୍ଚାୟତ ଏବଂ ପୌରାଞ୍ଚଳରେ ଲଘୁ ଖଣିଜ ଦ୍ରବ୍ୟ ନେଇ ସମୀକ୍ଷା କରାଯାଇଥିଲା। ଏହି ସମୟରେ ଜଣାଯାଇଛି, ୩୧୭ ତହସିଲଦାରଙ୍କ ମଧ୍ୟରୁ ୩୧୫ ତହସିଲଦାରଙ୍କ ବ୍ୟାଙ୍କ ଖାତାରେ ରୟାଲ୍‌ଟି ଟଙ୍କା ଜମାହୋଇଛି। ପଞ୍ଚାୟତିରାଜ ଅନୁଷ୍ଠାନ ଏବଂ ପୌରାଞ୍ଚଳରେ ☞ପୃଷ୍ଠା-୪

# ଆମେ ଆଉ ବିଶ୍ୱଗୁରୁ ରହିନାହୁଁ: ଜୋଷୀ

**ନୂଆଦିଲ୍ଲୀ,୨୦।୪(ପି.ଟି.)**



ମୁରଲୀ ମନୋହର ଜୋଷୀ

ଭାଜପାର ବର୍ଷୀୟାନ ନେତା ମୁରଲୀ ମନୋହର ଜୋଷୀ ସୋମବାର ସଂସ୍କୃତର ପ୍ରସାର ଉପରେ ଗୁରୁତ୍ୱ ଦେବା ସହ କ୍ୱାଣ୍ଟମ୍ କମ୍ପ୍ୟୁଟିଂରେ ମଧ୍ୟ ଏହାର ବ୍ୟବହାର ଉପରେ ଜୋର୍ ଦେଇଛନ୍ତି। ଭାରତ ଆଉ 'ବିଶ୍ୱଗୁରୁ' ହୋଇ ରହିନାହିଁ। ତେଣୁ ଏଭଳି ଶବ୍ଦ ବ୍ୟବହାର କରାଯିବା ଉଚିତ ନୁହେଁ ବୋଲି ସେ କହିଛନ୍ତି।

ନୂଆଦିଲ୍ଲୀରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ସ୍ୱୀକୃତିପ୍ରାପ୍ତ ସଂସ୍କୃତ ଭାରତୀର କେନ୍ଦ୍ରୀୟ କାର୍ଯ୍ୟାଳୟ ଉଦ୍‌ଘାଟନ ଅବସରରେ ଜୋଷୀ ସଂସ୍କୃତକୁ ଭାରତ ସରକାରୀ ଭାଷା କରିବା ପାଇଁ ଦୃଢ଼ ଦାବି କରିଛନ୍ତି। ଏଥିପାଇଁ ବି.ଆର୍. ଆମ୍ବେଡ୍‌କରଙ୍କ ସମେତ ଅନେକ ଲୋକ ଅତୀତରେ ଉଦ୍ୟମ କରିଥିଲେ, କିନ୍ତୁ ପ୍ରସ୍ତାବ ଗୃହୀତ ହୋଇପାରି ନ ଥିଲା ବୋଲି ଜୋଷୀ ଖବରଦାତାମାନଙ୍କୁ କହିଛନ୍ତି।

ଭାରତ ବିଶ୍ୱଗୁରୁ ଥିଲାବେଳେ ଏବଂ ଏକ ଏଆଇ ହବ୍‌ରେ ପରିଣତ ହେବାକୁ ଯାଉଥିବାବେଳେ ସଂସ୍କୃତର ପ୍ରସାର ଦିଗରେ ଭାରତର ଭୂମିକା ସମ୍ପର୍କରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଜୋଷୀଙ୍କ ମତାମତ ପଚରାଯିବାରୁ ସେ କହିଛନ୍ତି, ଆମେ ବର୍ତ୍ତମାନ ବିଶ୍ୱଗୁରୁ ଶବ୍ଦ ବ୍ୟବହାରରୁ ଦୂରେଇ ରହିବା ଉଚିତ ବୋଲି ସେ ବ୍ୟକ୍ତିଗତ ଭାବେ ବିଶ୍ୱାସ କରନ୍ତି। ଆମେ ଏକଦା ବିଶ୍ୱଗୁରୁ ଥିଲୁ, ଏବେ ନାହୁଁ। ଆମେ ବିଶ୍ୱଗୁରୁ ହେବାକୁ ଅନୁପ୍ରାଣିତ କରିବା ଉଚିତ। ସେହି ଦୃଷ୍ଟିରୁ ସଂସ୍କୃତ ବର୍ତ୍ତମାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଜୋଷୀ କହିଛନ୍ତି।

# ଗ୍ରୀଷ୍ମପ୍ରବାହ: ଗଞ୍ଜାମ ଜିଲାରେ ୩ ଦିନ ସ୍କୁଲ ଛୁଟି

**ଛତ୍ରପୁର,୨୦।୪(ଦିଲୀପ ସାମଲ)**

ପ୍ରବଳ ଗ୍ରୀଷ୍ମପ୍ରବାହ ଏବଂ ଗୁଳୁଗୁଳିକୁ ଦୃଷ୍ଟିରେ ରଖି ଗଞ୍ଜାମ ଜିଲା ପ୍ରଶାସନ ପକ୍ଷରୁ ୩ ଦିନ ସ୍କୁଲ ଛୁଟି ଘୋଷଣା କରାଯାଇଛି। ଜିଲାର ସମସ୍ତ ସରକାରୀ, ସରକାରୀ ଅନୁଦାନପ୍ରାପ୍ତ ଏବଂ ବେସରକାରୀ ସ୍କୁଲ ମଙ୍ଗଳବାରଠାରୁ ୨୩ ତାରିଖ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କ ପାଇଁ ବନ୍ଦ ରହିବ। ଶିଶୁବାଟିକାରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ପିଲାଙ୍କ ପାଇଁ ଏହି ନିୟମ ଲାଗୁହେବ। ତେବେ ପୂର୍ବରୁ ନିର୍ଦ୍ଧାରିତ ପଞ୍ଚମ ଓ ଅଷ୍ଟମ ଶ୍ରେଣୀର ସପ୍ଲିମେଣ୍ଟାରି ପରୀକ୍ଷା ନିୟମିତ ଭାବେ ହେବ। ଏହି ସମୟରେ ବିଦ୍ୟାଳୟର ପ୍ରଶାସନିକ କାର୍ଯ୍ୟ ଏବଂ ଅନ୍ୟାନ୍ୟ ଜରୁରୀ କାମ ଚାଲୁରହିବ ବୋଲି ଜିଲାପାଳ ଓ ଜିଲା ଶିକ୍ଷା ଅଧିକାରୀଙ୍କ ପକ୍ଷରୁ ସୂଚନା ଦିଆଯାଇଛି।

# ପାହାଡ଼ରୁ ବସ୍ ଖସି ୨୧ ମୃତ

**ଜମ୍ମୁ,୨୦।୪(ପି.ଟି.)**

ଜମ୍ମୁ-କଶ୍ମୀରର ଉଧାମପୁର ଜିଲାରେ ସୋମବାର ସକାଳେ ଏକ ଯାତ୍ରୀବାହୀ ବସ୍ ପାହାଡ଼ ପାର୍ଶ୍ୱରୁ ଖସିପଡ଼ିବାରୁ ୨୧ ଜଣଙ୍କ ମୃତ୍ୟୁ ଘଟିବା ସହ ୨୯ ଜଣ ଆହତ ହୋଇଛନ୍ତି। ବସ୍‌ଟି ଓଲଟି ରାସ୍ତା ତଳକୁ ଖସିପଡ଼ିବା ପୂର୍ବରୁ ଏକ ଅଟୋରିକ୍ସାକୁ ଧକ୍କା ଦେଇଥିଲା। ଅଟୋରିକ୍ସାରେ ଥିବା ଯାତ୍ରୀ ଆହତ ହୋଇଛନ୍ତି।

ପାହାଡ଼ ଶୀର୍ଷରେ ଥିବା ରାମନଗର ଅଞ୍ଚଳର କାଗୋର୍ଟ ଗ୍ରାମ ନିକଟରେ ଏକ ବୁଲାଣିରେ ଡ୍ରାଇଭର ଭାରସାମ୍ୟ ହରାଇବାରୁ ଦୁର୍ଘଟଣା ଘଟିଛି। ସେହି ସମୟରେ ଏକ ସେନା ଗାଡ଼ି ସେହି ବାଟ ଦେଇ ଯାଉଥିବାରୁ ଉଦ୍ଧାର କାର୍ଯ୍ୟରେ ଯବାନମାନେ ସାମିଲ ହୋଇଥିଲେ। ବସ୍‌ରେ ୫୦ ଜଣ ଯାତ୍ରୀ ଥିଲେ ଏବଂ ଅଧିକାଂଶ ରାମନଗରରୁ ଉଧାମପୁର ସେମାନଙ୍କ ଦୈନନ୍ଦିନ ନିଯୁକ୍ତିସ୍ଥଳକୁ ଯାଉଥିଲେ। ଦୁର୍ଘଟଣାରେ ବସ୍‌ଟି ☞ପୃଷ୍ଠା-୪

# 'କୃଷକ ହିଁ ସମୃଦ୍ଧ ଓଡ଼ିଶାର ସାରଥି'

**କଟକ,୨୦।୪(କାର୍ତ୍ତିକ ସାହୁ)**

**ରାଜ୍ୟସ୍ତରୀୟ କୃଷକ ଦିବସ, ଅକ୍ଷୟ ତୃତୀୟା**

- କଟକ ସିଆରଆରଆଇରେ ଅଖିମୁଠି ଅନୁକୂଳ କଲେ ମୁଖ୍ୟମନ୍ତ୍ରୀ
- ସିଏମ-କିଷାନ: ୪୧.୬୮ଲକ୍ଷ ଚାଷୀଙ୍କ ଖାତାକୁ ଗଲା ୮୩୮ କୋଟି
- 'ଆମ ବିହନ ରଥ'ର ଶୁଭାରମ୍ଭ

ରାଜ୍ୟ ସରକାର ସର୍ବଦା କୃଷକଙ୍କ ସହିତ ଅଛନ୍ତି। ନୂଆ ସରକାର କ୍ଷମତାକୁ ଆସିବାର କେବଳ ୨୨ ମାସ ମଧ୍ୟରେ ରାଜ୍ୟର କୃଷି ଅଭିବୃଦ୍ଧି ହାର ୫.୩%ରେ ପହଞ୍ଚିଛି, ଯାହା ଜାତୀୟ ହାରଠାରୁ ଅଧିକ। ସମୃଦ୍ଧ ଓଡ଼ିଶା ଗଢ଼ିବାରେ କୃଷକମାନେ ହିଁ ପ୍ରକୃତ ସାରଥି। କୃଷିକୁ ଅଧିକ ଲାଭଜନକ, ଆଧୁନିକ ଓ ସଶକ୍ତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ପବିତ୍ର ଅକ୍ଷୟ ତୃତୀୟା ଓ ରାଜ୍ୟସ୍ତରୀୟ କୃଷକ ଦିବସ ଅବସରରେ ସୋମବାର କଟକସ୍ଥିତ କେନ୍ଦ୍ରୀୟ ଧାନ ଗବେଷଣା କେନ୍ଦ୍ର (ସିଆର୍‌ଆର୍‌ଆଇ)ଠାରେ ଆୟୋଜିତ ଭବ୍ୟ କାର୍ଯ୍ୟକ୍ରମରେ ଯୋଗଦେଇ ଚାଷ ଜମିରେ ମୁଖ୍ୟମନ୍ତ୍ରୀ ଭୂମି ପୂଜା କରିବା ସହ ଅଖିମୁଠି ଅନୁକୂଳ କରିଥିଲେ। ଏହାପରେ କୃଷି ପ୍ରଦର୍ଶନୀ ବୁଲି ଦେଖିବା ପରେ 'ଆମ ବିହନ ରଥ' ଏବଂ 'କୃଷି ରଥ'ର ଶୁଭାରମ୍ଭ କରିଥିଲେ। ଏହି ଭ୍ରାମ୍ୟମାଣ ବିହନ ବିକ୍ରୟ କେନ୍ଦ୍ର ଗୁଡିକ ପ୍ରଥମ ପର୍ଯ୍ୟାୟରେ ୧୦ଟି ଜିଲାର ୩୧ଟି ବ୍ଲକରେ ଚାଲୁ ହେବ। ୫ କେଜି ପ୍ୟାକେଟ ଆକାରରେ ନୂତନ କିସମର ଧାନ ବିହନ ଗ୍ରାମପଞ୍ଚାୟତସ୍ତରରେ ଉପଲବ୍ଧ ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ରାଜ୍ୟର କୃଷକମାନଙ୍କ ପାଇଁ ଅନେକ ବଡ଼ ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ ୪୧,୬୮,୫୮୨ଜଣ ଚାଷୀଙ୍କୁ ସିଏମ୍-କିଷାନ ଯୋଜନାରେ ୮୩୮ କୋଟି ୪୮ଲକ୍ଷ ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଏଥିସହ କୃଷିକୁ ଆଧୁନିକ ଓ ଲାଭଜନକ କରିବା ପାଇଁ ନୂଆ ପଦକ୍ଷେପ ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀ ସମସ୍ତ କୃଷକ ଭଉଣୀଭାଇଙ୍କୁ ଅକ୍ଷୟ ତୃତୀୟାର ଶୁଭେଚ୍ଛା ଜଣାଇ କହିଛନ୍ତି, ଓଡ଼ିଶାର ଅର୍ଥନୀତି, ସଂସ୍କୃତି ଓ ସମୃଦ୍ଧିର ମୂଳ ଆଧାର ହେଉଛି କୃଷି। ଅକ୍ଷୟତୃତୀୟା ଦିନ ଚାଷୀମାନେ ଅଖିମୁଠି ଅନୁକୂଳ କରି ନୂଆ କୃଷି ବର୍ଷର ଶୁଭାରମ୍ଭ କରୁଥିବାରୁ ଏହା ଓଡ଼ିଶାର ଗୌରବମୟ ପରମ୍ପରା।

ଚଳିତ ବର୍ଷ ରାଜ୍ୟରେ ୧୫୦ ଲକ୍ଷ ମେଟ୍ରିକ ଟନ୍‌ରୁ ଅଧିକ ଖାଦ୍ୟଶସ୍ୟ ଉତ୍ପାଦନ ହୋଇ ଏକ ନୂଆ ରେକର୍ଡ ସୃଷ୍ଟି ହୋଇଛି। ସେ ଏହି ସଫଳତା ପାଇଁ ରାଜ୍ୟର ପ୍ରତ୍ୟେକ କୃଷକଙ୍କୁ ଅଭିନନ୍ଦନ ଜଣାଇଥିଲେ। କୃଷି ବିଦ୍ୟାନିଧି ଛାତ୍ରବୃତ୍ତି ଯୋଜନା ମାଧ୍ୟମରେ କୃଷକ ପରିବାରର ପିଲାମାନଙ୍କୁ ବୈଷୟିକ ଓ ବୃତ୍ତିଗତ ଶିକ୍ଷା ପାଇଁ ସହାୟତା ଦିଆଯାଉଛି। ୨୦୨୫-୨୬ ଶିକ୍ଷାବର୍ଷରେ ୬୮ ହଜାର ୯୧୦ଜଣ ଛାତ୍ରୀଛାତ୍ରଙ୍କୁ ୨୯୧ କୋଟି ୬୦ ଲକ୍ଷ ଟଙ୍କାରୁ ଅଧିକ ସହାୟତା ମିଳିଛି। ରାଜ୍ୟ ସରକାର ବଳଭଦ୍ର ଜୈବିକ ଚାଷ ମିଶନ ମାଧ୍ୟମରେ ଜୈବିକ ଚାଷକୁ ପ୍ରୋତ୍ସାହନ ଦେଉଛନ୍ତି। ସେହିପରି ଓଡ଼ିଶାର ପାରମ୍ପରିକ ମାଣ୍ଡିଆକୁ ବିଶ୍ୱ ମଞ୍ଚରେ ପହଞ୍ଚାଇବା ପାଇଁ ଶ୍ରୀଅନ୍ନ ଅଭିଯାନକୁ ଆହୁରି ଜୋରଦାର କରାଯାଉଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ କହିଥିଲେ, ଆମ ରାଜ୍ୟର ଅର୍ଥନୀତି ଓ ପ୍ରଗତିର ମେରୁଦଣ୍ଡ ହେଉଛନ୍ତି ଆମର କୃଷକ ସମାଜ। ଏହି ପରିପ୍ରେକ୍ଷୀରେ ଉପମୁଖ୍ୟମନ୍ତ୍ରୀ ସାର କ୍ରୟ କ୍ଷେତ୍ରରେ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ ଦେଇଥିଲେ। କଟକର ଏମ୍‌ପି ଭର୍ତ୍ତୃହରି ମହତାବ, ଜଗତ୍‌ସିଂହପୁର ଏମ୍‌ପି ବିଭୁପ୍ରସାଦ ତରାଇ, ନିଆଳି ବିଧାୟକ ଛବି ମଲ୍ଲିକ, ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ, ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ, କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋସ, ମାହାଙ୍ଗା ବିଧାୟକ ଶାରଦା ପ୍ରସାଦ ପ୍ରଧାନ ମଧ୍ୟ ଉପସ୍ଥିତ ଥିଲେ। କଟକ ଜିଲା ପରିଷଦ ଅଧ୍ୟକ୍ଷ କିଶୋର ଚନ୍ଦ୍ର ମିଶ୍ର, କୃଷି ବିଭାଗର କମିଶନର ତଥା ଶାସନ ସଚିବ ସଚିନ ରାମଚନ୍ଦ୍ର ଯାଦବ, କଟକ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଏବଂ କେନ୍ଦ୍ରୀୟ ଧାନ ଗବେଷଣା ପ୍ରତିଷ୍ଠାନର ନିର୍ଦ୍ଦେଶକ ଜିଏକେ କୁମାରଙ୍କ ପ୍ରମୁଖ ମଞ୍ଚାସୀନ ଥିଲେ।

# ମହାନଦୀ ବିବାଦ: ମେ' ୨ରେ ପରବର୍ତ୍ତୀ ଶୁଣାଣି

**ଭୁବନେଶ୍ୱର,୨୦।୪(ସୁନିତ୍ ମିଶ୍ର)**



ମହାନଦୀ ଜଳ ବିବାଦ ନେଇ ସୋମବାର ଟ୍ରିବ୍ୟୁନାଲରେ ଶୁଣାଣି ହୋଇଥିଲା। ଓଡ଼ିଶା ସରକାରଙ୍କ ପକ୍ଷରୁ ଆଡଭୋକେଟ୍ ଜେନେରାଲ(ଏଜି) ପୀତାମ୍ବର ଆଚାର୍ଯ୍ୟ ପକ୍ଷ ରଖିଥିଲେ। ମହାନଦୀରେ କେତେ ଜଳ ସଂଗୃହୀତ ହୋଇଛି ଟ୍ରିବ୍ୟୁନାଲ ତଥ୍ୟ ମାଗିଥିଲା। ଟ୍ରିବ୍ୟୁନାଲରେ ତଥ୍ୟ ରଖିବାକୁ ଉଭୟ ଛତିଶଗଡ଼ ଏବଂ ଓଡ଼ିଶା ସରକାର ଅଧିକ ସମୟ ଲୋଡିଛନ୍ତି। ଆସନ୍ତା ମେ ୨ ତାରିଖରେ ପରବର୍ତ୍ତୀ ଶୁଣାଣି ପାଇଁ ଟ୍ରିବ୍ୟୁନାଲ ସମୟ ଦେଇଛନ୍ତି।

ସୂଚନାଯୋଗ୍ୟ, ଛତିଶଗଡ଼ ଏବଂ ଓଡ଼ିଶା ମଧ୍ୟରେ ଦୀର୍ଘବର୍ଷ ହେଲା ମହାନଦୀକୁ ନେଇ ଜଳ ବିବାଦ ଲାଗିରହିଛି। ମାମଲା ଟ୍ରିବ୍ୟୁନାଲରେ ଦୀର୍ଘଦିନ ହେଲା ଚାଲିଥିବା ବେଳେ ଏହି ବିବାଦକୁ ଆପୋସ ସମାଧାନ ଭିତରେ ତୁଟାଯିବ ବୋଲି ଉଭୟ ରାଜ୍ୟ ସହମତି ପ୍ରକାଶ କରିଛନ୍ତି। ଟ୍ରିବ୍ୟୁନାଲଙ୍କ କାର୍ଯ୍ୟକାଳ ମଧ୍ୟ ୯ ମାସ ପାଇଁ କେନ୍ଦ୍ର ସରକାର ବୃଦ୍ଧି କରିଛନ୍ତି। କିଛିଦିନ ତଳେ ଏହି ପ୍ରସଙ୍ଗରେ ଏଜି ପୀତାମ୍ବର ଆଚାର୍ଯ୍ୟ କହିଥିଲେ, ଖୁବ୍‌ଶୀଘ୍ର ୨ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ମଧ୍ୟରେ ଆଲୋଚନା ହେବ। ଅନେକ କଥାରେ ୨ ରାଜ୍ୟ ମଧ୍ୟରେ ସହମତି ପ୍ରକାଶ ପାଉଛି ବୋଲି ସେ କହିଥିଲେ। ଅନ୍ୟପକ୍ଷରେ ମହାନଦୀ ଜଳ ବିବାଦ ଘଟଣାରେ ତଥ୍ୟ ସଂଗ୍ରହ ସହିତ ଗ୍ରାଉଣ୍ଡକୁ ଯାଇ ରିପୋର୍ଟ ସଂଗ୍ରହ ଆଦି ଲାଗି ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶକ୍ରମେ ଏକ ସର୍ବଦଳୀୟ କମିଟି ମଧ୍ୟ ଗଠନ ହୋଇଛି। କିନ୍ତୁ ଏହି କମିଟି ଜଳ ବିବାଦ ବାବଦରେ କେତେ ମାତ୍ରାରେ ସମୀକ୍ଷା କାର୍ଯ୍ୟ କରିଛି କିମ୍ବା କେବେ ଛତିଶଗଡ଼ ଗସ୍ତ କରିବେ ସେନେଇ ସେଭଳି କିଛି ବଡ଼ ସୂଚନା ଏପର୍ଯ୍ୟନ୍ତ ନାହିଁ।


**ଆଜିର ସମ୍ପାଦକୀୟ**

ବାଣ ଫୁଟୁଛି


# ଜାପାନରେ ୭.୫ ତୀବ୍ରତାର ଭୂକମ୍ପ ପରେ ସୁନାମି

**ଟୋକିଓ,୨୦।୪ (ପି.ଟି.)**

ଉତ୍ତର ଜାପାନରେ ସୋମବାର ୭.୫ ତୀବ୍ରତାର ଭୂକମ୍ପ ଅନୁଭୂତ ହୋଇଥିବା ଦେଶର ପାଣିପାଗ ସଂସ୍ଥା ପକ୍ଷରୁ କୁହାଯାଇଛି। ଭୂକମ୍ପ ପରେ ୩ ମିଟର ସୁନାମି ଆସିବା ନେଇ ସତର୍କ ସୂଚନା ଜାରି କରାଯାଇଥିଲା। ପ୍ରଶାନ୍ତ ମହାସାଗର ଉପକୂଳ ଉତ୍ତର ଇୱାତେ ଅଞ୍ଚଳରେ ଅପରାହ୍ନ ୪ଟା ୫୩ ମିନିଟ୍‌ରେ ଭୂକମ୍ପ ଅନୁଭୂତ ହୋଇଥିଲା, ଯାହାର ପ୍ରଭାବରେ ଟୋକିଓ ପର୍ଯ୍ୟନ୍ତ ଅନେକ ଶହ କିଲୋମିଟର ପର୍ଯ୍ୟନ୍ତ ବଡ଼ ବିଲ୍ଡିଂଗୁଡ଼ିକ ଦୋହଲିଯାଇଥିଲା। ଏହାର ପ୍ରାୟ ୪୦ ମିନିଟ୍ ପରେ ୮୦ ସେଣ୍ଟିମିଟର ସୁନାମି ତରଙ୍ଗ ଇୱାତେର କୁଜି ବନ୍ଦରରେ ମାଡ଼ ହୋଇଥିବା ଜାପାନ ପାଣିପାଗ ସଂସ୍ଥା କହିଛି। ଅନ୍ୟ ବନ୍ଦର ଅଞ୍ଚଳରେ ୪୦ ସେଣ୍ଟିମିଟର ଉଚ୍ଚର ସୁନାମି ଢେଉ ଉଠୁଥିବା ରେକର୍ଡ କରାଯାଇଛି। ସୁନାମି ଆସିବା ପୂର୍ବରୁ ସମୁଦ୍ର ଓ ନଦୀକୂଳ ଅଞ୍ଚଳର ଲୋକମାନଙ୍କୁ ତୁରନ୍ତ ସୁରକ୍ଷିତ ସ୍ଥାନକୁ ନିଆଯାଇଥିଲା। ସୁନାମି ସତର୍କ ସୂଚନା ପ୍ରତ୍ୟାହାର ନ ହେବା ପର୍ଯ୍ୟନ୍ତ ଲୋକମାନଙ୍କୁ ସୁରକ୍ଷିତ ସ୍ଥାନ ନ ଛାଡ଼ିବାକୁ ପରାମର୍ଶ ଦିଆଯାଇଛି। ଉକ୍ତ ଅଞ୍ଚଳରେ ଅଧିକ ଭୂକମ୍ପ ଅନୁଭୂତ ହେବା ନେଇ ପାଣିପାଗ ସଂସ୍ଥା ସତର୍କ କରାଇଛି।

# ପୃଥିବୀରେ ବଢ଼ୁଛି କୃତ୍ରିମ ଆଲୋକ

**ୱାଶିଂଟନ,୨୦।୪**



ପୃଥିବୀ ପ୍ରତିବର୍ଷ ଉଜ୍ଜ୍ୱଳ ହେବାରେ ଲାଗିଛି। କୃତ୍ରିମ ଆଲୋକ ଯୋଗୁ ଏପରି ଘଟୁଥିବାରୁ ଏହି ପରିବର୍ତ୍ତନ ସବୁ ଭାଗରେ ସମାନ ରହି ନ ଥାଏ ବୋଲି ଏକ ଅଧ୍ୟୟନରୁ ଜଣାପଡ଼ିଛି। ତେବେ ଗବେଷକଙ୍କ ମତରେ ଏହି ଧାରା ମନ୍ଥର ନୁହେଁ। କାରଣ କେତେକ ଅଞ୍ଚଳ ସ୍ୱଳ୍ପ ଆଲୋକିତ ହେଉଥିବାବେଳେ ଅନ୍ୟ କେତେକ ଅଞ୍ଚଳରେ ଅଧିକ ଆଲୋକ ଦେଖିବାକୁ ମିଳିଥାଏ।

ଆମେରିକା ମହାକାଶ ଗବେଷଣା ସଂସ୍ଥା ନାସା ଗବେଷକମାନେ କନେକ୍ଟିକଟ୍ ୟୁନିଭର୍ସିଟିରେ ୯ ବର୍ଷରେ ସଂଗୃହୀତ ୧.୧ ନିୟୁତରୁ ଊର୍ଦ୍ଧ୍ୱ ସାଟେଲାଇଟ୍ ଚିତ୍ର ଉପରେ ଅଧ୍ୟୟନ କରିଥିଲେ। ଉକ୍ତ ଗବେଷଣାରୁ ଜାଣିବାକୁ ପାଇଥିଲେ ଯେ, ପୃଥିବୀ ଉପରେ ୨୦୧୪ରୁ ୨୦୨୨ ମଧ୍ୟରେ କୃତ୍ରିମ ଆଲୋକ ୧୬% ବଢ଼ିଛି। ୨୦୧୭ରେ ମଧ୍ୟ ଏକ ଅଧ୍ୟୟନରୁ ଏଭଳି ନିଷ୍କର୍ଷ ବାହାରିଥିଲା। ଆଲୋକ ପ୍ରଦୂଷଣ ଯୋଗୁ ପ୍ରତିବର୍ଷ ବାହ୍ୟ ଆଲୋକ ୨% ବଢୁଥିବା ସେଥିରୁ ଜଣାପଡ଼ିଥିଲା।

ତେବେ ନେଚର ଜର୍ନାଲରେ ପ୍ରକାଶିତ ଏକ ସଦ୍ୟ ଅଧ୍ୟୟନରୁ ଜଣାପଡ଼ିଛି ଯେ, ସାମଗ୍ରିକ ଭାବେ ପୃଥିବୀର ଆଲୋକ ବଢ଼ୁଛି। ମୋଟାମୋଟି ଦେଖିଲେ ବିଶ୍ୱର ୩୪% ପରିଧିରେ ଏହି ସନ୍ତୁଳନ ☞ପୃଷ୍ଠା-୪



ଭୋପାଳରେ ସୋମବାର ଅନୁଷ୍ଠିତ ଜନ ଆକ୍ରୋଶ ମହିଳା ପଦଯାତ୍ରାରେ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ମୋହନ ଯାଦବ ଓ ରାଜ୍ୟ ଭାଜପା ସଭାପତି ହେମନ୍ତ ଖଣ୍ଡେଲୱାଲ ଯୋଗ ଦେଇଛନ୍ତି।

# ଚାପ ଆଗରେ ନ୍ୟାୟ ମୁଣ୍ଡ ନୁଆଁଇବ ନାହିଁ

## କେଜ୍‌ରିୱାଲ ମାମଲାରୁ ଓହରିବାକୁ ମନାକଲେ ବିଚାରପତି

ନୂଆଦିଲ୍ଲୀ,୨୦।୪

ଦିଲ୍ଲୀ ଅବକାରୀ ଦୁର୍ନୀତି ମାମଲା ଶୁଣାଣିରୁ ଓହରିଯିବା ପାଇଁ ଦିଲ୍ଲୀ ହାଇକୋର୍ଟ ବିଚାରପତି ସ୍ୱରନକାନ୍ତ ଶର୍ମା ସୋମବାର ମନା କରିଦେଇଛନ୍ତି। ଆମ୍ ଆଦ୍‌ମୀ ପାର୍ଟି (ଏଏପି) ଜାତୀୟ ଆବାହକ ଅରବିନ୍ଦ କେଜ୍‌ରିୱାଲ ଆଣିଥିବା ପକ୍ଷପାତ ଅଭିଯୋଗକୁ ସେ ପ୍ରତ୍ୟାଖ୍ୟାନ କରିଦେଇଛନ୍ତି। ରାଜନୈତିକ ଚାପ ଆଗରେ ବିଚାରପତିମାନେ ମୁଣ୍ଡ ନୁଆଁଇବେ ନାହିଁ ବୋଲି ସେ କହିଛନ୍ତି।

ଅବକାରୀ ଦୁର୍ନୀତି ମାମଲାରେ ସିବିଆଇ ପିଟିଶନ୍‌ର ଶୁଣାଣିରୁ ବିଚାରପତି ଶର୍ମା ଓହରିଯିବା ପାଇଁ କେଜ୍‌ରିୱାଲ ଆବେଦନ କରିଥିଲେ। ଶର୍ମାଙ୍କ ଖଣ୍ଡପୀଠରେ ଶୁଣାଣି ନିରପେକ୍ଷ ହୋଇ ନ ପାରେ ବୋଲି କେଜ୍‌ରିୱାଲ ଦର୍ଶାଇଥିଲେ। ଜଷ୍ଟିସ୍ ଶର୍ମା ଉକ୍ତ ଆବେଦନକୁ ଖାରଜ



ଜଷ୍ଟିସ୍ ସ୍ୱରନକାନ୍ତ ଶର୍ମା

କରିଦେଇଛନ୍ତି। ବୈଚାରିକ ପକ୍ଷପାତିତା ସୂଚନା ଦେଉଥିବା କୌଣସି ରାଜନୈତିକ ବୟାନ ଦେବାରେ କେଜ୍‌ରିୱାଲ ବିଫଳ ହୋଇଥିବା ବିଚାରପତି ଶର୍ମା କହିଛନ୍ତି।

# ୧୨ କଲରାପତରିଆ 'ନରଖାଦକ' ଅଭିଯୋଗମୁକ୍ତ

## ଡିଏନ୍‌ଏ ପରୀକ୍ଷା କରାଇଥିଲା ବନ ବିଭାଗ

ଡେରାଡୁନ୍,୨୦।୪

ଉତ୍ତରାଖଣ୍ଡ ବନ ବିଭାଗ ୧୨ଟି କଲରାପତରିଆ ବାଘଙ୍କୁ 'ନରଖାଦକ' ଅଭିଯୋଗରୁ ମୁକ୍ତ କରିଛି। ମଣିଷ ମାରି ଖାଇଥିବା ଅଭିଯୋଗ ପରେ ବାଘଗୁଡ଼ିକୁ ବର୍ଷେ ହେଲା ପିଞ୍ଜରାରେ ରଖାଯାଇଥିଲା। ତେବେ ସ୍ଥାନୀୟ ଲୋକଙ୍କ ଉପରେ ମରଣାନ୍ତକ ଆକ୍ରମଣ ପାଇଁ ସେମାନେ ଦାୟୀ ନୁହନ୍ତି ବୋଲି ଫୋରେନ୍‌ସିକ୍ ତଦନ୍ତରୁ ସ୍ପଷ୍ଟ ହୋଇଛି।

ଲୋକଙ୍କ ଉପରେ ଆକ୍ରମଣ କରୁଥିବା ଅଭିଯୋଗ ପରେ ୧୨ କଲରାପତରିଆଙ୍କୁ ଉତ୍ତରାଖଣ୍ଡର ବିଭିନ୍ନ ବିବାଦୀୟ ଜୋନ୍‌ରୁ ଧରାଯାଇ ଆଲମୋରାସ୍ଥିତ ଏନ୍‌ଟିଡି ଉଦ୍ଧାର କେନ୍ଦ୍ରରେ ପର୍ଯ୍ୟବେକ୍ଷଣ ଓ ବିଜ୍ଞାନସମ୍ମତ ପରୀକ୍ଷା ପାଇଁ ରଖାଯାଇଥିଲା। ବଣ୍ୟପ୍ରାଣୀ-ମଣିଷ ଲଢ଼େଇ ସ୍ଥାନରୁ ସଂଗୃହୀତ ଡିଏନ୍‌ଏ ନମୁନାର ପିଞ୍ଜରାରେ ଥିବା ୧୨ କଲରାପତରିଆଙ୍କ ସହ ମେଳ ଖାଇ ନ ଥିବା ଲାବରେଟୋରି ପରୀକ୍ଷାରୁ ଜଣାପଡ଼ିଛି। ରିପୋର୍ଟ ଆସିବା ପରେ ବନ ବିଭାଗ ଉକ୍ତ କଲରାପତରିଆଙ୍କୁ ମୁକ୍ତ କରିଦେଇଛି। ବାଘଗୁଡ଼ିକ ଦୋଷ ନ କରି ସେମାନଙ୍କ ପ୍ରାକୃତିକ ବାସସ୍ଥାନରୁ ଦୂରେଇ ରହି ବର୍ଷେ ହେଲା ରେସ୍କ୍ୟୁ ସେଣ୍ଟରରେ ଦଣ୍ଡ ଭୋଗିଲେ ବୋଲି ଜଣେ ବନ ଅଧିକାରୀ କହିଛନ୍ତି।

# ମଣିପୁରରେ ଜୋର୍‌ଦାର ବିକ୍ଷୋଭ

## ଶିକ୍ଷାନୁଷ୍ଠାନ, ଗାଡ଼ି ଚଳାଚଳ ବନ୍ଦ

ଇମ୍ଫାଲ,୨୦।୪

ମଣିପୁରରେ ଚଳିତ ମାସ ଆରମ୍ଭରେ ୨ ପିଲାଙ୍କୁ ହତ୍ୟା ଏବଂ ସନ୍ଦିଗ୍ଧ ଉଗ୍ରପନ୍ଥୀଙ୍କ ଆକ୍ରମଣରେ ୨ ସାଧାରଣ ନାଗରିକଙ୍କ ଜୀବନ ଯିବା ଘଟଣାରେ ଉତ୍ତେଜନା ଜାରି ରହିଛି। ଉତ୍ତ୍ୟକ୍ତ ଲୋକେ ସୋମବାର ରାଜ୍ୟର ବିଭିନ୍ନ ଭାଗରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଧାରଣାରେ ବସିଥିଲେ। ୨ଟି ସଂଗଠନର ଡାକରାରେ ମେଇତି ଏବଂ ନାଗାବହୁଳ ଉଖ୍ରୁଲ ଏବଂ ସେନାପତି ସମେତ ୫ ଉପତ୍ୟକା ଜିଲାରେ ସୋମବାର ବନ୍ଦ ପାଳନ କରାଯାଇଥିଲା। ଶିକ୍ଷାନୁଷ୍ଠାନ ସମେତ ଦୋକାନବଜାର ଓ ପରିବହନ ସେବା ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଥିଲା। ଉରିପୋକ୍, ନାଗାରାମ ସମେତ ଇମ୍ଫାଲ ଉପତ୍ୟକାର ବିଭିନ୍ନ ଅଞ୍ଚଳରେ ବିକ୍ଷୋଭକାରୀ ଧାରଣାରେ ବସିଥିଲେ।





ମଣିପୁରର ଇମ୍ଫାଲ ଇଷ୍ଟ ଜିଲା କୋଇରେଙ୍ଗେଇ ଅଞ୍ଚଳରେ ମହିଳାମାନେ ବିକ୍ଷୋଭ କରୁଛନ୍ତି।

ଏପ୍ରିଲ ୭ରେ ବିଷ୍ଣୁପୁର ଜିଲାର ତ୍ରୋଙ୍ଗଲାଓବିରେ ବୋମା ଆକ୍ରମଣରେ ୫ ବର୍ଷର ବାଳକ ଓ ତାଙ୍କ ୬ ମାସର ଭଉଣୀଙ୍କ ଜୀବନ ଯାଇଥିଲା। ଆକ୍ରମଣରେ ସେମାନଙ୍କ ମା' ଆହତ ହୋଇଥିଲେ। ଏହାର ପ୍ରତିବାଦ ବେଳେ ଉତ୍ତ୍ୟକ୍ତ ଲୋକେ ପାଖରେ ଥିବା ସିଆର୍‌ପିଏଫ୍ କ୍ୟାମ୍ପରେ ଧସେଇ ପଶିବାରୁ ଗୁଳିମାଡ଼ରେ ୩ ଜଣଙ୍କ ମୃତ୍ୟୁ ଘଟିବା ସହ ୩୦ ଜଣ ଆହତ ହୋଇଥିଲେ। ସୁରକ୍ଷା ବଳର ଦମନଲୀଳାକୁ ବିରୋଧ କରି ମହିଳା ସଂଗଠନ ମେଇରା ପୈବିସ୍ ପକ୍ଷରୁ ରବିବାରଠାରୁ ୫ ଦିନିଆ ବନ୍ଦ ଡାକରା ଦିଆଯାଇଛି। ଏଥିସହିତ ନାଗା କାଉନସିଲ୍ ଡାକରାରେ ସୋମବାରଠାରୁ ୩ ଦିନିଆ ସମ୍ପୂର୍ଣ୍ଣ ବନ୍ଦ ଆରମ୍ଭ ହୋଇଛି। ଗତ ୧୮ରେ ଇମ୍ଫାଲରୁ ଉଖ୍ରୁଲ ଯାଉଥିବା ଏକ ଗାଡ଼ି ଉପରେ ଉଗ୍ରପନ୍ଥୀ ଆକ୍ରମଣ କରିବାରୁ ଜଣେ ଅବସରପ୍ରାପ୍ତ ସେନା ଯବାନ ଓ ଅନ୍ୟ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିଲା। ଏହାର ପ୍ରତିବାଦରେ ନାଗା କାଉନସିଲ୍ ବନ୍ଦ ଡାକରା ଦେଇଛି। ଏଥିସହିତ ମଣିପୁର ବାର୍ ଆସୋସିଏସନ୍ ଏବଂ ହାଇକୋର୍ଟ ବାର୍ ଆସୋସିଏସନ୍ ଅଫ୍ ମଣିପୁର ତତ୍ତ୍ୱାବଧାନରେ ସୋମବାର ଉରିପୋକ୍‌ସ୍ଥିତ ଚେଇରାପ କୋର୍ଟ କମ୍ପ୍ଲେକ୍ସ ଆଗରେ ଆଇନଜୀବୀମାନେ ବିକ୍ଷୋଭ କରିଛନ୍ତି। ତ୍ରୋଙ୍ଗଲାଓବି ଘଟଣାକୁ ଆଇନଜୀବୀ ସଂଘ ଦୃଢ଼ ନିନ୍ଦା କରୁଛି ବୋଲି ମଣିପୁର ମାନବାଧିକାର ଆୟୋଗର ପୂର୍ବତନ ଅଧ୍ୟକ୍ଷ ଖାଇଡେମ୍ ମଣି କହିବା ସହ ଅପରାଧୀଙ୍କୁ ଧରିବା ଲାଗି କମ୍ବିଂ ଅପରେଶନ କରିବାକୁ ଦାବି କରିଛନ୍ତି। ମାମଲାକୁ ଏନ୍‌ଆଇଏକୁ ହସ୍ତାନ୍ତର କରିଦେଲେ ସମସ୍ୟାର ସମାଧାନ ହୋଇଯିବ ନାହିଁ। ସରକାର ଏହାର କ୍ଷମତାର ଉପଯୁକ୍ତ ପ୍ରୟୋଗ କରିବା ଆବଶ୍ୟକ ବୋଲି ସେ କହିଛନ୍ତି। ସିଆର୍‌ପିଏଫ୍ କ୍ୟାମ୍ପରେ ଉତ୍ତ୍ୟକ୍ତ ଲୋକଙ୍କ ଅନୁପ୍ରବେଶ ବେଳେ ଗୁଳିମାଡ଼ରେ ୩ ଜଣଙ୍କ ମୃତ୍ୟୁ ଘଟଣାର ବିଚାର ବିଭାଗୀୟ ତଦନ୍ତ କରାଯିବାକୁ ମଣି ଦାବି କରିଛନ୍ତି।

ସୂଚନାଯୋଗ୍ୟ, ୨୦୨୩ ମେ'ରୁ ମଣିପୁରରେ ମେଇତି ଓ କୁକି ସମ୍ପ୍ରଦାୟ ମଧ୍ୟରେ ଜାତିଆଣ ହିଂସା ଲାଗିରହିବା ଫଳରେ ୨୬୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୃତ୍ୟୁ ଘଟିବା ସହ ଅନେକ ହଜାର ବିସ୍ଥାପିତ ହୋଇଥିଲେ। ଜାତିଆଣ ହିଂସା ଲାଗି ରହିବାକୁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଏନ୍. ବୀରେନ୍ ସିଂଙ୍କୁ ଇସ୍ତଫା ଦେବାକୁ ପଡ଼ିଥିଲା ଏବଂ ୨୦୨୫ ଫେବୃଆରୀ ୧୩ରେ ମଣିପୁରରେ ରାଷ୍ଟ୍ରପତି ଶାସନ ଜାରି ହୋଇଥିଲା। ଗତ ଫେବୃଆରୀ ୪ରେ ରାଷ୍ଟ୍ରପତି ଶାସନ ପ୍ରତ୍ୟାହାର କରାଯାଇଥିଲା।

# ଅର୍ଥନୈତିକ ସମ୍ପର୍କ ବଢ଼ାଇବାକୁ ଭାରତ, ଦକ୍ଷିଣ କୋରିଆ ରାଜି

ନୂଆଦିଲ୍ଲୀ,୨୦।୪ (ପି.ଟି.)

ଭୂରାଜନୈତିକ ଅସ୍ଥିରତା ଦୃଷ୍ଟିରୁ ବାଣିଜ୍ୟ କ୍ଷେତ୍ରରେ ବାଧା ବଢୁଥିବାବେଳେ ଭାରତ ଏବଂ ଦକ୍ଷିଣ କୋରିଆ ସେମାନଙ୍କ ବାଣିଜ୍ୟିକ ଚୁକ୍ତିକୁ ଅପ୍‌ଗ୍ରେଡ କରିବା ଲାଗି ଆଲୋଚନା ପାଇଁ ସୋମବାର ସହମତ ହୋଇଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଦକ୍ଷିଣ କୋରିଆ ରାଷ୍ଟ୍ରପତି ଲି ଜାଏ ମ୍ୟୁଙ୍ଗ୍‌ଙ୍କ ମଧ୍ୟରେ ଆଲୋଚନା ପରେ ଉଭୟ ପକ୍ଷ ଏହା ଘୋଷଣା କରିଛନ୍ତି। ବୈଶ୍ୱିକ ଉତ୍ତେଜନା ଲାଗିରହିଥିବାବେଳେ ଭାରତ ଏବଂ ଦକ୍ଷିଣ କୋରିଆ ମିଳିତ ଭାବେ ଶାନ୍ତି ଓ ସ୍ଥିରତାର ବାର୍ତ୍ତା ଦେଇଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। ଭାରତ-ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳରେ ଶାନ୍ତି ଓ ସ୍ଥିରତା ସୁନିଶ୍ଚିତ କରିବା ଦିଗରେ ଉଭୟେ କାର୍ଯ୍ୟ କରିବାକୁ ସଂକଳ୍ପ ନେଇଛନ୍ତି।

ଦ୍ୱିପାକ୍ଷିକ ସହଯୋଗକୁ ସୁଦୃଢ଼ କରିବା ଲକ୍ଷ୍ୟରେ ନୂଆଦିଲ୍ଲୀ ଏବଂ ସିଓଲ ମଧ୍ୟରେ କେତେକ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷର ହୋଇଛି। ଏକ ମିଳିତ ଖବରଦାତା ସମ୍ମିଳନୀରେ ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, କୋରିଆ ରାଷ୍ଟ୍ରପତି ଲିଙ୍କ ଗସ୍ତ ଦ୍ୱିପାକ୍ଷିକ ବ୍ୟବସ୍ଥାକୁ ଅଧିକ ଉନ୍ନତ କରାଇବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଆମେ ଆମର ବିଶ୍ୱସ୍ତ ସହଯୋଗକୁ ଏକ ଭବିଷ୍ୟମୁଖୀ ଭାଗୀଦାରିରେ ପରିଣତ କରିବାକୁ ଯାଉଛେ ବୋଲି ମୋଦି କହିଛନ୍ତି। ୨୦୧୦ରେ ବିସ୍ତୃତ ଅର୍ଥନୈତିକ ସହଭାଗିତା ଚୁକ୍ତିନାମା (ସିଇପିଏ) କାର୍ଯ୍ୟକାରୀ ହେବା ପରେ ଦ୍ୱିପାକ୍ଷିକ ବାଣିଜ୍ୟ ଓ ଅର୍ଥନୈତିକ ସମ୍ପର୍କ ଅଧିକ ଶକ୍ତିଶାଳୀ ହୋଇଥିଲା। ଚିପ୍‌ଠାରୁ ଶିପ୍ ପର୍ଯ୍ୟନ୍ତ, ଟ୍ୟାଲେଣ୍ଟଠାରୁ ଟେକ୍‌ନୋଲୋଜି, ମନୋରଞ୍ଜନରୁ ଶକ୍ତି, ଆମେ ପ୍ରତ୍ୟେକ ସେକ୍ଟରରେ ସହଯୋଗ ପାଇଁ ନୂଆ ସୁଯୋଗ ଅନୁଭବ କରିବା ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି।



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ ଦକ୍ଷିଣ କୋରିଆ ରାଷ୍ଟ୍ରପତି ଲି ଜାଏ ମ୍ୟୁଙ୍ଗ୍।

# ଆମେରିକାରେ ଗୁଳିକାଣ୍ଡ: ୮ ପିଲାଙ୍କ ମୃତ୍ୟୁ

ଶ୍ରେଭେପୋର୍ଟ,୨୦।୪

ଆମେରିକାର ଲୁଇସିଆନା ପ୍ରଦେଶ ଅନ୍ତର୍ଗତ ଶ୍ରେଭେପୋର୍ଟଠାରେ ଗୁଳିକାଣ୍ଡ ଘଟି ୮ ଜଣ ପିଲାଙ୍କ ଜୀବନ ଯାଇଛି। ପିଲାମାନଙ୍କ ବୟସ ୧ରୁ ୧୪ ବର୍ଷ ମଧ୍ୟରେ। ବନ୍ଧୁକଧାରୀ ଏକାଧିକ ଘରେ ପଶି ଗୁଳି ଚଳାଇଥିଲେ। ଘରୋଇ ବିବାଦରୁ ଏହି ଗୁଳିକାଣ୍ଡ ଘଟିଥିବା କୁହାଯାଉଛି। ବନ୍ଧୁକଧାରୀ ଏକ କାର୍ ଚୋରିକରି ଘଟଣାସ୍ଥଳରୁ ଖସି ପଳଉଥିବାବେଳେ ପୋଲିସ ପିଛା କରିଥିଲା। ପୋଲିସ ଗୁଳିରେ ବନ୍ଧୁକଧାରୀ ନିହତ ହୋଇଛନ୍ତି। ଆକ୍ରମଣର ସମ୍ମୁଖୀନ ହୋଇଥିବା ପିଲାମାନଙ୍କ ମଧ୍ୟରୁ କେତେଜଣ ସନ୍ଦିଗ୍ଧଙ୍କ ସମ୍ପର୍କୀୟ ବୋଲି ପୋଲିସ କହିଛି।

ଏକ ଖବରଦାତା ସମ୍ମିଳନୀରେ ଶ୍ରେଭେପୋର୍ଟ ପୋଲିସ ମୁଖ୍ୟ ଲୋକମାନଙ୍କୁ ଧୈର୍ଯ୍ୟ ଧରିବାକୁ ଅନୁରୋଧ କରିଛନ୍ତି। ଏଭଳି ଘଟଣା କିପରି ଘଟିଲା, ତାହା କଳ୍ପନା କରିହେଉନାହିଁ ବୋଲି ସେ କହିଛନ୍ତି। ଏହା ସବୁଠୁ ଦୁଃଖଦ ସ୍ଥିତି ବୋଲି ସ୍ଥାନୀୟ ମେୟର ଟମ୍ ଆର୍ସେନେଉକ୍ସ କହିଛନ୍ତି। ଶ୍ରେଭେପୋର୍ଟ ପୋଲିସକୁ ଘଟଣାର ତଦନ୍ତ ପାଇଁ କୁହାଯାଇଥିବା ଲୁଇସିଆନା ରାଜ୍ୟ ପୋଲିସ କହିଛି।

# ଉଡ଼ନ୍ତା ବିମାନରେ ୪ ଘଣ୍ଟାର ଆତଙ୍କ

## ଯାତ୍ରୀ କାନ୍ଦିଲେ, ପ୍ରାର୍ଥନା କଲେ

ବେଙ୍ଗାଲୁରୁ,୨୦।୪

ହାଇଦ୍ରାବାଦରୁ ହୁବ୍‌ଲି ଯାଉଥିବା ଫ୍ଲାଏ୯୧ ବିମାନ ରବିବାର ପ୍ରତିକୂଳ ପାଗ କାରଣରୁ ଦୀର୍ଘ ସମୟ ଧରି ଆକାଶରେ ଘୂରି ବୁଲିବା ପରେ ବେଙ୍ଗାଲୁରୁ ବିମାନବନ୍ଦରରେ ଅବତରଣ କରିଥିଲା। ବିମାନ ଉଡୁଥିବାବେଳେ ଭିତରେ ବସିଥିବା ଯାତ୍ରୀଙ୍କ ମଧ୍ୟରେ ଆତଙ୍କ ଖେଳିଯାଇଥିଲା। କେତେକ ଯାତ୍ରୀ ଭୟରେ କାନ୍ଦିବା ସହ ଅନ୍ୟମାନେ ରକ୍ଷା ପାଇବା ପାଇଁ ହାତଯୋଡ଼ି ଈଶ୍ୱରଙ୍କୁ ପ୍ରାର୍ଥନା କରୁଥିବା ଦେଖାଯାଇଥିଲା। ଆକାଶରେ ପ୍ରାୟ ୪ ଘଣ୍ଟା ଧରି ଯାତ୍ରୀମାନେ ଆତଙ୍କ ମଧ୍ୟରେ ରହିଥିଲେ। କାନ୍ଦ ନାହିଁ ଅପେକ୍ଷା କର, କିଛି ହେବ ନାହିଁ ବୋଲି ଅନ୍ୟ କେହି କହୁଥିବା ଶୁଣାଯାଇଥିଲା।

ରବିବାର ଅପରାହ୍ନ ୩ଟାରେ ଫ୍ଲାଏ୯୧ ଏୟାରଲାଇନ୍ସ ବିମାନ ଆଇସି୩୪୦୧ ହାଇଦ୍ରାବାଦର ରାଜୀବ ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରରୁ ଉଡ଼ାଣ ଆରମ୍ଭ କରିଥିବାବେଳେ ୪ଟା ୩୦ ମିନିଟ୍ ସମୟରେ ହୁବ୍‌ଲିରେ ପହଞ୍ଚିବ ବୋଲି ସମୟ ଧାର୍ଯ୍ୟ ହୋଇଥିଲା। ତେବେ ବିମାନ ହୁବ୍‌ଲି ନିକଟବର୍ତ୍ତୀ ହେବାବେଳକୁ ପ୍ରତିକୂଳ ପାଗ ଯୋଗୁ ଅବତରଣ ନ କରିବାକୁ ପାଇଲଟଙ୍କୁ କୁହାଗଲା। ବିମାନଟି ୪ ଘଣ୍ଟା ଧରି ଆକାଶରେ ଚକ୍କର କାଟିବା ପରେ ବେଙ୍ଗାଲୁରୁରେ ସୁରକ୍ଷିତ ଅବତରଣ କରିଥିଲା। ବିମାନରେ ୨୨ ଯାତ୍ରୀ ଥିଲେ।

# ପ୍ରଧାନମନ୍ତ୍ରୀ ଉଦ୍‌ଘାଟନ କରିବା ପୂର୍ବରୁ ଏଚ୍‌ପିସିଏଲ୍ ରିଫାଇନାରିରେ ଭୟାବହ ଅଗ୍ନିକାଣ୍ଡ



ଜୟସାଲମେର,୨୦।୪

ରାଜସ୍ଥାନର ବାଲୋତ୍ରା ଜିଲାରେ ହିନ୍ଦୁସ୍ଥାନ ପେଟ୍ରୋଲିୟମ କର୍ପୋରେଶନ ଲିଃ (ଏଚ୍‌ପିସିଏଲ୍) ଏବଂ ରାଜସ୍ଥାନ ସରକାରଙ୍କ ମିଳିତ ଉଦ୍ୟୋଗରେ ନିର୍ମିତ ପଚପଦରା ରିଫାଇନାରିରେ ସୋମବାର ଅପରାହ୍ନରେ ଭୟାବହ ଅଗ୍ନିକାଣ୍ଡ ଘଟିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଙ୍ଗଳବାର ଉକ୍ତ ରିଫାଇନାରିକୁ ଉଦ୍‌ଘାଟନ କରିବା କାର୍ଯ୍ୟକ୍ରମ ଥିବାବେଳେ ଏହାର ଦିନକ ପୂର୍ବରୁ ନିଆଁ ଲାଗିଯିବାରୁ ପ୍ରଶାସନିକ ଅଧିକାରୀ ଆଶଙ୍କାରେ ରହିଛନ୍ତି। ନିଆଁ ଲାଗିବାର କାରଣ ସ୍ପଷ୍ଟ ହୋଇନାହିଁ। ନିଆଁଲିଭା କାର୍ଯ୍ୟରେ ଅନେକ ଅଗ୍ନିଶମ ଗାଡ଼ିକୁ ନିୟୋଜିତ କରାଯାଇଛି। ରିଫାଇନାରି ଉପରୁ ବହଳ ଧୂଆଁ କୁଣ୍ଡଳି ଉଠୁଥିବାବେଳେ ନିଆଁକୁ ଆୟତ୍ତ କରିବା ପାଇଁ କର୍ମଚାରୀମାନେ ଫାୟାର ସେଫ୍ଟି ସିଷ୍ଟମ୍‌କୁ ଚାଲୁ କରାଇଥିଲେ। ଅଗ୍ନିଶମ କର୍ମଚାରୀଙ୍କ ସମେତ ଜିଲା ପ୍ରଶାସନ, ପୋଲିସ ଓ ନାଗରିକ ସୁରକ୍ଷା ବିଭାଗ ଟିମ୍ ପହଞ୍ଚି ନିଆଁକୁ ଆୟତ୍ତ କରିବାରେ ଲାଗିପଡ଼ିଥିଲେ।

## ଡିଜିଟାଲ ଆରେଷ୍ଟ ମାମଲା

# ଉଚ୍ଚଶିକ୍ଷିତ ଠକାମିରେ ପଡ଼ିବା ଦୁଃଖଦାୟକ: ସିଜେଆଇ

ନୂଆଦିଲ୍ଲୀ,୨୦।୪ (ପି.ଟି.)

ଉଚ୍ଚଶିକ୍ଷିତ ଲୋକମାନେ ଡିଜିଟାଲ ଆରେଷ୍ଟ ମାମଲାରେ ଠକାମିରେ ପଡ଼ିବା ଦୁଃଖଦାୟକ ବୋଲି ସୋମବାର ଭାରତର ପ୍ରଧାନ ବିଚାରପତି (ସିଜେଆଇ) ସୂର୍ଯ୍ୟ କାନ୍ତ କହିଛନ୍ତି। ଏଭଳି ଏକ ମାମଲାରେ ଜଣେ ବୃଦ୍ଧା ତାଙ୍କର ସମସ୍ତ ଅବସରକାଳୀନ ସୁବିଧା ହରାଇବା ମାମଲା ସିଜେଆଇଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ୍ ଜୟମାଲ୍ୟ ବାଗ୍‌ଚୀଙ୍କୁ ନେଇ ଗଠିତ ଖଣ୍ଡପୀଠରେ ଶୁଣାଣି ହୋଇଥିଲା। ଡିଜିଟାଲ ଆରେଷ୍ଟରେ ଠକାମିର ସମ୍ମୁଖୀନ ହେଉଥିବା ଲୋକମାନଙ୍କ ମାମଲାଗୁଡ଼ିକୁ ନିଜଆଡୁ ବିଚାର ପାଇଁ ଗ୍ରହଣ କରି ମେ' ୧୨ରେ ଶୁଣାଣି କରିବା ନିମନ୍ତେ ଆଟର୍ନି ଜେନେରାଲ ଆର୍. ଭେଙ୍କଟରମଣି ଖଣ୍ଡପୀଠଙ୍କୁ ନିବେଦନ କରିବା ପରେ ସିଜେଆଇ



ଜଷ୍ଟିସ୍ ସୂର୍ଯ୍ୟ କାନ୍ତ

ଉପରୋକ୍ତ ଟିପ୍ପଣୀ ଦେଇଛନ୍ତି। ଏହି ଅବସରରେ ସିଜେଆଇ ବୃଦ୍ଧାଙ୍କ ମାମଲାର ଅବତାରଣା କରି କହିଥିଲେ, ଦୁର୍ଭାଗ୍ୟର କଥା ତାଙ୍କୁ ସମ୍ପୂର୍ଣ୍ଣ ଅବସରକାଳୀନ ସୁବିଧା ହରାଇବାକୁ ପଡ଼ିଲା।

ସର୍ବୋଚ୍ଚ ଅଦାଲତ ନିଜଆଡୁ ଡିଜିଟାଲ ଆରେଷ୍ଟ ମାମଲାର ଶୁଣାଣି କରୁଥିବା ସତ୍ତ୍ୱେ ଏଭଳି ମାମଲା କ୍ରମାଗତ ଭାବେ ଆସିବାରେ ଲାଗିଛି ବୋଲି ଜଣେ ଆଇନଜୀବୀ କହିଥିଲେ। ଉଚ୍ଚଶିକ୍ଷିତମାନେ ଏଭଳି ମାମଲାରେ ଠକାମିର ଶିକାର ହେବା ଦୁଃଖଦାୟକ ବୋଲି ସିଜେଆଇ ଟିପ୍ପଣୀ ଦେଇଥିଲେ। ମେ' ୧୨ରେ ମାମଲାର ଶୁଣାଣି ପାଇଁ ଖଣ୍ଡପୀଠ ତାଲିକାଭୁକ୍ତ କରିଛନ୍ତି।

ଡିଜିଟାଲ ଆରେଷ୍ଟ ସାଇବର ଅପରାଧର ଏକ ବର୍ଦ୍ଧିତ ରୂପ, ଯେଉଁଥିରେ ଅପରାଧୀମାନେ ନିଜକୁ ଆଇନ ପ୍ରବର୍ତ୍ତନକାରୀ ଅଫିସର, କୋର୍ଟ ଅଫିସର କିମ୍ବା ସରକାରୀ ଏଜେନ୍ସିର ଅଧିକାରୀର ପରିଚୟ ଦେଇ ଅଡିଓ ଏବଂ ଭିଡିଓ କଲ୍ ଜରିଆରେ ଲୋକଙ୍କୁ ଭୟଭୀତ କରାଇ ସେମାନଙ୍କଠାରୁ ଟଙ୍କା ଆଦାୟ କରିବା ଲାଗି ଚାପ ପକାଇଥାନ୍ତି। ଗତ ଫେବୃଆରୀ ୯ରେ ଶୀର୍ଷ ଅଦାଲତ କହିଥିଲେ, ଡିଜିଟାଲ ଠକେଇ ଜରିଆରେ ୫୪,୦୦୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ହଡ଼ପ କରାଯିବା ହେଉଛି ସମ୍ପୂର୍ଣ୍ଣ ଲୁଟ୍ ଓ ଡକାୟତି। ଏଭଳି ମାମଲାଗୁଡ଼ିକୁ କିପରି ରୋକାଯିବ ସେନେଇ ଆର୍‌ବିଆଇ, ବ୍ୟାଙ୍କ, ଟେଲିକମ୍ ବିଭାଗ ଭଳି ଷ୍ଟେକ୍‌ହୋଲ୍ଡରମାନଙ୍କ ସହ ପରାମର୍ଶ କରି କେନ୍ଦ୍ର ସରକାର ଏକ ଷ୍ଟାଣ୍ଡାର୍ଡ ଅପରେଟିଂ ପ୍ରୋସିଜିଓର (ଏସ୍‌ଓପି) ଆଣିବା ପାଇଁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ।

ଡିଜିଟାଲ ଆରେଷ୍ଟକୁ ସର୍ବୋଚ୍ଚ ଅଦାଲତ ଏକ ଗମ୍ଭୀର ଅପରାଧ ବୋଲି ବର୍ଣ୍ଣନା କରିବା ସହ ଏଭଳି ସାଇବର ଜାଲିଆତି ରୋକିବା ଦିଗରେ ବ୍ୟାଙ୍କଗୁଡ଼ିକ ସକ୍ରିୟ ଭୂମିକା ନେବା ଲାଗି କହିଥିଲେ। ଡିଜିଟାଲ ଆରେଷ୍ଟ ମାମଲାଗୁଡ଼ିକୁ ଚିହ୍ନଟ କରିବା ପାଇଁ ଅଦାଲତ ସିବିଆଇକୁ ନିର୍ଦ୍ଦେଶ ଦେବା ସହ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ଚିହ୍ନଟ ମାମଲାରେ ତଦନ୍ତ ଆଗେଇ ନେବା ଲାଗି ଗୁଜରାଟ ଓ ଦିଲ୍ଲୀ ସରକାର ମଞ୍ଜୁରୀ ପ୍ରଦାନ କରିବାକୁ କହିଥିଲେ।



ପୁରୀ ନରେନ୍ଦ୍ର ପୁଷ୍କରିଣୀରେ ଭଦ୍ରା ଚାପରେ ଚାପ ଖେଳୁଛନ୍ତି ମଦନମୋହନ, ଭୂଦେବୀ ଓ ଶ୍ରୀଦେବୀ। (ଫଟୋ: ଯଜ୍ଞେଶ୍ୱର ମହାନ୍ତି)

# ମୁନିରଙ୍କ ପରାମର୍ଶ ବିଚାରଯୋଗ୍ୟ: ଟ୍ରମ୍ପ୍

## ଇସ୍‌ଲାମାବାଦରେ ୨ୟ ପର୍ଯ୍ୟାୟ ଶାନ୍ତି ଆଲୋଚନା ଆଜି

**ଆମେରିକା ପକ୍ଷରୁ ଇରାନୀୟ ବନ୍ଦରଗୁଡ଼ିକୁ ଅବରୋଧ କରାଯିବା ଶାନ୍ତି ଆଲୋଚନାରେ ପ୍ରତିବନ୍ଧକ ସାଜିଛି ବୋଲି ପାକିସ୍ତାନ ସେନାର ସର୍ବୋଚ୍ଚ ସାମରିକ ଅଧିକାରୀ ଫିଲ୍ଡ ମାର୍ଶାଲ ଆସିମ ମୁନିର ସୋମବାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କୁ ଫୋନ୍‌ରେ ଜଣାଇଛନ୍ତି। ଟ୍ରମ୍ପ୍ ଏହା ଶୁଣିବା ପରେ ମୁନିରଙ୍କ ପରାମର୍ଶକୁ ନେଇ ବିଚାର କରିବେ ବୋଲି କହିଛନ୍ତି। ଆମେରିକା ଓ ଇରାନ୍ ମଧ୍ୟରେ ହୋଇଥିବା ୧୪ ଦିନିଆ ଅସ୍ତ୍ରବିରତି ଅବଧି ଏପ୍ରିଲ ୨୨ରେ ଶେଷ ହେଉଥିବାବେଳେ ସ୍ଥାୟୀ ଭାବେ ଯୁଦ୍ଧ ବନ୍ଦ ପାଇଁ ପାକିସ୍ତାନ କୂଟନୈତିକ ଉଦ୍ୟମ ଚଳାଇଛି। ପାକିସ୍ତାନ ମଧ୍ୟସ୍ଥତାରେ ଇସ୍‌ଲାମାବାଦରେ ଦ୍ୱିତୀୟ ପର୍ଯ୍ୟାୟ ଶାନ୍ତି ଆଲୋଚନା ପାଇଁ ସବୁ ପ୍ରସ୍ତୁତି ଶେଷ ହୋଇଛି। କିନ୍ତୁ ଆମେରିକୀୟ ପ୍ରତିନିଧି ଦଳ ଇସ୍‌ଲାମାବାଦରେ ପହଞ୍ଚିବା ପୂର୍ବରୁ ଇରାନ୍ ଏଭଳି କୌଣସି ଆଲୋଚନା ପାଇଁ ନିଷ୍ପତ୍ତି ହୋଇନାହିଁ ବୋଲି କହିଥିଲା। ଏପରି କି ଆଲୋଚନାରେ ଯୋଗଦେବାକୁ ମନା କରିଥିଲା। ତେବେ ମୁନିର ଏନେଇ ଟ୍ରମ୍ପ୍‌ଙ୍କୁ ଚେତାଇ ଦେଇଥିଲେ। ଆମେରିକୀୟ ନୌସେନା ଏବଂ ଇରାନର ଇସ୍‌ଲାମିକ୍ ରିଭୋଲ୍ୟୁଶନାରି ଗାର୍ଡ କର୍ (ଆଇଆର୍‌ଜିସି) ମଧ୍ୟରେ ଟଣାଓଟରା ଯୋଗୁ ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍‌ରେ ଅଚଳାବସ୍ଥା ଉପୁଜିଛି। ଏହି ପ୍ରସଙ୍ଗ ବିଶ୍ୱବାସୀଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ଏକ ମୁଖ୍ୟ ଆଲୋଚ୍ୟ ବିଷୟ ପାଲଟିଛି।**



ଆସିମ ମୁନିର

ଇସ୍‌ଲାମାବାଦ/ୱାଶିଂଟନ୍, ୨୦।୪

ମଧ୍ୟପ୍ରାଚ୍ୟକୁ ଶାନ୍ତି ଫେରାଇ ଆଣିବା ପାଇଁ ପାକିସ୍ତାନ ମଧ୍ୟସ୍ଥତାରେ ଇସ୍‌ଲାମାବାଦରେ ଏପ୍ରିଲ ୧୧ ଓ ୧୨ରେ ଶାନ୍ତି ଆଲୋଚନା ହୋଇଥିଲା। କିନ୍ତୁ ପ୍ରଥମ ପର୍ଯ୍ୟାୟ ଆଲୋଚନାରୁ କିଛି ସୁଫଳ ମିଳି ନ ଥିଲା। ଫଳରେ ଆମେରିକା ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍‌ରୁ ଇରାନୀୟ ବନ୍ଦରଗୁଡ଼ିକୁ ଯାତାୟାତ କରୁଥିବା ଜାହାଜଗୁଡ଼ିକର ପଥ ଅବରୋଧ କରିଥିଲା, ଯାହାକି ଏବେ ମଧ୍ୟ ଅବ୍ୟାହତ ରହିଛି। ଏପରି କି ଆମେରିକୀୟ ନୌସେନା ଏକ ଇରାନୀୟ ଜାହାଜକୁ ବାଜ୍ୟାପ୍ତ କରିଥିବା ଜଣାପଡ଼ିଛି। ଆମେରିକା-ଇରାନ୍ ମଧ୍ୟରେ ୧୪ ଦିନିଆ ଅସ୍ତ୍ରବିରତି ଅବଧି ଆସନ୍ତା ୨୨ରେ ଶେଷ ହେବାକୁ ଯାଉଛି। ଏଭଳି ସ୍ଥିତିରେ ମଙ୍ଗଳବାର ଇସ୍‌ଲାମାବାଦରେ ହେବାକୁ ଥିବା ଶାନ୍ତି ଆଲୋଚନାର ସଫଳ ହେବ କି ନାହିଁ ବୋଲି ପ୍ରଶ୍ନ ଉଠିଲାଣି।

ପାକିସ୍ତାନର ସର୍ବୋଚ୍ଚ ସାମରିକ ଅଧିକାରୀ ଫିଲ୍ଡ ମାର୍ଶାଲ ଆସିମ ମୁନିର ଏନେଇ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କୁ ଫୋନ୍ କରି କହିଛନ୍ତି, ☞ପୃଷ୍ଠା-୧୦

# ଆଇଏନ୍‌ଏସ୍ ଚିଲିକାରେ ଆଉ ଜଣେ ଅଗ୍ନିବୀର ପ୍ରଶିକ୍ଷାର୍ଥୀଙ୍କ ମୃତ୍ୟୁ

## ଉଚ୍ଚସ୍ତରୀୟ ତଦନ୍ତ ଦାବି କଲେ ମୃତକଙ୍କ ବାପା

ବାଲୁଗାଁ, ୨୦।୪ (ସଂଗ୍ରାମ ପାଇକରାୟ)

ଭାରତୀୟ ନୌସେନା (ଆଇଏନ୍‌ଏସ୍) ପ୍ରଶିକ୍ଷଣ କେନ୍ଦ୍ର ଚିଲିକା ଶାଖା ପରିସରରୁ ୧୧ଦିନ ପରେ ଅର୍ଥାତ୍ ରବିବାର ଆଉ ଜଣେ ଅଗ୍ନିବୀର ପ୍ରଶିକ୍ଷାର୍ଥୀଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି। ମୃତକ ହେଲେ ବିହାର ଭୋଜପୁର ଜିଲା ସନ୍ଦେଶ ଥାନା ଅନ୍ତର୍ଗତ ଶାରିପୁର ଗ୍ରାମର ବିକାଶ କୁମାର। ତେବେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ଅନ୍ୟପଟେ ଘଟଣା ସମ୍ପର୍କରେ ନୌସେନା କର୍ତ୍ତୃପକ୍ଷଙ୍କଠାରୁ ଖବରପାଇ ମୃତ ବିକାଶଙ୍କ ବାପା ପିଣ୍ଟୁ ସାଏ ସୋମବାର ନାଭାଲ ଫାଣ୍ଡିରେ ପହଞ୍ଚି ମୃତଦେହ ଚିହ୍ନଟ କରିବା ସହ ବାଲୁଗାଁ ଥାନାରେ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ପୋଲିସ ଏକ ମାମଲା (ନଂ.୫୨/୨୬) ରୁଜୁ କରିବା ସହ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ମେଡିକାଲ ପଠାଇଛି। ପୋଲିସ ଏବଂ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ଘଟଣାର ତଦନ୍ତ ଜାରି ରଖିଛନ୍ତି। ତେବେ କେଉଁ କାରଣରୁ ପ୍ରଶିକ୍ଷାର୍ଥୀମାନେ ଆତ୍ମହତ୍ୟା ଭଳି ଚରମ ନିଷ୍ପତ୍ତି ନେଉଛନ୍ତି ତାହା ☞ପୃଷ୍ଠା-୧୦

46001/2/2627



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

ସାମାଜିକ ସୁରକ୍ଷା ଓ ଲିଙ୍ଗଗତ ସମାନତା ପାଇଁ
ଓଡ଼ିଶା ସରକାରଙ୍କର ଏକ ଅଗ୍ରଗାମୀ ପଦକ୍ଷେପ

ଓଡ଼ିଶାର ୨୭ ଜିଲ୍ଲାରେ ୧,୦୦୦ରୁ ଊର୍ଦ୍ଧ୍ୱ କନ୍ୟାଙ୍କ ସାମୂହିକ ବିବାହ

୨୧ ଅପ୍ରେଲ ୨୦୨୬

ଯୋଜନାର ଲାଭ
ପ୍ରତ୍ୟେକ ବିବାହ ପାଇଁ ୬୦ ହଜାର ଟଙ୍କା | ବିବାହର ସମସ୍ତ ଖର୍ଚ୍ଚ ସରକାରଙ୍କ ଦ୍ୱାରା ବହନ | ସହଜ ଏବଂ ସରଳୀକୃତ ବିବାହ ପଞ୍ଜୀକରଣ

ଲାଭାର୍ଥୀଙ୍କ ଆବଶ୍ୟକ ଯୋଗ୍ୟତା
ଉଭୟ କନ୍ୟା ଏବଂ ବର ଓଡ଼ିଶାର ସ୍ଥାୟୀ ବାସିନ୍ଦା ହୋଇଥିବେ | ବୟସ: କନ୍ୟା: ୧୮-୩୫ ବର୍ଷ ବର: ୨୧-୩୫ ବର୍ଷ | ପରିବାରର କୌଣସି ସଦସ୍ୟଙ୍କୁ ପୂର୍ବରୁ ରାଜ୍ୟ କିମ୍ବା କେନ୍ଦ୍ର ସରକାରଙ୍କ ତରଫରୁ ବିବାହ ସହାୟତା ମିଳିନଥିବ

ଯୋଜନାର ସ୍ୱତନ୍ତ୍ର ବିଶେଷତା
ବିଧବା ବିବାହକୁ ପ୍ରୋତ୍ସାହନ

ସହାୟତା ନମ୍ବର
ପୁଲିସ୍ ହେଲ୍ପଲାଇନ୍ ୧୧୨
ମହିଳା ହେଲ୍ପଲାଇନ୍ ୧୮୧
ଚାଇଲ୍ଡ ହେଲ୍ପଲାଇନ୍ ୧୦୯୮
ସୁଭଦ୍ରା ହେଲ୍ପଲାଇନ୍ ୧୪୬୭୮

OIPR-46001/46005/2/26-27/0002

ମହିଳା ଓ ଶିଶୁ ବିକାଶ ବିଭାଗ, ଓଡ଼ିଶା ସରକାର
wcd.odisha.gov.in wcdodisha/

# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ବିଦ୍ୟାଧର ବାରିକ ମେମୋରିଆଲ୍ ଟ୍ରଷ୍ଟ ଓ ରମାଦେବୀ ମହିଳା ଜୁନିଅର କଲେଜ ପକ୍ଷରୁ ମହିଳା ସ୍ୱାସ୍ଥ୍ୟ ସମ୍ପର୍କିତ କାର୍ଯ୍ୟକ୍ରମ, ସ୍ଥାନ: ରମାଦେବୀ ମହିଳା ଜୁନିଅର କଲେଜ, ସମୟ: ପୂର୍ବାହ୍ନ ୧୦ଟା।
- ସିପିଆଇ, ଓଡ଼ିଶା ରାଜ୍ୟ ପରିଷଦ ପକ୍ଷରୁ ଦିବାକର ନାୟକଙ୍କ ପ୍ରଥମ ବାର୍ଷିକ ସ୍ମୃତି ସମାରୋହ, ସ୍ଥାନ: ଗୀତଗୋବିନ୍ଦ ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ରଙ୍ଗ ମହୋତ୍ସବ ୨୦୨୬ ଉପଲକ୍ଷେ ଖବରଦାତା ସମ୍ମିଳନୀ, ସ୍ଥାନ: ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେଶନ୍, ଖାରବେଳ ନଗର, ୟୁନିଟ୍ ୩, ସମୟ: ଅପରାହ୍ନ ୪ଟା।
- କଣ୍ଠଶିଳ୍ପୀ ଆଶା ଭୋସ୍‌ଲେଙ୍କୁ ଶ୍ରଦ୍ଧାଞ୍ଜଳି, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- ୧୧୦ତମ ବାର୍ଷିକ ବାଦିପାଲା ପରିବେଷଣ, ସ୍ଥାନ: ନହରକଣ୍ଟା (ଖ)ସ୍ଥିତ ମାରୁତି ମଣ୍ଡପ, ସମୟ: ରାତି ୭ ଟା।
- ଭାଗବତ ମେଳଳ ଓ ଯାତ୍ରା ମହୋତ୍ସବ ଉପଲକ୍ଷେ ଅପେରା ପାର୍ଟି ନାଟକ ପରିବେଷଣ, ସ୍ଥାନ: ପାହାଳ ଛକ ନିକଟ ଯାତ୍ରା ପଡିଆ, ସମୟ: ରାତି ୧୧ ଟା।

**ଖୋର୍ଦ୍ଧା**
- ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ଶ୍ରାଦ୍ଧ ଉତ୍ସବ ପାଳନ, ସ୍ଥାନ: ଜାନକୀବଲ୍ଲଭ ପଟ୍ଟନାୟକ ଉଦ୍ୟାନ, ଖୋର୍ଦ୍ଧା, ସମୟ: ସକାଳ ୮ଟା।
- ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାରେ ବିବାହୋତ୍ସବ, ସ୍ଥାନ: ବରୁଣେଇ ପୀଠ, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀରାମଚରିତମାନସ ପାରାୟଣ ପ୍ରବଚନ ଓ ମହାଯଜ୍ଞ, ସ୍ଥାନ: ତନ୍ତମୁଣ୍ଡିଆ ଜରିପୁଟ, ସମୟ: ସନ୍ଧ୍ୟା ୭ଟା।

**ବାଲେଶ୍ୱର**
- ଭାଗବତ ସପ୍ତାହର ଷଷ୍ଠ ଦିବସ, ସ୍ଥାନ : ଧର୍ମଦ୍ୱାର, ଘଣ୍ଟୁଆ, ବାଲିଆପାଳ, ସମୟ : ସକାଳ ୬ଟା।
- ୭୮ତମ ଓଡ଼ିଶା ପୋଲିସ୍ ଭଲିବଲ୍ ଓ ବାସ୍କେଟବଲ୍ ଚାମ୍ପିଅନ୍‌ସିପ୍-୨୦୨୬, ସ୍ଥାନ : ପୋଲିସ୍ ରିଜର୍ଭ ପଡ଼ିଆ, ବାଲେଶ୍ୱର, ସମୟ : ସକାଳ ୮ଟା।
- ସିଏମ୍ ଟ୍ରଫି କ୍ରୀଡ଼ା ପ୍ରତିଯୋଗିତା, ସ୍ଥାନ: ପରମିଟ୍ ପଡ଼ିଆ, ବାଲେଶ୍ୱର, ସମୟ : ପୂର୍ବାହ୍ନ ୧୦ଟା।
- ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ଅନ୍ତର୍ଗତ ବଣବିଭାଗ ସମାରୋହ, ସ୍ଥାନ : ପଦ୍ମାବତୀ ପାର୍କ, ବାଲେଶ୍ୱର, ସମୟ : ପୂର୍ବାହ୍ନ ୧୦ଟା।
- ଖବରଦାତା ସମ୍ମିଳନୀ, ସ୍ଥାନ : ପଦ୍ମାବତୀ ପାର୍କ, ବାଲେଶ୍ୱର, ସମୟ : ପୂର୍ବାହ୍ନ ୧୧ଟା।
- ଶୀତଳାଦେବୀଙ୍କ ବାର୍ଷିକ ପୂଜା ଉତ୍ସବର ସମୀକ୍ଷା ବୈଠକ, ସ୍ଥାନ : ନୀଳବାଡ଼ି ଶୀତଳା ମଣ୍ଡପ, ରୁପ୍‌ସା, ସମୟ : ରାତି ୮ଟା।

**ଭଦ୍ରକ**
- ହନୁମାନ ମନ୍ଦିର ବାର୍ଷିକ ଉତ୍ସବ, ସ୍ଥାନ: ଗୋପାଳପୁର, ଧାମନଗର, ସମୟ: ସକାଳ ୭ଟା।
- ବିଶ୍ୱଶାନ୍ତି ଯଜ୍ଞ ଓ ବୁଢ଼ୀ ଜାଗୁଲାଇ ମନ୍ଦିର ବାର୍ଷିକ ଉତ୍ସବ, ସ୍ଥାନ: ସାବରଙ୍ଗ ନୂଆସାହି, ଭଦ୍ରକ, ସମୟ: ସକାଳ ୯ଟା।
- ତାରିଣୀ ମନ୍ଦିର ବାର୍ଷିକ ଉତ୍ସବ, ସ୍ଥାନ: ସାବରଙ୍ଗ ତାରିଣୀ ଛକ, ଭଦ୍ରକ, ସମୟ: ସକାଳ ୯ଟା।
- ପଞ୍ଚମୁଖୀ ହନୁମାନ ମନ୍ଦିରର ବାର୍ଷିକୋତ୍ସବ, ସ୍ଥାନ: ଜୀବନପୁର, ବାସୁଦେବପୁର, ସମୟ: ସକାଳ ୯ଟା।
- ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାରେ ସାମୂହିକ ବିବାହ, ସ୍ଥାନ: ଟାଉନ ହଲ୍, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା ୩୦।
- କଂଗ୍ରେସ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଜିଲା କଂଗ୍ରେସ କାର୍ଯ୍ୟାଳୟ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଗଜଲକ୍ଷ୍ମୀଙ୍କ ମନ୍ଦିର ଓ ମଣି ବିଗ୍ରହ ପ୍ରତିଷ୍ଠା ଉପଲକ୍ଷେ କଳସ ଶୋଭାଯାତ୍ରା, ସ୍ଥାନ: ମତୋ, ଚାନ୍ଦବାଲି, ସମୟ: ଅପରାହ୍ନ ୪ଟା।

**ମୟୂରଭଞ୍ଜ**
- ଆନ୍ତର୍ଜାତିକ ପ୍ରତିମୂର୍ତ୍ତି ସଫେଇ ଓ ସଂରକ୍ଷଣ ଦିବସ, ସ୍ଥାନ:ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ବାରିପଦା, ସମୟ:ସକାଳ ୭ଟା।
- ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାରେ ସାମୁହିକ ବିବାହ ଉତ୍ସବ, ସ୍ଥାନ: ଛଉପଡ଼ିଆ, ବାରିପଦା,ସମୟ: ପୂର୍ବାହ୍ନ ୧୦ଟା।
- ଆମେ-୮୦ପକ୍ଷରୁ ଜଳଛତ୍ର, ସ୍ଥାନ: ପୂର୍ତ୍ତବିଭାଗ ଅଫିସ ସମ୍ମୁଖ କଚେରୀ ରୋଡ୍ ବାରିପଦା, ପୂର୍ବାହ୍ନ ୧୦ଟା।
- ବଳାଙ୍ଗୀ ମହୋତ୍ସବରେ ଝୁମର ନାଇଟ୍ସ, ମୁଖା ନୃତ୍ୟ ଓ ଚାଙ୍ଗୁ ନୃତ୍ୟ, ସ୍ଥାନ:ବୁଢ଼ାବଳଙ୍ଗ, ଚିପଟ ଓ ଇଟାଯୋଡ଼ି ନଦୀ ସଙ୍ଗମସ୍ଥଳ, ବାରିପଦା,ସମୟ: ଅପରାହ୍ନ ୫ଟା।

**ବ୍ରହ୍ମପୁର**
- ମନ୍ଦିର ପ୍ରତିଷ୍ଠା ପାଇଁ ଜଳଯାତ୍ରା, ସ୍ଥାନ: କୁମ୍ଭାରପଲ୍ଲୀ, ସମୟ: ପୂର୍ବାହ୍ନ ୧୦ଟା।
- ଓସରେଫ ପକ୍ଷରୁ ଦାବିପତ୍ର ପ୍ରଦାନ, ସ୍ଥାନ: ଆରଡିସି ଅଫିସ, ସମୟ: ପୂର୍ବାହ୍ନ ୧୧ଟା।

**ଗଞ୍ଜାମ**
- ସାମୂହିକ ବିବାହ ଉତ୍ସବ. ସ୍ଥାନ: ଗୋଳନ୍ଥରା ନିକଟ ମା' ଭୈରବୀ ମନ୍ଦିର, ସମୟ: ସକାଳ ୫ଟା।
- ମା ମଙ୍ଗଳା ଦେବୀଙ୍କ ନୂତନ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ପାଇଁ ଜଳ ଯାତ୍ରା, ସ୍ଥାନ: ଶକଳେଶ୍ୱର ମନ୍ଦିର ପୁଷ୍କରିଣୀରୁ ନୂତନ ଗୁରୁଣ୍ଡି, ଖଲ୍ଲିକୋଟ, ସମୟ: ସକାଳ ୮ ଟା।

**କନ୍ଧମାଳ**
- ଗଣ ବିବାହ କାର୍ଯ୍ୟକ୍ରମ, ସ୍ଥାନ: ବିଜୁ ସ୍ମୃତି କଲ୍ୟାଣ ମଣ୍ଡପ ଫୁଲବାଣୀ, ସମୟ: ସକାଳ ୯ ଟା।
- କଂଗ୍ରେସର ଖବରଦାତା ସମ୍ମିଳନୀ, ସ୍ଥାନ: କଂଗ୍ରେସ କାର୍ଯ୍ୟାଳୟ ଫୁଲବାଣୀ, ସମୟ: ପୂର୍ବାହ୍ନ ୧୧ ଟା ୩୦।
- ମା' ନାରାୟଣୀଙ୍କ ଯାତ୍ରା, ସ୍ଥାନ: ଯାତ୍ରାମଣ୍ଡପ ହାଟପଦା, ସମୟ: ସନ୍ଧ୍ୟା ୬ ଟା।

**ଢେଙ୍କାନାଳ**
- ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା, ସ୍ଥାନ: ଢେଙ୍କାନାଳ ଶାସନ ଛକସ୍ଥିତ ଅଭିନନ୍ଦନ ଗାର୍ଡେନ, ସମୟ: ସକାଳ ୭ଟା।
- କଂଗ୍ରେସ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଢେଙ୍କାନାଳ ଗାନ୍ଧୀମନ୍ଦିରସ୍ଥିତ କଂଗ୍ରେସ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

**ଅନୁଗୋଳ**
- ଶ୍ରୀମଦ୍ ଭାଗବତ ପାରାୟଣ ସପ୍ତାହର ତୃତୀୟ ଦିବସରେ ପ୍ରବଚନ କାର୍ଯ୍ୟକ୍ରମ, ସ୍ଥାନ: ଆଠମଲ୍ଲିକ ମା' ମାହେଶ୍ୱରୀ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

**କେନ୍ଦ୍ରାପଡ଼ା**
- ଶ୍ରୀଜଗନ୍ନାଥ, ଶିବ ମନ୍ଦିର ପ୍ରତିଷ୍ଠା ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ସାହାଡାସୁନ୍ଦୀରୀ ମନ୍ଦିର ପରିସର, ନୂଆଗାଁ, ଡେରାବିଶ, ସମୟ: ସକାଳ ୬ଟା।
- ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାରେ ସାମୂହିକ ଗଣବିବାହ କାର୍ଯ୍ୟକ୍ରମ, ସ୍ଥାନ: ଶ୍ରୀବଳଦେବଜୀଉ କଲ୍ୟାଣ ମଣ୍ଡପ, ମପକରପୁର, କେନ୍ଦ୍ରାପଡ଼ା ସହର, ସମୟ: ସକାଳ ୯ଟା।
- ପଟ୍ଟାମୁଣ୍ଡାଇ ମହାବିଦ୍ୟାଳୟର ସ୍ୱର୍ଣ୍ଣ ଜୟନ୍ତୀ ଉତ୍ସବ, ସ୍ଥାନ: ମହାବିଦ୍ୟାଳୟ ପରିସର, ପଟ୍ଟାମୁଣ୍ଡାଇ, ସମୟ: ଅପରାହ୍ନ ୪ଟା।
- ଶ୍ରୀବଜରଙ୍ଗବାଲିଙ୍କ ବାର୍ଷିକ ଉତ୍ସବ ଓ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ପୀଠ ପରିସର, କନ୍ହେଇପୁର, କେନ୍ଦ୍ରାପଡ଼ା, ସମୟ: ଅପରାହ୍ନ ୫ଟା।
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଶ୍ରୀମା' କନ୍ତେ ଠାକୁରାଣୀ ପୀଠ, ବାଙ୍କିମୁଣ୍ଡାଇ, ଚାନ୍ଦୋଳ, ଡେରାବିଶ, ସମୟ: ସନ୍ଧ୍ୟା ୬ଟା।

**ଯାଜପୁର**
- ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନାରେ ବାହାଘର, ସ୍ଥାନ : ଷଠିପୁର ଲିଙ୍ଗେଶ୍ୱର ଶିବ ମନ୍ଦିର ପରିସର, ସମୟ: ସକାଳ ୮ଟା।
- ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ ମହାଯଜ୍ଞ, ସ୍ଥାନ: ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପାବନି ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀରାମ ଚରିତ ମାନସ ପାରାୟଣ, ସ୍ଥାନ : ବ୍ୟାସନଗର ଗୋଶାଳା ଦେବେଶ୍ୱର ମନ୍ଦିର ପ୍ରାଙ୍ଗଣ, ସମୟ: ସନ୍ଧ୍ୟା ୭ଟା।

**ନୟାଗଡ଼**
- ନୀଳମାଧବଙ୍କ ଚନ୍ଦନ ଲାଗି ବେଶର ଉଦ୍‌ଯାପନ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ପ୍ରାତଃ ୫ଟା।
- ମା' ଦକ୍ଷିଣକାଳୀଙ୍କ ପଣାଯାତ୍ରାର ଉଦ୍‌ଯାପନ ଦିବସରେ ନୀତିକାନ୍ତି ସହ ବିଭିନ୍ନ କାର୍ଯ୍ୟକ୍ରମ, ସ୍ଥାନ: ନୟାଗଡ଼ ପୁରୁଣା ସହରର ମା' ଦକ୍ଷୀଣକାଳୀ ମନ୍ଦିର, ସମୟ: ଭୋର ୫.୩୦ ରୁ ରାତ୍ର ୧୧ଟା।
- ମୁଖ୍ୟମନ୍ତ୍ରୀ ସାମୂହିକ କନ୍ୟା ବିବାହ ଯୋଜନା, ସ୍ଥାନ: ନୟାଗଡ଼ ପଠାଣୀ ସମାନ୍ତ ଜିଲା ସଂସ୍କୃତି ଭବନ, ସମୟ: ସକାଳ ୭ଟା।
- ବିଶ୍ୱଶାନ୍ତି ମହାଯଜ୍ଞର ୨ୟ ଦିବସ, ସ୍ଥାନ: ଭାପୁର ବ୍ଲକ ମାଧପୁର ଯଜ୍ଞପଦା, ସମୟ: ସକାଳ ୮ଟା।
- ନୀଳକଣ୍ଠେଶ୍ୱର କ୍ରିକେଟ ମ୍ୟାଚର ତୃତୀୟ ଦିବସ, ସ୍ଥାନ: କଣ୍ଟିଲୋ ପଞ୍ଚାୟତ ଗୋଡିବିଣିଆ, ସମୟ: ପୂର୍ବାହ୍ନ ୧୧ଟା।
- ଶ୍ରୀରାମଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞ ମହୋତ୍ସବ, ସ୍ଥାନ: ଓଡ଼ଗାଁ ରଘୁନାଥ ଜୀଉମନ୍ଦିର ପ୍ରଙ୍ଗଣ, ସମୟ: ମଧ୍ୟାହ୍ନ ୧୨ରୁ ରାତ୍ର ୧୦ଟା।
- ଚନ୍ଦନ ଯାତ୍ରାର ୨ୟ ଦିବସ, ସ୍ଥାନ: ନୟାଗଡ଼ ପୁରୁଣା ସହରର ଜଗନ୍ନାଥ ଜୀଉ ମନ୍ଦିର, ଶରଣକୁଳ ଲଡୁବାବାଙ୍କ ମନ୍ଦିର, ଓଡଗାଁ ରଘୁନାଥ ଜୀଉ ମନ୍ଦିର, ସମୟ: ମଧ୍ୟାହ୍ନ ୧୨.୩୦ ଟା।
- ଚନ୍ଦନ ଯାତ୍ରା ୨ୟ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ପୀଠ, ସମୟ: ଅପରାହ୍ନ ୧ଟା।
- ଚନ୍ଦନ ଯାତ୍ରା ୨ୟ ଦିବସ, ସ୍ଥାନ: ଖଣ୍ଡପଡ଼ା ଜଗନ୍ନାଥ ଜୀଉ ମନ୍ଦିର, ସମୟ: ଅପରାହ୍ନ ୨ଟା।
- ଶାଳଭଞ୍ଜ ଠାକୁରାଣୀଙ୍କ ବିଶ୍ୱଶାନ୍ତି ମହାଯଜ୍ଞର ୨ୟ ଦିବସ, ସ୍ଥାନ: ନୟାଗଡ଼ ଡିଆରଡିଏ ରାସ୍ତାର ମୁକ୍ତାପୁର ଶାଳଭଞ୍ଜ ଠାକୁରାଣୀ ପୀଠ, ସମୟ: ପୂର୍ବାହ୍ନ ୧୦ଟାରୁ ରାତି ୧୦ଟା।

**ନବରଙ୍ଗପୁର**
- ପୂର୍ବତନ ମୁଖ୍ୟମନ୍ତ୍ରୀ ଡ. ସଦାଶିବ ତ୍ରିପାଠୀଙ୍କ ଜୟନ୍ତୀ, ସ୍ଥାନ: ପୌର ପାଳିକା ସମ୍ମିଳନୀ କକ୍ଷ, ନବରଙ୍ଗପୁର, ସମୟ: ସକାଳ ୮ଟା।
- ସାମୁହିକ କନ୍ୟା ବିବାହ ଉତ୍ସବ, ସ୍ଥାନ: ଡଲଫିନ ରିସୋର୍ଟ, ନବରଙ୍ଗପୁର, ସମୟ: ପୂର୍ବାହ୍ନ ୧୦ଟା।
- ବିଜେଡିର ୧୦ ଜଣିଆ ଟିମ୍‌ର ଅନ୍ୱେଷା ହଷ୍ଟେଲ ପରିଦର୍ଶନ, ସ୍ଥାନ: ଟିଲି ଆମ୍ବଗୁଡ଼ା, ନବରଙ୍ଗପୁର, ସମୟ: ପୂର୍ବାହ୍ନ ୧୦ଟା।
- ବିଜେଡିର ଖବରଦାତା ସମ୍ମିଳନୀ, ସ୍ଥାନ: ଗ୍ଲେଜ୍ ହୋଟେଲ, ନବରଙ୍ଗପୁର ସମୟ: ପୂର୍ବାହ୍ନ ୧୧ଟା।
- ଜିଲା ବିଜେଡି ପକ୍ଷରୁ ଭିଜିଲାନ୍ସ ଅଫିସରେ ଏତଲା ଦିଆଯିବ, ସ୍ଥାନ: ନବରଙ୍ଗପୁର, ସମୟ : ମଧ୍ୟାହ୍ନ ୧୨ଟା।

**କୋରାପୁଟ**
- ପୂର୍ବତନ ମୁଖ୍ୟମନ୍ତ୍ରୀ ଡ. ସଦାଶିବ ତ୍ରିପାଠୀଙ୍କ ଜୟନ୍ତୀ, ସ୍ଥାନ : ଆର୍ଟ ଗ୍ୟାଲେରୀ, ଜିଲା ସଂସ୍କୃତି ଭବନ, କୋରାପୁଟ, ସମୟ: ସକାଳ ୯ଟା ।
- ଦମୟନ୍ତୀ ସାଗର ପୁନଃଉଦ୍ଧାର ସକାଶେ ପ୍ରସ୍ତୁତି ବୈଠକ, ସ୍ଥାନ: ଏଏନ୍‌ଏସି ପରିଷଦ ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା।

**ସମ୍ବଲପୁର**
- ଜିଲା କ୍ରୀଡା ସଂଘ ପକ୍ଷରୁ ଜିଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଟ୍ରଫି ଫୁଟବଲ ଟୁର୍ନାମେଣ୍ଟ, ସ୍ଥାନ : ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ସକାଳ ୮ଟା।
- ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ମାଧ୍ୟମରେ ଗଣ ବିବାହ କର୍ଯ୍ୟକ୍ରମ, ସ୍ଥାନ : ଧନୁପାଲି ଛକ ନିକଟସ୍ଥ ଆଦିତ୍ୟ କଲ୍ୟାଣ ମଣ୍ଡପ, ସମୟ : ପୂର୍ବାହ୍ନ ୧୦ଟା।
- ଜିଲା କ୍ରୀଡା ସଂଘ ପକ୍ଷରୁ ଜିଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଟ୍ରଫି ଫୁଟବଲ ଟୁର୍ନାମେଣ୍ଟ, ସ୍ଥାନ : ବୀର ସୁରେନ୍ଦ୍ର ସାଏ ଷ୍ଟାଡିୟମ, ସମୟ : ଅପରାହ୍ନ ୪ଟା।

**ବଲାଙ୍ଗୀର**
- ମୁଖ୍ୟମନ୍ତ୍ରୀ ଟ୍ରଫି ଫୁଟବଲ ମ୍ୟାଚ୍, ସ୍ଥାନ: ଗାନ୍ଧୀ ଷ୍ଟାଡିୟମ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୭ଟା ଓ ଅପରାହ୍ନ ୪ଟା।
- ସାମୂହିକ କନ୍ୟା ବିବାହ ଉତ୍ସବ, ସ୍ଥାନ: କୋଶଳ କଳା ମଣ୍ଡଳ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା।
- ପନେସରା ସରକାରୀ ପ୍ରାଥମିକ ବିଦ୍ୟାଳୟର ସ୍ୱର୍ଣ୍ଣ ଜୟନ୍ତୀ ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ସ୍କୁଲ ପରିସର, ପନେସରା, ଲୋଇସିଂହା ବ୍ଲକ, ସମୟ: ସନ୍ଧ୍ୟା ୭ଟା ୩୦।

**ରାଉରକେଲା**
- ରାଷ୍ଟ୍ରପତିଙ୍କ ରାଉରକେଲା ଗସ୍ତ, ସ୍ଥାନ: ବିମାନବନ୍ଦର ପଡ଼ିଆ, ପୂର୍ବାହ୍ନ ୧୧ଟା।
- ରାଜ୍ୟସ୍ତରୀୟ ନାଟକର ଦ୍ୱିତୀୟ ସନ୍ଧ୍ୟା, ସ୍ଥାନ: ସିଭିକ୍ ସେଣ୍ଟର, ସମୟ: ସନ୍ଧ୍ୟା ୬ଟା ୩୦।

**ବରଗଡ଼**
- ମହାଲକ୍ଷ୍ମୀ ଦେବୀଙ୍କ ବିଗ୍ରହ ଓ ମନ୍ଦିର ପ୍ରତିଷ୍ଠା, ସ୍ଥାନ:କଲେଜ ରୋଡ, ବରଗଡ଼,ସମୟ: ସକାଳ ୭ଟା।
- ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ମହୋତ୍ସବ,ସ୍ଥାନ:ଜାମୁଟପାଲି, ଗାଇସିଲେଟ,ସମୟ:ସକାଳ ୭ଟା।
- ସି.ଏମ ଟ୍ରଫି ଜୁନିୟର ଫୁଟବଲ ପ୍ରତିଯୋଗିତା, ସ୍ଥାନ:ଲେଙ୍ଗୁ ମିଶ୍ର ଷ୍ଟାଡିୟମ, ବରଗଡ଼,ସମୟ: ସକାଳ ୭ଟା।
- ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ସମାରୋହ, ସ୍ଥାନ: ଯଦୁମଣି ଅଡିଟୋରିୟମ, ବରଗଡ଼, ସମୟ: ସକାଳ ୮ଟା।

**କଳାହାଣ୍ଡି**
- ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା କାର୍ଯ୍ୟକ୍ରମ, ସ୍ଥାନ: ଭବାନୀପାଟଣାସ୍ଥିତ ଏସ୍‌ଏନ୍ କଲ୍ୟାଣ ମଣ୍ଡପ, ସମୟ: ପୂର୍ବାହ୍ନ ୧୦ଟା।
- ମୋ ଜଙ୍ଗଲ ଜମି ଯୋଜନା ଉପରେ କର୍ମଶାଳା, ସ୍ଥାନ: ଭବାନୀପାଟଣା ବ୍ଲକ କଲମ ଗ୍ରାମ, ସମୟ: ପୂର୍ବାହ୍ନ ୧୦ଟା।

**ବୌଦ୍ଧ**
- ସାମୂହିକ କନ୍ୟା ବିବାହ ଉତ୍ସବ, ସ୍ଥାନ: ଚନ୍ଦ୍ରଚୂଡ଼ ମନ୍ଦିର ବୌଦ୍ଧ, ସମୟ: ସକାଳ ୯ଟା।

**ଦେବଗଡ଼**
- ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ସମାରୋହ ପାଳନ, ସ୍ଥାନ: ଦେବଗଡ଼ ଇନ୍‌ଡୋର ଷ୍ଟାଡିୟମ, ସମୟ: ସକାଳ ୮ଟା।
- ଅଷ୍ଟପ୍ରହର ନାମଯଜ୍ଞ ପୂର୍ଣ୍ଣାହୁତି ଓ ପ୍ରସାଦ ସେବନ, ସ୍ଥାନ: ରିଆମାଳ ବ୍ଲକ୍ ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣ, ସମୟ: ସକାଳ ୯ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଦେବଗଡ଼ ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ସମୟ: ସନ୍ଧ୍ୟା ୭ଟା।
- ମା' କନକଦୁର୍ଗାଙ୍କ ସନ୍ଧ୍ୟାଆଳତି, ସ୍ଥାନ: ଦେବଗଡ଼ ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

**ସୁବର୍ଣ୍ଣପୁର**
- ସିଏମ୍ ଟ୍ରଫି କ୍ରୀଡାର ଉଦ୍‌ଘାଟନୀ ସମାରୋହ, ସ୍ଥାନ: ସୁବର୍ଣ୍ଣପୁର ଗାନ୍ଧୀ ଷ୍ଟାଡିୟମ ପରିସର, ସମୟ: ସକାଳ ୭ଟା।
- ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ଅନ୍ତର୍ଗତ ଗଣବିବାହ ସମାରୋହ, ସ୍ଥାନ: ସୁବର୍ଣ୍ଣପୁର ଟାଉନ ହଲ, ସମୟ: ସକାଳ ୯ଟା।
- ଭାଗବତ ଟୁଙ୍ଗିରେ ପାରାୟଣ ପଠନ, ସ୍ଥାନ: ଅମରପାଲି,ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା।
- ଗ୍ରାମ୍ୟ ପରିଚାଳନା କମିଟି ବୈଠକ, ସ୍ଥାନ: ଗୁଡୁଗୁଡା, ବୀରମହାରାଜପୁର ବ୍ଲକ, ସମୟ: ସନ୍ଧ୍ୟା ୭ଟା ।

**ନୂଆପଡ଼ା**
- ରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠାର ଦ୍ୱିତୀୟ ବର୍ଷ ନାମଯଜ୍ଞ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: କୋମନା ବ୍ଲକ ତରବୋଡ ରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣ, ସମୟ: ସକାଳ ୯ଟା।
- ଶ୍ରୀମଦ୍ ଭାଗବତ ମହାପୁରାଣ ଜ୍ଞାନଯଜ୍ଞ ଦ୍ୱିତୀୟ ଦିବସ ପରିକ୍ଷିତ କଥା କଳିଯୁଗ ଆଗମନ, ସ୍ଥାନ: ନୂଆପଡା ଏନ୍‌ଏସି ଶାଖାତରା ୱାର୍ଡ ନଂ.୧, ସମୟ: ଅପରାହ୍ନ ୪ଟାରୁ ରାତ୍ର ୮ଟା।
- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: କୋମନା ବ୍ଲକ ଟିକ୍ରାପଡା ପଞ୍ଚାୟତ ଜେଠୁପାଲି ଗାଁ, ସମୟ: ସକାଳ ୯ଟା।
- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ଉପଲକ୍ଷେ ଭଣ୍ଡାରା କାର୍ଯ୍ୟକ୍ରମ, ସ୍ଥାନ: କୋମନା ବ୍ଲକ ଜେଠୁପାଲି ଗାଁ, ସମୟ ମଧ୍ୟାହ୍ନ ୧୨ଟା ୩୦।
- ରାଧାକୃଷ୍ଣ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ ଅଷ୍ଟପ୍ରହର ନାମଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ଖଡିଆଳ ବ୍ଲକ ଗଡ୍ରାମୁଣ୍ଡା ଗାଁ, ସମୟ: ପୂର୍ବାହ୍ନ ୧୦ଟା।
- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ନାମ ଅବ୍ୟାହତ ଓ ଆଳତି, ସ୍ଥାନ: କୋମନା ବ୍ଲକ ନୂଆଗାଁ ପଞ୍ଚାୟତ କାଳିମାଟି ଗାଁ, ସମୟ: ପ୍ରାତଃ ୫ଟା ଓ ସନ୍ଧ୍ୟା ୬ଟା।

**ଝାରସୁଗୁଡ଼ା**
- ମୁଖ୍ୟମନ୍ତ୍ରୀ ଟ୍ରଫି ଫୁଟ୍‌ବଲ୍ ଟୁର୍ନାମେଣ୍ଟ, ସ୍ଥାନ: ୨ୟ ଓଏସ୍‌ଏପି ପଡ଼ିଆ, ଝାରସୁଗୁଡ଼ା, ସମୟ: ସକାଳ ୮ଟା।
- ଆଧାତ୍ମିକ ଉପନିଷଦ ଜ୍ଞାନମୃତ କାର୍ଯ୍ୟକ୍ରମ, ସ୍ଥାନ: ଝାରସୁଗୁଡ଼ା ମନମୋହନ ପଡ଼ିଆ, ସମୟ: ସନ୍ଧ୍ୟା ୬ଟା।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଡଗ ଡଗ ଚାଲିକି,**
**ସରି ନୁହେଁ ପାଲିଙ୍କି ।**

ଆଗକାଳରେ ସାଧାରଣତଃ ବାବୁଭାୟାମାନେ ପାଲିଙ୍କିରେ ଯା' ଆସ କରୁଥିଲେ। କିନ୍ତୁ ଯେଉଁମାନେ ସାଧାରଣ ଲୋକ, ଯିଏ ଭଲ ଚାଲିପାରୁଛନ୍ତି ତାଙ୍କର ପାଲିଙ୍କି କି ଦରକାର ? ପାଲିଙ୍କିରେ ଯିବାର ସାମର୍ଥ୍ୟ ନ ଥିବା ଏବଂ ନିଜ ଗୋଡ଼ ଉପରେ ଭରସା କରୁଥିବା ବ୍ୟକ୍ତି ଏହିପରି ମତ ଦେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଡରି ଡରି ଦିନ ଗଲା,**
**ସଉତୁଣୀ ସଙ୍ଗେ ପୀରତି ଲଗାଇ**
**କାନ୍ତ ଏଇ କଥା କଲା ?**

କୌଣସି ନାରୀ ତା'ର ସିନ୍ଦୂରରେ କେହି ଭାଗ ବସାଉ ତାହା କେବେ ଚାହିଁ ନ ଥାନ୍ତି। ତେବେ ପରିସ୍ଥିତିରେ ପଡ଼ି ସ୍ୱାମୀ ଘରକୁ ସଉତୁଣୀ ନେଇ ଆସିଲେ ବିଚାରୀ ସ୍ତ୍ରୀର ଦୁର୍ଭାଗ୍ୟ ବଢ଼ିଯାଇଥାଏ। ଏପରିକି ତାକୁ ସବୁ ସମୟ ଡରି ଡରି ଚଳିବା ସହ ନିଜକୁ ସେ ଖୁବ୍ ଏକୁଟିଆ ମନେକରିଥାଏ। ସ୍ୱାମୀ ସହ ପ୍ରୀତିପୂର୍ଣ୍ଣ ସମ୍ପର୍କ ରଖୁଥିବା ସଉତୁଣୀକୁ ସ୍ତ୍ରୀ କେବେ ସହିପାରୁ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ



ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ପ୍ରଥମ ପୃଷ୍ଠାରୁ...

### ୩୧୫ ତହସିଲଦାରଙ୍କ...

ପ୍ରଥମ ପୃଷ୍ଠାରୁ...

ଏହି କାର୍ଯ୍ୟ ବେଆଇନ। ଏହାକୁ ନେଇ ତୁରନ୍ତ ଅର୍ଥ ବିଭାଗକୁ ଏହାର ତଦନ୍ତ କରିବା ଲାଗି ନିର୍ଦ୍ଦେଶ ଦିଆଯାଉ। ଏହାସହ ଯେଉଁଠାରେ ଆର୍ଥିକ ଅନିୟମିତତା ହୋଇଥିବ ସେଠାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପିଏଜି ପତ୍ରରେ ଉଲ୍ଲେଖ କରିଛନ୍ତି। ପିଏଜି ତାଙ୍କ ସୁପାରିସରେ କହିଛନ୍ତି, ପଞ୍ଚାୟତିରାଜ ଏବଂ ପୌରାଞ୍ଚଳ ଅଧିକାରଙ୍କୁ ଏଭଳି ବେଆଇନ କାର୍ଯ୍ୟ ଆଗକୁ ନ କରିବା ଲାଗି କୁହାଯିବା ସହ ରାଜକୋଷରେ ରୟାଲ୍‌ଟି ଟଙ୍କା ବାନ୍ଧିବାକୁ କୁହାଯିବା ଆବଶ୍ୟକ। ସୂଚନାଯୋଗ୍ୟ, ରାଜ୍ୟରେ ଅଣଟିକସ ରାଜସ୍ୱ ବୃଦ୍ଧି ହାର ୨୦୨୫-୨୬ ଆର୍ଥିକବର୍ଷରେ ୧୬.୩୭% ରହିଥିବାବେଳେ ଖଣିଜ ରାଜସ୍ୱ ହାର ୯.୬୮ ପ୍ରତିଶତ ରହିଛି। ରାଜ୍ୟ ସରକାର ୨୦୨୪-୨୫ରେ ଖଣିଜ ଉତ୍ସରୁ ୪୮ହଜାର ୬୦୦କୋଟି ଟଙ୍କାର ରାଜସ୍ୱ ସଂଗ୍ରହ କରିବାକୁ ଲକ୍ଷ୍ୟ ରଖିଥିବାବେଳେ ୪୧ହଜାର ୫୧.୮୨କୋଟି ଟଙ୍କା ପାଇଥିଲେ। ସେହିପରି ୨୦୨୫-୨୬ରେ ୪୭ହଜାର ୪୬୭କୋଟି ଟଙ୍କାର ରାଜସ୍ୱ ପାଇବାକୁ ଲକ୍ଷ୍ୟ ରଖିଥିବାବେଳେ ମାତ୍ର ୪୫ହଜାର ୨୬କୋଟି ଟଙ୍କା ପାଇଥିଲେ।

### ପାହାଡ଼ରୁ ବସ୍...

ସମ୍ପୂର୍ଣ୍ଣ ଭାଙ୍ଗିରୁଜି ଯାଇଥିବାରୁ ଉଦ୍ଧାର କାର୍ଯ୍ୟ ଅତ୍ୟନ୍ତ ଚ୍ୟାଲେଞ୍ଜପୂର୍ଣ୍ଣ ଥିଲା। ବସ୍‌ର ଉପରିଭାଗ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା। ଭୟାବହ ଦୁର୍ଘଟଣାରେ ଏତେସଂଖ୍ୟାରେ ଯାତ୍ରୀଙ୍କ ମୃତ୍ୟୁକୁ ନେଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୋକବ୍ୟକ୍ତ କରିଛନ୍ତି। ପ୍ରଧାନମନ୍ତ୍ରୀ ମୃତକଙ୍କ ପରିବାରକୁ ୨ ଲକ୍ଷ ଏବଂ ଆହତମାନଙ୍କ ପାଇଁ ୫୦ ହଜାର ଟଙ୍କା ସହାୟତା ଘୋଷଣା କରିଛନ୍ତି। ମୃତକଙ୍କ ପରିବାର ଏବଂ ଆହତମାନଙ୍କୁ ସମସ୍ତ ସମ୍ଭାବ୍ୟ ସହାୟତା ଯୋଗାଇ ଦିଆଯିବ ବୋଲି ଜମ୍ମୁ-କଶ୍ମୀର ଉପରାଜ୍ୟପାଳ ମନୋଜ ସିହ୍ନା ଏବଂ ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ପ୍ରତିଶ୍ରୁତି ଦେଇଛନ୍ତି।

### ପୃଥିବୀରେ ବଢ଼ୁଛି...

ବଜାୟ ରହୁଥିବାବେଳେ ଅନ୍ୟ ଭାଗରେ ଆଲୋକର ପରିମାଣ ଅସନ୍ତୁଳିତ ରହୁଛି। ବିଶେଷକରି ୟୁରୋପରେ ଏହି ଆଲୋକ ସେତେଟା ଦୃଶ୍ୟମାନ ହେଉନାହିଁ। ଭେନେଜୁଏଲାରେ ମଧ୍ୟ ୨୬%ରୁ ଅଧିକ ରାତ୍ରି ଆଲୋକ ହ୍ରାସ ପାଇଛି। ଦେଶର ଆର୍ଥିକ ସଙ୍କଟ ଯୋଗୁ ଏପରି ହୋଇଥିବା ମନେକରାଯାଉଛି। ଗବେଷକଙ୍କ ମତରେ କୋଭିଡ୍-୧୯ ମହାମାରୀ ଅନେକ ଅଞ୍ଚଳରେ ଲାଇଟିଂ ପାର୍ଟର୍ନକୁ ପ୍ରଭାବିତ କରିଥିଲା। ଲକ୍‌ଡାଉନ୍, ଶିଳ୍ପ ଗତିବିଧି ହ୍ରାସ ପାଇବା ଏବଂ ପର୍ଯ୍ୟଟନ କ୍ଷେତ୍ରରେ ସମାଗମ କମିବା ଯୋଗୁ ଦଶନ୍ଧିର ପ୍ରଥମ କିଛି ବର୍ଷରେ ଆଲୋକର ମାତ୍ରା ମଧ୍ୟ କମିଯାଇଥିଲା।

# କାଳବୈଶାଖୀ ନେଇ ୨୪ ଜିଲାକୁ ୟେଲୋ ୱାର୍ନିଂ

**ଭୁବନେଶ୍ୱର,୨୦।୪(ବନ୍ଦନା ସେଠୀ)**

ରାଜ୍ୟରେ ଗତ କିଛିଦିନ ଧରି ପାରଦ ଉପରମୁହାଁ ରହିଛି। ଦିନରେ ଗରମ ଓ ଗୁଳୁଗୁଳି, ଅପରାହ୍ନରୁ କାଳବୈଶାଖୀ ସାଧାରଣ ଜୀବନଯାତ୍ରାକୁ ପ୍ରଭାବିତ କରୁଛି। ସୋମବାର ୧୪ଟି ସ୍ଥାନର ତାପମାତ୍ରା ୪୦ ଡିଗ୍ରୀ ଓ ତା'ଠାରୁ ଅଧିକ ରହିଥିଲା। ଟିଟିଲାଗଡ଼ରେ ସର୍ବାଧିକ ୪୨.୫ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଥିବାବେଳେ ଏହା ତଳକୁ ଝାରସୁଗୁଡା ୪୨.୪ ଓ ତାଳଚେରରେ ୪୨ ଡିଗ୍ରୀ ରହିଥିଲା। ସେହିପରି ଗତ ୨୪ ଘଣ୍ଟାରେ କନ୍ଧମାଳ ଜିଲା କୋଟଗଡ଼ରେ ସର୍ବାଧିକ ୫୩ ମି.ମି. ବର୍ଷା ରେକର୍ଡ କରାଯାଇଥିବାବେଳେ କେନ୍ଦୁଝର ଜିଲା ସ୍ୱାମ ପାଟଣାରେ ୪୨.୬ ମି.ମି., ନବରଙ୍ଗପୁର ଡାବୁଗାଁରେ ୪୦.୨ ମି.ମି., ମୟୂରଭଞ୍ଜ କରଞ୍ଜିଆରେ ୩୨ ମି.ମି. ବର୍ଷା ହୋଇଥିଲା। ତେବେ ଆସନ୍ତା ୪ ଦିନ ଧରି ରାଜ୍ୟରେ ଗ୍ରୀଷ୍ମପ୍ରବାହ ଜାରି ରହିବ। ଏଥିସହ ରାଜ୍ୟର ବିଭିନ୍ନ ସ୍ଥାନରେ କାଳବୈଶାଖୀ ହେବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି।

**ଆଜି ୧୧ ଜିଲାରେ ପ୍ରବଳ ଗରମ ଓ ଗୁଳୁଗୁଳି**

ମଙ୍ଗଳବାର ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଗଞ୍ଜାମ, ଗଜପତି, ରାୟଗଡ଼ା, ମାଲକାନଗିରି, କୋରାପୁଟ, ଭଦ୍ରକ, କଳାହାଣ୍ଡି ଏବଂ କନ୍ଧମାଳ ଜିଲାରେ ଘଡ଼ଘଡ଼ି ବିଜୁଳି ସାଙ୍ଗକୁ ବର୍ଷା ପବନ ନେଇ ୟେଲୋ ୱାର୍ନିଂ ଜାରି କରାଯାଇଛି। ସେହିପରି ପୁରୀ, ଖୋର୍ଦ୍ଧା, ନୟାଗଡ଼, ସୋନପୁର, ବୌଦ୍ଧ, ନୂଆପଡ଼ା, ବଲାଙ୍ଗୀର, ନବରଙ୍ଗପୁର, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର ଏବଂ ଢେଙ୍କାନାଳ ଜିଲାରେ ମଧ୍ୟ ଘଡ଼ଘଡ଼ି ସାଙ୍ଗକୁ ବର୍ଷା ଓ ପବନ ବହିବା ନେଇ ୟେଲୋ ୱାର୍ନିଂ ଦିଆଯାଇଛି। ଅପରପକ୍ଷେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତ୍‌ସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଏବଂ ଗଜପତି ଜିଲାରେ ଖରା ସାଙ୍ଗକୁ ପ୍ରବଳ ଗରମ ଏବଂ ଗୁଳୁଗୁଳି ହେବା ନେଇ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** – ଆଜି ଉଚ୍ଚସ୍ଥ ଚନ୍ଦ୍ର ଯୋଗୁ ପରିବାର, କର୍ମକ୍ଷେତ୍ର, ବାଣିଜ୍ୟ, ବ୍ୟବସାୟ ଯାତ୍ରା ଓ ନୂତନ କର୍ମାରମ୍ଭ ପ୍ରୀତିପ୍ରଦ ରହିବ। କୌଣସି ବିଜାତୀୟ ବ୍ୟକ୍ତିଙ୍କ ସହ ଭୁଲ୍ ବୁଝାମଣା କାରଣରୁ କଳହର ଆଶଙ୍କା ରହିଛି। ମୁଖଭାବସ୍ଥ ଶୁକ୍ରଙ୍କ ପ୍ରଭାବରୁ ପ୍ରତ୍ୟେକ କ୍ଷେତ୍ରରେ ସୁହାଇଲା ଭଳି କଥା କହି ପରିସ୍ଥିତିକୁ ସୁଧାରିନେବେ।

**ବୃଷ** – ସ୍ୱଗୃହୀ ରାଶ୍ୟାଧିପତି ଆପଣଙ୍କ ଦୈହିକ ସୁସ୍ଥତା ଅକ୍ଷୁଣ୍ଣ ରଖିବା ସାଙ୍ଗକୁ ଚନ୍ଦ୍ରଙ୍କ ସ୍ଥିତି ମନୋବଳ ବୃଦ୍ଧିକରିବ। ଶନି ସହ ବୁଧଙ୍କ ସଂଯୋଗଜନିତ କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ମତାନ୍ତର ଆଶଙ୍କା ରହିଛି। ପାରିବାରିକ ଖର୍ଚ୍ଚ ବୃଦ୍ଧି ଦୁଶ୍ଚିନ୍ତା ବଢ଼ାଇଦେବ। ବନ୍ଧୁଙ୍କଠାରୁ ଉତ୍ସାହ ଓ ପ୍ରେରଣା ପାଇ ଦୁଃସାଧ ସାଧନ କରିବେ।

**ମିଥୁନ** – ଏକାଦଶରେ ରବିଙ୍କ ସ୍ଥିତି ଆପଣଙ୍କୁ ଉଚ୍ଚବର୍ଗରୁ ସହାୟତା ପ୍ରଦାନକରି କର୍ମକ୍ଷେତ୍ରରେ ଉତ୍ସାହିତ କରିବ। କେତୁଙ୍କ ସମ୍ପର୍କରୁ ଭାଇ, ବନ୍ଧୁ କିମ୍ବା ଆତ୍ମୀୟଙ୍କ ସହ ସୁସମ୍ପର୍କରେ ବାଧା ଉପୁଜିପାରେ। ବିବାଦୀୟ ପରିସ୍ଥିତିରେ ଏବଂ ବ୍ୟବସାୟରେ ହିତୈଷୀଙ୍କ ପରାମର୍ଶ ଗ୍ରହଣକରିବା ଭଲ ହେବ।

**କର୍କଟ** – ଆଜିର ଗ୍ରହ ସ୍ଥିତି ପ୍ରଭାବରେ କୌଣସି କାମ ଅଟକି ରହିବ ନାହିଁ, କିନ୍ତୁ ବ୍ୟାବହାରିକ ବ୍ୟତିକ୍ରମ କଳହର କାରଣ ହୋଇପାରେ। କର୍ମକ୍ଷେତ୍ରରେ ପରସ୍ପର ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ କରିବାରେ ସମର୍ଥ ହେବେ। କଳା, ସାହିତ୍ୟ, ସଙ୍ଗୀତ ତଥା ବାଣିଜ୍ୟ, ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିପାରେ।

**ସିଂହ** – ରାଶ୍ୟାଧିପତି ଉଚ୍ଚସ୍ଥ ଯୋଗୁ ଆନୁଷଙ୍ଗିକ ସାହାଯ୍ୟ, ସହଯୋଗ ଲାଭକରି କାମ ହାସଲ କରିବେ। ପରିବାର ସକାଶେ ସମସ୍ତ ପ୍ରକାର ସୁବିଧା ସୁଯୋଗ ସୃଷ୍ଟିକଲେ ମଧ୍ୟ ସମର୍ଥନ କିମ୍ବା ସହାନୁଭୂତି ପାଇବା ଦୁଷ୍କର ହୋଇପଡ଼ିବ। ନିଜେ ରହୁଥିବା ସ୍ଥାନର ପାରିପାର୍ଶ୍ୱିକ ପରିସ୍ଥିତି ଅସ୍ୱସ୍ତିକର ଅନୁଭବ କରିପାରନ୍ତି।

**କନ୍ୟା** – ବୁଧଙ୍କ ସହ ଶନି ଓ ମଙ୍ଗଳଙ୍କ ସଂଯୋଗରୁ ଆଶା ଓ ଆକାଂକ୍ଷା ପୂରଣହେବା ସହଜସାଧ ନ ହୋଇପାରେ। ଅବଶ୍ୟ ବୃହସ୍ପତିଙ୍କ ସୁପ୍ରଭାବରେ ନୂତନ ପ୍ରକଳ୍ପ,ପ୍ରଶାସନ ଓ ପରିବହନ କ୍ଷେତ୍ରରେ ସ୍ଥିରତା ଆସିବ। ଗୃହସଜ୍ଜା, ଗାଡ଼ି ମରାମତି, ପୁରୁଣା ଘରକୁ ସଜାଡ଼ିବାରେ ମନୋନିବେଶ କରିପାରନ୍ତି।

**ତୁଳା** – ଦୁଃସ୍ଥାନସ୍ଥ ଶୁକ୍ର ଓ ଚନ୍ଦ୍ରଜନିତ ଆଜିର ଦିନଚର୍ଯ୍ୟା କଠୋର ଶ୍ରମ ସାଙ୍ଗକୁ ମନସ୍ତାପର କାରଣ ହେବ। ବୃହସ୍ପତିଙ୍କ ଯୋଗୁ ପୂର୍ବରୁ କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରହନ୍ତୁ ନଚେତ୍ ଅସୁବିଧାର ସମ୍ମୁଖୀନ ହୋଇ ପାରନ୍ତି। ଶନିଙ୍କ ସ୍ଥିତିକୁ ନେଇ ମାଲିମକଦ୍ଦମାରେ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇଯିବ।

**ବିଛା** – ଆଶା ପୂରଣ କ୍ଷେତ୍ରରେ ନିକଟତମ ବନ୍ଧୁଙ୍କ ଅବଦାନ ଅବିସ୍ମରଣୀୟ ରହିବ। କ୍ରୀଡ଼ା, ସାହିତ୍ୟ, ସଙ୍ଗୀତ ଓ ଚଳଚ୍ଚିତ୍ର କ୍ଷେତ୍ରରେ ସମସ୍ୟା ସମାଧାନର ଆଶା କରାଯାଇପାରେ। ପ୍ରଶାସନ, ପରିବହନ ଓ ଆନୁଷ୍ଠାନିକ କ୍ଷେତ୍ରରେ ସଫଳତା ପାଇବା କଷ୍ଟକର ହେବ। ସହକର୍ମୀଙ୍କ ସହ ବିତର୍କର ସମ୍ମୁଖୀନ ହେବେ।

**ଧନୁ** – ରାଶି ପ୍ରତି ରାଶ୍ୟାଧିପତିଙ୍କ ଦୃଷ୍ଟି ପ୍ରଭାବରେ ଦୈହିକ ସୁସ୍ଥତା ସାଙ୍ଗକୁ କର୍ମକ୍ଷେତ୍ର ସନ୍ତୋଷଜନକ ରହିବ। ଶେୟାର ବଜାର, ଆମଦାନୀ କାରବାର, ପରିବା ଦୋକାନୀ, ହୋଟେଲ ମାଲିକମାନେ ଖୁସି ରହିବେ। ରାଜନୀତିରେ ଓ ସାଙ୍ଗଠନିକ କ୍ଷେତ୍ରରେ ପ୍ରଶଂସିତ ହେବେ। ପୁରୁଣା ରୋଗ, ଋଣ ଓ ଶତ୍ରୁତା କାରଣକୁ ନେଇ ବ୍ୟସ୍ତ ରହିବେ।

**ମକର** – ଆଜିର ଗ୍ରହ ସ୍ଥିତି ମଧ୍ୟମ ପ୍ରକାର ହେତୁ ଜୀବନଯାତ୍ରା ସ୍ୱାଭାବିକ ରହିବ। କୌଣସି କ୍ଷେତ୍ରରେ ନୈରାଶ୍ୟଜନକ ସ୍ଥିତି ଉତ୍ପନ୍ନ ହେବନାହିଁ। ବନ୍ଧୁଙ୍କ କଥାକୁ ସହଜରେ ଗ୍ରହଣକଲେ କର୍ମକ୍ଷେତ୍ରରେ ସମସ୍ୟାରୁ ମୁକ୍ତିଳିଯାଇ ପାରନ୍ତି। ଶିକ୍ଷା, ପରୀକ୍ଷା, ଆଲୋଚନା, ଗଠନମୂଳକ କାମ, ଲେଖାପଢ଼ା ଓ ଗବେଷଣା କ୍ଷେତ୍ରରୁ ଶୁଭଫଳ ପାଇବେ।

**କୁମ୍ଭ** – ଆଜିର ଗ୍ରହ ପ୍ରଭାବରେ କର୍ମାରମ୍ଭ, ଯାତ୍ରା, ବାଣିଜ୍ୟ, ପରିବହନ ପ୍ରଭୃତି ସନ୍ତୋଷଜନକ ରହିବ। କର୍ମକ୍ଷେତ୍ରରେ ବିଭିନ୍ନ ପ୍ରତିବନ୍ଧକ ହଟିଯିବା ସାଙ୍ଗକୁ ଉଚ୍ଚସ୍ତରରେ ସମ୍ପର୍କ ବୃଦ୍ଧି ପାଇବ। ଆଶା କରୁଥିବା ଜିନିଷ ଓ କାର୍ଯ୍ୟ ହାସଲକରି ଆନନ୍ଦ ଅନୁଭବ କରିବେ। ପୁତ୍ରକନ୍ୟାଙ୍କ ହେତୁକ କେତେକ ସମସ୍ୟାକୁ ନେଇ ଚିନ୍ତିତ ରହିପାରନ୍ତି ।

**ମୀନ** – ଆପଣଙ୍କ ଉନ୍ନତ ଚିନ୍ତାଧାରା ଓ ସୁସଂଯତ କାର୍ଯ୍ୟଶୈଳୀ ପ୍ରତ୍ୟେକ ସ୍ତରରେ ଆଦରଣୀୟ ହେବ। ପଛକଥା ନ ଭାବି ପରିସ୍ଥିତିକୁ ସାମ୍ନା କରିବାକୁ ଚେଷ୍ଟାକଲେ ଭଲ। ସରକାରୀ ସ୍ତରରୁ ପ୍ରତୀକ୍ଷିତ ଖବରଟି ପାଇବା ଆଶା ରହିଛି। ପ୍ରତ୍ୟୁଷ ଯାତ୍ରା, ବାଣିଜ୍ୟ, ମାଲି ମକଦ୍ଦମା, ସଂଗଠନ, ଲେଖାପଢ଼ା, ଆଲୋଚନା କ୍ଷେତ୍ରରେ ସୁଫଳ ପାଇବେ।

ଆଜି ଏପ୍ରିଲ ୨୧ ତାରିଖ, ଆଦି ଶଙ୍କରାଚାର୍ଯ୍ୟଙ୍କ ଜୟନ୍ତୀ(ଦାର୍ଶନିକ ଦିବସ), ଭାରତୀୟ ପ୍ରଶାସନିକ ସେବା ଦିବସ, ସଚିବ ଦିବସ, ବୈଶାଖ ଶୁକ୍ଳ ୫ମୀ ମଙ୍ଗଳବାର। ରାଶିନକ୍ଷତ୍ର- ମୃଗଶିରା/ବୃଷ,ଦିବା ଘ.୦୧।୦୧ ମି. ଗତେ ମିଥୁନ ଚନ୍ଦ୍ର, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଅଦ୍ୟ ମୃଗଶିରା ନକ୍ଷତ୍ରେ ବିବାହ ପାଣିଗ୍ରହଣ। ଦିବା ଘ.୦୮।୩୬ ଗତେ, ଘ.୧୦।୩୦ ମଧ୍ୟେ, ଘ.୦୧।୦୧ ଗତେ, ଘ.୦୧।୧୯ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୨।୫୪ ଗତେ, ଘ.୦୪।୨୮ ମଧ୍ୟେ ରାହୁକାଳ।

# ୨୦୨୬-୨୭: 'ଅଟଳ ବସ୍‌ଷ୍ଟାଣ୍ଡ' ପାଇଁ ୧୧୮୩ କୋଟି ଖର୍ଚ୍ଚ ହେବ

## ବାଣିଜ୍ୟ ଓ ପରିବହନ ବିଭାଗର ସଂକଳ୍ପ

ଭୁବନେଶ୍ୱର,୨୦।୪
(ରବିନାରାୟଣ ଜେନା)

ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୨୬-୨୭ ଆର୍ଥିକବର୍ଷରେ 'ଅଟଳ ବସ୍ ଷ୍ଟାଣ୍ଡ' ଯୋଜନାରେ ୧୧୮୩ କୋଟି ଟଙ୍କା ଖର୍ଚ୍ଚ କରାଯିବାକୁ ଲକ୍ଷ୍ୟ ରହିଛି। ସେଥିମଧ୍ୟରୁ ୧୧୦୩ କୋଟି ଟଙ୍କା କେବଳ ଭିତ୍ତିଭୂମି ତଥା ପୁଞ୍ଜି ବାବଦକୁ ଖର୍ଚ୍ଚ ହେବାକୁ ରହିଥିବାବେଳେ ୮୦କୋଟି ଟଙ୍କା ଏହାର ପରିଚାଳନା ତଥା ଅପରେଶନାଲ ବାବଦକୁ ଖର୍ଚ୍ଚ ହେବ। ଏ ସଂକ୍ରାନ୍ତରେ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ଏପ୍ରିଲ ୧୮ରେ ଏକ ସଂକଳ୍ପ ଜାରି ହୋଇଛି। ସଂକଳ୍ପରେ ବିଭାଗୀୟ ପ୍ରମୁଖ ଶାସନ ସଚିବ ଏନ୍.ବି.ଏସ୍. ରାଜପୁତ ଦର୍ଶାଇଛନ୍ତି, ପ୍ରଥମ ୩ ବର୍ଷରେ ରାଜ୍ୟର ସମସ୍ତ ଅଟଳ ବସ୍‌ଷ୍ଟାଣ୍ଡ ପାଇଁ ୨୬୩୦ କୋଟି ଟଙ୍କା ପୁଞ୍ଜି ବିନିଯୋଗ ବାବଦକୁ ଖର୍ଚ୍ଚ କରାଯିବ। ସେଥିମଧ୍ୟରୁ ପ୍ରଥମବର୍ଷକୁ ବାଦ୍ ଦେଲେ ୨୦୨୭-୨୮ରେ ୯୦୦କୋଟି, ୨୦୨୮-୨୯ରେ ୬୨୭ କୋଟି ଟଙ୍କା ଖର୍ଚ୍ଚ ହେବ। ଏହାପରେ ୨୦୩୧-୩୨ ବର୍ଷ ମଧ୍ୟରେ ପୁଞ୍ଜି ବାବଦକୁ ଆଉ ଖର୍ଚ୍ଚ କରାଯିବାର ପ୍ରସ୍ତାବ ନାହିଁ। ମାତ୍ର ଅଟଳ ବସ୍‌ଷ୍ଟାଣ୍ଡର ଅପରେଶନ ଖର୍ଚ୍ଚ ବାବଦକୁ ପ୍ରଥମ ବର୍ଷ(୨୦୨୬-୨୭)ରେ ୮୦କୋଟି, ୨୦୨୭-୨୮ ଏବଂ ୨୦୨୮-୨୯ରେ ୧୧୦କୋଟି ଲେଖାଏ, ୨୦୨୯-୩୦ରେ ୧୫୦କୋଟି, ୨୦୩୦-୩୧ରେ ୧୬୦କୋଟି ଏବଂ ୨୦୩୧-୩୨ରେ ୧୬୦କୋଟି ଟଙ୍କା ଅନରେଶନାଲ ବାବଦକୁ ଖର୍ଚ୍ଚ ହେବ। ଏହିଭଳି ଭାବେ ୭୭୦ କୋଟି ଟଙ୍କା ସମସ୍ତ 'ଅଟଳ ବସ୍ ଷ୍ଟାଣ୍ଡ'ପାଇଁ ଖର୍ଚ୍ଚ ହେବ।

ସୂଚନାଯୋଗ୍ୟ, ଏପ୍ରିଲ ୧୦ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକରେ 'ଅଟଳ ବସ୍‌ଷ୍ଟାଣ୍ଡ' ଯୋଜନା ପାଇଁ ସରକାରଙ୍କ ପକ୍ଷରୁ ୨୦୩୧-୩୨ ବର୍ଷ ପର୍ଯ୍ୟନ୍ତ ୩ ହଜାର ୪୦୦କୋଟି ଟଙ୍କା ଖର୍ଚ୍ଚ କରାଯିବାକୁ ନିଷ୍ପତ୍ତି ହୋଇଥିଲା। ଏଥିରେ ରାଜ୍ୟବ୍ୟାପୀ ଜିଲା ମୁଖ୍ୟାଳୟ, ଉପଖଣ୍ଡ ମୁଖ୍ୟାଳୟ, ବ୍ଲକ ମୁଖ୍ୟାଳୟ, ପର୍ଯ୍ୟଟନ ଏବଂ ଓଡ଼ିଶାର ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ସମେତ ସହରାଞ୍ଚଳ ପୌର ସଂସ୍ଥାସ୍ତରରେ ଅଟଳ ବସ୍ ଷ୍ଟାଣ୍ଡ ପ୍ରତିଷ୍ଠା କରାଯିବାକୁ ଲକ୍ଷ୍ୟ ରହିଛି। ଏହି ଯୋଜନାର ଲକ୍ଷ୍ୟ ହେଉଛି,ରାଜ୍ୟର ସମସ୍ତ ସାର୍ବଜନୀନ ବସ୍ ଷ୍ଟାଣ୍ଡକୁ 'ଅଟଳ ବସ୍ ଷ୍ଟାଣ୍ଡ'ଯୋଜନା ପରିଚାଳନାର ଏକ ଛାୟା ତଳେ ଏକୀକୃତ କରିବା ; ଯେଉଁଥିରେ ପୂର୍ବ ଯୋଜନା ଏବଂ ରାଜ୍ୟର ସହରାଞ୍ଚଳ ପୌର ସଂସ୍ଥା ଅଧୀନରେ ଥିବା ସମସ୍ତ ବସ୍‌ଷ୍ଟାଣ୍ଡ ଅନ୍ତର୍ଭୁକ୍ତ ରହିବ। ଯାହାଦ୍ୱାରା ରାଜ୍ୟ ସାରା ବିକାଶ, ନବୀକରଣ, କାର୍ଯ୍ୟକାରିତା, ରକ୍ଷଣାବେକ୍ଷଣ ଏବଂ ପରିଚାଳନାରେ ସମାନତା ସୁନିଶ୍ଚିତ ହୋଇପାରିବ।

# ନିଦା ଖାନ୍‌ଙ୍କୁ ଜାମିନ ମିଳିଲାନି

ନାଶିକ, ୨୦।୪



ଟିସିଏସ୍ ଯୌନ ନିର୍ଯାତନା ଓ ଧର୍ମାନ୍ତରୀକରଣ ମାମଲାରେ ନାଶିକ କୋର୍ଟ ଅଭିଯୁକ୍ତ ନିଦା ଖାନ୍‌ଙ୍କ ଅନ୍ତରୀଣ ଜାମିନ ଆବେଦନକୁ ସୋମବାର ଖାରଜ କରିଦେଇଛନ୍ତି। ଏଥିସହିତ ଏପ୍ରିଲ ୨୭ ସୁଦ୍ଧା ତାଙ୍କ ଆବେଦନ ସଂକ୍ରାନ୍ତ ଜବାବ ରଖିବା ଲାଗି ପୋଲିସକୁ ସ୍ଥାନୀୟ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ନାଶିକ୍ ପୋଲିସର ସ୍ୱତନ୍ତ୍ର ତଦନ୍ତକାରୀ ଟିମ୍ (ଏସ୍‌ଆଇଟି) ଆଇଟି କମ୍ପାନୀର ନାଶିକ୍ ଶାଖାରେ ଘଟିଥିବା ଅସଦାଚରଣ ଓ ନିର୍ଯାତନା ସଂକ୍ରାନ୍ତ ୯ଟି ମାମଲାର ତଦନ୍ତ କରୁଛି। ଅଭିଯୁକ୍ତ ନିଦା ଖାନ୍‌ଙ୍କୁ ଧରିବା ଲାଗି ପୋଲିସ ମହାରାଷ୍ଟ୍ରର ବିଭିନ୍ନ ସ୍ଥାନରେ ଖୋଜିବା ଜାରି ରଖିଛି। ଶନିବାର ନିଦା ନିଜର ଦୁଇ ମାସର ଗର୍ଭଧାରଣ ଦର୍ଶାଇ ଗିରଫରୁ ରକ୍ଷା ପାଇବା ପାଇଁ ନାଶିକ କୋର୍ଟରେ ଆଗୁଆ ଜାମିନ ଆବେଦନ କରିଥିଲେ। ସୋମବାର ଶୁଣାଣି ବେଳେ ତାଙ୍କ ଓକିଲ ରାହୁଲ କାସ୍‌ଲିୱାଲ୍ ଅନ୍ତରୀଣ ଜାମିନ ଦେବା ଲାଗି କୋର୍ଟଙ୍କୁ ଅନୁରୋଧ କରିଥିଲେ, ଯାହା ନିଦାଙ୍କୁ ମୁଖ୍ୟ ଆବେଦନ ଉପରେ ଅଦାଲତର ନିଷ୍ପତ୍ତି ହେବା ପର୍ଯ୍ୟନ୍ତ ଗିରଫଦାରିରୁ ସୁରକ୍ଷା ଦେବ।

# ପ୍ରକାଶ ପାଇଲା ଜେଇଇ ମେନ୍ ରେଜଲ୍ଟ

## ଶହେ ପର୍ସେଣ୍ଟାଇଲ୍ ରଖିଲେ ଓଡ଼ିଶାର ଭବେଶ ପାତ୍ର

ଭୁବନେଶ୍ୱର,୨୦।୪(ସୁଚିସ୍ମିତା ସାହୁ)

ନ୍ୟାଶନାଲ ଟେଷ୍ଟିଂ ଏଜେନ୍ସି ପକ୍ଷରୁ ଯୁଗ୍ମ ପ୍ରବେଶିକା ପରୀକ୍ଷା (ଜେଇଇ) ମେନ୍ ୨୦୨୬ ସେସନ-୨ର ପରୀକ୍ଷାଫଳ ସୋମବାର ପ୍ରକାଶ ପାଇଛି। ଜେଇଇ ପେପର-୧ (ବିଇ/ବିଟେକ) ପରୀକ୍ଷାରେ ୨୬ଜଣ ଛାତ୍ରୀଛାତ୍ର ଶହେ ପର୍ସେଣ୍ଟାଇଲ୍ ମାର୍କ ରଖିଛନ୍ତି। ଏମାନଙ୍କ ମଧ୍ୟରେ ଓଡ଼ିଆ ପୁଅ ଭବେଶ ପାତ୍ର ରହିବା ସହ ଓଡ଼ିଶା ଟପ୍ପର ହୋଇଛନ୍ତି। ଆନ୍ଧ୍ରପ୍ରଦେଶ ଓ ତେଲଙ୍ଗାନାରୁ ସର୍ବାଧିକ ୫ଜଣ, ରାଜସ୍ଥାନରୁ ୪ଜଣ, ଦିଲ୍ଲୀ(ଏସ୍‌ସିଟି)ର ୩ଜଣ, ମହାରାଷ୍ଟ୍ରର ୨ଜଣ ଏବଂ ଓଡ଼ିଶା, ତାମିଲନାଡୁ, ବିହାର, ଚଣ୍ଡିଗଡ, ହରିୟାଣା, ଗୁଜରାଟ ଓ ଆନ୍ଧ୍ରପ୍ରଦେଶର ଜଣେ ଲେଖାଏ ପିଲା ଶହେ ପର୍ସେଣ୍ଟାଇଲ୍ ମାର୍କ ରଖିଛନ୍ତି।



ଭବେଶ ପାତ୍ର

ଚଳିତବର୍ଷ ଜେଇଇ ମେନ୍ ସେସନ-୨ର ପେପର-୧ ପରୀକ୍ଷା ପାଇଁ ମୋଟ୍ ୧୧ଲକ୍ଷ ୧୦ ହଜାର ୯୦୪ ଜଣ ଛାତ୍ରୀଛାତ୍ର ପଞ୍ଜୀକରଣ କରିଥିଲେ। ଏମାନଙ୍କ ମଧ୍ୟରୁ ୧୦ ଲକ୍ଷ ୩୪ ହଜାର ୩୩୦ଜଣ ପରୀକ୍ଷା ଦେଇଥିବାବେଳେ ୭,୦୮,୧୬୩ଜଣ ଛାତ୍ର ଓ ୩,୨୬,୧୬୭ ଜଣ ଛାତ୍ରୀ ରହିଛନ୍ତି। ସେହିଭଳି ୩ ହଜାର ୬୪୫ ଜଣ ଦିବ୍ୟାଙ୍ଗ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିଲେ। ଓଡ଼ିଆ ସମେତ ୧୩ଟି ଭାଷାରେ ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଜେଇଇ ସେସନ୍-୧ ଓ ସେସନ୍-୨ ପରୀକ୍ଷା ମଧ୍ୟରେ ଭଲ ପ୍ରଦର୍ଶନ କରିଥିବା ମାର୍କକୁ ଚୂଡ଼ାନ୍ତ ଭାବେ ଗ୍ରହଣ କରାଯିବ ଓ ସେମାନେ ଜେଇଇ ଆଡ୍‌ଭାନ୍ସଡ୍ ଦେବାକୁ ଯୋଗ୍ୟ ବିବେଚିତ ହେବେ। ଜେଇଇ ଆଡ୍‌ଭାନ୍ସଡ୍‌ର ମାର୍କ ଅନୁଯାୟୀ ସେମାନଙ୍କ ମେଧା ତାଲିକା ପ୍ରସ୍ତୁତ ହେବ ଓ ସେହି ଆଧାରରେ ହିଁ ନାମଲେଖା ହେବ।

# ମା' ଓ ଛୁଆ ହାତୀର ଗଳିତ ମୃତଦେହ ଉଦ୍ଧାର

## ୪ଦିନ ପରେ ଜାଣିଲା ବନବିଭାଗ

ଢେଙ୍କାନାଳ,୨୦।୪(ରତନ ନାୟାର)

ଢେଙ୍କାନାଳ ଜିଲା ହିନ୍ଦୋଳ ରେଞ୍ଜ୍ ଦଣ୍ଡିରି ସେକ୍ସନ କନକା ବିଟ୍ ଅଞ୍ଚଳରୁ ସୋମବାର ସକାଳେ ଏକ ମାଈ ହାତୀ ଓ ନବଜାତ ଛୁଆ ହାତୀର ଗଳିତ ମୃତଦେହ ଉଦ୍ଧାର କରାଯାଇଛି। ଘଟଣାର ପ୍ରାୟ ୪ଦିନ ପରେ ବନବିଭାଗ ଏ ସମ୍ପର୍କରେ ଜାଣିବା ସାଧାରଣରେ ଆଲୋଚନାର ବିଷୟ ହୋଇଛି। ପ୍ରସବଜନିତ ଯନ୍ତ୍ରଣା ସହିନ ପାରି ମାଈ ହାତୀଟିର ମୃତ୍ୟୁ ହୋଇଥିବା କିମ୍ବା ପ୍ରସବ ପରେ ଯତ୍ନ ଅଭାବରୁ ଏହି ଘଟଣା ଘଟିଥିବା ସାଧାରଣରେ ସନ୍ଦେହ କରାଯାଇଛି। ଖବରପାଇ ବନବିଭାଗ ଅଧିକାରୀମାନେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। ଏ ସଂକ୍ରାନ୍ତରେ ଜିଲା ବନଖଣ୍ଡ ଅଧିକାରୀ ସୁମିତ କୁମାର କରଙ୍କୁ ତାଙ୍କ ମୋବାଇଲ ନମ୍ବର ୯୪୨୪୬୯୧୭୨୦ରେ ଯୋଗାଯୋଗ କରାଯାଇଥିଲେ ମଧ୍ୟ କୌଣସି ସୂଚନା ମିଳିପାରି ନାହିଁ।

# ନାରୀଶକ୍ତି ବନ୍ଦନ ଅଧିନିୟମ ପ୍ରସଙ୍ଗ | ବିଜ୍ଞପ୍ତି ପାଇଁ ୩ ବର୍ଷ କାହିଁକି: ସପ୍ତଗିରି

ଭୁବନେଶ୍ୱର,୨୦।୪(ରବିନାରାୟଣ ଜେନା)

୨୦୨୩ରେ ସର୍ବସମ୍ମତିକ୍ରମେ ପାରିତ ହୋଇଥିବା ମହିଳା ସଂରକ୍ଷଣ ଆଇନ ତଥା ନାରୀଶକ୍ତି ବନ୍ଦନ ଅଧିନିୟମ କାର୍ଯ୍ୟକାରୀ ହେବାକୁ କେନ୍ଦ୍ର ସରକାରଙ୍କୁ କାହିଁକି ୩ବର୍ଷ ଲାଗିଲା ବୋଲି କୋରାପୁଟ ଲୋକ ସଭା ସଦସ୍ୟ ସପ୍ତଗିରି ଶଙ୍କର ଉଲାକା ପ୍ରଶ୍ନ କରିଛନ୍ତି। ରାଜ୍ୟ କଂଗ୍ରେସଭବନରେ ସୋମବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସପ୍ତଗିରି କହିଛନ୍ତି, ବିଲ୍ ଆଗତ ବେଳେ ମାତ୍ର ଦୁଇଜଣ ସଦସ୍ୟ ଏହାର ବିରୋଧରେ ଭୋଟ ଦେଇଥିଲେ। କିନ୍ତୁ ଆଶ୍ଚର୍ଯ୍ୟର ବିଷୟ ନୋଟିଫିକେଶନ ଏପ୍ରିଲ ୧୬ରେ ବାହାର କରାଗଲା। ଏହା ପଛରେ ଭାଜପାର ଅଭିସନ୍ଧି ସ୍ପଷ୍ଟ ଥିବା ବାରି ହେଉଛି। ସପ୍ତଗିରି କହିଛନ୍ତି, ୨୦୨୪ରୁ ଏହି ଏହି ଅଧିନିୟମ ଲାଗୁହୋଇ ୫୪୩ ଆସନ ମଧ୍ୟରୁ ୧୮୧ଟି ଆସନ ମହିଳାଙ୍କ ପାଇଁ ତୁରନ୍ତ ସଂରକ୍ଷିତ ହେବା କଥା। କିନ୍ତୁ ସରକାର ତାହା ନ କରି ଏବେ ନିର୍ବାଚନ ସମୟରେ ଲୋକ ସଭାରେ ସ୍ୱତନ୍ତ୍ର ଅଧିବେଶନ ଡାକିଲେ, ସଂରକ୍ଷଣରେ ଗୋଟିଏ କେଁ ରଖି ୨୦୨୬ ଜନଗଣନା ଓ ଡିଲିମିଟେସନ ଅନୁଯାୟୀ ୮୫୦ ଲୋକ ସଭା ଆସନରେ ସଂରକ୍ଷିତ କରିବା କଥା କହିଲେ। ଲୋକସଂଖ୍ୟା ଦୃଷ୍ଟିରୁ ଦକ୍ଷିଣ ରାଜ୍ୟ ସମୂହରେ ଆସନ ସଂଖ୍ୟା କମୁଛି। ଯେଉଁଠି ଭାଜପାର ଭୋଟ ନାହିଁ ସେଠାରେ ଆସନ ସଂଖ୍ୟା ସୀମିତ ରହିଛି। ମହିଳା ସଂରକ୍ଷଣ ନାମରେ ଭାଜପା ସରକାର ଅପପ୍ରଚାର କରୁଛନ୍ତି। ପ୍ରକୃତରେ ନାରୀଶକ୍ତିକୁ କଂଗ୍ରେସ ସବୁବେଳେ ପ୍ରାଧାନ୍ୟ ଦେଇ ଆସିଛି ବୋଲି ସପ୍ତଗିରି କହିଛନ୍ତି।

## ଖରା ପାଇଁ କୋଉଠି ଛୁଟି କୋଉଠି ଖୋଲା




# ମହାପ୍ରଭୁଙ୍କ ବାହାର ଚନ୍ଦନ ଯାତ୍ରା ଆରମ୍ଭ

ପୁରୀ,୨୦।୪
(ଅଜିତ୍ କୁମାର ମହାନ୍ତି)

ମହାପ୍ରଭୁଙ୍କ ତ୍ରୟୋଦଶ ଯାତ୍ରା ମଧ୍ୟରୁ ଚନ୍ଦନଯାତ୍ରା ଅନ୍ୟତମ। ଚନ୍ଦନଯାତ୍ରାକୁ ଦୁଇ ଭାଗରେ ବିଭକ୍ତ କରାଯାଇଥାଏ। ଅକ୍ଷୟତୃତୀୟାଠାରୁ ପ୍ରଥମ ୨୧ ଦିନ ବାହାର ଚନ୍ଦନ ଯାତ୍ରା ଓ ପରବର୍ତ୍ତୀ ୨୧ ଦିନ ଭିତର ଚନ୍ଦନ ଯାତ୍ରା। ପରମ୍ପରା ଅନୁଯାୟୀ ସୋମବାର ପବିତ୍ର ଅକ୍ଷୟ ତୃତୀୟାଠାରୁ ବାହାର ଚନ୍ଦନ ଯାତ୍ରା ଆରମ୍ଭ ହୋଇଛି। ଶ୍ରୀମନ୍ଦିରରେ ମଧ୍ୟାହ୍ନ ଧୂପ ସରିବା ପରେ ଶ୍ରୀବିଗ୍ରହଙ୍କଠାରୁ ୩ ଖଣ୍ଡ ଆଜ୍ଞାମାଳ ପୂଜାପଣ୍ଡା ସାମନ୍ତଙ୍କ ଦ୍ୱାରା ରଥଖଳାକୁ ବିଜେ କରିଥିଲା। ଅପରପକ୍ଷରେ ଆଜ୍ଞାମାଳ ପାଇ ମହାଜନସେବକଙ୍କ ହାତରେ ରାମ, କୃଷ୍ଣ ବିଜେ ହୋଇ ମୁକ୍ତିମଣ୍ଡପ ନିକଟ ପାଲିଙ୍କିରେ ଏବଂ ମଦନମୋହନ, ଶ୍ରୀଦେବୀ ଓ ଭୂଦେବୀ ମଣି ବିମାନରେ ବିଜେ ହୋଇଥିଲେ। ପରେ ଘଣ୍ଟ, ଛତା ଓ ସେବାୟତଙ୍କ ଗହଣରେ ବିମାନବଡୁ ସେବକମାନେ ଠାକୁର ଠାକୁରାଣୀଙ୍କୁ ଶ୍ରୀନଅର ସମ୍ମୁଖକୁ ନେଇଥିଲେ। ସେଠାରେ ରଥ ନିର୍ମାଣ ଅନୁକୂଳ କାର୍ଯ୍ୟ ସମ୍ପନ୍ନ ପରେ ରାମକୃଷ୍ଣ, ଶ୍ରୀମଦନମୋହନ, ଶ୍ରୀଦେବୀ, ଭୂଦେବୀ ଏବଂ ଶ୍ରୀକ୍ଷେତ୍ରର ପଞ୍ଚମହାଦେବ ଭାବେ ପରିଚିତ ଶ୍ରୀଯମେଶ୍ୱର, ଶ୍ରୀଲୋକନାଥ, ଶ୍ରୀମାର୍କଣ୍ଡେଶ୍ୱର, ଶ୍ରୀକପାଳମୋଚନ ଏବଂ ଶ୍ରୀନୀଳକଣ୍ଠ ଚନ୍ଦନ ଯାତ୍ରା ଲାଗି ନରେନ୍ଦ୍ର ପୁଷ୍କରିଣୀ ଅଭିମୁଖେ ଶୋଭାଯାତ୍ରାରେ ଯାଇଥିଲେ। ବଡ଼ଦାଣ୍ଡର ବିଭିନ୍ନ ସ୍ଥାନରେ ପଙ୍କ୍ତିଭୋଗ ଖାଇ ରାମକୃଷ୍ଣ ଆଗରେ ଚାଲିଥିଲେ। ତାଙ୍କ ପାଲିଙ୍କି ପଛରେ ମଣି ବିମାନରେ ମଦନମୋହନ, ଶ୍ରୀଦେବୀ ଓ ଭୂଦେବୀ ଏବଂ ଶେଷରେ ପଞ୍ଚମହାଦେବ ରହିଥିଲେ। ଠାକୁର ନରେନ୍ଦ୍ର ପୁଷ୍କରିଣୀରେ ପହଞ୍ଚିବା ପରେ ଭିତରଛୁ ମହାପାତ୍ର ଜଳଲାଗି କରିଥିଲେ। ପରେ ଠାକୁରମାନଙ୍କୁ ଚାପରେ ବିଜେ କରାଯାଇଥିଲା।

ପ୍ରଥମେ ନନ୍ଦାଚାପ ବା ନାଲି ଚାପରେ ରାମକୃଷ୍ଣ, ପରେ ଭଦ୍ରା ବା ଧଳାଚାପରେ ଶ୍ରୀମଦନମୋହନ, ଶ୍ରୀଦେବୀ, ଭୂଦେବୀ ବିଜେ ହୋଇଥିଲେ। ପଞ୍ଚମହାଦେବ ରାମକୃଷ୍ଣ ବସିଥିବା ନନ୍ଦା ଚାପରେ ବିଜେ କରିଥିଲେ। ଏହାପରେ ଚାପ ଖେଳ ବା ନୌକା ବିହାର ଆରମ୍ଭ ହୋଇଥିଲା। ନରେନ୍ଦ୍ର ପୁଷ୍କରିଣୀରେ ଗୋଟିଏ ଘେରା ବୁଲିବା ପରେ ଚନ୍ଦନ ଘର ନିକଟରେ ଚାପ ଲାଗିଥିଲା। ରାମକୃଷ୍ଣ ଭଦ୍ରାଚାପ ବା ମଦନ ମୋହନଙ୍କ ଚାପକୁ ବିଜେ ହୋଇଥିଲେ। ସେଠାରେ ରାଜବନ୍ଦାପନା ଓ ଆଲଟ ଚାମର କରାଯାଇଥିଲା। ଠାକୁରମାନେ ଜଗତି ଉପରକୁ ବିଜେ ପରେ ଚନ୍ଦନକୁଣ୍ଡରେ ପ୍ରବେଶ କରିଥିଲେ। ଠାକୁରମାନଙ୍କୁ ଫୁଲରେ ବେଶ କରାଯାଇଥିଲା। ପ୍ରଥମ ଦିବସରେ ମଦନମୋହନଙ୍କୁ ନଟବର ବେଶ କରାଯାଇଛି। ମାଣ୍ଡୁଅ ଭୋଗ ଓ ବିଡିଆ ମଣୋହୀ ପରେ ଠାକୁରମାନେ ରାତି ଚାପ ଖେଳି ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ। ଭକ୍ତମାନେ ଚନ୍ଦନ ଯାତ୍ରାକୁ ଉପଭୋଗ କରିଥିଲେ। ଭକ୍ତଙ୍କ ହରିବୋଲ, ହୁଳହୁଳିରେ ବଡ଼ଦାଣ୍ଡ ଏବଂ ଚନ୍ଦନ ଚକଡ଼ା ପ୍ରକମ୍ପିତ ହୋଇଉଠିଥିଲା। ମଣିବିମାନ ଆଗେ ଆଗେ ବିଭିନ୍ନ ଅଞ୍ଚଳରୁ ଆସିଥିବା ସଂକୀର୍ତ୍ତନ ମଣ୍ଡଳୀ ସଂକୀର୍ତ୍ତନ ପରିବେଷଣ କରିଥିଲେ।

# ସିଜିମାଳି ପ୍ରକଳ୍ପକୁ ମିଳିଥିବା ମଞ୍ଜୁରୀର ସମୀକ୍ଷା ଦାବି

## କେନ୍ଦ୍ର ଖଣିମନ୍ତ୍ରୀଙ୍କୁ କଳାହାଣ୍ଡି ଏମ୍‌ପିଙ୍କ ଦାବିପତ୍ର

ଭବାନୀପାଟଣା,୨୦।୪
(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଓ ରାୟଗଡ଼ା ଜିଲାର ସୀମାନ୍ତ ସିଜିମାଳି ଅଞ୍ଚଳରେ ବକ୍ସାଇଟ ଖଣି ଖନନ ପାଇଁ ରାସ୍ତା ନିର୍ମାଣକୁ ନେଇ ଗତ କିଛିଦିନ ହେଲା ବେଦାନ୍ତ ଓ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅଶାନ୍ତ ପରିସ୍ଥିତି ସୃଷ୍ଟି ହୋଇଛି। ଏହି ଅଞ୍ଚଳର ଲୋକମାନଙ୍କ ମଧ୍ୟରୁ ଅଧିକାଂଶ ଆଦିବାସୀ। ନିଜର ଜୀବିକା, ସ୍ୱାବଲମ୍ବନ ଏବଂ ସଂସ୍କୃତିର ପରିଚୟ ପାଇଁ ସିଜିମାଳି ପାହାଡ ଉପରେ ସେମାନେ ନିର୍ଭରଶୀଳ। ବିସ୍ଥାପନ, ପରିବେଶର ଅବନତି ଓ ପାରମ୍ପରିକ ଅଧିକାର ହରାଇବା ନେଇ ସେମାନଙ୍କର ଯେଉଁ ଭୟ ରହିଛି ତାକୁ ଅତ୍ୟନ୍ତ ସମ୍ବେଦନଶୀଳତାର ସହ ଗ୍ରହଣ କରାଯିବା ଆବଶ୍ୟକ। ପ୍ରଭାବିତ ଅଞ୍ଚଳର ଆଦିବାସୀ ଏବଂ ଗ୍ରାମବାସୀଙ୍କ ପ୍ରମୁଖ ଦାବିକୁ ନେଇ କଳାହାଣ୍ଡି ଏମ୍‌ପି ମାଳବିକା ଦେବୀ କେନ୍ଦ୍ର ଖଣି ମନ୍ତ୍ରୀ ଜି କିଶନ ରେଡ୍ଡୀଙ୍କୁ ନୂଆଦିଲ୍ଲୀରେ ସାକ୍ଷାତ କରି ଏକ ଦାବିପତ୍ର ଦେଇଛନ୍ତି। ଏଥିରେ ପ୍ରକଳ୍ପକୁ ମିଳିଥିବା ମଞ୍ଜୁରୀର ସମୀକ୍ଷା କରିବା, ଗ୍ରାମସଭା ଅନୁମତିକୁ ଯାଞ୍ଚ, ଆଦିବାସୀଙ୍କ ଅଧିକାର ଓ ପରିବେଶ ସୁରକ୍ଷା ନେଇ ଉଲ୍ଲେଖ ହୋଇଛି। ଏହାସହ ପ୍ରଶାସନିକ ପ୍ରକ୍ରିୟା ଉପରେ ଲୋକଙ୍କ ବିଶ୍ୱାସ ବଜାୟ ରଖିବା ପାଇଁ ହସ୍ତକ୍ଷେପ ଲୋଡିଛନ୍ତି। ଅନ୍ୟପଟେ ସିଜିମାଳି ଓ କଳାହାଣ୍ଡିର ଜନସାଧାରଣଙ୍କ ସହ ମୁଁ ଠିଆ ହୋଇଛି। ସେମାନଙ୍କର ଆବଶ୍ୟକତା ଓ ଅଧିକାର ମୋ ପାଇଁ ସର୍ବୋପରି। ତେଣୁ ପ୍ରଭାବିତ ଗ୍ରାମବାସୀଙ୍କ ସ୍ୱାର୍ଥରେ ଯଥାଶୀଘ୍ର ଏ ବିଷୟରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ସେ କୃତଜ୍ଞ ରହିବେ ବୋଲି ଏମ୍‌ପି ମାଳବିକା ଦାବିପତ୍ରରେ ଉଲ୍ଲେଖ କରିଛନ୍ତି।

# ଶୀତଳଷଷ୍ଠୀ ପାଇଁ ଥାଳଉଠା ପର୍ବ ସମ୍ପନ୍ନ



ଶୀତଳଷଷ୍ଠୀ ଯାତ୍ରା ସକାଶେ ସୋମବାର ନନ୍ଦପଡା ଶ୍ରୀଶ୍ରୀ ବମବରାଡ ବାଲୁଙ୍କେଶ୍ୱରଙ୍କ ପୀଠରେ ଆୟୋଜିତ ଥାଳଉଠା ପର୍ବ।

## ଯାତ୍ରା କମିଟି ଚୟନ କଲା କନ୍ୟା ମାତାପିତା

ସମ୍ବଲପୁର,୨୦।୪(ବି.ଶଙ୍କର)

ବୈଶାଖ ଶୁକ୍ଳପକ୍ଷ ପବିତ୍ର ଅକ୍ଷୟ ତୃତୀୟା ତିଥିରେ ସମ୍ବଲପୁରର ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରାର ଆଦ୍ୟପର୍ବ ଥାଳଉଠା ପରମ୍ପରା ଓ ରୀତିନୀତି ଅନୁସାରେ ସୋମବାର ଅନୁକୂଳ ହୋଇଛି। ଘଣ୍ଟ, ଶଙ୍ଖ, ହରିବୋଲ, ହୁଳହୁଳି ଶବ୍ଦରେ ଶୈବପୀଠ ମୁଖରିତ ହୋଇଉଠିଥିଲା। ସର୍ବପୁରାତନ ନନ୍ଦପଡା ଶ୍ରୀଶ୍ରୀ ବମବରାଡ ବାଲୁଙ୍କେଶ୍ୱର ବାବା, ଝାଡୁଆପଡା ଶ୍ରୀଶ୍ରୀ ଲୋକନାଥ ବାବା, ମୁଦିପଡା ଶ୍ରୀଶ୍ରୀ ଜାଗେଶ୍ୱର ବାବା, ବାଲିବନ୍ଧା ଶ୍ରୀଶ୍ରୀ ସୋମନାଥ ବାବା, ବୁଢ଼ାରଜା ମହାଦେବ, ବଡବଜାର ଶ୍ରୀଶ୍ରୀ ଶୀତଳେଶ୍ୱର ବାବା, ଠାକୁରପଡା ଶ୍ରୀଶ୍ରୀ ଗୁପ୍ତେଶ୍ୱର ବାବାଙ୍କ ପୀଠରେ ସମ୍ପୂର୍ଣ୍ଣ ଲୋକାଚାର ସହ ଥାଳଉଠା ପର୍ବ ସମ୍ପନ୍ନ ହୋଇଛି। ସକାଳ ୮ଟାରୁ ଶିବାଳୟରେ ରୁଦ୍ରାଭିଷେକ ଏବଂ ଜଳଶାୟୀ ସହ ସ୍ୱତନ୍ତ୍ର ପୂଜାର୍ଚ୍ଚନା ହୋଇଥିଲା। ତମ୍ବା, ରୌପ୍ୟ, ପିତ୍ତଳ ଥାଳରେ ପଦ୍ମଫୁଲ, ବେଲପତ୍ର ଓ ପ୍ରସାଦ ଦେବ ଦେବ ମହାଦେବଙ୍କ ସମ୍ମୁଖରେ ରଖାଯାଇଥିଲା। ଥାଳଗୁଡିକ ଉପରେ ଲାଲ ପାଟବସ୍ତ୍ର ଘୋଡାଯାଇ ହୋମଯଜ୍ଞ ସହ ପୂଜାର୍ଚ୍ଚନା ହୋଇଥିଲା। ଏହାସହ ଯାତ୍ରା କମିଟି ଦେବ ବିବାହ ଲାଗି କନ୍ୟା ମାତାପିତା ଚୟନ କରିଥିଲା। କାର୍ଯ୍ୟକ୍ରମରେ ଉପସ୍ଥିତ ଯାତ୍ରା କମିଟି କର୍ମକର୍ତ୍ତା, ସଭ୍ୟ ଓ ପଡାର ମୁରବୀମାନେ ପଣ୍ଡିତମାନଙ୍କ ମନ୍ତ୍ର ଉଚ୍ଚାରଣରେ କନ୍ୟା ମାତାପିତାଙ୍କ ଚୟନ ରୀତିକୁ ହୁଳହୁଳି ଓ ହରିବୋଲ ଧ୍ୱନିରେ ସମ୍ମତି ଜଣାଇଥିଲେ।

# ଢାବାରେ ଚାଲିଥିଲା ଦେହ ବ୍ୟବସାୟ, ୫ ଧରାପଡ଼ିଲେ

- ଦମ୍ପତି ଚଲାଇଥିଲେ କାରବାର
- ଢାବାରୁ ମିଳିଲା ବିପୁଳ ମଦ

ବରଗଡ଼,୨୦।୪
(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଗ୍ରାମାଞ୍ଚଳ ଥାନା ଧାଙ୍ଗେର ଆନ୍ଧାରିକ୍ରା ନିକଟ ଜୟଦୁର୍ଗା ଢାବାରେ ସୋମବାର ଦେହ ବ୍ୟବସାୟ ଠାବ ହୋଇଛି। ପୋଲିସ ଏହି କାରବାରରେ ଜଣେ ଦେହଜୀବୀଙ୍କୁ ଉଦ୍ଧାର କରିଛି। ଏହା ସହିତ ଦମ୍ପତିଙ୍କ ସମେତ ୫ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେମାନେ ହେଲେ, ଢାବା ମାଲିକ ଧାଙ୍ଗେର ଗ୍ରାମର ଆତ୍ମାରାମ ପଣ୍ଡା(୫୪), ତାଙ୍କ ସ୍ତ୍ରୀ ପ୍ରଣତୀ(୪୪) ଏବଂ ୩ଗ୍ରାହକ ବରଗଡ଼ ସଦର ଥାନା ଅଡ଼ଗାଁ ଗ୍ରାମର ନିମାଇଁ ସାହୁ(୨୯), ସୁମନ୍ତ ଭୋଇ(୨୨) ଏବଂ ମଦନ ବନଛୋର(୨୬)। ଢାବାରୁ ୨୬୩ ଲିଟର ୮୦୦ ମିଲି ବିଦେଶୀ ମଦ, ୩୨ଲିଟର ଦେଶୀମଦ ସହିତ ଅନ୍ୟ ସାମଗ୍ରୀ ଜବତ ହୋଇଛି। ଏହା ସହିତ ନଗଦ ୨୬ହଜାର ୨୬୦ଟଙ୍କା, ଗୋଟିଏ ହିରୋ ପ୍ୟାଶନ ପ୍ରୋ ବାଇକ୍(ନଂ-ଓଆର୧୭ଏଫ୍ ୩୬୨୮), ଗୋଟିଏ ହିରୋ ଗ୍ଲାମର ମୋଟରସାଇକେଲ(ନଂ-ଓଡି୧୭ସି ୦୯୪୬) ଜବତ ହୋଇଛି। ଗିରଫ ଅଭିଯୁକ୍ତମାନଙ୍କୁ ବରଗଡ଼ କୋର୍ଟକୁ ଚାଲାଣ କରାଯାଇଛି। ଏ ନେଇ ବରଗଡ଼ ଗ୍ରାମାଞ୍ଚଳ ଥାନାରେ ଏକ ମାମଲା(ନଂ-୮୪/୨୬) ରୁଜୁ ହୋଇଛି।

ସୂଚନା ଅନୁଯାୟୀ, ଉପରୋକ୍ତ ଢାବାରେ ଢାବା ମାଲିକ ଏବଂ ତାଙ୍କ ସ୍ତ୍ରୀ ଦେହ ବ୍ୟବସାୟ ଚଲାଇଥିବା ନେଇ ପୋଲିସକୁ ସୂଚନା ମିଳିଥିଲା। ସେହି ସୂଚନାକୁ ଆଧାର କରି ବରଗଡ଼ ଏସ୍‌ପି ପି.ଏସ୍. ମିନାଙ୍କ ନିର୍ଦ୍ଦେଶକ୍ରମେ ଏସ୍‌ଡିପିଓ ପଦାରବିନ୍ଦ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ପୋଲିସର ଏକ ଟିମ୍ ଅତର୍କିତ ଚଢ଼ାଉ କରିଥିଲା। ଚଢ଼ାଉବେଳେ ଦେହ ବ୍ୟବସାୟ ଠାବ ହେବା ସହିତ ବିପୁଳ ପରିମାଣରେ ବିଭିନ୍ନ ପ୍ରକାର ବିଦେଶୀ ଓ ଦେଶୀ ମଦ ମଧ୍ୟ ଢାବାରୁ ମିଳିଥିଲା।

15001/23/2627



ମହାନ ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ
ଡଃ. ସଦାଶିବ ତ୍ରିପାଠୀଙ୍କ
ରାଜ୍ୟସ୍ତରୀୟ ଜୟନ୍ତୀ
୨୧ ଅପ୍ରେଲ, ୨୦୨୬

ସକାଳ ୮ ଘଟିକା ସମୟରେ କ୍ୟାପିଟାଲ ହସ୍ପିଟାଲ ଛକ, ଭୁବନେଶ୍ୱରସ୍ଥିତ ଡଃ. ସଦାଶିବ ତ୍ରିପାଠୀଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ଅତିଥିମାନଙ୍କ ଦ୍ୱାରା ମାଲ୍ୟାର୍ପଣ।

ସନ୍ଧ୍ୟା ୬ ଘଟିକା | ସାଧାରଣ ସଭା | ଜୟଦେବ ଭବନ, ଭୁବନେଶ୍ୱର

- ସଦୟ ଉପସ୍ଥିତି -
ଅବିଭକ୍ତ କୋରାପୁଟ ଜିଲ୍ଲାର ସାଂସଦ ଏବଂ ବିଧାୟକବୃନ୍ଦ

- ମୁଖ୍ୟବକ୍ତା -
ଶ୍ରୀଯୁକ୍ତ ଶୁଭେନ୍ଦୁ ମହାନ୍ତି
ଅବସରପ୍ରାପ୍ତ ପ୍ରାଧ୍ୟାପକ,
ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ, ଖୋର୍ଦ୍ଧା

- ଧନ୍ୟବାଦ ଅର୍ପଣ -
ଇଂ ଗୋଦାବରୀଶ ମହାପାତ୍ର
ଉପ ସଭାପତି, ଶବରୀ ସାଂସ୍କୃତିକ ସଂସଦ, ଭୁବନେଶ୍ୱର

ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ଶବରୀ ସାଂସ୍କୃତିକ ସଂସଦ, ଭୁବନେଶ୍ୱରର ମିଳିତ ସହଯୋଗରେ ଆୟୋଜିତ
ଏହି କାର୍ଯ୍ୟକ୍ରମରେ ଯୋଗଦେବାକୁ ବିନମ୍ର ଅନୁରୋଧ।

ସୂଚନା ଓ ଲୋକସମ୍ପର୍କ ବିଭାଗ
ଓଡ଼ିଶା ସରକାର
OIPR-15001/15001/2/26-27/0023

ବସ୍ତୁତଃ ଚାରିଆଡେ ଯେତେବେଳେ ଅବିଶ୍ୱାସର ରାଜତ୍ୱ ଜାରି ହୋଇ ରହିଛି- ସେତେବେଳେ ଦରକାର ହେଉଛି-ବିଶ୍ୱସ୍ତ ହେବା ଏବଂ ଝଡ ମଧ୍ୟରେ ଅଟଳ ଓ ଅବିଚଳିତ ରହିବା।-ଶ୍ରୀମା

-ଜଗଦ୍‌ଗୁରୁ ଆଦି ଶଙ୍କରାଚାର୍ଯ୍ୟଙ୍କ ଜୟନ୍ତୀ

# ବାଣ ଫୁଟୁଛି

ବାଣ କଥା ଉଠିଲେ ତାମିଲନାଡୁର ବିରୁଧନଗର ଜିଲାର ଶିବକାଶୀ ସହରାଞ୍ଚଳ ମନେପଡ଼େ। ସାଧାରଣରେ ଭାରତର ୯୦ ପ୍ରତିଶତ ବାଣ ଶିବକାଶୀରେ ତିଆରି ହୋଇଥାଏ। ଅତ୍ୟଧିକ କାରଖାନା ଥିବାରୁ ବିପଦ ମଧ୍ୟ ସବୁବେଳେ ଯୋଡ଼ିହୋଇ ରହୁଛି। ୧୯ ଏପ୍ରିଲରେ ବିରୁଧନଗର ଜିଲାର କଟ୍ଟନାରପଟ୍ଟି ଗ୍ରାମରେ ଥିବା 'ବନଜ' ବାଣ କାରଖାନାରେ ବିସ୍ଫୋରଣ ଘଟି ୨୫ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ କେତେଜଣ ଆହତ ହୋଇଛନ୍ତି। ମୃତ୍ୟୁସଂଖ୍ୟା ବଢ଼ିବ ବୋଲି କୁହାଯାଉଛି। ଚଳିତ ମାସ ୧୩ ତାରିଖରେ ଏହି ବିରୁଧନଗର ଜିଲାର ମୁଦାଥୁପଟ୍ଟିଠାରେ ଥିବା ଏକ୍ସେଲ ବାଣ କାରଖାନାରେ ବିସ୍ଫୋରଣ ଘଟିଥିଲା। ସେହିପରି ୨୦୨୪ ଫେବୃଆରୀ ୧୭ରେ ସେଠାରେ ଥିବା ଅନ୍ୟ ଏକ ବାଣ କାରଖାନାରେ ବିସ୍ଫୋରଣ ଘଟି ୧୦ ଜଣଙ୍କ ପ୍ରାଣ ଯାଇଥିଲା। ତାଲିକା ପ୍ରସ୍ତୁତ କଲେ ଲମ୍ବି ଚାଲିବ। ଓଡ଼ିଶାରେ ମଧ୍ୟ ବାଣ ବିସ୍ଫୋରଣଜନିତ ମୃତ୍ୟୁ ଘଟଣା ସମୟ ବ୍ୟବଧାନରେ ଶୁଣିବାକୁ ମିଳେ। ୩ ଏପ୍ରିଲରେ ନୟାଗଡ଼ ଜିଲା ନୂଆଗାଁ ଥାନା ଅନ୍ତର୍ଗତ କୋରଡ଼ା ଗ୍ରାମରେ ବାଣ ତିଆରି କରୁଥିବା ବେଳେ ବିସ୍ଫୋରଣ ଘଟିଥିଲା। ଏଥିରେ ୬ ଜଣ ଗୁରୁତର ଆହତ ହୋଇଥିଲେ। ପରେ ୫ ଦିନ ମଧ୍ୟରେ ୪ ଜଣଙ୍କ ମୃତ୍ୟୁ ଘଟିଥିଲା। ଦଶପଲ୍ଲା ଲଙ୍କାପୋଡ଼ି ଯାତ୍ରା ପାଇଁ ବାଣ ପ୍ରସ୍ତୁତ ବେଳେ ଏହି ଦୁର୍ଘଟଣା ଘଟିଥିଲା।

ବାଣ କାରଖାନାରେ ବାରମ୍ବାର ଦୁର୍ଘଟଣା ମାନବୀୟ ଅବହେଳା ଓ ପ୍ରଶାସନିକ ଉଦାସୀନତାର ପରିଣାମ ବୋଲି କହିହେବ। ଶିବକାଶୀ ଅଞ୍ଚଳ ଭାରତର ବାଣ ଉତ୍ପାଦନର ରାଜଧାନୀ ଭାବେ ପରିଚିତି ହାସଲ କରିଛି। ଏଠାରେ ଅନେକ ଲକ୍ଷ ଲୋକ ନିଯୁକ୍ତି ପାଇଛନ୍ତି। ନିଶ୍ଚିତ ଭାବେ ଅର୍ଥନୈତିକ ଦୃଷ୍ଟିକୋଣରୁ ଏହି ଅଞ୍ଚଳ ଗୁରୁତ୍ୱ ବହନ କରୁଛି। କିନ୍ତୁ ସମସ୍ୟା ହେଲା ଏହି ଅଞ୍ଚଳରେ ଅନେକ ବାଣ କାରଖାନା ବିନା ଲାଇସେନ୍ସରେ ଚାଲିଥାଏ। ବିଶେଷଜ୍ଞଙ୍କ ମତରେ ବହୁ ବାଣ କାରଖାନା ପେଟ୍ରୋଲିୟମ୍ ଆଣ୍ଡ୍ ଏକ୍ସପ୍ଲୋସିଭ୍ ସେଫ୍ଟି ଅର୍ଗାନାଇଜେଶନ (ପିଇଏସ୍‌ଓ) ଓ ପ୍ରଶାସନ ଦ୍ୱାରା ନିର୍ଦ୍ଧାରିତ ସୁରକ୍ଷା ନିୟମକୁ ଅନୁପାଳନ କରି ନ ଥାଆନ୍ତି। ବାଣ ପ୍ରସ୍ତୁତ ଲାଗି ପୋଟାସିୟମ୍ ନାଇଟ୍ରେଟ୍ ଓ ସଲ୍‌ଫର ଭଳି ରାସାୟନିକ ପଦାର୍ଥକୁ ସୁରକ୍ଷିତ ଢଙ୍ଗରେ ବ୍ୟବହାର କରୁ ନ ଥିବାରୁ ତାହା ବିସ୍ଫୋରଣର କାରଣ ପାଲଟିଥାଏ। ଏଥିସହିତ ଠିକ୍ ଭାବେ ବାଣକୁ ସାଇତି ନ ରଖିବା, ଘର୍ଷଣ ଓ ଅତ୍ୟଧିକ ଗରମ ଯୋଗୁ ଦୁର୍ଘଟଣା ମଧ୍ୟ ଘଟୁଥିବା ଜଣାପଡୁଛି। ନିୟମ ଉଲ୍ଲଂଘନ ଯୋଗୁ ଉତ୍ପାଦନ ଓ ଭଣ୍ଡାରଣସ୍ଥଳୀରେ ରକ୍ଷଣାବେକ୍ଷଣରେ ଓଲମବିଲମ୍ ହେବାରେ ଲାଗୁଛି। ପର୍ବପର୍ବାଣି ସହ ବିବାହବ୍ରତ ଓ ଉତ୍ସବାନୁଷ୍ଠାନରେ ବାଣ ବା ଆତସବାଜିର ଚାହିଦା ପ୍ରବଳ ରହୁଥିବାରୁ କାରଖାନା କର୍ତ୍ତୃପକ୍ଷ ଅତ୍ୟଧିକ ଲାଭକୁ ଦୃଷ୍ଟିରେ ରଖି ପ୍ରଚୁର ଉତ୍ପାଦନ କରିବାରେ ଲାଗିପଡୁଛନ୍ତି। ଚାହିଦା ଦେଖି ଅନେକେ ବେଆଇନ ଭାବେ କାରଖାନା ଚଳାଇ ବାଣ ତିଆରି କରୁଥିବା ବିଷୟ ପଦାକୁ ଆସିଥାଏ। ଫଳରେ ନିରାପତ୍ତା ବା ସୁରକ୍ଷା ଦିଗକୁ ଅଧିକାଂଶ ଦେଖିବାକୁ ତର ପାଇ ନ ଥାଆନ୍ତି। କାରଖାନାଗୁଡ଼ିକ ସୁରକ୍ଷା ନିୟମ ଅନୁପାଳନ କରୁଛନ୍ତି କି ନାହିଁ, ତାହାର ତଦାରଖ ପ୍ରଶାସନ କଠୋର ଭାବେ କରୁ ନ ଥିବାରୁ ଦୁର୍ଘଟଣା ଘଟିବା ସ୍ୱାଭାବିକ। କୁହାଯାଇପାରେ ଯେ, ଭାରତରେ କେବଳ ବାଣ କାରଖାନା ନୁହେଁ, ପ୍ରାୟତଃ ସବୁ କ୍ଷେତ୍ରରେ ସୁରକ୍ଷାରେ ଢିଲା ଥିବା ଲକ୍ଷ୍ୟ କରାଯାଏ।

> **ଦୁର୍ଘଟଣା ଘଟିବା ପରେ ତଦନ୍ତ ହେବା, କାଗଜପତ୍ର ଯାଞ୍ଚ କରାଯିବା ଓ ସର୍ବୋପରେ ମୃତକଙ୍କ ପରିବାରକୁ କିଛି କ୍ଷତିପୂରଣ ଦେଇ ପ୍ରଶାସନ କାମ ସାରିଦେଲେ ଏଭଳି ଘଟଣାର ପୁନରାବୃତ୍ତି ହେବା ନିଶ୍ଚିତ। ଏବର ସମୟ ହେଉଛି ସମସ୍ୟାର ମୂଳକୁ ଯାଇ ତ୍ରୁଟି ଖୋଜି ଅତିଶୀଘ୍ର ନିରାକରଣ ବାହାର କରିବାର।**

ବାଣ କାରଖାନାରେ ବିସ୍ଫୋରଣକୁ କେବଳ ଶିଳ୍ପ ସମସ୍ୟା ଭାବେ ଦେଖାଯିବା କଥା ନୁହେଁ। ସରକାରୀ ସ୍ତରରେ ଏଭଳି ଦୁର୍ଘଟଣାକୁ ରୋକିବା ଲାଗି ପଦକ୍ଷେପ ନିଆଯାଇପାରେ, ଯେପରି ସମସ୍ତ କାରଖାନାକୁ ନିୟମିତ ଓ ଅଚାନକ ତଦାରଖ କରାଯାଇ ଲାଇସେନ୍ସ ଯାଞ୍ଚକୁ କଡ଼ାକଡ଼ି କରାଯାଇପାରନ୍ତା। ଶ୍ରମିକଙ୍କ ପାଇଁ ତାଲିମ ବାଧ୍ୟତାମୂଳକ କରାଯିବା ସହ ସେମାନଙ୍କ ନିରାପତ୍ତା ଲାଗି ଉନ୍ନତ ସୁରକ୍ଷା ଉପକରଣ ଯୋଗାଇବାର ବ୍ୟବସ୍ଥା ହେବା ଦରକାର। ମାତ୍ର ଦୁର୍ଘଟଣା ଘଟିବା ପରେ ତଦନ୍ତ ହେବା, କାଗଜପତ୍ର ଯାଞ୍ଚ କରାଯିବା ଓ ସର୍ବୋପରେ ମୃତକଙ୍କ ପରିବାରକୁ କିଛି କ୍ଷତିପୂରଣ ଦେଇ ପ୍ରଶାସନ କାମ ସାରିଦେଲେ ଏଭଳି ଘଟଣାର ପୁନରାବୃତ୍ତି ହେବା ନିଶ୍ଚିତ। ଏବର ସମୟ ହେଉଛି ସମସ୍ୟାର ମୂଳକୁ ଯାଇ ତ୍ରୁଟି ଖୋଜି ଅତିଶୀଘ୍ର ନିରାକରଣ ବାହାର କରିବାର।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | 3 | 6 | | 9 |
| 5 | | | | | 2 | | | 8 |
| | | 1 | 7 | 4 | | | | 5 |
| | 7 | | | 2 | | | 8 | |
| | 5 | | | 8 | 7 | 3 | | |
| | | | 9 | | | | | |
| | | 7 | | | 5 | 9 | | |
| 1 | | | 8 | | | | | |
| | | | | | | | 7 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 4 | 9 | 6 | 2 | 5 | 3 | 7 | 1 | 8 |
| 1 | 2 | 5 | 9 | 8 | 7 | 4 | 6 | 3 |
| 3 | 7 | 8 | 4 | 6 | 1 | 9 | 5 | 2 |
| 6 | 1 | 7 | 5 | 9 | 8 | 3 | 2 | 4 |
| 8 | 3 | 9 | 1 | 4 | 2 | 5 | 7 | 6 |
| 2 | 5 | 4 | 7 | 3 | 6 | 1 | 8 | 9 |
| 9 | 4 | 2 | 8 | 7 | 5 | 6 | 3 | 1 |
| 7 | 8 | 3 | 6 | 1 | 9 | 2 | 4 | 5 |
| 5 | 6 | 1 | 3 | 2 | 4 | 8 | 9 | 7 |

ଗତକାଲିର ଉତ୍ତର

# ବାକ୍ ସ୍ୱାଧୀନତା ଓ କଟକଣା



ଦାଶରଥି ଭୂୟାଁ

ରାଜନୈତିକ କାରଣରୁ ସେନ୍ସର ବା କଟକଣା ପ୍ରସଙ୍ଗ ଏବେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଛି। ସେନ୍ସରଶିପ କହିଲେ ସାମାଜିକ ଭାବେ ଆପତ୍ତିଜନକ, ହାନିକାରକ, ସମ୍ବେଦନଶୀଳ, ଭୁଲ୍ ପ୍ରମାଣିତ, ଦେଶବିରୋଧୀ ଭାଷଣ ବା ମୁଦ୍ରଣର ଦମନକୁ ବୁଝାଏ। ସେନ୍ସରଶିପ ମୁଖ୍ୟତଃ ରାଜନୀତିକ, ଧାର୍ମିକ ଅଶ୍ଳୀଳତା ବା ନୈତିକ ଏବଂ ବୌଦ୍ଧିକ ବିରୁଦ୍ଧ କଟକଣା ହୋଇଥାଏ । ସାଧାରଣତଃ ଭାଷଣ, କଳା, ପୁସ୍ତକ, ପତ୍ରପତ୍ରିକା, ଖବରକାଗଜ, ଲେଖା, ପ୍ରବନ୍ଧ, ଆଲେଖ୍ୟ, ସ୍ତମ୍ଭଲେଖା, ସିନେମା, ନାଟକ, ଛବି, ଦୂରଦର୍ଶନ କାର୍ଯ୍ୟକ୍ରମ, ବେତାର କାର୍ଯ୍ୟକ୍ରମ, ଇଣ୍ଟରନେଟ, ୱେବ୍‌ସାଇଟ ଇତ୍ୟାଦିକୁ ଉପରୋକ୍ତ କାରଣରୁ ସେନ୍‌ସର କରାଯାଇଥାଏ। ଯଦି କୌଣସି ନିର୍ଦ୍ଦିଷ୍ଟ ଜାତି ପ୍ରତି ଅପମାନଜନିତ ଲେଖା ବା ପ୍ରସାରଣ ହୁଏ ଏବଂ ଏହି ଲେଖା ଗୋଟିଏ ନିର୍ଦ୍ଦିଷ୍ଟ ଜାତିର ଜୀବନଶୈଳୀ ପାଇଁ ବିପଦ ସୃଷ୍ଟିକରେ ସେତେବେଳେ ମଧ୍ୟ ସେନ୍ସର କରାଯାଏ। ଯଦି କୌଣସି ପୁସ୍ତକ, ପତ୍ରପତ୍ରିକା, ସିନେମା, ଟିଭି କାର୍ଯ୍ୟକ୍ରମରେ ଈଶ୍ୱରଙ୍କୁ ନିନ୍ଦା କରି କିଛି କୁହାଯାଇଥାଏ ତେବେ ତାହାର ସେନ୍ସର ହୁଏ। ଯଦି ପୁସ୍ତକରେ ଯୌନ ଉଦ୍ଦୀପନା, ସ୍ଥିତି ବା ପ୍ରତ୍ୟୁକ୍ତି ଥାଏ ଏବଂ ସମାଜରେ ହିଂସା, ଦଙ୍ଗା, ସାଂପ୍ରଦାୟିକତା ସୃଷ୍ଟିଲାଗି କୌଣସି ପ୍ରକାର ଲେଖା ପ୍ରକାଶପାଏ ତେବେ ତାହାକୁ ସେନ୍ସର କରାଯାଏ। ଯଦି କୌଣସି ପୁସ୍ତକରେ ଯାଦୁବିଦ୍ୟା, ଯନ୍ତ୍ର-ମନ୍ତ୍ର, ଭୂତ, ପିଚାଶ, ଡାହାଣୀ ବିଦ୍ୟା ଇତ୍ୟାଦି ସମ୍ପର୍କରେ ଲେଖା ପ୍ରକାଶ ପାଇଥାଏ ତେବେ ତାହାକୁ ମଧ୍ୟ ବାସନ୍ଦ କରାଯାଇଥାଏ।

ସଂଜୟ ଲୀଳା ଭଂସାଲୀଙ୍କ ସିନେମା 'ପଦ୍ମାବତୀ'ରେ ରାଣୀ ପଦ୍ମାବତୀ ଆଲାଉଦ୍ଦିନ ଖିଲିଜିଙ୍କ ସହିତ ରୋମାନ୍ସ କରିବା ଛବିକୁ କରଣୀ ସେନା ବିରୋଧ କରିଥିଲେ। ଐତିହାସିକ ଘଟଣାକୁ ବିକୃତ କରାଯାଇ ମହାରାଣୀମାନେ ସର୍ବସମ୍ମୁଖରେ ନାଚକରିବା ଦୃଶ୍ୟକୁ ବିରୋଧ କରାଯାଇଥିଲା। ଏହାପୂର୍ବରୁ ପିକେ ଚଳଚ୍ଚିତ୍ରରେ ହିନ୍ଦୁ ଦେବଦେବୀଙ୍କ ଉପରେ ଅଶାଳୀନ ଦୃଶ୍ୟ ବିବାଦ ସୃଷ୍ଟି କରିଥିଲା । ୨୦୦୫ ସେପ୍ଟେମ୍ବର ୩୦ରେ ଡେନମାର୍କର ଖବରକାଗଜ 'ଜିଲାଣ୍ଡସ' ଇସ୍‌ଲାମ ଧର୍ମଗୁରୁ ମହମ୍ମଦଙ୍କ ଛବିକୁ ବ୍ୟଙ୍ଗକରି ପ୍ରକାଶ କରିବାରୁ ସମଗ୍ର ବିଶ୍ୱର ମୁସଲିମ ସମୁଦାୟ ଲେଖାକୁ ବାସନ୍ଦ କରିଥିଲେ ଏବଂ ଏସମ୍ପର୍କିତ ହିଂସାଯୋଗୁ ୨୦୦ରୁ ଅଧିକ ଲୋକଙ୍କ ପ୍ରାଣହାନି ଘଟିଥିଲା। ୨୦୧୨ରେ ହଲିଉଡ୍ ସିନେମା 'ମୁସଲମାନଙ୍କ ନିରୀହପଣ' ବିଶ୍ୱର ମୁସଲିମ ସମାଜରେ ଉତ୍ତେଜନା ସୃଷ୍ଟି କରିଥିଲା ଏବଂ ଫଳସ୍ୱରୂପ ପ୍ରତିବାଦଜନିତ ହିଂସାରେ ଅନେକ ଲୋକଙ୍କ ଜୀବନ ଯାଇଥିଲା। ଅନ୍ୟ ଏକ ଇସଲାମ ବିରୋଧୀ ସିନେମା ଟ୍ରେଲର ନାକୋଉଲା ବାସଲୀଙ୍କ ଦ୍ୱାରା ପ୍ରସ୍ତୁତ କରାଯାଇ ୨୦୧୨ ଜୁଲାଇରେ ଏହାକୁ ୟୁ-ଟ୍ୟୁବରେ ଭରି ଦିଆଯାଇଥିଲା। ଏହି ସିନେମାରେ ମହମ୍ମଦଙ୍କ ବାସ୍ତବ ଜୀବନର ଟ୍ରେଲର ବୋଲି ଶିରୋନାମା ଦିଆଯାଇଥିଲା। ଏହାର ପ୍ରତିବାଦ ଇଜିପ୍ଟରୁ ଆରମ୍ଭ ହୋଇ ସମଗ୍ର ଇସଲାମ ରାଷ୍ଟ୍ରଙ୍କୁ ବ୍ୟାପିଥିଲା। ଏହି ସିନେମା ବିରୋଧରେ ଅନେକ ଫତୱା ଜାରି କରାଯାଇ ଥିଲା ଏବଂ ହିଂସା ଯୋଗୁ ୫୦ରୁ ଅଧିକ ଲୋକଙ୍କର ପ୍ରାଣହାନି ଘଟିଥିଲା। ଜେରୀ ସ୍ପ୍ରିଙ୍ଗର ଶୋ ଧାରାବାହିକରେ ବ୍ରିଟିଶ ସଂଗୀତ ରିଚାର୍ ଥୋମାସ ଏବଂ ଷ୍ଟିୱାର୍ଟ ଲି 'ଜେରୀ ସ୍ପ୍ରିଙ୍ଗର ଦି ଅପେରା' ନାମରେ ଏକ କାର୍ଯ୍ୟକ୍ରମ ପ୍ରସ୍ତୁତ କରିଥିଲେ। ଏଥିରେ ଖ୍ରୀଷ୍ଟଧର୍ମ ସମ୍ପର୍କରେ ଅଶ୍ଳୀଳତା ଏବଂ ବ୍ୟଙ୍ଗ ଛବିକୁ ପ୍ରକାଶ କରାଯାଇଥିବାରୁ ଏହା ବିରୋଧରେ ଅନେକ ଖ୍ରୀଷ୍ଟଧର୍ମୀ ଲୋକେ ଆପତ୍ତି କରିଥିଲେ। ୧୯୯୪ରେ ବାଲାଂଦେଶୀ ଲେଖିକା ତସଲିମା ନସରିନ 'ଲଜ୍ଜା' ପୁସ୍ତକ ରଚନା କରିବା ପରେ ସେଠାରୁ ତାଙ୍କୁ ପଳାୟନ ପାଇଁ ବାଧ୍ୟ କରାଯାଇଥିଲା। ସେଇ ପୁସ୍ତକରେ ସେ ଇସଲାମ ବିରୋଧୀ ଲେଖା ଲେଖିଥିବାରୁ ଇସଲାମଧର୍ମର ମୌଳବାଦୀମାନେ ତାଙ୍କୁ ଜୀବନରେ ମାରିଦେବା ପାଇଁ ଧମକ ଦେଇଥିଲେ। ତେଣୁ ସେ ୨୦୦୭ ପର୍ଯ୍ୟନ୍ତ ଭାରତର କଲିକତାରେ ରହିଥିଲେ। ସେ ତାଙ୍କର ଭାରତ ରହଣି ସମୟରେ ୨୦୦୫ରେ 'ଦ୍ୱିଖଣ୍ଡିତା' ପୁସ୍ତକ ରଚନା କରିଥିଲେ। ଏହି ପୁସ୍ତକ ସମ୍ପର୍କରେ ଭାରତରେ ଜନ ଅସନ୍ତୋଷ ଦେଖାଦେବା ପରେ ସରକାର ଏହି ପୁସ୍ତକ ବିରୋଧରେ ପ୍ରତିବନ୍ଧକ ଜାରି କରିଥିଲେ। ୧୯୮୮ରେ ସଲମାନ ରସିଦଙ୍କ ପୁସ୍ତକ ଦି ସଟାନିକରେ ଇସଲାମଧର୍ମ ସମ୍ପର୍କରେ ଆପତ୍ତିଜନକ ଲେଖା ପ୍ରକାଶ ପାଇଥିଲା। ୧୯୮୯ରେ ଇରାନର ରାଷ୍ଟ୍ରପତି ଆୟାତୋଲା ଖୋମିନି ଏହି ପୁସ୍ତକ ବିରୋଧରେ ଫତୱା ଜାରିକରିଥିଲେ ଏବଂ ସଲମାନଙ୍କୁ ହତ୍ୟା କରିବା ପାଇଁ ନିର୍ଦ୍ଦେଶନାମା ଜାରି କରିଥିଲେ। ତାଙ୍କର ଅନ୍ୟ ଏକ ପୁସ୍ତକ 'ମି ଚିଲ୍ଡ୍ରେନ'ରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କୁ ଆକ୍ଷେପ କରି କିଛି ଲେଖା ପ୍ରକାଶ ପାଇଥିଲା। ଇନ୍ଦିରା ଗାନ୍ଧୀଙ୍କ ଅବହେଳା ଯୋଗୁ ତାଙ୍କ ସ୍ୱାମୀଙ୍କ ମୃତ୍ୟୁ ହୋଇଥିଲା ବୋଲି ସଲମାନ ରସିଦ ଏହି ପୁସ୍ତକରେ ଲେଖିଥିଲେ। ଭାରତୀୟ ଚିତ୍ରକର ମକବୁଲ ଫିଦାହୁସେନ ମହାତ୍ମା ଗାନ୍ଧୀ, ମଦର ଟେରେସା, ରାମାୟଣ, ମହାଭାରତ, ବ୍ରିଟିଶରାଜକୁ ନେଇ ଅନେକ ବ୍ୟଙ୍ଗଚିତ୍ର ଆଙ୍କିଥିଲେ। ସରସ୍ୱତୀ, ଲକ୍ଷ୍ମୀ ଏବଂ ଭାରତମାତାଙ୍କ ନଗ୍ନଚିତ୍ର କରି ସେ ନିଜକୁ ବିବାଦମାନ କରିବାକୁ ଚାହିଁଥିଲେ। ଏହା ଭାରତୀୟ ହିନ୍ଦୁ ସମାଜକୁ ଆଘାତ ଦେଇଥିଲା। ୨୦୧୫ରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟ ସିଲାବସରେ ୨୪ ବର୍ଷଧରି ରହି ଆସିଥିବା ରାମାନୁଜନଙ୍କ ଲେଖା ଥ୍ରୀ ହଣ୍ଡ୍ରେଡ ରାମାୟଣ-ଫାଇଭ ଏକ୍ଜାମ୍ପଲସ ଆଣ୍ଡ ଥ୍ରୀ ଥଟ୍ସକୁ ବାଦ୍ ଦିଆଯାଇଥିଲା, ଯାହା ବିବାଦ ସୃଷ୍ଟି କରିଥିଲା।



ତେବେ ସେନ୍ସରଶିପ ଯୁକ୍ତିସଙ୍ଗତ କି? ଏଥିରେ ଦ୍ୱିମତ ରହିଛି। ସେନ୍ସରଶିପ ଯୁକ୍ତିସଙ୍ଗତ ନୁହେଁ ବୋଲି ଯେଉଁମାନେ ମତ ଦିଅନ୍ତି ସେମାନଙ୍କ ମତରେ ସତ୍ୟକୁ ଏବଂ ନୂତନ ଚିନ୍ତାଧାରାକୁ ଦବାଇଦେବାର ଏହା ଏକ ପ୍ରଚେଷ୍ଟା। ବାକ୍ ସ୍ୱାଧୀନତାକୁ ନ୍ୟାୟସଙ୍ଗତ କରିବା ପାଇଁ ଏହାକୁ ନିରୁତ୍ସାହିତ କରାଯିବା ଅନୁଚିତ। କୌଣସି ପ୍ରକାଶନକୁ ବାସନ୍ଦ ବା ସେନ୍‌ସର କରିବା ପୂର୍ବରୁ ତା'ର ବିଷୟବସ୍ତୁକୁ ପରୀକ୍ଷା କରାଯିବା ଉଚିତ। କାରଣ ଏହାର ପ୍ରକାଶନ ପୂର୍ବରୁ ସେନ୍ସର କରାଯିବା ଅର୍ଥ ବାକ୍ ସ୍ୱାଧୀନତାରୁ ବଞ୍ଚିତ କରିବା। ସିଦ୍ଧାନ୍ତଗତ ଦୃଷ୍ଟିରୁ ସେନ୍ସରଶିପର ବିଚାର ଉଦାରବାଦୀ ବ୍ୟକ୍ତିବାଦୀ ଚିନ୍ତାଧାରା, ସ୍ୱତନ୍ତ୍ରତାର ବିରୁଦ୍ଧ । ତଥାପି ଚିନ୍ତାଧାରା ସମାଜ ପାଇଁ ବିପଦ, ମିଥ୍ୟା ଏବଂ ଯାହା ସରକାରଙ୍କ ଦ୍ୱାରା ସ୍ଥାପିତ ମାନଦଣ୍ଡ ଦ୍ୱାରା ପ୍ରସ୍ତୁତ କରାଯାଇନାହିଁ ତାହା ପ୍ରତିବନ୍ଧକ ଲାଗି ଯୁକ୍ତିଯୁକ୍ତ। ଏକ ବହୁଜାତି, ବହୁଧର୍ମୀ, ବହୁଳବାଦୀ ସାଂସ୍କୃତିକ ସମାଜରେ କାହାର ଚିନ୍ତାଧାରା ଅନ୍ୟ କାହାର ମାନସିକତାରେ ବାଧା ସୃଷ୍ଟି କରିବ, ତେବେ ତାହାକୁ ସେନ୍ସର କରାଯିବା ଉଚିତ । ଔଚିତ୍ୟ ପ୍ଲାଟୋଙ୍କ ପୁସ୍ତକ ରିପବ୍ଲିକରେ ଦେଖିବାକୁ ମିଳେ। ସମାଜର ଯେଉଁ ବ୍ୟକ୍ତି ସତ୍ୟ-ମିଥ୍ୟା, ଠିକ-ଭୁଲ୍ ମଧ୍ୟରେ ପାର୍ଥକ୍ୟ ଦର୍ଶାଇବାରେ ସକ୍ଷମ ନୁହନ୍ତି ଏବଂ ଯାହାର ମସ୍ତିଷ୍କ ସମାଜକୁ ଭୁଲ୍‌ବାଟରେ ପରିଚାଳିତ କରିବାପାଇଁ ଚେଷ୍ଟିତ ତାହାକୁ ସେନସର କରାଯିବା ଉଚିତ। ପଶ୍ଚିମ ଉଦାରବାଦୀ ଗଣତାନ୍ତ୍ରିକ ପରମ୍ପରା ଏହିଭଳି ମତକୁ ଗ୍ରହଣ କରେନାହିଁ। ତଥାପି ସମାଜର ଅଧିକତମ ସାମାଜିକ, ଧାର୍ମିକ, ସାଂସ୍କୃତିକ ସମୁଦାୟକୁ ଏହା ଯଥେଷ୍ଟ ବଳ ଦେଉଛି। ଯେଉଁ ଚିନ୍ତାଧାରା ସମାଜ ବିରୋଧୀ କାର୍ଯ୍ୟକଳାପକୁ ଜନ୍ମ ଦିଏ ତା' ଉପରେ ପ୍ରତିବନ୍ଧକ ଲଗାଯାଏ। ଆମେରିକୀୟ ବିଚାରପତି ବେଣ୍ଡେଲ ହୋମ୍ସଙ୍କ ମତରେ ପ୍ରତ୍ୟେକ ଚିନ୍ତା ଓ ବିଚାର ଅନ୍ୟକୁ ଉତ୍ତେଜିତ ଓ ପ୍ରବର୍ତ୍ତାଇ ଥାଏ। ସମାଜରେ ସମସ୍ତ ଚିନ୍ତାଧାରାର ଉନ୍ମୁକ୍ତ ଆଦାନ-ପ୍ରଦାନ ହେବା ଆବଶ୍ୟକ। ଯେତେବେଳେ ରାଷ୍ଟ୍ର, ସରକାର ବା ସମାଜ କୌଣସି ବିଚାର ଓ ଚିନ୍ତାଧାରାରେ ପ୍ରତିବନ୍ଧକ ଲଗାନ୍ତି, ସେତେବେଳେ ଗୋଟିଏ ଚିନ୍ତା ଉପରେ ପ୍ରତିବନ୍ଧକ ଲଗାଯାଇ ନ ଥାଏ, ବରଂ ସେଇ ଚିନ୍ତାଧାରାରୁ ଉତ୍ପନ୍ନ ହେବାକୁ ଥିବା ପରିଣାମ ଉପରେ ମଧ୍ୟ ପ୍ରତିବନ୍ଧକ ଲଗାଯାଇଥାଏ। ତେଣୁ ବ୍ୟକ୍ତିର ଖୋଲା ବିଚାର ଓ ଚିନ୍ତାର ଅଭିବ୍ୟକ୍ତି ଏବଂ ସମାଜ ଉପରେ ଏହାର ପ୍ରଭାବ ମଧ୍ୟରେ ଏକ ସମନ୍ୱୟ ଅଣାଯିବା ଉଚିତ। ଅଶ୍ଳୀଳ ସାହିତ୍ୟ ଇଣ୍ଟରନେଟ ଯୁଗରେ ବିକଟାଳ ସମସ୍ୟା ଧାରଣ କରିଛି। ନଗ୍ନଚିତ୍ରର ପ୍ରସାରଣ ବୃଦ୍ଧି ପାଇବାରେ ଲାଗିଛି। ଏଗୁଡ଼ିକ ବିରୋଧରେ ପ୍ରତିବନ୍ଧକ ସତ୍ତ୍ୱେ ସୋସିଆଲ ମିଡିଆରେ ବିରୋଧୀଙ୍କୁ ଟାର୍ଗେଟ କରି ନକଲି, ମାନହାନିକାରକ ଏବଂ ଅପମାନଜନକ ଭିଡିଓ, ଅଡିଓ, ଲେଖାର ପ୍ରସାର ଜାରି ରହିଛି।

**ପ୍ରାଧ୍ୟାପକ, ବିଭାଗୀୟ ମୁଖ୍ୟ (ରାଜନୀତି ବିଜ୍ଞାନ), ନାଗାଲାଣ୍ଡ ବିଶ୍ୱବିଦ୍ୟାଳୟ**

**ମୋ:୭୦୦୮୧୩୨୧୩୪**

# ଚାଷ ଖୋଜୁଛି ମନ୍ତେଇ କୂଳ



ଡି. ଶୁଭମ୍

ସାମାଜିକ, ସାଂସ୍କୃତିକ ଓ ଅର୍ଥନୈତିକ ମାନଚିତ୍ରର ଦୃଶ୍ୟପଟକୁ ଆକଳନ କଲେ ଭଦ୍ରକ ଜିଲାକୁ ଏକ ପ୍ରମୁଖ ସ୍ଥାନ ଭାବେ ପରିଗଣିତ କରାଯାଇପାରେ। ସାଳନ୍ଦୀ, ବୈତରଣୀ, ମନ୍ତେଇର ସୁଦୀର୍ଘ ଜଳଧାରାକୁ ନେଇ ଭଦ୍ରକର ଜନଜୀବନ ସଂଗଠିତ। ଏସବୁ ଭିତରେ ଭଦ୍ରକ ଜିଲା ବାସୁଦେବପୁର ଠାରୁ ଅନତିଦୂରରେ ବହିଯାଉଥିବା ମନ୍ତେଇ ନଈ ଆଜି ବିକାଶଠୁ ଦୂରରେ। ମନ୍ତେଇ ପାଖ ଚାରବାଟିଆ ଘାଟ, କୋଷ୍ଟ କେନାଲ ଆମକୁ ସଂଗ୍ରାମର କଥା ବି କହେ। କେବଳ ମୂକସାକ୍ଷୀ ହୋଇ ରହିଲେ କେବେ ବିକାଶ ହୋଇପାରେନି। ଏହି ଜିଲା ଏବେ ବିକାଶର ନକ୍ସା ଆଙ୍କୁଛି। ଏସବୁ ଭିତରେ କିଛି ବାସ୍ତବ ଜିନିଷ ହଜି ନ ଯାଉ। ଏହାକୁ ବଞ୍ଚେଇ ରଖିବା ଦାୟିତ୍ୱ ଆମର। ନଈପଠାର ମାଟି ଅନେକ ମାତ୍ରାରେ ଏ ଅଞ୍ଚଳରେ ଯାଇଥିବାରୁ ଚାଷର କଥା ସାରା ଓଡ଼ିଶାରେ ପହଞ୍ଚିପାରନ୍ତା। ମନ୍ତେଇ କୂଳ ଚାଷ ପାଇଁ ସମୃଦ୍ଧ ହୋଇପାରନ୍ତା। କିନ୍ତୁ ଆଖିଦୃଶିଆ ନ ହେଲେ କିଏ କାହାକୁ ବା ପଚାରିବ। ଭଲ ଭିତରୁ ଶ୍ରେଷ୍ଠ ହେଲେ ଲୋକ ଚିହ୍ନନ୍ତି, ନ ହେଲେ ଅନେକ ଭଲ ଭିତରେ ସେତକ ବି ଲୁଚିଯାଏ।

ଇତିହାସ କହେ ମନ୍ତେଇ କୂଳ ପାଖରେ ଚାରବାଟିଆ ଏକ ଐତିହାସିକ ଘାଟ। ମନ୍ତେଇ କୂଳର ଏ ଘାଟ ସେ ସମୟରେ ଚାଷ ବାସ ପାଇଁ ଜଳସେଚନର ସୁବିଧା ନିମନ୍ତେ ୨୨୧ କିମିର ସୁଦୀର୍ଘ କେନାଲ ଖନନ କରାଯାଇଥିଲା, ତା'ର ନାଁ କୋଷ୍ଟକେନାଲ ଭାବେ ପରିଚିତ ଥିଲା। ହୁଗୁଳି ନଦୀ ଯାଏ ବ୍ୟାପ୍ତ ଏହି ଦୀର୍ଘ କେନାଲ ଜଳସେଚନ ସହ ଅନ୍ୟାନ୍ୟ ଜିନିଷ ପରିବହନରେ ସାହାଯ୍ୟ କରୁଥିଲା। ଏମିତି ବି କୁହାଯାଏ ଏହି ନଈ ବହି ବହି ବ୍ରାହ୍ମଣୀ ଓ ବୈତରଣୀର ତ୍ରିକୋଣଭୂମି ଦେଇ ଭିତରକନିକାରେ ମିଶିଛି। ଯଦି ଜଳସେଚନ କଥା ସେ ସମୟରେ ଚିନ୍ତା କରି ଏହି କେନାଲ ଖୋଳାଯାଇଥିଲା, ବର୍ତ୍ତମାନ ସମୟରେ ଏହାକୁ ଆଉ ଟିକେ ଅଧିକ ସ୍ୱୀକୃତି ମିଳିଲେ ଚାଷବାସଠୁ ଆରମ୍ଭ କରି ଚାଷୀକୁଳ ସଭିଏ ଉପକୃତ ହୋଇପାରନ୍ତେ।

କୃଷି କ୍ଷେତ୍ରରେ ପ୍ରଯୁକ୍ତିବିଦ୍ୟା ଓ ମନ୍ତେଇ କୂଳର ପାଣି ଆଉ ନଈ ପଠାର ମାଟିକୁ ବ୍ୟବହାର କରି ଆମେ ଚାଷବାସରେ ଆହୁରି ପାରଙ୍ଗମ ହୋଇପାରିବା। ତଥ୍ୟ ଅନୁସାରେ ୨୦୨୫ ସୁଦ୍ଧା ଭଦ୍ରକ ଜିଲାରେ ପଟୁ ମାଟିର ଆବଣ୍ଟନ ୮୩,୨୦୯ ହେକ୍ଟର ଥିବାବେଳେ ଲବଣ ମାଟି ୨୦,୨୦୦ ହେକ୍ଟର ଓ ବାଲିଆ ମାଟି ୧୯,୧୪୬ ହେକ୍ଟର । ଚାଷୀମାନେ ପ୍ରମୁଖ ଭାବରେ ଖରିଫ ଋତୁରେ ଧାନଚାଷ କରିବା ସହ ରବିରେ ମୁଗ, ବିରି, ସୋରିଷ, ସୂର୍ଯ୍ୟମୁଖୀ, ଚିନାବାଦାମ ପ୍ରମୁଖ ଚାଷ ବାସ କରାଯାଉଛି। ଓଡ଼ିଶାର ୨୦୨୫-୨୬ର ଅର୍ଥନୈତିକ ସର୍ଭେ ରିପୋର୍ଟ ପ୍ରକାଶ ପାଇଛି। ରାଜ୍ୟର ମୁଣ୍ଡପିଛା ଆୟ ବୃଦ୍ଧି ପାଇଛି ବୋଲି ଦର୍ଶାଯାଇଛି। କୃଷି ଆମ ରାଜର ଆର୍ଥିକ ବିକାଶରେ ପ୍ରମୁଖ ଯୋଗଦାନ ଦେଇଆସିଛି। ୨୦୨୪-୨୫ ଆର୍ଥିକ ବର୍ଷରେ ସର୍ବମୋଟ ୧୫୦ ଲକ୍ଷ ମେଟ୍ରିକ ଟନ ଖାଦ୍ୟ ଶସ୍ୟ ଉତ୍ପାଦନ ହୋଇଛି। ରାଜ୍ୟର ଉତ୍ପାଦକ କ୍ଷମତା ମଧ୍ୟ ୧୬୫ ଶତକଡ଼ାରେ ପହଞ୍ଚିଛି। ଭାରତର ପ୍ରମୁଖ ଧାନ ଉତ୍ପାଦନକାରୀ ରାଜ୍ୟ ମଧ୍ୟରୁ ଓଡ଼ିଶା ୬ ଶତକଡ଼ା ଯୋଗଦାନ ମଧ୍ୟ କରୁଛି। ଆମ ହେତୁହେବା ଦିନରୁ ଧାନ ଆମର ମୁଖ୍ୟ ଫସଲ ବୋଲି ଆମେ ଶୁଣି ଆସିଛୁ। ଆମ ପ୍ରଦେଶରେ ୮ପ୍ରକାରର ମୃତ୍ତିକା ଅଛି। ତେବେ ଆମ ଚାଷୀମାନେ କେବଳ ଧାନକୁ ଆଧାର କରି ଜୀବିକା ନିର୍ବାହ କଲେ କେବେ ହେଲେ ସଫଳ ହୋଇପାରିବେ ନାହିଁ। ସାଳନ୍ଦୀରୁ ମନ୍ତେଇ ଯାଏ ଚାଷୀ ବିକାଶର କଥା କହିବା ଦରକାର। ଆମ ପାଖରେ ପର୍ଯ୍ୟାପ୍ତ ସମ୍ବଳ ଅଛି। ହେଲେ ଟିକେ ମନୋବଳର ଆବଶ୍ୟକତା ଅଛି। ପ୍ରୋତ୍ସାହନର ସୁବିଧା ସୁଯୋଗ କରାଗଲେ ଚାଷୀ ନିଶ୍ଚିତ ଉପକୃତ ହୋଇପାରିବ। ଏଦିଗରେ କିଛି ଆବଶ୍ୟକୀୟ ତଥ୍ୟ ଉଲ୍ଲେଖ କରାଯାଉଛି। ୧.ମନ୍ତେଇ କୂଳର ଚାରବାଟିଆ ଘାଟ ପୁନରୁଦ୍ଧାର ଦିଗରେ ସରକାର ଚିନ୍ତା କରିବା ସହ ଏହାକୁ ପ୍ରାଥମିକତାର ସହ ଦୃଷ୍ଟିକୁ ନେଇ ବିଚାର କରାଗଲେ ଏହି କେନାଲ ପାଣିକୁ ବ୍ୟାପକ ମାତ୍ରାରେ ଚାଷ କାର୍ଯ୍ୟରେ ଲଗାଯାଇପାରିବ। ରାଜ୍ୟ ପାଣ୍ଡୁଲିପିରେ ଏହା ସ୍ୱତନ୍ତ୍ର ମାନ୍ୟତା ପାଉ। ଏହି କୂଳର ସୁରକ୍ଷା ବନ୍ଧ ଉପରେ ଯଥୋଚିତ ଧ୍ୟାନ ଦେବା ଜରୁରୀ। ୨. ଏକ ଦୀର୍ଘମିଆଦୀ ଜଳସେଚନ ପ୍ରକଳ୍ପକୁ ପାଇଲଟ ମୋଡ଼ରେ କାର୍ଯ୍ୟକାରୀ କରି କେବଳ ଧାନ ନୁହେଁ ଧାନ ସହ ଅଣଧାନ ଚାଷ ଦିଗରେ ଚାଷୀଙ୍କୁ ନିୟୋଜିତ କରାଯାଇପାରିବ। ଜିଲାରେ ଜୈବିକ ଚାଷର ପ୍ରସାର ଦିଗରେ କାର୍ଯ୍ୟ ଆରମ୍ଭ କରାଯିବା ସମୟ ଉପନୀତ। ୩.ଭଦ୍ରକ ଜିଲା ଯେହେତୁ ପର୍ଯ୍ୟଟନ ଦିଗରେ ଆଗୁଆ ତେଣୁ କୃଷିର ବିଭିନ୍ନ ଉତ୍ପାଦକୁ ମୂଲ୍ୟ ସଂଯୋଗ ପୂର୍ବକ ସ୍ଥାନୀୟ ପର୍ଯ୍ୟଟନ ସ୍ଥଳୀରେ ବିକ୍ରୟ କରାଯାଇପାରିବ। ଏହାଦ୍ୱାରା ଅନେକ ଲୋକ ରୋଜଗାର ପାଇପାରନ୍ତେ। ସ୍ଥାନୀୟ ମହିଳା ଗୋଷ୍ଠୀଙ୍କୁ ମଧ୍ୟ ଏଥିରେ ଯୋଡ଼ାଯାଇପାରନ୍ତା। ୪.ଜିଲାର ଅନେକ ସ୍ଥାନରେ ମାଛ ଓ ଚିଙ୍ଗୁଡ଼ି ଚାଷ ପ୍ରଚୁର ପରିମାଣରେ କରାଯାଉଥିଲେ ହେଁ ଏହାର ବ୍ୟାପକ ରପ୍ତାନି ଉପରେ ନଜର ଦିଆଗଲେ ସ୍ଥାନୀୟ ଚାଷୀଙ୍କ ଆୟ ବୃଦ୍ଧି ହୋଇପାରନ୍ତା। ୫. ଉପକୂଳିଆ ଅଞ୍ଚଳର ଅନେକ ଲୋକ ଏବେ ବି ଲୁଣା ଜଙ୍ଗଲ ବିଷୟରେ ଅଜ୍ଞ। ବନ୍ୟା ପ୍ରବଣ ଅଞ୍ଚଳରେ ଆଡ଼ିବନ୍ଧନିର୍ମାଣ ସହ ଲୁଣା ଜଙ୍ଗଲ ସୃଷ୍ଟିକରିବା ଦିଗରେ ଚାଷୀଙ୍କୁ ଯୋଡ଼ିବାକୁ ପ୍ରୟାସ ହେଉ। ୬.ଜିଲାର କୃଷି ବୈଜ୍ଞାନିକ ଓ ସମ୍ପ୍ରସାରଣ ଅଧିକାରୀଙ୍କର ବଳିଷ୍ଠ ଜ୍ଞାନ କୌଶଳ ଚାଷୀଙ୍କ ନିକଟରେ ଅଧିକରୁ ଅଧିକ ପ୍ରତ୍ୟକ୍ଷ ଭାବେ ପହଞ୍ଚିପାରିଲେ ୨୦୩୬ ସୁଦ୍ଧା ଓଡ଼ିଶା ବିକାଶରେ ଏହି ଅଞ୍ଚଳର ଅନେକ ଅବଦାନ ରହିବ।



**ଜୈବ ନିରୀକ୍ଷକ, ଓଡ଼ିଶା ରାଜ୍ୟ ଜୈବ ପ୍ରମାଣନ ସଂସ୍ଥା, ଭୁବନେଶ୍ୱର**

**ମୋ :୯୪୩୮୪୬୭୦୭୯**

## ଏଇ ଭାରତରେ

ରାଘବ ରାୟ। ଦ୍ୱାଦଶ ଶ୍ରେଣୀର ଛାତ୍ର ଏବଂ ପଢ଼ା ଭିତରେ ସମୟ ବାହାରକରି ସମାଜ ସେବାରେ ଲାଗିଛନ୍ତି। ବିଶେଷକରି ସେ ଦିଲ୍ଲୀର ବସ୍ତିଗୁଡ଼ିକର ଅଗଣାରେ ବଗିଚା କରାଇବାରେ ମହିଳାଙ୍କୁ ସହଯୋଗ କରୁଛନ୍ତି। ଏହି ମହିଳାମାନେ ହେଉଛନ୍ତି ରାଘବଙ୍କ ପାଖରେ ଫୁଟ୍‌ବଲ ଶିଖୁଥିବା ପିଲାମାନଙ୍କ ମା'ମାନେ । ରାଘବ ଏବେ ଫୁଟ୍‌ବଲ ଖେଳିବା ସହ ଜୟଦୀପ ଭାଟିଆଙ୍କ ପ୍ରତିଷ୍ଠିତ ଏନ୍‌ଜିଓ 'ମୋର୍ ଦ୍ୟାନ୍ ପ୍ଲେ' ସହ ଜଡ଼ିତ ରହି ଉଦ୍ୟାନ କୃଷିକୁ ପ୍ରୋତ୍ସାହିତ କରୁଛନ୍ତି। ତାଙ୍କ ପାଖରେ ଦିଲ୍ଲୀର ନିଜାମୁଦ୍ଦିନ ବସ୍ତି, ସରାଇକାଲେ ଖାନ, କୁସୁମପୁର ପାହାଡ଼ି ଏବଂ ଅଲି ଭିଲେଜର ୮୫ ପିଲା ଫୁଟ୍‌ବଲ ଶିଖୁଛନ୍ତି। ସେମାନେ ପ୍ରତିଦିନ କିଭଳି ପୁଷ୍ଟିକର ଖାଦ୍ୟ ପାଇ ପାରିବେ ତାହାକୁ ଲକ୍ଷ୍ୟକରି ଏଭଳି ଅଭିଯାନ ଆରମ୍ଭ କରାଯାଇଛି। ବସ୍ତିର ଘରଗୁଡ଼ିକ ସାମ୍ନାରେ ଥିବା କମ୍ ଜାଗାରେ ଏଭଳି ଉଦ୍ୟାନକରି ପିଲାଙ୍କ ମା'ମାନେ ବିଭିନ୍ନ ପନିପରିବା ଚାଷ କରୁଛନ୍ତି। ଏଥିପାଇଁ ମୋର୍ ଦ୍ୟାନ୍ ପ୍ଲେ ତରଫରୁ ଆର୍ଥିକ ସହଯୋଗ କରାଯାଉଛି। ପ୍ରଥମେ ୫ଟି ପରିବାରରେ ଏହି ବଗିଚା ଆରମ୍ଭ କରାଯାଇଥିଲା। ଏବେ ୪୫ ଜଣ ପିଲାଙ୍କ ମା'ମାନେ ଅଗଣାରେ ପରିବା ଚାଷକରି ସଫଳ ହୋଇସାରିଲେଣି।

## ୫୦ ବର୍ଷ ତଳର ଧରିତ୍ରୀ

**୨୧ ଏପ୍ରିଲ ୧୯୭୬**

- ଭାରତରେ ପ୍ରଥମ ଥର ଲାଗି କେନ୍ଦ୍ର ସରକାରଙ୍କ ଉଦ୍ୟୋଗରେ କେନ୍ଦ୍ରୀୟ ପରିବହନ କର୍‌ପୋରେଶନ ଲିମିଟେଡକୁ ଭାଙ୍ଗି ଦିଆଯାଇଛି।
- 'ସମାଚାର' ସମ୍ବାଦ ସରବରାହ ସଙ୍ଗଠନର କାର୍ଯ୍ୟାବଳୀ ଅନୁସନ୍ଧାନ କରି ଭାବି ରୂପରେଖ ସ୍ଥିର କରିବା ନିମନ୍ତେ କେନ୍ଦ୍ର ସରକାର ଏକ ୧୨ ଜଣିଆ କମିଟି ନିଯୁକ୍ତ କରିଛନ୍ତି।

## ଚିରନ୍ତନୀ

ବଂଶୀ କାନ୍ଦିଗଲା ଦୂର ବିଲବନପଥେ
ସ୍ୱର ରହିଗଲା ଏ ମୋର ମରମଗତେ,
ଦୂର ଅତୀତର ଶୁଭୁଥିଲା ଭାଷା
କି ଗହନ ବ୍ୟଥା ଦୁରନ୍ତ ଦୁରାଶା
ସନ୍ଧ୍ୟା ସୁନ୍ଦରୀ ସ୍ୱର୍ଣ୍ଣ ମେଘର ରଥେ
ସଜଳ ନୟନେ ଚାହିଁଥିଲା ବନପଥେ ।

-(ଲୋହିତ ବ୍ୟଥା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ସାଧାରଣ ଗ୍ରାହକଙ୍କ ଦୁର୍ଦ୍ଦଶା

**ମହାଶୟ,**

ସୁନାଗହଣା ଆଜି ଆବଶ୍ୟକତାଠାରୁ ଅଧିକ ସାମାଜିକ ଚାପର ପ୍ରତୀକ ହୋଇପଡ଼ିଛି। ଲୋକେ ଜମି ବିକି ମଧ୍ୟ ସୁନା କିଣୁଛନ୍ତି, କିନ୍ତୁ ସେହି ଗହଣା ବ୍ୟବହାର କରିବାକୁ ଭୟ ପାଉଛନ୍ତି । ସୁରକ୍ଷା ନିମନ୍ତେ ଲକରରେ ରଖିଦେଉଛନ୍ତି। ଏଠାରେ ମୁଖ୍ୟ ପ୍ରଶ୍ନ, ସୁନାଗହଣା ଅନିବାର୍ଯ୍ୟ କି ? ଗହଣା ପରିବର୍ତ୍ତେ ସୁନା ମୋହର କିମ୍ବା ଡିଜିଟାଲ ଗୋଲ୍ଡ, ଗୋଲ୍ଡ ଇଟିଏଫ୍ ପରି ବିକଳ୍ପ କାହିଁକି ବିଚାରକୁ ନିଆଯାଉନାହିଁ ? ଗହଣା କିଣିବାବେଳେ ଗଢ଼ା ମଜୁରି ଦେବାକୁ ପଡ଼େ, କିନ୍ତୁ ବିକ୍ରି ବେଳେ ଏହାର କୌଣସି ମୂଲ୍ୟ ମିଳେନାହିଁ, ଯାହା ଗ୍ରାହକ ପାଇଁ କ୍ଷତିକାରକ। ସରକାର ଓ ପ୍ରଶାସନର ଏଠାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ସୁନାଗହଣାର ଗଢ଼ା ମଜୁରି ନିର୍ଦ୍ଧାରଣରେ ସ୍ପଷ୍ଟ ନୀତି ଆଣିବା, ଏହାକୁ ସାର୍ବଜନୀନ କରିବା ଏବଂ ଗ୍ରାହକଙ୍କ ସ୍ୱାର୍ଥ ସୁରକ୍ଷା କରିବା ଅତ୍ୟାବଶ୍ୟକ। ସେହିପରି ସୁନାର ଗୁଣବତ୍ତା ସହ ଗଢ଼ା ମଜୁରିରେ ସ୍ୱଚ୍ଛତା ଗ୍ରାହକଙ୍କ ବିଶ୍ୱସନୀୟତା ବଢ଼ାଇବ। ସୁନାର ଚମକ ଯେତେ ଆକର୍ଷଣୀୟ ସୁନା ଅଳଙ୍କାରରେଲାଗୁଥିବା ଗଢ଼ା ମୂଲ୍ୟ ସେତିକି ବିଭ୍ରାନ୍ତିକର। ଗଢ଼ା ମୂଲ୍ୟରେ ଦେଖାଯାଉଥିବା ଜଟିଳତା ହଟିଲେ ସାଧାରଣ ଗ୍ରାହକ ଉପକୃତ ହୋଇପାରିବେ।

**-ଅନନ୍ତ ଚରଣ ସ୍ୱାଇଁ, ପଲେଇ, ଚାନ୍ଦୋଳ, କେନ୍ଦ୍ରାପଡ଼ା**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com
(Use only for letters to Editor, news & news photos)

# ୧,୩୨,୩୯୫ ଚାଷୀଙ୍କୁ ମିଳିଲା ସିଏମ୍ କିଷାନ କିସ୍ତି



ଗଁଦିଆଠାରେ ପୂଜାପାଠ କରାଯାଇ ଅଖିମୁଠି ଅନୁକୂଳ କରାଯାଉଛି।

## ଜିଲାସ୍ତରୀୟ କୃଷକ ଦିବସ, ଅଖିମୁଠି ଅନୁକୂଳ

ଢେଙ୍କାନାଳ,୨୦।୪(ରତନ ନାୟାର)

ଢେଙ୍କାନାଳ ଜିଲା ଗଁଦିଆସ୍ଥିତ ସରକାରୀ ବିହନ ଉତ୍ପାଦନ କୃଷି ଫାର୍ମଠାରେ ସୋମବାର ଅକ୍ଷୟ ତୃତୀୟା ଅବସରରେ ଜିଲାସ୍ତରୀୟ କୃଷକ ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗଦେଇ ଅଖିମୁଠି ଅନୁକୂଳ କରିଥିଲେ। ଆୟୋଜିତ ସଭାରେ ଯୋଗଦେଇ ମନ୍ତ୍ରୀ କୃଷି ଓ କୃଷକ ବନ୍ଧୁମାନଙ୍କ ଉନ୍ନତି କାମନା କରିଥିଲେ। ସିଏମ୍ କିଷାନ କିସ୍ତି ୨ ହଜାର ଟଙ୍କା ଲେଖାଏ ଅର୍ଥ ରାଶି ପ୍ରଦାନ ଯୋଗୁ ଜିଲାର ୧ ଲକ୍ଷ ୩୨ହଜାର ୩୯୫ ଜଣ ଚାଷୀ ଉପକୃତ ହେବେ। ଜିଲାର ସମସ୍ତ ଚାଷୀଙ୍କ ଠାରୁ ମୋଟ ୧ ଲକ୍ଷ ୬୩ ହଜାର ମେଟ୍ରିକ ଟନ୍ ଧାନ କିଣାଯାଇଛି ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ। କୃଷିକୁ ପ୍ରୋତ୍ସାହିତ କରାଯାଉଥିବା ହେତୁ ରାଜ୍ୟରେ ରେକର୍ଡ ପରିମାଣର ଧାନ ଉତ୍ପାଦନ ହୋଇପାରିଛି ବୋଲି କୃଷକମାନଙ୍କୁ ଧନ୍ୟବାଦ ଜଣାଇଥିଲେ। ଏହି ଅବସରରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ ଆୟୋଜିତ ଏକ କୃଷି ସଚେତନତା ରଥକୁ ମନ୍ତ୍ରୀ ଶୁଭାରମ୍ଭ କରିଥିଲେ। ଏହି ଦିବସ ପାଳନ କାର୍ଯ୍ୟକ୍ରମରେ ଜିଲାପାଳ ଆଶିଷ ଈଶ୍ୱର ପାଟିଲ, ଜିଲା ପରିଷଦ ସଭାପତି ଅର୍ଚ୍ଚନା ପୁହାଣ, କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ବିମଳେନ୍ଦୁ ମହାନ୍ତି, ବିଭାଗୀୟ କୃଷି ଅଧିକାରୀ, ଚାଷୀମାନେ ଯୋଗ ଦେଇଥିଲେ। ମୁଖ୍ୟ ଜିଲା କୃଷି ଅଧିକାରୀ ବିଶ୍ୱନାଥ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

# ତୁରନ୍ତ ରନ୍ଧା ଖାଦ୍ୟ ଦେବାକୁ ଉପଜିଲାପାଳଙ୍କ ନିର୍ଦ୍ଦେଶ

## ଅଙ୍ଗନୱାଡ଼ି କେନ୍ଦ୍ରରୁ ଶିଶୁ ଉପାସରେ ଫେରିବା ଘଟଣା

ପରଜଙ୍ଗ,୨୦।୪ (ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ପରଜଙ୍ଗ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧୀନରେ ଥିବା କେତୋଟି ଅଙ୍ଗନୱାଡ଼ି କେନ୍ଦ୍ରରେ ଅଣ୍ଡା ଓ ରନ୍ଧା ଖାଦ୍ୟଦେବାରେ ଅନିୟମିତତା ଦେଖାଦେଇଥିବା ଅଭିଯୋଗ ପରେ ଉପଜିଲାପାଳ ଦିନମଣି ନାୟକ ସୋମବାର ଏହାର ତଦନ୍ତ କରିଛନ୍ତି। ଏଥିସହ ମଙ୍ଗଳବାରଠାରୁ ତୁରନ୍ତ ରନ୍ଧ୍ୟା ଖାଦ୍ୟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

ସୂଚନାଯୋଗ୍ୟ, ଗେଙ୍ଗୁଟିଆ ଅଙ୍ଗନୱାଡି କେନ୍ଦ୍ରରେ ଚଳିତ ମାସ ୧ ତାରିଖଠାରୁ କୋମଳମତି ଶିଶୁଙ୍କୁ ରନ୍ଧାଖାଦ୍ୟ ଖାଇବାକୁ ପ୍ରଦାନ କରାଯାଉନାହିଁ। ଏପରି କି ଶିଶୁଙ୍କ ହାତରେ କଞ୍ଚା ଅଣ୍ଡା ଗୋଟିଏ ଲେଖାଏ ଧରାଇ ଦିଆଯାଉଛି। ଫଳରେ ପିଲାମାନେ ଭୋକରେ ଘରକୁ ଫେରୁଛନ୍ତି। ଏଥିସହ ଗର୍ଭବତୀ, ପ୍ରସୂତି, ୭ ମାସରୁ ୩ ବର୍ଷ ପର୍ଯ୍ୟନ୍ତ ଶିଶୁଙ୍କୁ ମାସିକ ୧୨ଟି ଅଣ୍ଡା, କିଶୋରୀ ବାଳିକାଙ୍କ ପାଇଁ ୧୬ଟି ଅଣ୍ଡା ସରକାରଙ୍କ ପକ୍ଷରୁ ପ୍ରଦାନ କରାଯିବାର ନିୟମ ଥିବାବେଳେ ତେବେ ତାହା ମଧ୍ୟ ଠିକ୍ ଭାବେ ଦିଆଯାଉ ନ ଥିବା ଅଭିଯୋଗ ହୋଇଥିଲା। ଏହାପରେ ଉପଜିଲାପାଳ ପରଜଙ୍ଗ ବ୍ଲକରେ ପହଞ୍ଚି ତଦନ୍ତ କରିଥିଲେ। ତଦନ୍ତ ବେଳେ ଉପସ୍ଥିତ ଗେଙ୍ଗୁଟିଆ କେନ୍ଦ୍ରର କର୍ମୀ ସୀତା ସାହୁ କହିଥିଲେ, ଗର୍ଭବତୀ, ପ୍ରସୂତିଙ୍କୁ, ୩ ବର୍ଷର ଶିଶୁଙ୍କୁ ୧୦ଟି, କିଶୋରୀ ବାଳିକାଙ୍କୁ ୧୨ଟି ଲେଖାଏ ଅଣ୍ଡା ଦିଆଯାଉଛି। ଚାଉଳ ନ ଥିବାରୁ ଓ ବାକି ଟଙ୍କା ପାଇବାକୁ ଥିବାରୁ ରୋଷେଇ ନ କରି କଞ୍ଚା ଅଣ୍ଡା ଦିଆଯାଉଛି। ଅଣ୍ଡା ଦାମ ଅଧିକ ଥିବାରୁ କମ୍ ଅଣ୍ଡା ଦିଆଯାଉଛି। ଚାଉଳ ମିଳିଲେ ରନ୍ଧା ଖାଦ୍ୟ ଦିଆଯିବ। କିନ୍ତୁ ସିଡିପିଓ ସ୍ୱର୍ଣ୍ଣଲତା ମହାପାତ୍ର ସରକାର ଗୋଟିକ ଅଣ୍ଡାକୁ ୭ ଟଙ୍କା ହିସାବରେ ଅର୍ଥ ଦେଉଥିବାବେଳେ ବଜାର ଦର ତାହାଠାରୁ କମ୍ ରହିଥିବା ଉପଜିଲାପାଳଙ୍କୁ ସୂଚନା ଦେଇଥିଲେ। ଏଥିସହ ବ୍ଲକ ସାରା ଅନେକ କେନ୍ଦ୍ରରେ କମ୍ ଅଣ୍ଡା ଦିଆଯାଉଥିବା ସିଡିପିଓଙ୍କ ନିକଟକୁ ଅଭିଯୋଗ ଆସୁଛି ବୋଲି କହିଥିଲେ। ସେହିପରି ପରଜଙ୍ଗ ୨ ନମ୍ବର ଅଙ୍ଗନୱାଡ଼ି କେନ୍ଦ୍ରରେ କିଶୋରୀ ବାଳିକା ଏବଂ ଗର୍ଭବତୀ, ପ୍ରସୂତିଙ୍କୁ କମ୍ ଅଣ୍ଡା ଦିଆଯାଉଥିବା ଅଭିଯୋଗ ହୋଇଥିଲା। ଉକ୍ତ କେନ୍ଦ୍ରର କର୍ମୀ ନିରୁପମା ଜେନା ତଦନ୍ତ ବେଳେ କହିଛନ୍ତି, ସମସ୍ତ କର୍ମୀ କଥା ହୋଇ ନିଷ୍ପତ୍ତି ନେଇଛୁ। ତଦନ୍ତ ବେଳେ ଉପଜିଲାପାଳଙ୍କୁ ସିଡିପିଓ କହିଥିଲେ, ଚଳିତ ମାସ ୪ ତାରିଖରେ ଉକ୍ତ କେନ୍ଦ୍ରକୁ ୧ କୁଇଣ୍ଟାଲ ଚାଉଳ ଦିଆଯାଇଥିବାବେଳେ ଅଣ୍ଡା ପାଇଁ ଟଙ୍କା ଛଡ଼ା ଯାଇଛି। ପ୍ରତିମାସ ଠିକ୍ ଭାବେ ଅଣ୍ଡା ବଣ୍ଟନ ହେଉ ନ ଥିବାବେଳେ ବିଲ୍ ଅଫିସରେ ପ୍ରଦାନ କରାଯାଉଛି। ତୁରନ୍ତ ମଙ୍ଗଳବାରଠାରୁ କେନ୍ଦ୍ରରେ ଶିଶୁଙ୍କୁ ରନ୍ଧାଖାଦ୍ୟ ଓ ଠିକ୍ ଭାବେ ଅଣ୍ଡା ପ୍ରଦାନ କରିବାକୁ ଉପଜିଲାପାଳ କର୍ମୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବ୍ୟତିକ୍ରମ କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଥିଲେ। ଏଥିସହ ବ୍ଲକ ସାରା କେତେ ଅଣ୍ଡା ଦୁର୍ନୀତି ହୋଇଛି ତାହାର ବିଧିବଧ ତଦନ୍ତ କରି ରିପୋର୍ଟ ଦେବାକୁ ସିଡିପିଓଙ୍କୁ ଉପଜିଲାପାଳ ନାୟକ ନିର୍ଦ୍ଦେଶ ଦେଇଛନ୍ତି।

# କ୍ରୀଡ଼ା ଘୋଷକ ଅମିୟ ଚାନ୍ଦ ସମ୍ମାନିତ



ଅମିୟ ଚାନ୍ଦ ସମ୍ମାନିତ କରାଯାଉଛି।

ଢେଙ୍କାନାଳ,୨୦।୪(ରତନ ନାୟାର)

ଓଡ଼ିଶାର ଖ୍ୟାତି ସମ୍ପନ୍ନ ବରିଷ୍ଠ ଅନ୍ତର୍ଜାତୀୟ କ୍ରୀଡ଼ା ଘୋଷକ ତଥା ଭାରତୀୟ ନୌସେନାରୁ ସେବା ନିବୃତ୍ତ ଡ. ଅମିୟ ଚାନ୍ଦଙ୍କୁ ଗ୍ଲୋବାଲ୍ ହ୍ୟୁମାନ୍ ୱେଲ୍‌ଫେୟାର୍ ଟ୍ରଷ୍ଟ ତରଫରୁ ଦ୍ରୌପଦୀ ମୁର୍ମୁ ରାଷ୍ଟ୍ରୀୟ ଗୌରବ ସମ୍ମାନରେ ସମ୍ମାନିତ କରାଯାଇଛି। ଢେଙ୍କାନାଳ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର ଏହି ପ୍ରଶଂସାପତ୍ର ଚାନ୍ଦଙ୍କୁ ପ୍ରଦାନ କରି ଶୁଭେଚ୍ଛା ଜଣାଇଥିଲେ। ୧୯୭୧ ମସିହା ଭାରତ-ପାକିସ୍ତାନ ମଧ୍ୟରେ ହୋଇଥିବା ଯୁଦ୍ଧରେ ଡ. ଚାନ୍ଦ ଭାରତୀୟ ନୌବାହିନୀ ତରଫରୁ ଅଂଶଗ୍ରହଣ କରି ବିଜୟ ପଦକ ପ୍ରାପ୍ତ ହୋଇଥିଲେ। ସୂଚନାଯୋଗ୍ୟ, ଗତ ଡିସେମ୍ବରରେ କଟକର ଶାରଳା ଭବନଠାରେ ଓଡ଼ିଶା ହାଇକୋର୍ଟର ବିଚାରପତି ତାଙ୍କୁ ୱାର ହିରୋ ସମ୍ମାନ ପ୍ରଦାନ କରିବା ସହିତ ଆଗାମୀ ପିଢ଼ି ପାଇଁ ଏକ ପ୍ରେରଣାର ଉତ୍ସ ବୋଲି ପ୍ରକାଶ କରିଥିଲେ।

# କିଷାନ କଂଗ୍ରେସ ପକ୍ଷରୁ ଅକ୍ଷୟତୃତୀୟା



କିଷାନ କଂଗ୍ରେସ ପକ୍ଷରୁ ଅକ୍ଷୟ ତୃତୀୟା ପାଳନ କରାଯାଉଛି।

ଢେଙ୍କାନାଳ,୨୦।୪(ରତନ ନାୟାର)

ଢେଙ୍କାନାଳ ଜିଲା କିଷାନ କଂଗ୍ରେସ ତରଫରୁ ସଦର ବ୍ଲକ୍ ଚାଉଳିଆ ପଞ୍ଚାୟତ ଖମାର ଗ୍ରାମଠାରେ ଜିଲା ସଭାପତି ବିପ୍ରବର ସାହୁଙ୍କ ନେତୃତ୍ୱରେ ଅକ୍ଷୟ ତୃତୀୟା ସୋମବାର ପାଳିତ ହୋଇଯାଇଛି। ଜିଲା କଂଗ୍ରେସ କମିଟି ସଭାପତି ଛବିରାଜ ବିଶ୍ୱାଳ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଆ ଜାତିର ମହାନ୍ ପର୍ବ ଅକ୍ଷୟ ତୃତୀୟାକୁ ଉଦ୍‌ଘାଟନ କରି ଚାଷୀମାନେ ସମାଜର ମେରୁଦଣ୍ଡ ବୋଲି କହିଥିଲେ। ମା' ଦୁର୍ଗାଙ୍କ ମନ୍ଦିରରେ ପୂଜାର୍ଚ୍ଚନା ପରେ ପଟୁଆରରେ ଚାଷୀମାନେ ହଳବଳଦ ଧରି ବିଲକୁ ଯାଇଥିଲେ। କିଷାନ ସଂଯୋଜକ ଗୟାରାମ ସେଠୀ ସଂଯୋଜନା କରିଥିଲେ। ଚାଷୀମାନେ ବିଲରେ ହଳ କରୁଥିବାବେଳେ ହଳିଆ ଗୀତ ସମସ୍ତଙ୍କୁ ଆନନ୍ଦ ଦେଉଥିଲା। କାର୍ଯ୍ୟକାରୀ ସଭାପତି ନକୁଳ ରାଉତ ଏବଂ ସାଧାରଣ ସମ୍ପାଦକ ହେମନ୍ତ ବେହେରା, ଉପସଭାପତି ବିପିନ୍ ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମହିଳା ଚାଷୀମାନେ ବିଧି ମୁତାବକ ପୂଜାର୍ଚ୍ଚନା କରିଥିଲେ। ଚାଷୀମାନେ ହରିବୋଲ ହୁଳହୁଳି ଦେଇ ଧାନ ବୁଣିଥିଲେ। ହେମନ୍ତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ୯ରେ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

ଢେଙ୍କାନାଳ,୨୦।୪(ରତନ ନାୟାର)

ଢେଙ୍କାନାଳ ଜିଲାସ୍ତରୀୟ ଓ ତାଲୁକସ୍ତରୀୟ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଆସନ୍ତା ୯ ତାରିଖ ଶନିବାର ପ୍ରତ୍ୟେକ ଜିଲାସ୍ତରୀୟ ଓ ତାଲୁକସ୍ତରୀୟ ବିଚାର ବିଭାଗୀୟ କୋର୍ଟ ପରିସରରେ ଅନୁଷ୍ଠିତ ହେବ। ଏଥିରେ ଦେୱାନି, ଫୌଜଦାରୀ(ସାଲିସଯୋଗ୍ୟ), ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ, ବ୍ୟାଙ୍କରଣ, ବିଦ୍ୟୁତ ଓ ଜଳଯୋଗାଣ, ପାରିବାରିକ, ଜମି ଅଧିଗ୍ରହଣ, ଶ୍ରମ ବିବାଦ, ଚେକ୍ ବାଉନ୍ସ ମାମଲା ଆଦି ବାଚାରାଧୀନ ମାମଲାର ଆପୋସ ସହମତିରେ ସମାଧାନ କରାଯାଇପାରିବ। ପ୍ରାକ ମକଦ୍ଦମା ସ୍ତରୀୟ (କଚେରିରେ ଦାଏର ହୋଇ ନ ଥିବା) ବିବାଦର ମଧ୍ୟ ସମାଧାନ ହୋଇପାରିବ। ଲୋକ ଅଦାଲତରେ ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ପଡ଼େନାହିଁ। ଲୋକ ଅଦାଲତର ରାୟ ବୈଧ ଓ ଚୂଡ଼ାନ୍ତ। ଯଦି କୌଣସି ବିଚାରାଧୀନ ମକଦ୍ଦମା ଲୋକ ଅଦାଲତ ମାଧ୍ୟମରେ ହୁଏ, ଆଗରୁ ପୈଠ ହୋଇଥିବା କୋର୍ଟ ଫି ଫେରସ୍ତ ହୋଇପାରିବ। ଦୀର୍ଘଦିନ ଧରି ଚାଲୁ ରହିଥିବା ମକଦ୍ଦମାର ସହଜ ସମାଧାନ ପାଇଁ ଏବଂ ଆର୍ଥିକ ଖର୍ଚ୍ଚ ଓ ସମୟ ଅପଚୟରୁ ନିସ୍ତାର ପାଇଁ ଏହି ସୁଯୋଗର ସଦୁପଯୋଗ କରିବାକୁ ଢେଙ୍କାନାଳ ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ସୂଚନା ଦିଆଯାଇଛି।

# ଢେଙ୍କାନାଳରେ ରଥକାଠ ଅନୁକୂଳ



ଢେଙ୍କାନାଳ,୨୦।୪(ରତନ ନାୟାର)

ଢେଙ୍କାନାଳର ରଥଯାତ୍ରା ପାଇଁ ଅକ୍ଷୟ ତୃତୀୟା ଅବସରରେ ସୋମବାର ୨ ରଥର ଅଖ ରଥକାଠ ଅନୁକୂଳ ହୋଇଛି। ଏହି ଉପଲକ୍ଷେ ଶ୍ରୀସିଦ୍ଧ ବଳରାମ ମନ୍ଦିରରେ ପୂର୍ବାହ୍ନ ୧୦ଟା ୪୫ରେ ପୂଜାର୍ଚ୍ଚନା ହୋଇଥିଲା। ଏହାପରେ ଆଜ୍ଞାମାଳ ନେଇ ରଥଗଡ଼ାଠାରେ ୨ ରଥର ଅଖ ପାଇଁ କାଠ ଅନୁକୂଳ କରାଯାଇଥିଲା। ଜିଲା ଦେବୋତ୍ତର ଅଧିକାରୀ ତଥା ଢେଙ୍କାନାଳ ଉପଜିଲାପାଳ ବିବୁଧ ଗଡ଼ନାୟକ, ଦେବୋତ୍ତର ନିରୀକ୍ଷକ ପ୍ରଦ୍ୟୁମ୍ନ ତ୍ରିପାଠୀ, ବିଶ୍ୱକର୍ମା ଅଶୋକ ମହାପାତ୍ର, ପୂଜକ ମନସୁମନ ମିଶ୍ର, କାହାଳିଆ ଟିକନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଜୁଲାଇ ୧୬ ତାରିଖରେ ରଥଯାତ୍ରା ଅନୁଷ୍ଠିତ ହେବ।

# ଅକ୍ଷୟ ତୃତୀୟାରେ ହଳଧରି ସହର ପରିକ୍ରମା



ଖେତରେ ପୂଜାର୍ଚ୍ଚନା ସହ ଅଖିମୁଠି ଅନୁକୂଳ କରାଯାଉଛି।

ଭୁବନ,୨୦।୪(ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନରେ ସୋମବାର କାମାକ୍ଷାନଗର ବିଧାୟକ ଶତ୍ରୁଘ୍ନ ଜେନା ଅଖିମୁଠି ଅନୁକୂଳ କରିଛନ୍ତି। ଭୁବନ ଏନ୍‌ଏସିର ୨ଟି କୃଷକ ସଙ୍ଗଠନ ପକ୍ଷରୁ ଏହି କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା। ଭୁବନ କୃଷକ ସମାଜ ପକ୍ଷରୁ ସକାଳ ୭ଟା ୩୦ରେ ପାଲାମଣ୍ଡପରୁ ଶୋଭାଯାତ୍ରା ବାହାରି ସହର ପରିକ୍ରମା ପରେ ହିଙ୍ଗୁଳା ପୀଠରେ ପୂଜାର୍ଚ୍ଚନା କରାଯାଇ ଅଖିମୁଠି ଅନୁକୂଳ କରାଯାଇଥିଲା। ସଙ୍ଗଠନ ସଭାପତି ବାସୁଦେବ ଗୁରୁ ଓ ଉପଦେଷ୍ଟା ଅଧ୍ୟାପକ ଦିଲୀପ କୁମାର ଦାସ, ସତ୍ୟାନନ୍ଦ ସାହୁଙ୍କ ସମେତ ଶତାଧିକ ଚାଷୀ ସାମିଲ ହୋଇ ହଳଧରି ସହର ପରିକ୍ରମା କରିଥିଲେ। ସେହିପରି ଭୁବନ କୃଷକ ବିକାଶ ପରିଷଦ ପକ୍ଷରୁ ପୃଷ୍ଟି ପାଟଣା ନିକଟରେ ଥିବା ସଭାଗୃହ ନିକଟରୁ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ଏହାକୁ ବିଧାୟକ ଉଦ୍‌ଘାଟନ କରିବା ସହ ବୁଦ୍ଧେଶ୍ୱର ମନ୍ଦିର ନିକଟରେ ଅଖିମୁଠି ଅନୁକୂଳ କରିଥିଲେ।

# ରାସ୍ତା ତଳକୁ ଖସିଗଲା ଟୁରିଷ୍ଟ ବସ୍

ଢେଙ୍କାନାଳ,୨୦।୪
(ରତନ ନାୟାର)





ଦୁର୍ଘଟଣାଗ୍ରସ୍ତ ବସ୍ ।

## ଚାଳକ ଆହତ, ୪୮ ତୀର୍ଥଯାତ୍ରୀ ବର୍ତ୍ତିଲେ

କଟକ-ସମ୍ବଲପୁର ୫୫ନଂ. ଜାତୀୟ ରାଜପଥର ଢେଙ୍କାନାଳ ସହର କୋରିଆଁସ୍ଥିତ ଏକ ମନ୍ଦିର ନିକଟରେ ସୋମବାର ସକାଳେ ଟୁରିଷ୍ଟ ବସ୍ ରାସ୍ତା ତଳକୁ ଖସିଯାଇ ବାଲିଗଦା ଭିତରେ ପଶିଯାଇଥିଲା। ଏକ ଟ୍ରକ୍ ପଛରେ ଧକ୍କାରୁ ବର୍ତ୍ତିବା ପାଇଁ ଚାଳକ ବସ୍‌ଟିକୁ ବାଲି ଗଦା ଉପରେ ଚଢ଼ାଇ ଦେଇଥିଲେ। ଏହି ଘଟଣାରେ ଚାଳକ ଆହତ ହୋଇଥିବାବେଳେ ୪୮ଜଣ ତୀର୍ଥଯାତ୍ରୀ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ସୂଚନା ଅନୁଯାୟୀ, ମହାରାଷ୍ଟ୍ର ନାସିକ ଜିଲାର ଚାନ୍ଦଗଡ଼ ଗ୍ରାମରୁ ୪୮ଜଣ ତୀର୍ଥଯାତ୍ରୀ ଉକ୍ତ ବସ୍‌ରେ ପୁରୀ ସମେତ ବିଭିନ୍ନ ଅଞ୍ଚଳ ବୁଲି ନାସିକ ଫେରୁଥିବାବେଳେ ଏହି ଦୁର୍ଘଘଟଣା ଘଟିଥିବା ଜଣାପଡିଛି। ଖବରପାଇ ପୋଲିସ ଓ ଏନ୍‌ଏଚ୍ ପାଟ୍ରାଲିଂ ଗାଡ଼ି ଘଟଣାସ୍ଥଳରେ ପହଞ୍ଚି ତୀର୍ଥଯାତ୍ରୀମାନଙ୍କୁ ଉଦ୍ଧାର କରିଥିଲେ। ଆହତ ବସ୍ ଚାଳକ ନାସିକର ମନୋଜ ଭାଲେରାଓଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା।

# ଡ୍ରେନ୍ ଉପରୁ ଦୋକାନ ଉଚ୍ଛେଦ ପାଇଁ ଏଡିଏମ୍‌ଙ୍କ ନିର୍ଦ୍ଦେଶ

ପରଜଙ୍ଗ,୨୦।୪(ନିଗମାନନ୍ଦ ଦଳବେହେରା)

ପରଜଙ୍ଗ ବଜାରରେ ଡ୍ରେନ୍‌କୁ ମଡ଼ାଇ ହୋଇଥିବା ଦୋକାନ ଗୁଡ଼ିକୁ ଉଚ୍ଛେଦ ପାଇଁ ସୋମବାର ଅତିରିକ୍ତ ଜିଲାପାଳ ଲଳିତ ମୋହନ ବେହେରା ତହସିଲଦାର ସୁଦେବ କୁମାର ପୃଷ୍ଟିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ଅନୁଯାୟୀ, ପରଜଙ୍ଗ ବଜାର ମଧ୍ୟରେ ପୂର୍ତ୍ତ ବିଭାଗ ରାସ୍ତା ଯାଇଛି। କିଛିଦିନ ତଳେ ରାସ୍ତା ଉପରକୁ ମାଡ଼ି ଆସିଥିବା ଦୋକାନ ଗୃହ ଗୁଡିକୁ ଉଚ୍ଛେଦ କରାଯାଇଥିଲା। ଡ୍ରେନ ଉପରକୁ କୌଣସି ବ୍ୟବସାୟୀ ଦୋକାନ ବଢ଼ାଇବେ ନାହିଁ ବୋଲି ନିଷ୍ପତ୍ତି ହୋଇଥିଲା। କିନ୍ତୁ ବର୍ତ୍ତମାନ ଜଣେ ଦୋକାନି ଡ୍ରେନ ପାରକରି ରାସ୍ତା ଉପରେ ଦୋକାନ କରିଛନ୍ତି। ଫଳରେ ଆସୁଥିବା ଗ୍ରାହାକଙ୍କ ଗାଡ଼ି ରାସ୍ତା ଉପରେ ରଖିବା ଫଳରେ ବାରମ୍ବାର ଦୁର୍ଘଟଣା ଘଟୁଛି। ଏ ସଂକ୍ରାନ୍ତରେ ଅତିରିକ୍ତ ଜିଲାପାଳଙ୍କୁ କେତେଜଣ ବ୍ୟକ୍ତି ଲିଖିତ ଅଭିଯୋଗ କରିଥିଲେ। ତୁରନ୍ତ ଉଚ୍ଛେଦ ପାଇଁ ଅତିରିକ୍ତ ଜିଲପାଳ ନିର୍ଦ୍ଦେଶ ଦେଇଛନ୍ତି।

# ପରଜଙ୍ଗରେ ନୂତନ ରଥ ନିର୍ମାଣର ଶୁଭାରମ୍ଭ

ପରଜଙ୍ଗ,୨୦।୪(ନିଗମାନନ୍ଦ ଦଳବେହେରା)



ଢେଙ୍କାନାଳ ଜିଲା ପରଜଙ୍ଗ ଗ୍ରାମର ଚଳିତ ବର୍ଷର ରଥଯାତ୍ରା ପାଇଁ ନୂତନ ରଥ ନିମନ୍ତେ ସୋମବାର ପବିତ୍ର ଅକ୍ଷୟ ତୃତୀୟା ତିଥିରେ କାଠ ଅନୁକୂଳ କରାଯାଇଛି। ଏଥିପାଇଁ ରଥ ଖଳାରେ ପୂଜାବିଧି, ହୋମଯଜ୍ଞାଦି କର୍ମ କରାଯାଇ ଥିବାବେଳେ ନାମ ସଂକୀର୍ତ୍ତନ, ହରିବୋଲ, ହୁଳହୁଳିରେ ଚତୁର୍ଦ୍ଦିଗ ପ୍ରକମ୍ପିତ ହୋଇଥିଲା। ପୂଜକ ବସନ୍ତ କୁମାର ଦାସ ଓ ଶତେ ଦାସ ପୂଜାର୍ଚ୍ଚନା କରିଥିଲେ। ଅତିଥି ଭାବେ ଜିଲା ପରିଷଦ ସଭ୍ୟ ନିରାକାର ପ୍ରଧାନ, ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ଦଳବେହେରା, ଅତିରିକ୍ତ ତହସିଲଦାର ମନୋରଞ୍ଜ ସାହୁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୌଭାଗ୍ୟ ବେହେରା, ଗ୍ରାମ ପଞ୍ଚାୟତ ଅଫିସର ବିପିନି ବିହାରି ସାମଲ, ଗ୍ରାମ ପରିଚାଳନା କମିଟି ଯୁଗ୍ମ ସଭାପତି ସୁବ୍ରତ କୁମାର ପରିଡ଼ା ଓ ସନ୍ତୋଷ କୁମାର ସାମଲ, ସମ୍ପାଦକ ପ୍ରଭାତ କୁମାର ଶତପଥୀ, ସୁବଳ କୁମାର ଦଳବେହେରା, ପୂର୍ବତନ ସଭାପତି ଶାନ୍ତନୁ କୁମାର ସାମଲ, ପୂର୍ବତନ ସରପଞ୍ଚ ପ୍ରିୟଜିତ୍ ସାମଲ, ବିଭୂତି ଭୂଷଣ ସାମଲ, ସୁବ୍ରତ କୁମାର ଦାସ, ବାଇଆ ପାଗଳ ମଠର ମହନ୍ତ ମୁନା ବାବା, ସାମାଜିକ କର୍ମୀ ପ୍ରଶାନ୍ତ କୁମାର ଦଳବେହେରାଙ୍କ ସମେତ ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ।

# ଟ୍ରକ୍ ଧକ୍କାରେ ଜଣେ ମୃତ, ଜଣେ ଗୁରୁତର

ପରଜଙ୍ଗ,୨୦।୪(ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକ ଖିଲ୍ଲୀ ପଞ୍ଚାୟତ ଦେଇ ଯାଇଥିବା ପୂର୍ତ୍ତ ବିଭାଗ ରାସ୍ତାରେ ସୋମବାର ମଧ୍ୟାହ୍ନରେ ଟ୍ରକ୍ ଧକ୍କାରେ ବାଇକ୍ ଆରୋହୀ ସମ୍ବିତ୍ ରାଉତ(୧୯)ଙ୍କ ମୃତ୍ୟୁ ହୋଇଛି। ତାଙ୍କ ଆଇଙ୍କ ଅବସ୍ଥା ଗୁରୁତର ରହିଛି। ସୂଚନା ଅନୁଯାୟୀ, ଗଡ଼ପଳାଶୁଣି ଗ୍ରାମର ସମ୍ବିତ୍ ଆଇଙ୍କୁ ବାଇକ୍‌ରେ ନେଇ ମହବିରୋଡ଼ ଯାଉଥିବାବେଳେ ଖିଲ୍ଲୀ ଗ୍ରାମ ନିକଟରେ ଟ୍ରକ୍ ତାଙ୍କୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଉଭୟଙ୍କୁ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ସମ୍ବିତ୍‌ଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଟ୍ରକ୍ ଡ୍ରାଇଭରକୁ ଅଟକ ରଖାଯାଇ ପଚରାଉଚରା କରାଯାଉଛି ବୋଲି ସୂଚନା ମିଳିଛି।

# ଦେବତ୍ୱର ସନ୍ଧାନ ଦେଇଥାଏ ସଂସ୍କାର

## ପ୍ରଥମ ସଂସ୍କାର ଦିବସ ପାଳିତ

ଢେଙ୍କାନାଳ,୨୦।୪(ରତନ ନାୟାର)



ପ୍ରଥମ ସଂସ୍କାର ଦିବସ ପାଳନ ଅବସରରେ ଅତିଥିଙ୍କ ସହ ଅନ୍ୟମାନେ।

ଢେଙ୍କାନାଳ ସିଦ୍ଧ ଶ୍ରୀକ୍ଷେତ୍ର ପରିକ୍ରମା ପକ୍ଷରୁ ସୋମବାର ସକାଳ ୯ଟାରେ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ସହଯୋଗରେ ପ୍ରତିଷ୍ଠାନର ପ୍ରେକ୍ଷାଳୟ ପରିସରରେ ପ୍ରଥମକରି ସଂସ୍କାର ଦିବସ ପାଳିତ ହୋଇଯାଇଛି। ସିଦ୍ଧ ଶ୍ରୀକ୍ଷେତ୍ର ଢେଙ୍କାନାଳର ସଂଯୋଜକ ଅବନୀ ମିଶ୍ର ସଂସ୍କାର ଦିବସ ପାଳନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। କବି ଅଭୟ କୁମାର ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ଗବେଷକ ତପନ କୁମାର ଶତପଥୀ ଉଦ୍‌ଘାଟନ କରି ଜୀବନରେ ସଂସ୍କାରର ବହୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି, ଯାହା ମାନବ ଜୀବନରେ ଦେବତ୍ୱର ସନ୍ଧାନ ଦେଇଥାଏ ବୋଲି ମତବ୍ୟକ୍ତ କରିଥିଲେ। ଶିକ୍ଷାବିତ୍ ଶଙ୍କର୍ଷଣ ଶତପଥୀ, କବି ନିର୍ମଳା ମହାପାତ୍ର, ବିଶିଷ୍ଟ ସମାଜସେବୀ ରାମଚନ୍ଦ୍ର ପାତ୍ର, ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ଅଧ୍ୟକ୍ଷ ଲକ୍ଷ୍ମଣ କୁମାର ସାହୁ, ଅଟଳ ବିହାରୀ ଦାସ ଓ ଦୁର୍ଗା ମାଧବ ପୃଷ୍ଟି, ନାଟ୍ୟ ନିର୍ଦ୍ଦେଶକ ଶତ୍ରୁଘ୍ନ ମାଟି, ଶିଳ୍ପୀ ପରେଶଚନ୍ଦ୍ର ପଟ୍ଟନାୟକ, ଆଇନଜୀବୀ ଦୀପ୍ତିଶ ପ୍ରସାଦ ପଟ୍ଟନାୟକ, ଶିକ୍ଷାବିତ୍ ଡ. ସମୀର ସାହୁ, ସାହିତ୍ୟିକ ଆର୍ଯ୍ୟରତ୍ନ ଚକ୍ରଧର, ସାମାଜିକ କର୍ମୀ ରମା ସିଂ, ନିଉ ଇଣ୍ଡିଆ ସମ୍ପାଦକ ଶେଷଦେବ ରାଉତ, ରେଡ୍‌କ୍ରସ୍ ଉପସଭାପତି ରାଜକିଶୋର ବେହେରା, ଦେବସ୍ମିତା ଦାସ ପ୍ରମୁଖ ଯୋଗଦେଇ ବିଭିନ୍ନ କ୍ଷେତ୍ରରେ ସଂସ୍କାରର ଗୁରୁତ୍ୱପୂର୍ଣ୍ଣ ମହତ୍ତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରଶିକ୍ଷଣ ପ୍ରତିଷ୍ଠାନର ଅଧ୍ୟାପିକା ସ୍ୱାଗତିକା ସ୍ୱାଇଁ ଧନ୍ୟବାଦ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଅମରେନ୍ଦ୍ର ଦାସ, କବି ରାଧାନାଥ ରଥ, କିଶୋର ମିଶ୍ର, ବିବେକାନନ୍ଦ ଷଡ଼ଙ୍ଗୀ, ଆଦିତ୍ୟ ପଣ୍ଡା, ସର୍ବେଶ୍ୱର ବ୍ରହ୍ମ, ଶରତ କୁମାର ବେହେରା, ଦେବୀ ପ୍ରସାଦ ମିଶ୍ର, ବିକାଶ କୁମାର ରଥ, ସବ୍ୟସାଚୀ ପାଣି, କମଳ କୁମାର ନନ୍ଦ, ଅଶ୍ୱିନୀ ସାହୁ, ଅନିତା ରଥଙ୍କ ସମେତ ଜିଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନର ଶିକ୍ଷୟିତ୍ରୀ ଶିକ୍ଷକମାନେ ଯୋଗ ଦେଇଥିଲେ। କଣ୍ଠଶିଳ୍ପୀ ସ୍ନିଗ୍ଧା ନନ୍ଦ ଶ୍ରୀବଳଦେବଙ୍କ ରଚିତ ଗୀତ ଗୋବିନ୍ଦ ଗାନ କରିଥିଲେ।

ସୌନ୍ଦର୍ଯ୍ୟ

# ଖରାଦିନେ ଆୟୁର୍ବେଦିକ ଉପଚାର



**ଖରାଦିନେ ଶରୀର ସହ ତ୍ୱଚାର ଦେଖାଶୁଣା କରିବା ନିହାତି ଜରୁରୀ। ପ୍ରଚଣ୍ଡ ଖରା ଏବଂ ଝାଳ କାରଣରୁ ତ୍ୱଚା ମଳିନ ପଡ଼ିଥାଏ ଏବଂ ମୁହଁରେ ବ୍ରଣ ଆଦି ସମସ୍ୟା ଦେଖାଯାଇଥାଏ। ଏମିତିରେ ଆୟୁର୍ବେଦିକ୍‌ର ଏମିତି କିଛି ଜଡ଼ିବୁଟିର ସୂଚନା ଦିଆଯାଉଛି ଯାହାକୁ ଆପଣ ବ୍ୟବହାର କଲେ ତ୍ୱଚା ସଫା ଦେଖାଯିବ..**

**ନିମ୍ବ:** ନିମ୍ବପତ୍ରରେ ଆଣ୍ଟି ବ୍ୟାକ୍ଟେରିଆଲ, ଆଣ୍ଟି ଫଙ୍ଗାଲ ଏବଂ ଆଣ୍ଟି ଇନ୍‌ଫ୍ଲାମେଟୋରି ଗୁଣ ରହିଛି ଯାହାର ବ୍ୟବହାର ରକ୍ତର ଶୁଦ୍ଧି ଏବଂ ମୁହଁର ଗୋରାପଣ ବଜାୟ ରହିବ। ଯଦି ଖରାଦିନରେ ମୁଖବ୍ରଣ ସମସ୍ୟା ହେଉଛି ତେବେ ନିମ୍ବପତ୍ର ମୁଲ୍‌ତାନୀ ମାଟିରେ ମିଶାଇ ଲଗାଇପାରିବେ।

**ମାଜିଷ୍ଠା:** ଆୟୁର୍ବେଦିକ୍‌ରେ ମାଜିଷ୍ଠାକୁ ରକ୍ତ ଶୁଦ୍ଧ କରିବା ଲାଗି ବ୍ୟବହାର କରାଯାଏ। ମୁହଁର ରଙ୍ଗ ସଫା କରିବାକୁ ହେଲେ ମାଜିଷ୍ଠାକୁ ଖାଇପାରିବେ। ଏହାସହ ମାଜିଷ୍ଠା ବ୍ୟବହାର ଫେସ୍‌ପ୍ୟାକ୍ ରୂପରେ ମଧ୍ୟ କରାଯାଇପାରିବ।

**ହଳଦୀ:** ହଳଦୀ ସମସ୍ତଙ୍କ ଘରେ ଖୁବ୍ ସହଜରେ ମିଳିଯାଏ। ଏଥିରେ ଭରପୂର ମାତ୍ରାରେ ଆଣ୍ଟି ବ୍ୟାକ୍ଟେରିଆଲ ଗୁଣ ରହିଚି ଯାହା ମୁହଁକୁ ସୁନ୍ଦର କରିବା ସହ ଗୋରା କରିବାରେ ସାହାଯ୍ୟ କରିଥାଏ। ଏହା ମଧ୍ୟ ଚିହ୍ନ ଦାଗ ଦୂର କରିଥାଏ। ଏଥିପାଇଁ ମୁଲ୍‌ତାନୀ ମାଟି, ଚନ୍ଦନ ସହ ଅଳ୍ପ ପରିମାଣରେ ହଳଦୀ ମିଶାଇ ଲଗାଇପାରିବେ। ଏହା ମୁହଁକୁ ଥଣ୍ଡା ଦେବାରେ ସାହାଯ୍ୟ କରିଥାଏ।

**ଚନ୍ଦନ :** ଚନ୍ଦନରେ ଶୀତଳତା ଗୁଣ ରହିଛି। ଯାହା ଖରାଦିନରେ ତ୍ୱଚାକୁ ଭିତରୁ ପୋଷଣ ଦେଇଥାଏ। ଖରା ପଡ଼ିବା ଯୋଗୁ ଏହାର କୌଣସି ସାଇଡ୍ ଇଫେକ୍ଟ ତ୍ୱଚାରେ ପଡ଼ି ନ ଥାଏ।





# ଜୀବନଶୈଳୀରେ ଆଣନ୍ତୁ ପରିବର୍ତ୍ତନ

**"ନିଜ ଜୀବନଶୈଳୀର ପ୍ରମୁଖ ବିଷୟ ହେଉଛି ଦୈନନ୍ଦିନ କାର୍ଯ୍ୟ। କେଉଁ କାର୍ଯ୍ୟ କେତେବେଳେ ଶେଷ କରିବେ ତାହା ଯଥେଷ୍ଟ ପୂର୍ବରୁ ନିର୍ଦ୍ଧାରଣ କରନ୍ତୁ। କୌଣସି କାମକୁ ଅଯଥାରେ ବଳକା ରଖନ୍ତୁ ନାହିଁ। କାରଣ ଏହାଦ୍ୱାରା ଗୋଟିଏ ପରେ ଗୋଟିଏ କାମ ବୋଝ ପରି ଆପଣଙ୍କ ଉପରେ ଲଦି ହୋଇପଡ଼ିବ। ତେଣୁ ନିଜର ପ୍ରତିଦିନର କାମକୁ ଠିକ୍ ସମୟରେ ଏବଂ ସୁଚାରୁ ରୂପେ ସମ୍ପାଦନ କଲେ ଆପଣଙ୍କର ଜୀବନଶୈଳୀ ପ୍ରଭାବିତ ହୋଇ ନ ଥାଏ।"**



ଆଜିକାଲିର ବ୍ୟସ୍ତମୟ ଜୀବନରେ ଆମେ ନିଜ ଜୀବନଶୈଳୀ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବା ଦରକାର। କାରଣ ନିଜକୁ ସୁସ୍ଥ ରଖିବା ପଛରେ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ତେବେ ନିଜର ଜୀବନଶୈଳୀକୁ କିପରି ସନ୍ତୁଳିତ ରଖିବ ସେ ସମ୍ପର୍କରେ ସୂଚନା...

ଗୃହିଣୀ ହୁଅନ୍ତୁ ଅବା କର୍ମଜୀବୀ-ସମସ୍ତେ ନିଜ ନିଜ କର୍ମକୁ ନେଇ ବ୍ୟସ୍ତ। ଗୃହିଣୀଟିଏ ଘରକାମରେ ନିଜକୁ ବ୍ୟସ୍ତ ରଖିଥିବା ବେଳେ କର୍ମଜୀବୀଟି ନିଜ ଚାକିରିକୁ ଅଧିକ ଧ୍ୟାନ ଦେଇଥାଏ। ଏଥିସହ ତାକୁ ପରିବାର ପ୍ରତି ମଧ୍ୟ ନଜର ଦେବାକୁ ପଡ଼େ। ହେଲେ ଏସବୁ ଭିତରେ ନିଜ ଜୀବନଶୈଳୀ କିପରି ରହୁଛି ସେ ନେଇ ସଚେତନ ରହିବା ନିହାତି ଦରକାର। କାରଣ ବର୍ତ୍ତମାନର ଧାଁଦୌଡ଼ ଜୀବନରେ ନିଜେ ସୁସ୍ଥ ରହିବା ଅପରିହାର୍ଯ୍ୟ ହୋଇପଡ଼ିଛି। ତେବେ ନିଜର ଦୈନନ୍ଦିନ ଜୀବନଚର୍ଯ୍ୟା ଯେପରି ସୁରୁଖୁରୁରେ ତଥା ରୁଟିନ୍ ମୁତାବକ ଚାଲେ ସେଥିପ୍ରତି ମହିଳାମାନେ ନଜର ଦେବା ଆବଶ୍ୟକ। କେବଳ ତ କହିଦେଲେ ହେବ ନାହିଁ, ତାହାକୁ କାର୍ଯ୍ୟରେ ଲଗାଇବା ବଡ଼ କଥା। ତେଣୁ ଏଥିଲାଗି ସେମାନଙ୍କୁ କେତୋଟି ପ୍ରମୁଖ ଦିଗ ପ୍ରତି ଦୃଷ୍ଟିଦେବାକୁ ପଡ଼ିବ। ସେଭଳି କେତୋଟି ପ୍ରମୁଖ କଥା ବିଷୟରେ ନିମ୍ନରେ ସୂଚନା ଦିଆଯାଉଛି...

**ଖାଦ୍ୟପେୟ**

ନିଜକୁ ସୁସ୍ଥ ସବଳ ରଖିବା ଲାଗି ପ୍ରଥମେ ନିଜର ଖାଦ୍ୟପେୟ ପ୍ରତି ଦୃଷ୍ଟି ଦିଅନ୍ତୁ। ସବୁବେଳେ ସୁଷମ ତଥା ଭିଟାମିନ୍‌ଯୁକ୍ତ ଖାଦ୍ୟ ଖାଆନ୍ତୁ। ଠିକ୍ ସମୟରେ ଖାଆନ୍ତୁ ଏବଂ ଆବଶ୍ୟକ ମୁତାବକ ପାଣି ପିଅନ୍ତୁ। ବେଳେବେଳେ ନିଜ କାମରେ ବ୍ୟସ୍ତ ରହିବା ଯୋଗୁ ଖାଇବା ସମୟ ଏପଟସେପଟ ହୋଇଯାଇଥାଏ। ହେଲେ ଏହାକୁ ଏକ ଧାରାରେ ପରିଣତ କରନ୍ତୁ ନାହିଁ। ପ୍ରତିଦିନ ଖାଦ୍ୟ ଖାଇବାର ଏକ ସମୟ ନିର୍ଘଣ୍ଟ ପ୍ରସ୍ତୁତ କରନ୍ତୁ ଏବଂ ତାହାକୁ ଠିକ୍ ଭାବରେ ଅନୁସରଣ କରନ୍ତୁ। କାରଣ ଖାଦ୍ୟପେୟ ସହ ଜୀବନଶୈଳୀ ଅଙ୍ଗାଙ୍ଗୀ ଭାବରେ ଜଡ଼ିତ।

**ଦୈନନ୍ଦିନ ରୁଟିନ୍**

ଯଦି ଆପଣ କର୍ମଜୀବୀ ତେବେ ଗୋଟିଏ ପଟେ ପରିବାର ଅନ୍ୟ ପଟେ ଚାକିରି। ଏହି ଦୁଇଟି ଜିନିଷକୁ ବେଶ୍ ସମାନ୍ତରାଳ ଭାବରେ ଆଗେଇନେବାକୁ ପଡ଼ିଥାଏ। ତେଣୁ ଏକ ଦୈନନ୍ଦିନ ରୁଟିନ୍ ପ୍ରସ୍ତୁତ କରନ୍ତୁ। ଯଦି ସକାଳ ୯ଟା ଭିତରେ କର୍ମସ୍ଥଳୀକୁ ଯିବାର ଅଛି ତେବେ ସକାଳେ କେତେବେଳେ କେଉଁ କାମ ଶେଷ କରିବେ ତାହା ପୂର୍ବରୁ ସ୍ଥିର କରି ନିଅନ୍ତୁ। ନ ହେଲେ କାମ ଭିତରେ ଆପଣ ଏମିତି ଫସିଯିବେ ଯେ ଅଫିସ ଯିବା ହୁଏତ ବିଳମ୍ବ ହୋଇପାରେ। ବିଶେଷଭାବରେ ପିଲାମାନଙ୍କର ମଧ୍ୟ ଯତ୍ନନେବାକୁ ପଡ଼ିଥାଏ। ତେଣୁ ଏକ ସନ୍ତୁଳିତ ଜୀବନଶୈଳୀ ଅନୁସରଣ କରିବା ଲାଗି ପ୍ରଥମେ ଏକ ରୁଟିନ୍ ପ୍ରସ୍ତୁତକରି ସେହି ଅନୁସାରେ ନିଜର କାମ ଶେଷ କରନ୍ତୁ।

**ଦୈନନ୍ଦିନ କାର୍ଯ୍ୟ**

ନିଜ ଜୀବନଶୈଳୀର ପ୍ରମୁଖ ବିଷୟ ହେଉଛି ଦୈନନ୍ଦିନ କାର୍ଯ୍ୟ। କେଉଁ କାର୍ଯ୍ୟ କେତେବେଳେ ଶେଷ କରିବେ ତାହା ଯଥେଷ୍ଟ ପୂର୍ବରୁ ନିର୍ଦ୍ଧାରଣ କରନ୍ତୁ। କୌଣସି କାମକୁ ଅଯଥାରେ ବଳକା ରଖନ୍ତୁ ନାହିଁ। କାରଣ ଏହାଦ୍ୱାରା ଗୋଟିଏ ପରେ ଗୋଟିଏ କାମ ବୋଝ ପରି ଆପଣଙ୍କ ଉପରେ ଲଦି ହୋଇପଡ଼ିବ। ତେଣୁ ନିଜ ପ୍ରତିଦିନର କାମକୁ ଠିକ୍ ସମୟରେ ଏବଂ ସୁଚାରୁ ରୂପେ ସମ୍ପାଦନ କଲେ ଆପଣଙ୍କର ଜୀବନଶୈଳୀ ପ୍ରଭାବିତ ହୋଇ ନ ଥାଏ।





**ବ୍ୟାୟାମ**

ନିଜ ଜୀବନଶୈଳୀର ଅନ୍ୟତମ ପ୍ରମୁଖ ବିଷୟ ହେଉଛି ବ୍ୟାୟାମ। ଯଦି ଜଣେ ନିୟମିତ ବ୍ୟାୟାମ କରନ୍ତି ତେବେ ସେ କେତେକାଂଶରେ ନିଜକୁ ସୁସ୍ଥ ରଖିପାରିବେ। ଅବଶ୍ୟ ଏହା ସହ ନିଜର ଖାଦ୍ୟପେୟ ପ୍ରତି ଦୃଷ୍ଟିଦେବାକୁ ପଡ଼ିବ। ତେଣୁ ଜଣେ ମହିଳା ପ୍ରତିଦିନ ସକାଳୁ କିଛି ସମୟ ଏକ୍ସରସାଇଜ କଲେ ତାହା ତାଙ୍କର ଜୀବନଶୈଳୀ ପାଇଁ ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ। ବର୍ତ୍ତମାନ ଯୁଗରେ ବ୍ୟାୟାମ ମଣିଷ ଜୀବନରେ ଏକ ଅବିଚ୍ଛେଦ୍ୟ ଅଙ୍ଗ ପାଲଟିଯାଇଛି କହିଲେ ଭୁଲ୍ ହେବ ନାହିଁ। ତେଣୁ ନିଜର ବ୍ୟସ୍ତଜୀବନ ଭିତରେ ସକାଳ କିମ୍ବା ସନ୍ଧ୍ୟାରେ କିଛି ସମୟ ବ୍ୟାୟାମ କରନ୍ତୁ। ଏହାବ୍ୟତୀତ ଘରେ ଯୋଗ, ପ୍ରାଣାୟାମ କରିପାରିବେ। ନିଜ ଜୀବନଶୈଳୀକୁ ଠିକ୍ ରଖିବା ଲାଗି କେତେକେ ଜିମ୍ ଯାଇଥାଆନ୍ତି। ହେଲେ ଏହା ପୂର୍ବରୁ ଜିମ୍ ଏକ୍ସପର୍ଟଙ୍କ ସହ ବିଶଦ ଭାବରେ ଆଲୋଚନା କରନ୍ତୁ।

**ସକାରାତ୍ମକ ମାନସିକତା**

ନିଜର ଜୀବନଶୈଳୀକୁ ସୁନ୍ଦର ରୂପେ ଗଢ଼ି ତୋଳିବାକୁ ନିଜ ମାନସିକତାକୁ ସକାରାତ୍ମକ ରଖନ୍ତୁ। ନିଜକୁ ନକାରାତ୍ମକ ଭାବନାଠାରୁ ଯେତେ ଦୂରେଇରଖିବେ ତାହା ସେତେ ଭଲ। ଯଦି କିଛି ସମସ୍ୟା ଦେଖାଦେଇଛି ତେବେ ସେଥିରେ ଭାଙ୍ଗି ନ ପଡ଼ି ତାହାକୁ କିପରି ସମାଧାନ କରିବେ ସେ ନେଇ ଉପାୟ ବାହାର କରନ୍ତୁ। ଏପରି ଅଯଥା କଥାରେ ନିଜକୁ ସାମିଲ କରନ୍ତୁ ନାହିଁ, ଯାହାଦ୍ୱାରା ନିଜର ଜୀବନଶୈଳୀ ପ୍ରଭାବିତ ହେବ। ନିଜ ମନକୁ ସବୁବେଳେ ଖୁସିରେ ରଖିବାକୁ ଚେଷ୍ଟା କରନ୍ତୁ।

**ସ୍ୱାସ୍ଥ୍ୟ**

ନିଜର ଜୀବନଶୈଳୀ ଓ ସ୍ୱାସ୍ଥ୍ୟ-ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ଭଳି। ତେଣୁ ନିଜେ କିପରି ସୁସ୍ଥ ରହିବେ ସେ ନେଇ ସତର୍କ ରହିବା ନିହାତି ଆବଶ୍ୟକ। କୌଣସି ରୋଗର ଲକ୍ଷଣକୁ ହେୟ ନ କରି ତୁରନ୍ତ ଡାକ୍ତରଙ୍କ ନିକଟକୁ ଯାଇ ଚିକିତ୍ସା କରାଇବା ବୁଦ୍ଧିମାନର କାର୍ଯ୍ୟ। ନିୟମିତ ସମୟ ବ୍ୟବଧାନରେ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇନେବାକୁ ଭୁଲନ୍ତୁ ନାହିଁ। ନିଜ ସ୍ୱାସ୍ଥ୍ୟ ଯଦି ବିଗିଡ଼ିଗଲା ତେବେ ସେହି ଅନୁସାରେ ନିଜର ଜୀବନଶୈଳୀ ପ୍ରଭାବିତ ହେବା ଆଶଙ୍କା ରହିଛି।

**ସମୟ**

ସବୁବେଳେ ସମୟର ମୂଲ୍ୟ ବୁଝନ୍ତୁ। ନିଜେ ଯଦି କର୍ମଜୀବୀ ତେବେ ଠିକ୍ ସମୟରେ ଅଫିସ ଯାଇ ଠିକ୍ ସମୟରେ ଘରକୁ ଫେରନ୍ତୁ। କାରଣ ସମୟର ମହତ୍ତ୍ୱ ଯଦି ଆପଣ ହୃଦୟଙ୍ଗମ କରିପାରିଲେ ନାହିଁ, ତେବେ ତା' ଦ୍ୱାରା ନିଜର ଜୀବନଶୈଳୀ ପ୍ରଭାବିତ ହୋଇଥାଏ। ତେଣୁ ସମୟ ପ୍ରତି ସବୁବେଳେ ସଚେତନ ରୁହନ୍ତୁ।



ଖାଦ୍ୟରୁଚି

# ଖଟା-ମିଠା ଛୋଲେ ଚାଟ୍



**ଆବଶ୍ୟକ ସାମଗ୍ରୀ**

ଚୋପା ଛଡ଼ା ହୋଇଥିବା ୪ଟି ଆଳୁ, ସିଝା ହୋଇଥିବା ଛୋଲେ ୨୦୦ଗ୍ରାମ୍, କଟା ହୋଇଥିବା ପିଆଜ ଦୁଇଟି, ଅଧା କପ୍ କଟା ଟମାଟୋ, ୨ ଚାମଚ ମେଲ୍‌ଟ ହୋଇଥିବା ବଟର, ଚାଟ୍ ମସଲା, ଲେମ୍ବୁରସ, ତନ୍ତୁଳି ମିଠା ଚଟଣି, ୧ ଚାମଚ ଧନିଆଁ ଏବଂ ପୁଦିନା ଚଟଣି, ୨ ଚାମଚ କଟା ଧନିଆଁପତ୍ର, ଦହି, ସ୍ୱାଦ ଅନୁସାରେ ଲୁଣ, ଜୀରାଗୁଣ୍ଡ, ଲଙ୍କା ପାଉଡର, ଛଣା ସେଓ।

**ପ୍ରସ୍ତୁତି ପ୍ରଣାଳୀ**

ଏକ ପାତ୍ର ନିଅନ୍ତୁ। ସେଥିରେ ସିଝା ହୋଇଥିବା ଛୋଲେ ଏବଂ ଚୋପାଛଡ଼ା ସିଝା ଆଳୁ, ପିଆଜ ଏବଂ ଟମାଟୋ, ଚାଟ୍ ମସଲା, ଫେଣ୍ଟା ହୋଇଥିବା ଦହିକୁ ଭଲଭାବେ ଏସବୁ ଜିନିଷରେ ମିଶାଇ ଦିଅନ୍ତୁ। ଚାରି ଚାମଚ ଗ୍ରୀନ ଚଟଣି(ଧନିଆଁ ଓ ପୁଦିନା ଚଟଣୀ, କଞ୍ଚାଲଙ୍କା) ଏବଂ ଲେମ୍ବୁରସ, ଏକ ଚାମଚ ତେନ୍ତୁଳି ରସକୁ ଗୁଡ଼ରେ ଟିକେ ଭଲଭାବେ ମିଶାଇ ଦିଅନ୍ତୁ। ଏବେ ଅଧା ଚାମଚ ଜୀରା ପାଉଡର, ଏହାପରେ ୧/୨ ଚାମଚ ଲଙ୍କା ପାଉଡର ପକାନ୍ତୁ। ସ୍ୱାଦ ଅନୁସାରେ ଲୁଣ ପକାନ୍ତୁ। ବର୍ତ୍ତମାନ ଏ ସବୁ ସାମଗ୍ରୀକୁ ଏକାଠି ଭଲ ଭାବେ ମିଶାଇ ଦିଅନ୍ତୁ। ଏହାର ସ୍ୱାଦ ଆଉ ଟିକେ ବଢ଼ାଇବାକୁ ହେଲେ ଏଥିରେ କଦୁକଶ ହୋଇଥିବା ଗାଜର, କାକୁଡ଼ିକୁ ମଧ୍ୟ ପକାଇ ପାରିବେ। ଏବେ ଏହି ଚାଟ୍ ଉପରେ କଟାପିଆଜ, ଟମାଟୋ ଏବଂ ଧନିଆଁପତ୍ରକୁ ପକାଇ ଗାର୍ଣ୍ଣିସିଙ୍ଗ କରି ପରଷି ଦିଅନ୍ତୁ।

# ଜୁଏଲେରିର ଯତ୍ନ



**ସୁନା ଜୁଏଲେରିକୁ ସଫା କରିବାକୁ ହେଲେ ଆପଣ କିଛି ସରଳ ଉପାୟ ଆପଣାଇପାରିବେ...**

➤ଏକ ବଡ଼ ପାତ୍ରରେ ଅଧା କପ୍ ସିର୍‌କା ପକାନ୍ତୁ, ଗହଣା ବୁଡ଼ିବା ପାଇଁ ଏଥିରେ ଉଷୁମ ପାଣି ଆବଶ୍ୟକ ଅନୁଯାୟୀ ପକାନ୍ତୁ। ସେଥିରେ ଦୁଇ ଚାମଚ ବେକିଂ ସୋଡ଼ା ମିଶାନ୍ତୁ ଏବଂ ସେହି ମିଶ୍ରଣରେ ଆପଣ ସୁନା ଗହଣାକୁ ଦୁଇ ତିନିଘଣ୍ଟା ଲାଗି ବୁଡ଼ାଇ ରଖନ୍ତୁ। ତିନିଘଣ୍ଟା ପରେ ଏହାକୁ କାଢ଼ି ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ। ପୁଣି ଶୁଖିଲା ମୁଲାୟମ୍ କପଡ଼ା ସାହାଯ୍ୟରେ ହାଲୁକା ହାତରେ ଏହାକୁ ଭଲଭାବେ ପୋଛି ସଫା କରନ୍ତୁ।

➤ସୁନାକୁ ମଧ୍ୟ ଉଷୁମ ପାଣିରେ ରିଠା ପକାଇ ସଫା କରିପାରିବେ। ଏହାଦ୍ୱାରା ଆପଣଙ୍କ ଗହଣା ଚମକିବ।

➤ଗରମ ପାଣିରେ ଭଲ କ୍ୱାଲିଟିର ଡିଟରଜେଣ୍ଟ ଏବଂ ଏକ ଚାମଚ ଆମୋନିଆ ମିଶାଇ ଏକ ଘୋଳ ପ୍ରସ୍ତୁତ କରନ୍ତୁ। ଏଥିରେ ସୁନା ଗହଣାକୁ କିଛି ସମୟ ପକାଇ ରଖି ଦିଅନ୍ତୁ। ପୁଣି ଏହାକୁ ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ। ଏଥିରୁ ହଜିଯାଇଥିବା ଚମକ ପୁଣି ଫେରି ପାଇବେ।

➤ସୁନାର ଚମକ ବଜାୟ ରଖିବାକୁ ହେଲେ ଅଳ୍ପ ପାଣିରେ ଏକ ଚାମଚ ହଳଦୀ ପକାଇ ଏହାକୁ ଫୁଟାଇ ଦିଅନ୍ତୁ। ପୁଣି ଏହି ଫୁଟିଥିବା ପାଣିରେ ଗହଣାକୁ ରାତିସାରା ରଖି ଦିଅନ୍ତୁ। ତା ପରଦିନ ତାକୁ ନରମ ବ୍ରଶ୍ ସାହାଯ୍ୟରେ ରଗଡି ସଫା କରନ୍ତୁ। ଦେଖିବେ କିପରି ଗହଣା ଚମକି ଉଠୁଛି।

**ଡାଇମଣ୍ଡ-ପର୍ଲ ଗହଣା**

ଗରମ ପାଣିରେ ଅଳ୍ପ ଶାମ୍ପୁ ପକାଇ ଏକ ମୁଲାୟମ୍ ବ୍ରଶ୍ ସାହାଯ୍ୟରେ ଏହାକୁ ସଫା କରନ୍ତୁ। କିନ୍ତୁ ଏହି ଘୋଳରେ ବୁଡ଼ାଇ ରଖନ୍ତୁ ନାହିଁ। ଥଣ୍ଡା ପାଣିରେ ଧୁଅନ୍ତୁ। କେବଳ ପାଣିରେ ଧୋଇବା କାରଣରୁ ଏଥିରେ ଦାଗ ପଡ଼ିଯାଏ। ଏହି ଘୋଳରେ ବୁଡ଼ାଇ ରଖିବା ଦ୍ୱାରା ମଧ୍ୟ ଏହାର ଚମକ କମିଯାଏ। ଏହାକୁ ଧ୍ୟାନରେ ରଖି ସବୁବେଳେ ବହୁତ ମୁଲାୟମ୍ କପଡା ସାହାଯ୍ୟରେ ସଫା କରନ୍ତୁ।



ଫ୍ୟାଶନ

# ଷ୍ଟାଇଲିଶ୍ ସନ୍‌ଗ୍ଲାସ୍

**ଖରାଦିନରେ ଘରୁ ବାହାରିଲେ ଆଖିକୁ ଯେପରି କଷ୍ଟ ନ ହେବ ସେଥିପାଇଁ ସନ୍‌ଗ୍ଲାସ୍ ପିନ୍ଧିବା ଆବଶ୍ୟକ। କିନ୍ତୁ ବଜାରରେ ମିଳୁଥିବା କେତେକ ଷ୍ଟାଇଲିଶ୍ ସନ୍‌ଗ୍ଲାସ୍ ରହିଛି ଯାହାକୁ ବ୍ୟବହାର କରି ଆପଣ ଟ୍ରେଣ୍ଡି ଦେଖାଯିବେ। ଏଠାରେ କିଛି ଷ୍ଟାଇଲିଶ୍ ସନ୍‌ଗ୍ଲାସ୍‌ର ଅପ୍‌ସନ ବିଷୟରେ ସୂଚନା ଦେଉଛୁ ଜାଣନ୍ତୁ ସେ ସମ୍ପର୍କରେ...**

**ରାଉଣ୍ଡ ସନ୍‌ଗ୍ଲାସେସ୍**

ରାଉଣ୍ଡ ସନ୍‌ଗ୍ଲାସ୍ ସବୁ ବୟସର ମହିଳାଙ୍କ ଉପରେ ସୁଟ୍ କରିଥାଏ। କଲେଜ ଯାଉଥିବା ଝିଅମାନେ ଏହାକୁ ବେଶି ପସନ୍ଦ କରିଥାନ୍ତି। ଏଥିରେ ଆପଣଙ୍କୁ ଗ୍ଲାସ୍‌ର କେତେକ କଲର ଅପ୍‌ସନ୍ ମିଳିଯିବ। ବ୍ରାଉନ୍, ଡାର୍କ ବ୍ଲୁ ଏବଂ ବ୍ଲାକ୍ ସେଡ୍‌ର ରାଉଣ୍ଡ ସନ୍‌ଗ୍ଲାସ୍ ଅଧିକ ଡିମାଣ୍ଡ ରହିଛି।

**ଡାଇମଣ୍ଡ ସେପ୍ :** ଯଦି ଆପଣ ଡାଇମଣ୍ଡ ଶେପ୍‌ର ସନ୍‌ଗ୍ଲାସ୍ ପିନ୍ଧୁଛନ୍ତି ତେବେ ଆପଣଙ୍କ ପର୍ସନାଲିଟି ସବୁଠାରୁ ଅଲଗା ଦେଖାଯିବ। ଏହି ସନ୍‌ଗ୍ଲାସ୍‌ର ଆଜିକାଲି ଅଧିକ ଟ୍ରେଣ୍ଡ ଚାଲିଛି। ଏହା ଆପଣଙ୍କୁ ମାର୍କେଟରେ ସହଜରେ ମିଳିଯିବ। ଯଦି ଆପଣଙ୍କ ଫେସ୍ ରାଉଣ୍ଡ ସେପ୍ ତେବେ ଏହାକୁ ନିଶ୍ଚିତ ଥରେ ପିନ୍ଧି ଦେଖନ୍ତୁ।

**କ୍ୟାଟ୍ ଆଇ ସନ୍‌ଗ୍ଲାସ୍**

କ୍ୟାଟ୍ ଆଇ ଲୁକ୍ ଥିବା ସନ୍‌ଗ୍ଲାସ୍, ଆପଣଙ୍କୁ ୟୁନିକ୍ ଏବଂ ଷ୍ଟାଇଲିଶ୍ ଲୁକ୍ ଦେଇଥାଏ। ଯଦି ଆପଣ ସାଙ୍ଗମାନଙ୍କ ସହ କେଉଁଠିକି ବୁଲିବାକୁ ଯାଉଛନ୍ତି ତେବେ ନିଜ ପର୍ସନାଲିଟିକୁ ଫ୍ୟାଶନେବଲ ଲୁକ୍ ଦେବା ଲାଗି ଏହାକୁ ଟ୍ରାଏ କରିପାରିବେ। ଏଥିରେ ଆପଣଙ୍କୁ ବହୁ ଅପ୍‌ସନ୍ ମିଳିଯିବ। ଏଥିମଧ୍ୟରୁ ଆପଣ କାହାକୁ ବି ନିଜ ପସନ୍ଦ ଅନୁଯାୟୀ ବ୍ୟବହାର କରିପାରିବେ।



# ମୁଫିଙ୍କ ୫ ସହଯୋଗୀଙ୍କୁ ପଚରାଉଚରା କଲା ଏନ୍ଆଇଏ

**ସୁନ୍ଦରପଦା ବିସ୍ଫୋରଣ ଘଟଣା**

- ବାହାର ରାଜ୍ୟର ୨ଜଣ ଗୋ' ଚାଲାଣକାରୀଙ୍କ ସହ ରହିଛି ଲିଙ୍କ୍
- ବନ୍ଧୁକ, ବିସ୍ଫୋରକ ଯୋଗାଇଥିବାର ପ୍ରମାଣ ପାଇଲା ତଦନ୍ତକାରୀ ସଂସ୍ଥା



ଭୁବନେଶ୍ୱର,୨୦।୪(ତ୍ରିନାଥ ମହାନ୍ତି)

ସୁନ୍ଦରପଦା ଆଜାଦନଗରରେ ଜାନୁଆରୀ ୨୭ରେ ହୋଇଥିବା ବିସ୍ଫୋରଣ ଘଟଣାରେ ମୃତ ଅଭିଯୁକ୍ତ ମୁଫି ଓରଫ ଶେହନ୍ୱାଜ ମଲ୍ଲିକଙ୍କ ଆନ୍ତଃରାଜ୍ୟ ଲିଙ୍କ୍ ଖୋଜୁଛି ଏନ୍ଆଇଏ(ଜାତୀୟ ତଦନ୍ତକାରୀ ସଂସ୍ଥା)। ମୁଫିଙ୍କ ବାନ୍ଧବୀ ଏବଂ ସହଯୋଗୀଙ୍କୁ ପଚରାଉଚରା କରିବା ପରେ ଏହି ବିସ୍ଫୋରଣରେ ସମ୍ପୃକ୍ତ ଅନେକଙ୍କ ନାଁ ପାଇଛି ଏନ୍ଆଇଏ ଟିମ୍। ବିଶେଷକରି ଜୟଦେବ ବିହାର ଖଟିରେ ସାମିଲ ହେଉଥିବା କେତେଜଣ ଅପରାଧୀଙ୍କ ନାମ ଓ ଫଟୋକୁ ଏନ୍ଆଇଏ ପ୍ରମାଣ ଆକାରରେ ଗ୍ରହଣ କରିଛି। ଉକ୍ତ ଫଟୋରେ ଥିବା ୫ ବ୍ୟକ୍ତିଙ୍କୁ ଏନ୍ଆଇଏ ପଚରାଉଚରା କରିବା ପରେ ଉତ୍ତରପ୍ରଦେଶର ୨ଜଣ ଗୋ'ଚାଲାଣକାରୀଙ୍କ ସହ ମୁଫି ଲିଙ୍କ୍‌ରେ ଥିବା ଜାଣିବାକୁ ପାଇଛି। ସେମାନେ ମୁଫି ସହ ଫୋନ୍‌ରେ ମଧ୍ୟ ବରାବର ଯୋଗାଯୋଗରେ ରହିଥିଲେ। ତେଣୁ ଓଡ଼ିଶାରୁ ଗୋ'ଚାଲାଣରେ ମୁଫିଙ୍କ ଲିଙ୍କ୍ ଥିବା ସ୍ପଷ୍ଟ ହୋଇଛି। ସେମାନଙ୍କଠାରୁ ମୁଫି ଆଇଡିଏକ୍ସ ଭଳି ବିସ୍ଫୋରକ ପଦାର୍ଥ ଆଣିଥିବା ଜଣାପଡ଼ିଛି। ଜଟଣୀରେ ଗୋରୁ କାରବାରକୁ ନେଇ ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀଙ୍କ ସହ ମୁଫିଙ୍କର ଝଗଡ଼ା ହୋଇଥିଲା। ସେଥିପାଇଁ ଜଟଣୀରେ ବଡ଼ଧରଣର ବିସ୍ଫୋରଣ କରି ଶତ୍ରୁ ଗୋଷ୍ଠୀର ମୁଣ୍ଡ ନେବାର ଯୋଜନା ରହିଥିଲା। ଯେଉଁ ୨ଜଣ ଗୋରୁ ମାଫିଆଙ୍କୁ ଏନ୍ଆଇଏ ଚିହ୍ନଟ କରିଛି ସେମାନେ ପ୍ରତି ମାସରେ ମୁଫିଙ୍କ ଆକାଉଣ୍ଟକୁ ଟଙ୍କା ପଠାଉଥିଲେ। ଏନ୍ଆଇଏ ମୁଫିଙ୍କ ବ୍ୟାଙ୍କ୍ ଆକାଉଣ୍ଟ ଟ୍ରାଞ୍ଜାକ୍ସନ ଯାଞ୍ଚ କରିବା ପରେ ଏହି ଲିଙ୍କ୍ ମିଳିଛି। ପ୍ରତିମାସରେ ଲକ୍ଷାଧିକ ଟଙ୍କା ମୁଫିଙ୍କ ଆକାଉଣ୍ଟକୁ ଆସିଛି। ସମ୍ପୃକ୍ତ ଗୋଚାଲାଣକାରୀ ଧରାପଡିବା ପରେ ଏହି ଟଙ୍କା କ'ଣ ପାଇଁ ସେମାନେ ପଠାଉଥିଲେ ପଦାକୁ ଆସିବ ବୋଲି ତଦନ୍ତକାରୀ ସଂସ୍ଥା ପକ୍ଷରୁ କୁହାଯାଉଛି। ଆଜାଦନଗର ବିସ୍ଫୋରଣର ସିସିଟିଭି ଫୁଟେଜ ଭାଇରାଲ ହେବାପରେ ସାରା ଦେଶରେ ଭୟର ବାତାବରଣ ଖେଳିଯାଇଥିଲା। ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ, ପ୍ରାୟ ଅଧ କିଲୋମିଟର ପର୍ଯ୍ୟନ୍ତ ଛାତି ଥରାଇଦେଲା ଭଳି ଶବ୍ଦ ହୋଇଥିଲା। ଉକ୍ତ ଭିଡ଼ିଓରେ ଘର ଛାତ ଉପରେ ଥିବା ୩ଟି ପାଣିଟାଙ୍କି ପଛରେ ୪ଜଣ ରହିଥିବା ବେଳେ ମୁଫି ବୋମା ଭିଡୁଥିଲେ। ମୁଫିଙ୍କ ମା' ମଝିରେ ମଝିରେ ଏଣେତେଣେ ଅନାଉଥିବା ସିସିଟିଭିରୁ ଦେଖିବାକୁ ମିଳିଥିଲା। ଏହାପରେ ଅପରାହ୍ନ ୨ଟା ୪୫ ମିନିଟ୍ ୫୫ ସେକେଣ୍ଡରେ ଭୟଙ୍କର ବିସ୍ଫୋରଣ ହୋଇଥିଲା। ପାଣିଟାଙ୍କି ପଛପଟ ନିଆଁ ଏବଂ ଧୂଆଁମୟ ହୋଇଯାଇଥିଲା। ନିଆଁ ଓ ଧୂଆଁ ଭିତରେ ସେମାନେ ଜୀବନ ବିକଳରେ ଦୌଡୁଥିବା ଦେଖିବାକୁ ମିଳିଥିଲା। ଏହି ବିସ୍ଫୋରଣରେ ମୁଫିଙ୍କ ସହ ମା' ଲାଜାତୁନ, ବାନ୍ଧବୀ ଓ ସହଯୋଗୀ ଗୁରୁତର ହୋଇଯାଇଥିଲେ। ସମସ୍ତଙ୍କୁ ମେଡିକାଲରେ ଭର୍ତ୍ତି କରାଯାଇଥିବାବେଳେ ଚିକିତ୍ସାଧୀନ ଅବସ୍ଥାରେ ମୁଫି ଓ ତାଙ୍କ ମା'ଙ୍କର ମୃତ୍ୟୁ ଘଟିଥିଲା। ଏୟାରଫିଲ୍ଡ ଥାନା ପୋଲିସ ମାମଲାର ତଦନ୍ତ ଆରମ୍ଭ କରିଥିଲା। ତେବେ ଇଣ୍ଟରନେଟରେ ବିସ୍ଫୋରଣର ଭିଡିଓ ଭାଇରାଲ ହେବା ପରେ ଦିଲ୍ଲୀ ଏନ୍ଆଇଏ ଓଡ଼ିଶା ଏନ୍ଆଇଏକୁ ମାମଲା ରୁଜୁ କରି ତଦନ୍ତ କରିବାକୁ କହିଥିଲା। ଏହାପରେ ଏନ୍ଆଇଏ ଏୟାରଫିଲ୍ଡ ଥାନା ପୋଲିସଠାରୁ ମାମଲା ନେବା ସହ କେସ୍ (ନଂ-୧/୨୬) ରୁଜୁ କରି ତଦନ୍ତ କରୁଛି।

# ଗୋହତ୍ୟାକୁ ନେଇ ଉତ୍ତେଜନା

- କାର୍ଯ୍ୟାନୁଷ୍ଠାନ ଦାବିରେ ଟାୟାର ଜାଳି ରାସ୍ତା ଅବରୋଧ
- ୩ ଅଭିଯୁକ୍ତ ଜେଲ୍ ଗଲେ

ବାଲେଶ୍ୱର, ୨୦।୪(ବାଞ୍ଛାନିଧି ଦେ)



ଉତ୍ୟକ୍ତ ଲୋକମାନେ ଟାୟାର୍ ଜାଳି ରାସ୍ତା ଅବରୋଧ କରିଛନ୍ତି।

ବାଲେଶ୍ୱର ସଦର ବ୍ଲକ କଷାଫଳ ମେରାଇନ୍ ଥାନା ଅନ୍ତର୍ଗତ ବାହାବଳପୁରରେ ଗୋହତ୍ୟାକୁ ନେଇ ସୋମବାର ଉତ୍ତେଜନା ଦେଖାଦେଇଛି। ଏହାକୁ ବିରୋଧ କରି ବାହାବଳପୁର-ହଳଦୀପଦା ମୁଖ୍ୟରାସ୍ତାର ରଙ୍ଗାମାଟିଆ ନିକଟରେ ବଜରଙ୍ଗ ଦଳ କର୍ମୀ ଓ ସ୍ଥାନୀୟ ଲୋକେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ଗୋହତ୍ୟାକାରୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଦାବି କରି ଆନ୍ଦୋଳନ କରିଥିଲେ। ବସ୍ତା ଏସ୍‌ଡିପିଓ ମାନସ ଦେଓ ଓ ମେରାଇନ୍ ଥାନା ଆଇଆଇସି ରଶ୍ମିରେଖା ମହାଳିକ ପୋଲିସ୍ ଫୋର୍ସ ସହ ଘଟଣାସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ। ଅଭିଯୁକ୍ତ ରେଶ୍ମା ବିବି, ସେକ୍ ଫୈଜୁଲ୍ ଓ ହୁସ୍‌ନାରା ବିବିଙ୍କୁ ପୋଲିସ୍ ଗିରଫ କରିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଏ ସମ୍ପର୍କରେ ଏକ ମାମଲା (ନଂ. ୨୩/୨୬) ରୁଜୁ ହୋଇ ଜବତ ଗୋ ମାଂସକୁ ପରୀକ୍ଷା ପାଇଁ ପ୍ରାଣୀ ଚିକିତ୍ସା ବିଭାଗ ଲ୍ୟାବ୍‌କୁ ପଠାଯାଇଛି।

ସୂଚନା ଅନୁଯାୟୀ, ବାହାବଳପୁର ମେରାଇନ ଥାନା ଅନ୍ତର୍ଗତ କରଞ୍ଜିଆ ଗ୍ରାମରେ ରବିବାର ରାତିରେ ଗୋହତ୍ୟା ହେଉଥିବା ଖବର ପାଇ ସ୍ଥାନୀୟ ଲୋକେ ପହଞ୍ଚିଥିଲେ। ଗୋହତ୍ୟାକୁ ବିରୋଧ କରିବାରୁ ସଂଖ୍ୟାଲଘୁ ସମ୍ପ୍ରଦାୟର କେତେଜଣ ବ୍ୟକ୍ତି ସେମାନଙ୍କୁ ବିଭିନ୍ନ ମାରଣାସ୍ତ୍ରରେ ଆକ୍ରମଣ କରିବା ପାଇଁ ଗୋଡ଼ାଇଥିଲେ। ଏ ସମ୍ପର୍କରେ ମେରାଇନ୍ ଥାନା ଆଇଆଇସିଙ୍କୁ ଖବର ଦିଆଯାଇଥିଲା। ହେଲେ କୌଣସି ପୋଲିସ ଅଧିକାରୀ କି କର୍ମଚାରୀ ସେଠାରେ ପହଞ୍ଚି ନ ଥିଲେ। ପୋଲିସର ଏଭଳି ଅସହଯୋଗ କାରଣରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ନ ନେବାରୁ ସୋମବାର ବଜରଙ୍ଗ ଦଳର କର୍ମକର୍ତ୍ତା ଓ ସ୍ଥାନୀୟ ଲୋକେ ପହଞ୍ଚି ଗୋରୁର କଟାମୁଣ୍ଡ ଓ ଗୋ ମାଂସ ଜବତ କରିଥିଲେ। ଗୋ ହତ୍ୟା ବନ୍ଦ କରିବା ଦାବିରେ ଗୋରୁର କଟାମୁଣ୍ଡ ଏବଂ ଗୋ ମାଂସକୁ ରାସ୍ତାରେ ରଖି ଆନ୍ଦୋଳନ କରିଥିଲେ। ଅନ୍ୟପଟେ ଯେଉଁ ସ୍ଥାନରେ ଗୋହତ୍ୟା ହେଉଥିଲା, ସେହି ଘରକୁ କିଛି ଯୁବକ ନିଆଁ ଲଗାଇ ଦେଇଥିଲେ। ଘଟଣା ସ୍ଥଳରେ ଉତ୍ତେଜନା ଦେଖାଦେବାରୁ ପୋଲିସ୍ ପହଞ୍ଚି ପରିସ୍ଥିତିକୁ ଆୟତ୍ତ କରିଥିଲା। କଷାଫଳ ମେରାଇନ ଥାନା ଆଇଆଇସିଙ୍କ ତୁରନ୍ତ ବଦଳି ନ ହେଲେ ଏସ୍‌ପି ଅଫିସ୍ ଘେରାଉ କରାଯିବ ବୋଲି ଅଞ୍ଚଳବାସୀ ଚେତାବନୀ ଦେଇଛନ୍ତି।

# ସୁନାହାର ଝାମ୍ପିନେଲେ ଦୁର୍ବୃତ୍ତ, ମା' ଓ ପୁଅ ଗୁରୁତର

ସନ୍ତ୍ରୀଛକ,୨୦।୪(ସନ୍ତୋଷ ପରିଡ଼ା)

ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଥାନା ଅନ୍ତର୍ଗତ କଂସରା ଧାଡ଼ିଆମ୍ବ ନିକଟରେ ବାଇକ୍‌ରେ ଯାଉଥିବା ଜଣେ ମହିଳାଙ୍କ ବେକରୁ ପ୍ରାୟ ୨ଭରି ଓଜନର ସୁନା ହାର ଲୁଟି ନେଇଛନ୍ତି ଦୁର୍ବୃତ୍ତ। ଲୁଟେରାଙ୍କ ଝାମ୍ପ ଯୋଗୁ ବାଇକ୍‌ରୁ ପଡ଼ି ମା' ଓ ପୁଅ ଗୁରୁତର ହୋଇଛନ୍ତି। ଘଟଣାରୁ ପ୍ରକାଶ, ସୋମବାର ଅପରାହ୍ନରେ ମହୀଧରପୁର ଗ୍ରାମର ପୂର୍ଣ୍ଣଚନ୍ଦ୍ର ନାୟକ ତାଙ୍କ ବୋହୂ ଏବଂ ନାତି ସହ ବାଇକ୍‌ରେ ବନ୍ତଳାରୁ ଫେରୁଥିଲେ। ଏହି ସମୟରେ ପୂର୍ବରୁ ବାଇକ୍‌ରେ ପିଛା କରୁଥିବା ଜଣେ ଦୁର୍ବୃତ୍ତ ହଠାତ୍ ମହିଳାଙ୍କ ବେକରୁ ସୁନା ହାର ଝାମ୍ପି ନେଇଥିଲେ। ଏହି ସମୟରେ ଭାରସାମ୍ୟ ହରାଇବାରୁ ମା' ଓ ପୁଅ ବାଇକ୍‌ରୁ ଛିଟିକି ପଡ଼ିଥିଲେ। ଫଳରେ ମହିଳାଙ୍କ ଗୋଡ଼ରେ ଗଭୀର ଆଘାତ ଲାଗିଥିବାବେଳେ ପୁଅ ମଧ୍ୟ ରକ୍ତାକ୍ତ ହୋଇଛନ୍ତି। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ଲୁଟେରା ଘଟଣାସ୍ଥଳରୁ ଚମ୍ପଟ ମାରିବାରେ ସଫଳ ହୋଇଛନ୍ତି। ହିନ୍ଦୋଳ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ବିଭିନ୍ନ ସ୍ଥାନରେ ନାକାବନ୍ଦୀ କରି ଦୁର୍ବୃତ୍ତଙ୍କୁ ଧରିବା ପାଇଁ ଅଭିଯାନ ଜାରି ରଖିଛି।

# ବାକି ଟଙ୍କା ନ ଦେବାରୁ ହତ୍ୟା ଅଭିଯୋଗ

କଣିହାଁ,୨୦।୪(ନିରୋଜ ପ୍ରଧାନ)

- ମାଡ଼ ମାରି ଗଛମୂଳେ ଫିଙ୍ଗି ଦେଇଥିଲେ
- ୨ ଅଭିଯୁକ୍ତ ଫେରାର

ଅନୁଗୋଳ ଜିଲ୍ଲା କଣିହାଁ ଥାନା ଘଣ୍ଟିଆନାଳି ଗ୍ରାମରେ ବାକି ଟଙ୍କା ନ ଦେବାରୁ ବଟ ପ୍ରଧାନ(୫୩)କୁ ମାଡ଼ ମାରି ହତ୍ୟା କରାଯାଇଥିବା ତାଙ୍କ ପୁଅ ବରୁଣ ପ୍ରଧାନ ଲିଖିତ ଅଭିଯୋଗ କରିଛନ୍ତି। ବଟଙ୍କ ଘର ଛେଣ୍ଡିପଦା ଥାନା କମ୍ପସଲା ନିକଟସ୍ଥ ହରିବେରେଣୀ ଗ୍ରାମରେ। କଣିହାଁ ପୋଲିସ ଏ ନେଇ ଏକ ହତ୍ୟା ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ତାଳଚେର ମଣ୍ଡାପାଳ ମେଡିକାଲ ପଠାଇ ତଦନ୍ତ ଜାରି ରଖିଛି।

ପୋଲିସ ସୂତ୍ରରୁ ପ୍ରକାଶ, ଗତ ରବିବାର ସକାଳ ୮ଟାରେ ହରିବେରେଣୀ ଗ୍ରାମର ବଟ ପ୍ରଧାନ ଓ ପରିଖ ବେହେରା କାଠ ପାଇଁ ନିକଟସ୍ଥ ଘଣ୍ଟିଆନାଳି ଗ୍ରାମକୁ ଯାଇ ସନ୍ଧ୍ୟା ପର୍ଯ୍ୟନ୍ତ ଘରକୁ ଫେରି ନ ଥିଲେ। ଖୋଜାଖୋଜି ବେଳେ ପୁଅ ବରୁଣ ତାଙ୍କ ବାପାଙ୍କୁ ହତ୍ୟା କରାଯାଇଥିବା ଜାଣିବାକୁ ପାଇଥିଲେ। ସୋମବାର ସକାଳେ ଘଣ୍ଟିଆନାଳୀ ମନ୍ଦିର ନିକଟସ୍ଥ ତାଳ ଗଛ ପାଖରେ ମୃତଦେହ ପଡ଼ିଥିବା ଦେଖି ପୋଲିସକୁ ଖବର ଦେଇଥିଲେ। ବଟଙ୍କ ହାତ ଓ ପିଠିରେ ଗଭୀର କ୍ଷତ ଥିବା ଜଣାପଡ଼ିଛି। ବଟ ଘଣ୍ଟିଆନାଳି ଗ୍ରାମର ସଞ୍ଜୟ ବେହେରାଙ୍କ ଘରକୁ ରବିବାର ଦିନ ମଦ ପିଇବାକୁ ଯାଇଥିଲେ। ସେଠାରେ ସଞ୍ଜୟ ପୂର୍ବରୁ ବାକିଥିବା ଟଙ୍କା ବଟକୁ ମାଗିଥିଲେ। ଟଙ୍କା ନ ଦେବାରୁ ବଟଙ୍କୁ ମାରପିଟ କରାଯାଇଥିଲା। ଫଳରେ ବଟଙ୍କ ମୃତ୍ୟୁ ହୋଇଥିବା ପୁଅ ବରୁଣ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ଅଭିଯୁକ୍ତ ସଞ୍ଜୟ ଓ ବଟଙ୍କ ସାଙ୍ଗରେ ଆସିଥିବା ପରିଖ ଫେରାର ଅଛନ୍ତି। ପୋଲିସ ତଦନ୍ତ ଜାରି ରଖିଛି।

# ପୂର୍ବତନ ନଗରପାଳଙ୍କ ଘରୁ ୭ ଲକ୍ଷ ଟଙ୍କା, ସୁନାଗହଣା ଚୋରି

ଢେଙ୍କାନାଳ,୨୦।୪(ରତନ ନାୟାର)

ଢେଙ୍କାନାଳର ପୂର୍ବତନ ନଗରପାଳ ତଥା ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁନୀଲ ଶର୍ମା ଓ ତାଙ୍କ ସ୍ତ୍ରୀ ତଥା ପୂର୍ବତନ ନଗରପାଳ ମୋନିକା ଶର୍ମାଙ୍କ ଷ୍ଟେଶନ ବଜାରସ୍ଥିତ ବାସଭବନରୁ ବଡ଼ଧରଣର ଚୋରି ହୋଇଛି। ଦୁର୍ବୃତ୍ତମାନେ ଘର ତାଲା ଭାଙ୍ଗି ନଗଦ ୭ଲକ୍ଷରୁ ଅଧିକ ଟଙ୍କା ଓ ବହୁ ପରିମାଣରେ ସୁନା ଅଳଙ୍କାର ଚୋରାଇ ନେଇଛନ୍ତି। ଖବରପାଇ ଟାଉନ ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି। ସୂଚନା ଅନୁଯାୟୀ, ପୂର୍ବତନ ନଗରପାଳ ଓ ତାଙ୍କ ସ୍ତ୍ରୀ କୌଣସି କାର୍ଯ୍ୟରେ କଣ୍ଟାବାଞ୍ଜି ଯାଇଥିବାବେଳେ ରବିବାର ରାତିରେ ତାଙ୍କ ପୁତ୍ର ମଧ୍ୟ ଅନୁପସ୍ଥିତ ଥିଲେ। ଏହାର ସୁଯୋଗ ନେଇ ଦୁର୍ବୃତ୍ତମାନେ ଚୋରି କରିଛନ୍ତି। ଟାଉନ ଥାନା ପୋଲିସ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ୍ ଟିମ୍ ସହ ତଦନ୍ତ ଜାରି ରଖିଛି। ନଂ. ୨୭୯/୨୬ରେ ମାମଲା ରୁଜୁ କରାଯାଇଛି।

# ବିଦ୍ୟୁତ୍ କର୍ମଚାରୀଙ୍କୁ ମାରଣାନ୍ତକ ଆକ୍ରମଣ ଅଭିଯୋଗ

ସନ୍ତ୍ରୀଛକ,୨୦।୪(ସନ୍ତୋଷ ପରିଡ଼ା)

ବଅଁରପାଳ ବ୍ଲକ ବୁଢ଼ାପଙ୍କ ପଞ୍ଚାୟତଠାରେ ଓପିଟିସିଏଲ୍ କମ୍ପାନୀର ଏକ ଟାୱାର କାର୍ଯ୍ୟ ବେଳେ କର୍ମଚାରୀଙ୍କୁ ଆକ୍ରମଣ ଅଭିଯୋଗ ହୋଇଛି। ବଅଁରପାଳ ଥାନା ଅଧିକାରୀ ଦୁଷ୍ମନ୍ତ କୁମାର ସିଂହ ନମ୍ବର ୨୩୯/୨୬ରେ ଏକ ମାମଲା ରୁଜୁକରି ଅଧିକ ତଦନ୍ତ ଚଳାଇଛନ୍ତି।

## ରାଜ୍ୟ ଖବର

**ତୃତୀୟ ପୃଷ୍ଠାରୁ**

### ମୁନିରଙ୍କ...

ହର୍ମୁଜ୍ ଜଳପଥରେ ଆମେରିକାର ଅବରୋଧକୁ ନେଇ ଇରାନ୍ କ୍ଷୁବ୍ଧ। ଏହା ଆଲୋଚନା ପାଇଁ ପ୍ରତିବନ୍ଧକ ସାଜିଛି ବୋଲି ମୁନିର କହିବା ପରେ ଟ୍ରମ୍ପ ନିଜ ପ୍ରତିକ୍ରିୟାରେ ଜଣାଇଛନ୍ତି, ତାଙ୍କ ପରାମର୍ଶ ବିଚାରଯୋଗ୍ୟ। ସେ ଏନେଇ ଅନୁଧ୍ୟାନ କରିବେ। ଉଲ୍ଲେଖଯୋଗ୍ୟ ଯେ, ଗତ ୧୦ ଓ ୧୧ ତାରିଖରେ ଆମେରିକା-ଇରାନ୍ ଆଲୋଚନାରୁ କିଛି ସୁଫଳ ନ ମିଳିବାରୁ ଶାନ୍ତି ପ୍ରସ୍ତାବ ଏକପ୍ରକାର ବିଫଳ ହୋଇଗଲା ବୋଲି ଅନେକେ ମନେକରିଥିଲେ। କିନ୍ତୁ ୧୫ ତାରିଖରେ ମୁନିର ୩ ଦିନିଆ ତେହରାନ୍ ଗସ୍ତ କରିଥିଲେ। ମୁନିର ଇରାନୀୟ ରାଷ୍ଟ୍ରପତି ମସୌଦ ପେଜେଶ୍କିଆନ୍, ବହିର୍ବ୍ୟାପାର ମନ୍ତ୍ରୀ ଅବ୍ବାସ୍ ଅରାଘଚି ଓ ଶୀର୍ଷ ସାମରିକ ନେତୃତ୍ୱଙ୍କୁ ସାକ୍ଷାତ୍ କରି ଉତ୍ତେଜନା ହ୍ରାସ ଦିଗରେ କୂଟନୈତିକ ଉଦ୍ୟମ କରିଥିଲେ। ଏଭଳି ସମୟରେ ଯେଉଁ ପାକିସ୍ତାନକୁ ଆର୍ଥିକ ଦୁର୍ବଳ ଓ ଆତଙ୍କବାଦୀଙ୍କ ଭୂସ୍ୱର୍ଗ କହି ସମାଲୋଚନା କରାଯାଇଥାଏ, ସେହି ଦେଶର ଚିଫ୍ ଅଫ୍ ଡିଫେନ୍ସ ଫୋର୍ସେସ୍ (ସିଡିଏଫ୍) ମୁନିର ସମ୍ପ୍ରତି ଯୁଦ୍ଧାବସାନ ପାଇଁ ଉଦ୍ୟମ କରି ବିଭିନ୍ନ ମହଲରେ ପ୍ରଶଂସା ସାଉଣ୍ଟୁଛନ୍ତି।

ସେପଟେ ଆମେରିକୀୟ ପ୍ରତିନିଧି ଦଳ ଇସ୍‌ଲାମାବାଦରେ ପହଞ୍ଚିବାକୁ ଥିବାବେଳେ ଇରାନୀୟ ଟିମ୍ ଉକ୍ତ ଆଲୋଚନାରେ ସାମିଲ ହେବ ନାହିଁ ବୋଲି କୁହାଯାଉଛି। ତେବେ ଇରାନ ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ଏସ୍‌ମାଇଲ୍ ବାକାଏଇ କହିଛନ୍ତି, ତାଙ୍କ ଦେଶ ଏହା ଉପରେ ନିଷ୍ପତ୍ତି ନେଇନାହିଁ। ଏହା ପୂର୍ବରୁ ପ୍ରଥମ ପର୍ଯ୍ୟାୟ ଆଲୋଚନାର ନେତୃତ୍ୱ ନେଇଥିବା ଇରାନ ପାର୍ଲାମେଣ୍ଟ ସ୍ପିକର ମହମ୍ମଦ ବଘେର ଘାଲିବାଫ୍ କହିଛନ୍ତି, ବର୍ତ୍ତମାନ ଉପୁଜିଥିବା ଉତ୍ତେଜନାପୂର୍ଣ୍ଣ ସ୍ଥିତିରେ ଆମେରିକା ଉପଯୁକ୍ତ ପଦକ୍ଷେପ ନେବା ଉଚିତ। ତେହରାନ୍ ଆମେରିକା ସହ ଆଲୋଚନା ଜାରି ରଖିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଘଡ଼ିକେ ଘୋଡ଼ା ଛୁଟିବା ଭଳି ପରିବର୍ତ୍ତନଶୀଳ ଆଭିମୁଖ୍ୟ, ୱାଶିଂଟନ୍‌ର ଅତ୍ୟଧିକ ଦାବି, ଅବାସ୍ତବ ଆଶା, ମନ୍ତବ୍ୟରେ ବିରୋଧାଭାସ ଯୋଗୁ ତେହରାନ୍ ଉକ୍ତ ଆଲୋଚନାରେ ଯୋଗଦେଇ ନ ପାରେ ବୋଲି କୁହାଯାଉଛି।

### ଆଇଏନ୍‌ଏସ୍ ଚିଲିକାରେ...

ତଦନ୍ତ ପରେ ହିଁ ଜଣାପଡ଼ିବ ବୋଲି କୁହାଯାଉଛି।

ସୂଚନା ମୁତାବକ, ଆଇଏନ୍‌ଏସ୍ ଚିଲିକାରେ ଗତ ଫେବୃଆରୀରୁ ୮ମ ବ୍ୟାଚ୍ ଅଗ୍ନିବୀରଙ୍କ ତାଲିମ କାର୍ଯ୍ୟକ୍ରମ ଜାରି ରହିଥିବା ବେଳେ ବିକାଶ ପ୍ରଶିକ୍ଷଣ ନେଉଥିଲେ। ଏପରିସ୍ଥଳେ ରବିବାର ଭୋର୍‌ରୁ ବିକାଶ ନିଜ ବାରାକ୍‌ରେ ଅନୁପସ୍ଥିତ ଥିବା ଦେଖି ସାଥୀ ପ୍ରଶିକ୍ଷାର୍ଥୀମାନେ ଖୋଜାଖୋଜି କରିଥିଲେ। ଏହାପରେ ବାରାକ୍ ନିକଟ ଜିମ୍ ହଲ୍‌ରେ ବିକାଶଙ୍କୁ ଝୁଲନ୍ତା ଅବସ୍ଥାରେ ଦେଖିବାକୁ ମିଳିଥିଲା। ଖବରପାଇ ନୌସେନା କର୍ତ୍ତୃପକ୍ଷ ପହଞ୍ଚି ବିକାଶଙ୍କୁ ଉଦ୍ଧାର କରି ଆଇଏନ୍‌ଏସ୍ ଚିଲିକା ପରିସରରେ ଥିବା ହସ୍ପିଟାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ସୋମବାର ସକାଳେ ବିକାଶଙ୍କ ବାପା ଏବଂ ସମ୍ପର୍କୀୟ ପହଞ୍ଚି ଘଟଣା ସମ୍ପର୍କରେ ବାଲୁଗାଁ ଥାନାରେ ଅଭିଯୋଗ କରିଥିଲେ। ବିକାଶଙ୍କ ମୃତ୍ୟୁକୁ ତାଙ୍କ ବାପା ସହଜରେ ବିଶ୍ୱାସ କରିପାରୁନାହାନ୍ତି। ନିଶ୍ଚିତ ଭାବେ ବିକାଶ ପ୍ରତି କୌଣସି ଅନ୍ୟାୟ ହୋଇଛି, ଏହାର ଉଚ୍ଚସ୍ତରୀୟ ତଦନ୍ତ କରାଯାଉ ବୋଲି ସେ ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି। ବାଲୁଗାଁ ଏସ୍‌ଡିପିଓ ସଞ୍ଜୟ ପଟ୍ଟନାୟକ, ଆଇଆଇସି ଜୟ ପ୍ରକାଶ ପରିଡା ଏବଂ ନାଭାଲ ଫାଣ୍ଡି ଅଧିକାରୀ ଶ୍ରୀନିବାସ ସାମନ୍ତ ସଦଳବଳ ପହଞ୍ଚି ମୃତଦେହ ଜବତ କରିବା ସହ ଘଟଣାର ତଦନ୍ତ କରିଥିଲେ। ଏନେଇ ଏସ୍‌ଡିପିଓ ପଟ୍ଟନାୟକ କହିଛନ୍ତି, ସିସିଟିଭି ଫୁଟେଜ ଯାଞ୍ଚ ସହ ତଦନ୍ତ ଜାରି ରହିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହେବ। ସୂଚନାଥାଉ କି, ଗତ ୮ତାରିଖରେ ପ୍ରଶିକ୍ଷଣ କେନ୍ଦ୍ର ଚିଲିକା ଶାଖା ପରିସରରୁ ଉତ୍ତରପ୍ରଦେଶ ମିରଟ୍ ଜିଲ୍ଲା ଅନ୍ତର୍ଗତ ମହମ୍ମଦପୁର ଧୁମି ଗ୍ରାମର କାର୍ତ୍ତିକ ଯାଦବ ନାମକ ଜଣେ ଅଗ୍ନିବୀର ପ୍ରଶିକ୍ଷାର୍ଥୀଙ୍କ ମୃତଦେହ ଜବତ ହୋଇଥିଲା।

# ବର୍ଷେ ପରେ ବି ଚାକିରି ଅପେକ୍ଷାରେ ପ୍ରିୟଦର୍ଶିନୀ

ବାଲେଶ୍ୱର, ୨୦।୪(ବାଞ୍ଛାନିଧି ଦେ)

- ପହଲଗାମ୍‌ରେ ଆତଙ୍କବାଦୀ ଆକ୍ରମଣକୁ ବର୍ଷେ
- ପ୍ରଶାନ୍ତ ଶତପଥୀଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକୀ ଆଜି



ପ୍ରିୟଦର୍ଶିନୀ ଶତପଥୀ

ଜମ୍ମୁ-କଶ୍ମୀର ପହଲଗାମ୍‌ରେ ଆତଙ୍କବାଦୀ ଆକ୍ରମଣ ଘଟଣାକୁ ବର୍ଷେ ପୂରିବାକୁ ଯାଉଛି। ୨୦୨୫ ଏପ୍ରିଲ ୨୨ରେ ଆତଙ୍କବାଦୀଙ୍କ ଗୁଳିମାଡ଼ରେ ୨୬ପର୍ଯ୍ୟଟକଙ୍କ ମୃତ୍ୟୁ ହୋଇଥିଲା। ସେଥି ମଧ୍ୟରେ ବାଲେଶ୍ୱର ସଦର ବ୍ଲକ ସାରଗାଁ ପଞ୍ଚାୟତ ଅନ୍ତର୍ଗତ ଈଶାଣୀ ଗ୍ରାମର ପ୍ରଶାନ୍ତ ଶତପଥୀ ଥିଲେ। ଏପ୍ରିଲ ୨୧ତାରିଖ ତାଙ୍କର ପ୍ରଥମ ଶ୍ରାଦ୍ଧବାର୍ଷିକୀ ପଡୁଛି। ସରକାରଙ୍କ ପକ୍ଷରୁ ଆର୍ଥିକ ସହାୟତା ମିଳିଛି ସତ, ହେଲେ ପ୍ରତିଶ୍ରୁତି ଅନୁଯାୟୀ ତାଙ୍କୁ ଏଯାଏ ସରକାରୀ ଚାକିରି ମିଳିନାହିଁ ବୋଲି ସ୍ତ୍ରୀ ପ୍ରିୟଦର୍ଶିନୀ ଅଭିଯୋଗ କରିଛନ୍ତି। ସେ ନିଜର ସମସ୍ତ ଶିକ୍ଷାଗତ ପ୍ରମାଣପତ୍ର ଜିଲାପାଳ, ଏମ୍‌ପି ଓ ବିଧାୟକଙ୍କୁ ଦେଇଛନ୍ତି। ଏବେ ସେ ଏକ ପ୍ରୋଜେକ୍ଟ ଅଧୀନରେ ସଦର ବ୍ଲକରେ ପ୍ରୋଜେକ୍ଟ କୋର୍ଡିନେଟର (କଣ୍ଟ୍ରାକ୍ଟୁଆଲ୍) ଭାବେ ଚାକିରି କରୁଛନ୍ତି। ପୁଅ ତନୁଜ ବାଲେଶ୍ୱର ଡିଏଭି ପବ୍ଲିକ ସ୍କୁଲରେ ଷ୍ଟାଣ୍ଡାର୍ଡ ୫ରେ ଅଧ୍ୟୟନ କରୁଛନ୍ତି। ମହାରାଷ୍ଟ୍ରରେ ଆତଙ୍କବାଦୀ ଆକ୍ରମଣରେ ପ୍ରାଣ ହରାଇଥିବା ଜଣେ ବ୍ୟକ୍ତିଙ୍କ ଝିଅକୁ ଗତ ମାର୍ଚ୍ଚରେ ସରକାରୀ ଚାକିରି ମିଳିଥିବା ବେଳେ ଓଡ଼ିଶା ସରକାରଙ୍କ ପକ୍ଷରୁ ଖୁବ୍ ଶୀଘ୍ର ତାଙ୍କୁ ସରକାରୀ ଚାକିରି ମିଳିଲେ ଉପକୃତ ହେବେ ବୋଲି ପ୍ରିୟଦର୍ଶିନୀ କହିଛନ୍ତି। ସରକାରଙ୍କ ପ୍ରତି ତାଙ୍କର ବିଶ୍ୱାସ ରହିଛି। ଯୋଗ୍ୟତା ଅନୁଯାୟୀ ଚାକିରି ପାଇଁ ସେ ଆଶା ରଖିଛନ୍ତି। ଦୁଃଖ ସମୟରେ ସରକାର ତାଙ୍କ ସହ ରହିଥିବାରୁ ସେ କୃତଜ୍ଞତା ଜଣାଇଛନ୍ତି।

ଉଲ୍ଲେଖଯୋଗ୍ୟ, ବାଲେଶ୍ୱର ସିପେଟ୍‌ରେ ଆକାଉଣ୍ଟାଣ୍ଟ ଭାବେ ଚାକିରି କରୁଥିଲେ ପ୍ରଶାନ୍ତ। ଗ୍ରୀଷ୍ମ ଋତୁରେ ଜମ୍ମୁ-କଶ୍ମୀର ବୁଲିବା ପାଇଁ ୨୦୨୫ ଏପ୍ରିଲ ୧୯ ତାରିଖରେ ସେ ଘରୁ ବାହାରିଥିଲେ। ତାଙ୍କ ସହ ସ୍ତ୍ରୀ ପ୍ରିୟଦର୍ଶିନୀ ଓ ୮ବର୍ଷୀୟ ପୁଅ ତନୁଜ ଯାଇଥିଲେ। ସେଠାରେ ପହଞ୍ଚି ପହଲଗାମ୍‌ରେ ବୈସରନ୍ ଭ୍ୟାଲିରେ ରହିଥିଲେ। ପୁଅ ଓ ସ୍ତ୍ରୀଙ୍କ ସହିତ ସେଠରେ ପ୍ରଶାନ୍ତ ବୁଲୁଥିବା ବେଳେ ଆତଙ୍କବାଦୀମାନେ ପର୍ଯ୍ୟଟକମାନଙ୍କ ଉପରେ ଅତର୍କିତ ଗୁଳି ଚଳାଇଥିଲେ। ସ୍ତ୍ରୀଙ୍କ ସାମ୍ନାରେ ପ୍ରଶାନ୍ତଙ୍କ ମୁଣ୍ଡରେ ଗୁଳି ବାଜିଥିଲା। ସହାୟତା ପାଇଁ ପ୍ରିୟଦର୍ଶିନୀ ଚିତ୍କାର କରିଥିଲେ। ଦୀର୍ଘ ସମୟ ପରେ ଯବାନମାନେ ସେଠାରେ ପହଞ୍ଚି ପ୍ରଶାନ୍ତଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ନେଇଥିଲେ। ହେଲେ ତାଙ୍କର ମୃତ୍ୟୁ ଘଟିଥିଲା। ସରକାରଙ୍କ ସହାୟତାରେ ପ୍ରଶାନ୍ତଙ୍କ ପାର୍ଥିବ ଶରୀର ୨୩ ତାରିଖ ରାତିରେ ଜମ୍ମୁ-କଶ୍ମୀରରୁ ଆସି ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିଥିଲା। ସେଠାରୁ ତାଙ୍କର ମରଶରୀରକୁ ଅଣାଯାଇ ୨୪ତାରିଖ ଭୋର ସମୟରେ ଜନ୍ମମାଟି ଈଶାଣୀରେ ପହଞ୍ଚିଥିଲା। ମୁଖ୍ୟମନ୍ତ୍ରୀ ମୋହନ ମାଝି ତାଙ୍କ ବାସଭବନରେ ପହଞ୍ଚି ଶେଷଯାତ୍ରାରେ ସାମିଲ ହୋଇଥିଲେ। ତାଙ୍କ ପରିବାରକୁ ୨୦ଲକ୍ଷ ଟଙ୍କା ସହାୟତା, ସ୍ତ୍ରୀଙ୍କୁ ସରକାରୀ ଚାକିରି ଏବଂ ପୁଅର ପାଠପଢ଼ା ଖର୍ଚ୍ଚ ସରକାର ବହନ କରିବେ ବୋଲି ସେ ଘୋଷଣା କରିଥିଲେ।

# ଆଜି ଗଣଶିକ୍ଷା ମନ୍ତ୍ରୀଙ୍କ ବାସଭବନ ଘେରାଉ

ଭୁବନେଶ୍ୱର,୨୦।୪(ସୁଚିସ୍ମିତା ସାହୁ)

ପୁଣି ଆନ୍ଦୋଳନ ଚେତାବନୀ ଦେଲା ଟିଜିଟି ଦମ୍ପତି ବଦଳି ସଂଘ। ଦମ୍ପତି ଶିକ୍ଷକଙ୍କ ବଦଳି କ୍ଷେତ୍ରରେ ସରକାରଙ୍କ ଆଭିମୁଖ୍ୟକୁ ନେଇ ସଂଘ ତୀବ୍ର ଅସନ୍ତୋଷ ପ୍ରକାଶ କରିବା ସହ ମଙ୍ଗଳବାର ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡଙ୍କ ସରକାରୀ ବାସଭବନ ଘେରାଉ କରାଯିବ ବୋଲି ସୂଚନା ଦିଆଯାଇଛି। ସଂଘର ଆବାହକମାନେ କହିଛନ୍ତି, ରାଜ୍ୟ ସରକାରଙ୍କ ବଦଳି ନିୟମ ଅନୁସାରେ ଟିଜିଟି ଦମ୍ପତିମାନେ ଆବେଦନ କରିଥିଲେ। ଜିଲା ଶିକ୍ଷା ଅଧିକାରୀଙ୍କ ସୁପାରିସ ପରେ ନିର୍ଦ୍ଧାରିତ ପୋର୍ଟାଲ ମାଧ୍ୟମରେ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ଆବେଦନ କରିବାର ୧୧ ମାସ ବିତିଯାଇଥିଲେ ସୁଦ୍ଧା ବଦଳି ପାଇଁ କୌଣସି ପ୍ରକ୍ରିୟା ଆରମ୍ଭ ହୋଇନାହିଁ। ତେଣୁ ଗଣଶିକ୍ଷା ମନ୍ତ୍ରୀଙ୍କ ବାସଭବନ ଘେରାଉ କରିବା ସହିତ ପ୍ରଶାସନିକ ବଦଳିକୁ ଘୋର ବିରୋଧ କରାଯିବ ବୋଲି ସଂଘ ପକ୍ଷରୁ କୁହାଯାଇଛି।

# ଯକୃତ ଦାନ କରି ଜୀବନ ବଞ୍ଚାଇଲେ ମୃତ ମହିଳା ଡାକ୍ତର

**ଏମ୍‌ସରେ ପ୍ରଥମ ଯକୃତ ପ୍ରତିରୋପଣ ସଫଳ**

ଭୁବନେଶ୍ୱର, ୨୦।୪ (ବନ୍ଦନା ସେଠୀ)



ଯକୃତ ପ୍ରତିରୋପଣ କରିଥିବା ଡାକ୍ତରୀ ଟିମ୍।

ମୃତ୍ୟୁ ପୂର୍ବରୁ ଯକୃତ ଦାନ କରି ମହାନତା ଦେଖାଇଛନ୍ତି ଜଣେ ମହିଳା ଡାକ୍ତର। ତାଙ୍କ ଯକୃତ ଜଣେ ୪୬ ବର୍ଷୀୟ ବ୍ୟକ୍ତିଙ୍କ ଶରୀରରେ ଜୀବନ ସଞ୍ଚାର କରିଥିବାରୁ ସେ ନୂଆ ଜୀବନ ଫେରିପାଇଛନ୍ତି। ଏମ୍‌ସ ଭୁବନେଶ୍ୱରରେ ଏହି ଯକୃତ ପ୍ରତିରୋପଣ ସଫଳତାର ସହିତ ସମ୍ପନ୍ନ ହୋଇଥିବାରୁ ଓଡ଼ିଶା ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଆଉ ଏକ ସଫଳତା ହାସଲ କରିଛି। ଭଦ୍ରକ ଜିଲାର ହୋମିଓପାଥିକ ଚିକିତ୍ସା ଅଧିକାରୀ ଡା. ରାଧା ପାଢୀ ଦୀର୍ଘବର୍ଷ ଧରି ପ୍ଲେଟ୍‌ଲେଟ୍ ରୋଗ ସହ ଲଢେଇ କରୁଥିଲେ। ଏହି ସମୟରେ ସେ ନିଜ ଅଙ୍ଗଗୁଡିକୁ ଦାନ କରିବା ନିମନ୍ତେ ପ୍ରତିଜ୍ଞା କରିଥିଲେ। ନିଜର ଅସୁସ୍ଥତା କାରଣରୁ ସେ ଏମ୍‌ସରେ ଚିକିତ୍ସାଧୀନ ଥିବାବେଳେ ଏପ୍ରିଲ ୨ରେ ତାଙ୍କୁ ବ୍ରେନ୍ ଷ୍ଟେମ୍ ମୃତ ଘୋଷଣା କରାଯାଇଥିଲା। ଏହାପରେ ତାଙ୍କ ପରିବାର ଲୋକେ ଡା. ପାଢ଼ୀଙ୍କ ଇଚ୍ଛାକୁ ସମ୍ମାନ ଜଣାଇ ଅଙ୍ଗଦାନ କରିବାକୁ ସମ୍ମତି ପ୍ରକାଶ କରିଥିଲେ। ଏପ୍ରିଲ ୩ରେ ଏମ୍‌ସ ଭୁବନେଶ୍ୱରର ସର୍ଜିକାଲ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ଦଳ ଦ୍ୱାରା ତାଙ୍କର ଯକୃତକୁ ଅନ୍ୟଜଣେ ପୁରୁଷ ରୋଗୀଙ୍କ ଶରୀରରେ ସଫଳତାର ସହିତ ପ୍ରତିରୋପଣ କରାଯାଇଥିଲା। ଯକୃତ ପ୍ରତିରୋପିତ ହୋଇଥିବା ବ୍ୟକ୍ତି ଜଣକ ଏବେ ସୁସ୍ଥ ଅଛନ୍ତି। ସୋମବାର ତାଙ୍କୁ ହସ୍ପିଟାଲରୁ ଡିସ୍‌ଚାର୍ଜ କରାଯାଇଥିବା ସୂଚନା ଦିଆଯାଇଛି।

ଜାତୀୟ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ଏମ୍‌ସରେ ପ୍ରଥମଥର ପାଇଁ ଏହି ଯକୃତ ପ୍ରତିଯୋଗଣ କରାଯାଇଛି। ଆଇଏଲ୍‌ବିଏସ୍ ଦିଲ୍ଲୀର ପ୍ରଫେସର ବିନିୟେନ୍ଦ୍ର ପାମେଚାଙ୍କ ପରାମର୍ଶରେ ଏମ୍‌ସ ଭୁବନେଶ୍ୱର ସର୍ଜିକାଲ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ବିଭାଗୀୟ ମୁଖ୍ୟ ଡା. ବ୍ରହ୍ମଦତ୍ତ ପଟ୍ଟନାୟକଙ୍କ ନେତୃତ୍ୱରେ ଏହି ପ୍ରତିରୋପଣ କରାଯାଇଥିଲା। ଏହି ପ୍ରକ୍ରିୟାକୁ ଆନାସ୍ଥେସିଆ, ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ଏବଂ କ୍ରିଟିକାଲ କେୟାର ବିଶେଷଜ୍ଞ ସମେତ ବହୁବିଧ ଦଳ ସହଯୋଗ କରିଥିଲେ। ଏମ୍‌ସ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡା. ଆଶୁତୋଷ ବିଶ୍ୱାସ ଯକୃତଦାତାଙ୍କ ପରିବାର ପ୍ରତି କୃତଜ୍ଞତା ପ୍ରକାଶ କରିଥିଲେ। ଅପରପକ୍ଷେ ମୃତା ଡା. ପାଢୀଙ୍କ ଅବଦାନକୁ ସ୍ୱୀକୃତି ଦେଇ ମେଡିକାଲ ଅଧୀକ୍ଷକ ଡ. ପ୍ରଭାସ ରଞ୍ଜନ ତ୍ରିପାଠୀଙ୍କ ନେତୃତ୍ୱରେ ତାଙ୍କ ମରଶରୀରକୁ ଗାର୍ଡ ଅଫ୍ ଅନର ପ୍ରଦାନ କରାଯାଇଥିଲା।

# ନବୋଦୟ ବିଦ୍ୟାଳୟ ଛାତ୍ରଙ୍କ ମୃତଦେହ ଜବତ

ଫୁଲବାଣୀ,୨୦।୪(ରାକେଶ କୁମାର ରାଉତ)

**ହତ୍ୟା ଅଭିଯୋଗ ଆଣିଲେ ପରିବାର**

କନ୍ଧମାଳ ଜିଲା ଫୁଲବାଣୀ ନବୋଦୟ ବିଦ୍ୟାଳୟର ଜଣେ ଯୁକ୍ତ ୨ ଛାତ୍ରଙ୍କ ଝୁଲନ୍ତା ମୃତଦେହ ହଷ୍ଟେଲ ରୁମ୍‌ରୁ ଜବତ କରାଯାଇଛି। ସେ ହେଲେ ଗୋଛାପଡ଼ା ଥାନା କୋଏରମାଣ୍ଡୁ ପଞ୍ଚାୟତ ତେତେରିପୋଲା ଗ୍ରାମର ସୁରେଶ କହଁରଙ୍କ ପୁଅ ଗୋକୁଳ (୧୭)। ପୁଅକୁ ମାନସିକ ନିର୍ଯାତନା ଦେଇ ମାରି ଦିଆଯାଇଥିବା ଗୋକୁଳଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି।

ସୂଚନା ଅନୁସାରେ, ତୁଡ଼ିପାଜୁସ୍ଥିତ ଜବାହର ନବୋଦୟ ବିଦ୍ୟାଳୟରେ ପଢୁଥିବା ଗୋକୁଳ ହଷ୍ଟେଲ ରୁମ୍ ଫ୍ୟାନରେ ଝୁଲୁଥିବା ସୋମବାର ଦିନ ପ୍ରାୟ ୧ଟାରେ ଶିକ୍ଷକମାନେ ଦେଖି ତୁରନ୍ତ ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକେ ପହଞ୍ଚିବା ପରେ କବାଟ ଖୋଲି ଗୋକୁଳଙ୍କୁ ଫ୍ୟାନରୁ ତଳକୁ ଆଣି ଫୁଲବାଣୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ଫୁଲବାଣୀ ସଦର ଥାନା ସବ୍‌ଇନ୍ସପେକ୍ଟର ସମ୍ପିତ ବେହେରା ଡାକ୍ତରଖାନାରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି। କେଉଁ କାରଣରୁ ଗୋକୁଳଙ୍କ ମୃତ୍ୟୁ ହୋଇଛି ତାହା ଅସ୍ପଷ୍ଟ ଥିବା ବେଳେ ପରିବାର ଲୋକେ ହତ୍ୟା ଅଭିଯୋଗ ଆଣିଛନ୍ତି। ଗୋକୁଳଙ୍କ ବାପା କହିଛନ୍ତି, ମଧ୍ୟାହ୍ନ ୧୨ଟାରେ ପୁଅ ଘରକୁ ଫୋନ କରି ଶିକ୍ଷକମାନେ ଗାଳିଗୁଲଜ କରୁଛନ୍ତି, ମୋତେ ଘରକୁ ନେଇଯାଅ ନଚେତ ସେମାନେ ମାରିଦେବେ ବୋଲି କହିଥିଲା। ଶିକ୍ଷକଙ୍କଠାରୁ ଖବରପାଇ ବିଦ୍ୟାଳୟରେ ପହଞ୍ଚିବା ପରେ ବାହାରପଟୁ ତାଲା ବନ୍ଦ ଥିବା ଏକ କୋଠରିରେ ପୁଅ ଥିବା ଜାଣିବାକୁପାଇଲି। ବିଦ୍ୟାଳୟ କର୍ମଚାରୀଙ୍କ ଉପସ୍ଥିତିରେ କୋଠରି ଖୋଲିବାରୁ ଗୋକୁଳ ବେକରେ ରଶି ବାନ୍ଧି ଝୁଲୁଥିବା ଦେଖିବାକୁ ପାଇଥିଲି। ବିଦ୍ୟାଳୟ କର୍ତ୍ତୃପକ୍ଷ ପୁଅକୁ ହତ୍ୟା କରି ଆତ୍ମହତ୍ୟାର ରୂପ ଦେବା ପାଇଁ ଝୁଲାଇ ଦେଇଥିବା ବାପା ସୁରେଶ ଏତଲାରେ ଦର୍ଶାଇଛନ୍ତି। ପୋଲିସ ମୃତଦେହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ମୃତ୍ୟୁର ପ୍ରକୃତ କାରଣ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଜଣାପଡିବ ବୋଲି ଏସଆଇ ବେହେରା କହିଛନ୍ତି।



ବିଏସ୍ଇ ସେନ୍‌ସେକ୍ସ
୭୮,୫୨୦ (+୨୬.୭୬)



୧ ଡଲାର = ୯୩.୧୯ ଟଙ୍କା



ବ୍ରେଣ୍ଟ୍ କ୍ରୁଡ୍ ଅଏଲ୍
(ପ୍ରତି ବ୍ୟାରେଲ୍)
୯୬.୪୯ ଡଲାର

# ଘୋର ଆର୍ଥିକ ଚାପରେ ବୈଶ୍ୱିକ ଅର୍ଥନୀତି

## ୨୦୨୯ ସୁଦ୍ଧା ଜିଡିପିର ୧୦୦% ଛୁଇଁବ ଋଣ

ୱାଶିଂଟନ୍, ୨୦।୪

ମଧ୍ୟପ୍ରାଚ୍ୟ ଯୁଦ୍ଧକୁ ନେଇ ବୈଶ୍ୱିକ ଅର୍ଥନୀତି କ୍ରମଶଃ ଦୁର୍ବଳ ହେବା ସହ ଚାପଗ୍ରସ୍ତ ହେବାରେ ଲାଗିଛି। ଏହାଯୋଗୁ ବିକାଶମୁଖୀ ଏବଂ ଆର୍ଥିକ ଅଭିବୃଦ୍ଧିଶୀଳ ରାଷ୍ଟ୍ରଗୁଡିକ ମାତ୍ରାଧିକ ପ୍ରଭାବିତ ହେବାରେ ଲାଗିଛନ୍ତି। ଫଳରେ ୨୦୨୯ ସୁଦ୍ଧା ବୈଶ୍ୱିକ ଋଣଭାର ବିଶ୍ୱର ମୋଟ ଜିଡିପିର ୧୦୦ ପ୍ରତିଶତ ଛୁଇଁବ ବୋଲି ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି (ଆଇଏମଏଫ୍) ପକ୍ଷରୁ ସତର୍କ କରିଦିଆଯାଇଛି। ବୈଶ୍ୱିକ ଅର୍ଥନୈତିକ ଗତିବିଧି ଉପରେ ନଜର ରଖିଥିବା ଆଇଏମଏଫ୍ କହିଛି, ୨୦୨୫ ସୁଦ୍ଧା ପବ୍ଲିକ୍ ଫାଇନାନ୍ସ କ୍ଷେତ୍ରରେ ଅଧୋଗତି ଘଟିବା ସହିତ ବୈଶ୍ୱିକ ଋଣ ଭାର ମୋଟ ଜିଡିପିର ୯୪ ପ୍ରତିଶତ ଛୁଇଁଛି। ଏହାପରେ ମଧ୍ୟପ୍ରାଚ୍ୟ ଯୁଦ୍ଧକୁ ନେଇ ସ୍ଥିତି ଆହୁରି ଗମ୍ଭୀର ହେବାକୁ ଲାଗିଥିଲାବେଳେ ଆଗକୁ ଋଣଭାର ଆହୁରି ବୃଦ୍ଧି ହେବ।




ବିଶେଷକରି ତୈଳ ଓ ଇନ୍ଧନକୁ ନେଇ ଯୋଗାଣ ଶୃଙ୍ଖଳ ଯେଉଁଭଳି ବ୍ୟାହତ ହୋଇଛି ତଦ୍ୱାରା ବୈଶ୍ୱିକ ବଜାର ସ୍ଥିତି ଦୁର୍ବଳ ହେବାରେ ଲାଗିଛି। ତୈଳ ଏବଂ ଖାଦ୍ୟ ଦର ବୃଦ୍ଧି ଯୋଗୁ ବିଭିନ୍ନ ରାଷ୍ଟ୍ର ଏବେଠାରୁ ସେମାନଙ୍କ ବିତ୍ତୀୟ ବ୍ୟବସ୍ଥା ସଙ୍କୁଚିତ କରିବା ସହ ରପ୍ତାନି-ଆମଦାନୀ କ୍ଷେତ୍ରକୁ ନିୟନ୍ତ୍ରଣରେ ରଖିବାକୁ ବାଧ୍ୟ ହେଉଛନ୍ତି। ଏହାଛଡ଼ା ଯୁଦ୍ଧ ପ୍ରଭାବରେ ବୈଶ୍ୱିକ ନିବେଶ କ୍ଷେତ୍ର ପ୍ରଭାବିତ ହୋଇଥିବାରୁ ଆଗକୁ ସ୍ଥିତି ଆହୁରି ଖରାପ ହେବ ବୋଲି ଆଇଏମଏଫ୍ କହିଛି।

# ଗ୍ରାମାଞ୍ଚଳ ପାଇଁ ହାଇବ୍ରିଡ୍ ସ୍ୱାସ୍ଥ୍ୟ ମଡେଲ୍ ଜରୁରୀ




ପ୍ରିୟଦର୍ଶୀ ମହାପାତ୍ର

**ପ୍ରିୟଦର୍ଶୀ ମହାପାତ୍ର ଜଣେ ଅଭିଜ୍ଞ ଶିଳ୍ପପତି ଏବଂ ସଫଳ ଉଦ୍ୟୋଗୀ ଭାବେ ପରିଚିତ। ସେ 'କ୍ୟୁଅରବେ' ପ୍ରତିଷ୍ଠା କରିବା ପୂର୍ବରୁ ଗୁଗଲ୍, ମାଇକ୍ରୋସଫ୍ଟ, ଏସ୍ଏପି, ଆଭାୟା ଏବଂ ସନ୍ ମାଇକ୍ରୋସିଷ୍ଟମ୍ସ ଭଳି ବିଶ୍ୱସ୍ତରୀୟ କମ୍ପାନୀଗୁଡ଼ିକରେ ଗୁରୁତ୍ୱପୂର୍ଣ୍ଣ ପଦବୀରେ କାର୍ଯ୍ୟ କରିଛନ୍ତି। ଭାରତର ଗ୍ରାମାଞ୍ଚଳରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଥିବା ଅସମାନତାକୁ ଦୂର କରିବା ଲକ୍ଷ୍ୟରେ ସେ 'କ୍ୟୁଅରବେ' ସ୍ଥାପନ କରିଛନ୍ତି, ଯାହା ବର୍ତ୍ତମାନ ଭାରତର ଦ୍ରୁତତମ ଅଭିବୃଦ୍ଧିଶୀଳ ହେଲ୍‌ଥ-ଟେକ୍ କମ୍ପାନୀ ଭାବେ ମାନ୍ୟତା ପାଇଛି। ବର୍ତ୍ତମାନ ଏହା ଓଡ଼ିଶା, ଛତିଶଗଡ଼ ଏବଂ ଝାଡ଼ଖଣ୍ଡରେ ୧୯୦ରୁ ଅଧିକ ଇ-କ୍ଲିନିକ୍ ଏବଂ ୧୫୦୦ରୁ ଅଧିକ 'ସ୍ୱାସ୍ଥ୍ୟ ମିତ୍ର'ଙ୍କ ସହାୟତାରେ ୧୦.୫ ଲକ୍ଷରୁ ଅଧିକ ରୋଗୀଙ୍କୁ ସେବା ଯୋଗାଇ ସାରିଛି। ସମ୍ପ୍ରତି କମ୍ପାନୀ ୨୧ ମିଲିୟନ୍ ଡଲାର୍ ଟଙ୍କା ଫଣ୍ଡିଂ ପାଇଛି, ଯାହା ସାରା ଦେଶରେ ବିସ୍ତାର ଲାଭ କରିବାରେ ସହାୟକ ହେବ ବୋଲି ଆଶା ରଖିଥିବା ପ୍ରିୟଦର୍ଶୀଙ୍କ ସହ ସାକ୍ଷାତ୍‌କାର....**

**ପ୍ରଶ୍ନ– ଗ୍ରାମାଞ୍ଚଳ ଏବଂ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ଲୋକଙ୍କୁ ଉନ୍ନତ ସେବା ଯୋଗାଇବା ପାଇଁ 'କ୍ୟୁଅରବେ' କିପରି 'ହେଲ୍‌ଥ ଆସୁରାନ୍ସ'କୁ ଏକ ନୂଆ ରୂପ ଦେଉଛି?**

ଉତ୍ତର– 'କ୍ୟୁଅରବେ'ରେ ଆମେ ବିଶ୍ୱାସ କରୁ ଯେ ପାରମ୍ପରିକ ସ୍ୱାସ୍ଥ୍ୟସେବା ବ୍ୟବସ୍ଥା କେବଳ ରୋଗର ଚିକିତ୍ସା ଉପରେ ଗୁରୁତ୍ୱ ଦେଇଥାଏ। ଆମେ ଏହାକୁ ପରିବର୍ତ୍ତନ କରି 'ହେଲ୍‌ଥ ଆସୁରାନ୍ସ' ବା ସ୍ୱାସ୍ଥ୍ୟ ନିଶ୍ଚିତତା ଉପରେ ଧ୍ୟାନ ଦେଉଛୁ। ଆମର 'ପେଭାଇଡର୍' ମଡେଲ୍ ସ୍ୱାସ୍ଥ୍ୟସେବା, ଆର୍ଥିକ ସହାୟତା ଏବଂ ଡିଜିଟାଲ୍ ଭିତ୍ତିଭୂମିକୁ ଏକାଠି କରି ଗ୍ରାମାଞ୍ଚଳରେ ପହଞ୍ଚାଉଛି। ଆମର ସ୍ଥାନୀୟ ଇ-କ୍ଲିନିକ୍ ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟ କର୍ମୀମାନେ ଗ୍ରାମାଞ୍ଚଳର ପରିବାରଗୁଡ଼ିକର ବିଶ୍ୱାସ ଜିତି ସେମାନଙ୍କୁ ସ୍ୱାସ୍ଥ୍ୟସେବା ସହ ଯୋଡୁଛନ୍ତି। ଏହାଦ୍ୱାରା ଲୋକମାନେ ରୋଗ ଜଟିଳ ହେବା ପୂର୍ବରୁ ପ୍ରାଥମିକ ଚିକିତ୍ସା ପାଇପାରୁଛନ୍ତି, ଯାହା ଚିକିତ୍ସାଜନିତ ଋଣ ଭାରକୁ କମ୍ କରିବାରେ ସାହାଯ୍ୟ କରୁଛି।

**ପ୍ରଶ୍ନ– ଆପଣ ବିଶ୍ୱାସ କରନ୍ତି କି 'ହାଇବ୍ରିଡ୍' ସ୍ୱାସ୍ଥ୍ୟ ମଡେଲ୍ (ଡିଜିଟାଲ୍ ଏବଂ ଫିଜିକାଲ କ୍ଲିନିକ୍‌ର ମିଶ୍ରଣ) ଦୂରଦୂରାନ୍ତ ଅଞ୍ଚଳରେ ସ୍ୱାସ୍ଥ୍ୟସେବାକୁ ସୁଧାରି ପାରିବ?**

ଉତ୍ତର– ନିଶ୍ଚିତ ଭାବରେ। ଗ୍ରାମାଞ୍ଚଳ ପାଇଁ ହାଇବ୍ରିଡ୍ ସ୍ୱାସ୍ଥ୍ୟ ମଡେଲ୍ ଅତ୍ୟନ୍ତ ଜରୁରୀ। ଆମର ଇ- କ୍ଲିନିକ୍‌ଗୁଡ଼ିକ ସ୍ଥାନୀୟ ସ୍ତରରେ ଏକ ଶକ୍ତିଶାଳୀ ଭିତ୍ତିଭୂମି ଭାବେ କାର୍ଯ୍ୟ କରୁଥିବାବେଳେ, ଡିଜିଟାଲ୍ ବ୍ୟବସ୍ଥା ମାଧ୍ୟମରେ ଟେଲି-କନ୍‌ସଲଟେଶନ ଏବଂ ଡାଇଗ୍ନୋଷ୍ଟିକ ସେବା ସହଜ ହୋଇପାରୁଛି। ଏହାଦ୍ୱାରା ରୋଗୀମାନେ ଆବଶ୍ୟକ ସ୍ଥଳେ ଶାରୀରିକ ପରୀକ୍ଷା କରାଇବା ସହ ଡିଜିଟାଲ୍ ମାଧ୍ୟମରେ ବିଶେଷଜ୍ଞ ଡାକ୍ତରଙ୍କ ପରାମର୍ଶ ମଧ୍ୟ ପାଇପାରୁଛନ୍ତି। ଏଠାରେ ଟେକ୍ନୋଲୋଜି ମଣିଷର ବିଶ୍ୱାସକୁ ବଢ଼ାଇବା ପାଇଁ ବ୍ୟବହୃତ ହେଉଛି।

**ପ୍ରଶ୍ନ– ଦୂରଦୂରାନ୍ତ ଅଞ୍ଚଳରେ ସେବା ଯୋଗାଇବା ପାଇଁ ବୀମା କମ୍ପାନୀ ଏବଂ ସ୍ୱାସ୍ଥ୍ୟସେବା ପ୍ରଦାନକାରୀଙ୍କ ସମ୍ମୁଖରେ କେଉଁ ସବୁ ଚ୍ୟାଲେଞ୍ଜ ରହିଛି?**

ଉତ୍ତର: ସବୁଠାରୁ ବଡ଼ ଚ୍ୟାଲେଞ୍ଜ ହେଉଛି ଯେ, ପାରମ୍ପରିକ ସ୍ୱାସ୍ଥ୍ୟ ବ୍ୟବସ୍ଥା ସହରୀ ହସ୍ପିଟାଲ ଉପରେ ଆଧାରିତ। ଗ୍ରାମାଞ୍ଚଳରେ ତିନୋଟି ମୁଖ୍ୟ ସମସ୍ୟା ରହିଛି। ତାହା ହେଲା ପ୍ରାଥମିକ ଚିକିତ୍ସାରେ ବିଳମ୍ବ, ଭିତ୍ତିଭୂମିର ଅଭାବ ଏବଂ ଜରୁରିକାଳୀନ ଚିକିତ୍ସା ସମୟରେ ଆର୍ଥିକ ସମସ୍ୟା। ଯେତେବେଳେ ସ୍ୱାସ୍ଥ୍ୟସେବା କେବଳ ଜରୁରିକାଳୀନ ପରିସ୍ଥିତିରେ ଉପଲବ୍ଧ ହୁଏ, ସେତେବେଳେ ରୋଗୀ ଏବଂ ବୀମା କମ୍ପାନୀ ଉଭୟଙ୍କ ପାଇଁ ଖର୍ଚ୍ଚ ବଢ଼ିଯାଏ। ପ୍ରତିଷେଧକ ମୂଳକ ଚିକିତ୍ସା ମାଧ୍ୟମରେ ଏହି ଖର୍ଚ୍ଚକୁ କମାଯାଇପାରିବ।

**ପ୍ରଶ୍ନ– ଗ୍ରାମ ଏବଂ ଛୋଟ ସହରରେ ସ୍ୱାସ୍ଥ୍ୟସେବା ଏବଂ ବୀମା ସଚେତନତା ବୃଦ୍ଧି ପାଇଁ କେଉଁ ପଦ୍ଧତି ସବୁଠାରୁ ଅଧିକ ପ୍ରଭାବଶାଳୀ?**

ଉତ୍ତର– ଗ୍ରାମାଞ୍ଚଳ ଭାରତରେ କେବଳ ବିଜ୍ଞାପନ ଦ୍ୱାରା ସଚେତନତା ଆସେ ନାହିଁ, ଏହା ବିଶ୍ୱାସରୁ ଆସିଥାଏ। ଆମେ 'ସ୍ୱାସ୍ଥ୍ୟ ସୁରକ୍ଷକ'ଙ୍କ ଉପରେ ନିର୍ଭର କରୁ, ଯେଉଁମାନେ ସେହି ଗାଁରେ ରୁହନ୍ତି। ସେମାନେ ପରିବାରଗୁଡ଼ିକୁ ପ୍ରତିଷେଧକ ଚିକିତ୍ସା ବିଷୟରେ ବୁଝାନ୍ତି ଏବଂ ଡିଜିଟାଲ୍ ଟୁଲ୍ସ ସାହାଯ୍ୟରେ ସେମାନଙ୍କୁ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କରନ୍ତି। ଲୋକେ ସହଜରେ ଚିକିତ୍ସା ପାଇଲେ, ସେମାନଙ୍କ ମଧ୍ୟରେ ସଚେତନତା ଆପେ ଆପେ ବଢ଼ିଥାଏ।

**ପ୍ରଶ୍ନ– ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ଲୋକଙ୍କ ପାଇଁ କାର୍ଯ୍ୟ କରିବାକୁ ଆପଣ କିପରି ପ୍ରେରିତ ହୋଇଥିଲେ? ଏହି କ୍ଷେତ୍ରର ନୂଆ ଉଦ୍ୟୋଗୀଙ୍କୁ କ'ଣ ପରାମର୍ଶ ଦେବେ?**

ଉତ୍ତର– ଆମ ସ୍ୱାସ୍ଥ୍ୟସେବା ବ୍ୟବସ୍ଥାରେ ଏକ ମୌଳିକ ବିରୋଧାଭାସ ଦେଖି ପ୍ରେରଣା ମିଳିଥିଲା। ଲୋକମାନେ ସୁସ୍ଥ ରହିବା ପରିବର୍ତ୍ତେ ରୋଗୀ ହେଲେ ବ୍ୟବସ୍ଥା ପ୍ରାୟତଃ ଲାଭବାନ ହୁଏ। ଏହି ଅନୁଭବ ଆମକୁ ଏକ ମଡେଲ୍ ଡିଜାଇନ୍ କରିବାକୁ ପ୍ରେରଣା ଦେଇଥିଲା, ଯେଉଁଠାରେ ଆମର ସଫଳତା ଆମ ସଦସ୍ୟମାନଙ୍କ କଲ୍ୟାଣ ତଥା ସୁସ୍ଥତା ଉପରେ ନିର୍ଭର କରେ। ଲୋକମାନେ ପ୍ରତିରୋଧକ ଯତ୍ନ ଏବଂ ପ୍ରାରମ୍ଭିକ ସ୍ତରରୁ ସୁସ୍ଥ ରହିଲେ ବ୍ୟବସ୍ଥା ଆର୍ଥିକ ଭାବେ ସ୍ଥାୟୀ ଏବଂ ସାମାଜିକ ଭାବେ ପ୍ରଭାବଶାଳୀ ହୋଇଯାଏ। ନୂତନ ଉଦ୍ୟୋଗୀମାନଙ୍କୁ ମୋର ପରାମର୍ଶ ହେଉଛି, ସାମାଜିକ ପ୍ରଭାବ ପକାଇବା ଭଳି ସମାଧାନ ପ୍ରସ୍ତୁତ କରନ୍ତୁ, ଯାହା ଆର୍ଥିକ ଦୃଷ୍ଟିରୁ ସ୍ଥାୟୀ ହୋଇପାରିବ।

ଧରିତ୍ରୀ | OrissaPOST BUSINESS EMINENCE AWARDS

# ମାର୍ଚ୍ଚରେ ପ୍ରମୁଖ ୮ ଶିଳ୍ପ କ୍ଷେତ୍ରର ଅଭିବୃଦ୍ଧି ୦.୪%କୁ ହ୍ରାସ

ନୂଆଦିଲ୍ଲୀ, ୨୦।୪

୫୦ ଦିନରୁ ଅଧିକ ଦିନରେ ୫୦ ଦିନରୁ ଅଧିକ ଦିନରେ ପହଞ୍ଚିଥିବା ପଶ୍ଚିମ ଏସିଆ ଯୁଦ୍ଧ ବୈଶ୍ୱିକ ଯୋଗାଣ ଶୃଙ୍ଖଳକୁ ବ୍ୟାହତ କରିଥିଲାବେଳେ ଭାରତୀୟ ଶିଳ୍ପକ୍ଷେତ୍ର ମାତ୍ରାଧିକ ପ୍ରଭାବିତ ହୋଇଛି। ବିଶେଷକରି ଇନ୍ଧନ ଯୋଗାଣଜନିତ ସମସ୍ୟାକୁ ନେଇ ବହୁ ଶିଳ୍ପ କ୍ଷେତ୍ରରେ କଞ୍ଚାମାଲ ଉପଲବ୍ଧ ହେବା ସମ୍ଭବ ହୋଇନାହିଁ। ଫଳରେ ଗତ ମାର୍ଚ୍ଚରେ ଭାରତର ୮ ପ୍ରମୁଖ କ୍ଷେତ୍ରର ଉତ୍ପାଦନ ଅଭିବୃଦ୍ଧି ମାତ୍ର ୦.୪ ପ୍ରତିଶତ ମଧ୍ୟରେ ସୀମିତ ରହିଥିବା ସୋମବାର କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରକାଶ କରାଯାଇଥିବା ତଥ୍ୟରୁ ଜଣାପଡ଼ିଛି। ସରକାରୀ ରିପୋର୍ଟ ଅନୁସାରେ



ମାର୍ଚ୍ଚରେ ତୈଳ, କୋଇଲା, ସାର, ପ୍ରାକୃତିକ ଗ୍ୟାସ୍, ସିମେଣ୍ଟ, ରିଫାଇନେରି ଉତ୍ପାଦ, ଷ୍ଟିଲ ଏବଂ ବିଦ୍ୟୁତ୍ ଶକ୍ତି ଭଳି ୮ଟି ପ୍ରମୁଖ କ୍ଷେତ୍ରର ଉତ୍ପାଦନ ଅଭିବୃଦ୍ଧି ମାତ୍ର ୦.୪ ପ୍ରତିଶତ ରହିଛି, ଯାହାକି ଗତ ୨ ବର୍ଷ ମଧ୍ୟରେ ସର୍ବନିମ୍ନ। ଗତ ଫେବୃଆରୀରେ ଏହି ୮ଟି ଶିଳ୍ପ ଉତ୍ପାଦନ କ୍ଷେତ୍ରର ଅଭିବୃଦ୍ଧି ହାର ୨.୮ ପ୍ରତିଶତ ରହିଥିଲା। ହେଲେ ଯୁଦ୍ଧ ପ୍ରଭାବରେ ଏହିସବୁ ଶିଳ୍ପ କ୍ଷେତ୍ର ପ୍ରଭାବିତ ହେବା ଦ୍ୱାରା ଉତ୍ପାଦନ ହ୍ରାସ ପାଇବାରେ ଲାଗିଛି। ଉଲ୍ଲେଖଯୋଗ୍ୟ, ଦେଶର ସାମଗ୍ରିକ ଶିଳ୍ପ ଉତ୍ପାଦନ ଏବଂ ଅର୍ଥନୀତିକୁ ନେଇ ଏହି ୮ ପ୍ରମୁଖ ଶିଳ୍ପ ଉତ୍ପାଦନ କ୍ଷେତ୍ର ବହୁ ଗୁରୁତ୍ୱ ବହନ କରିଥାଏ। ଦେଶର ଶିଳ୍ପ ଉତ୍ପାଦନ ସୂଚକାଙ୍କ (ଆଇଆଇପି)ରେ ଏହି ୮ ପ୍ରମୁଖ ଶିଳ୍ପ କ୍ଷେତ୍ର( ଆଇସିଆଇ) ଅନ୍ୟୁନ ୪୦ ଭାଗ ସ୍ଥାନ ଗ୍ରହଣ କରିଥାଏ। କିନ୍ତୁ ପଶ୍ଚିମ ଏସିଆରୁ ତୈଳ ଓ ଗ୍ୟାସ ସମେତ ଅନ୍ୟାନ୍ୟ କଞ୍ଚାମାଲ ଆମଦାନୀ ହେବାରେ ସମସ୍ୟା ଦେଖାଯାଇଥିବାରୁ ମାର୍ଚ୍ଚ ଉତ୍ପାଦନ ବାଧାପ୍ରାପ୍ତ ହୋଇଛି ଏବଂ ଏହି ମାସରେ ଅଭିବୃଦ୍ଧି ହାର ସର୍ବନିମ୍ନରେ ପହଞ୍ଚିଛି ବୋଲି କୁହାଯାଇଛି। ତେବେ ୨୦୨୫-୨୬ ଆର୍ଥିକ ବର୍ଷରେ ଏହି ୮ ପ୍ରମୁଖ କ୍ଷେତ୍ରର ଉତ୍ପାଦନ ସନ୍ତୋଷଜନକ ରହିବା ସହିତ ଅଭିବୃଦ୍ଧି ହାର ହାରାହାରି ଭାବେ ୨.୬ ପ୍ରତିଶତ ରହିଛି ବୋଲି କେନ୍ଦ୍ର ସରକାରଙ୍କ ତଥ୍ୟରୁ ଜଣାପଡ଼ିଛି।

# ପୁଣି ବଢ଼ିଲା ତୈଳ ଦର

ନୂଆଦିଲ୍ଲୀ , ୨୦।୪

ଇରାନ୍ ଏବଂ ଆମେରିକା ମଧ୍ୟରେ ପୁଣି ଉତ୍ତେଜନା ବୃଦ୍ଧି ହେବା ପରେ ଅନ୍ତର୍ଜାତୀୟ ବଜାରରେ ତୈଳ ଦର ବୃଦ୍ଧି ପାଇଛି। ଯୁଦ୍ଧ ବିରତିକୁ ନେଇ ଗତ ଶୁକ୍ରବାର ତୈଳ ଦରରେ ପ୍ରାୟ ୯ ପ୍ରତିଶତ ହ୍ରାସ ଘଟିଥିଲା। କିନ୍ତୁ ହର୍ମୁଜ୍ ପ୍ରଣାଳୀ ପୁଣି ବନ୍ଦ ହେବା ଏବଂ ଉଭୟ ପକ୍ଷ ମଧ୍ୟରେ ଆକ୍ରମଣ ଓ ପ୍ରତିଆକ୍ରମଣ ଖବର ଆସିବା ପରେ ସୋମବାର ଅନ୍ତର୍ଜାତୀୟ ବଜାରରେ ବ୍ରେଣ୍ଟ କ୍ରୁଡ୍ ଏବଂ ହ୍ୱାଇଟ୍ ଟେକ୍ସାସ୍ ଇଣ୍ଟରମିଡିଏଟ୍(ଡବ୍ଲ୍ୟୁଟିଆଇ) ମୂଲ୍ୟରେ ୬ ପ୍ରତିଶତରୁ ଅଧିକ ବୃଦ୍ଧି ହୋଇଥିବା ଜଣାପଡ଼ିଛି। ବ୍ରେଣ୍ଟ କ୍ରୁଡ୍ ମୂଲ୍ୟରେ ୬.୭୬ ପ୍ରତିଶତ ବୃଦ୍ଧି ସହ ବ୍ୟାରେଲ ପିଛା ମୂଲ୍ୟ ୯୬.୪୯ ଡଲାରରେ ପହଞ୍ଚିଥିଲା। ବେଳେ ଡବ୍ଲ୍ୟୁଟିଆଇ ମୂଲ୍ୟ ବ୍ୟାରେଲ ପିଛା ୯୦.୩୮ ଡଲାର ରହିଛି।




# ୫୦ ବିଲିୟନ ଡଲାର କାରବାର ଲକ୍ଷ୍ୟ

## ଭାରତରେ ପଶିବେ କୋରିଆ କମ୍ପାନୀ

ନୂଆଦିଲ୍ଲୀ , ୨୦।୪

ଭାରତ ଓ ଦକ୍ଷିଣ କୋରିଆ ମଧ୍ୟରେ ବାଣିଜ୍ୟିକ ସହଭାଗିତା ବୃଦ୍ଧି ହେବା ସହ ୨୦୩୦ ସୁଦ୍ଧା ଦ୍ୱିପାକ୍ଷିକ କାରବାର ୫୦ ବିଲିୟନ ଡଲାରରେ ପହଞ୍ଚିବ ବୋଲି ସୋମବାର ଘୋଷଣା କରାଯାଇଛି। ଦକ୍ଷିଣ କୋରିଆ ରାଷ୍ଟ୍ରପତି ଲି ଜେ ମିୟୁଙ୍ଗଙ୍କ ସହ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିବା ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏକ ମିଳିତ ସାମ୍ବାଦିକ ସମ୍ମିଳନୀରେ ଏ ସମ୍ପର୍କରେ କହିଛନ୍ତି। ଏହି ଅବସରରେ ଦୁଇ ଦେଶ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ବୁଝାମଣା ମଧ୍ୟ ସ୍ୱାକ୍ଷରିତ ହୋଇଛି। ହାଇଦ୍ରାବାଦ ହାଉସ୍‌ଠାରେ ଅନୁଷ୍ଠିତ ଦ୍ୱିପାକ୍ଷିକ ବୈଠକରେ ଯୋଗଦେବା ପରେ ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, ବର୍ତ୍ତମାନ ସୁଦ୍ଧା ଭାରତ ଏବଂ ଦକ୍ଷିଣ କୋରିଆ ମଧ୍ୟରେ ହେଉଥିବା ବାଣିଜ୍ୟ କାରବାର ରାଶି ୨୭ ବିଲିୟନ ଡଲାର ରହିଛି। କିନ୍ତୁ ଆଗାମୀ ଦିନରେ ବିଭିନ୍ନ କ୍ଷେତ୍ରରେ ସହଭାଗିତା ବୃଦ୍ଧି କରାଯାଇ ୨୦୩୦ ସୁଦ୍ଧା ଏହାକୁ ୫୦ ବିଲିୟନ ଡଲାରରେ ପହଞ୍ଚାଯିବ। ଉଭୟ ରାଷ୍ଟ୍ର ମଧ୍ୟରେ ଆର୍ଥିକ ସ୍ତରରେ ସହଯୋଗ ବଢାଇବା ଲାଗି ଇଣ୍ଡିଆ-କୋରିଆ ଫାଇନାନ୍ସିଆଲ ଫୋରମ୍ ପ୍ରତିଷ୍ଠା କରାଯିବା ସହ ବ୍ୟବସାୟିକ ସମ୍ପ୍ରସାରଣ ପାଇଁ ଇଣ୍ଡଷ୍ଟ୍ରିଆଲ କୋଅପରେଶନ କମିଟି ମଧ୍ୟ ଗଠନ କରାଯିବ ବୋଲି ମୋଦି କହିଛନ୍ତି। କେବଳ ସେତିକି ନୁହେଁ, ଭାରତରେ କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ କ୍ଷେତ୍ରରେ କୋରିଆନ କମ୍ପାନୀଗୁଡିକୁ ପ୍ରବେଶ ଲାଗି ଅନୁମତି ଦିଆଯିବ।

# ଅଗ୍ରୱାଲ ଗୋଲ୍ଡ ଆଣ୍ଡ ଡାଇମଣ୍ଡର ନୂଆ ଷ୍ଟୋର



ଭୁବନେଶ୍ୱର, ୨୦।୪(ଅନୁରାଧା ମହାରଣା)

କଟକ କ୍ୟାଣ୍ଟେନମେଣ୍ଟ ରୋଡ୍‌ର ମାତାମଠ ଠାରେ ଅଗ୍ରୱାଲ ଗୋଲ୍ଡ ଆଣ୍ଡ ଡାଇମଣ୍ଡର ଏକ ନୂତନ ଆଉଟଲେଟ ଉଦ୍‌ଘାଟନ ହୋଇଛି। ସାମାଜିକ କର୍ମୀ ଗଣେଶ କାଣ୍ଡୋଇ ଏହି ଷ୍ଟୋରକୁ ଉଦ୍‌ଘାଟନ କରିଥିଲେ। ଏହି ଷ୍ଟୋରରେ ଡାଇମଣ୍ଡ ଏବଂ ସୁନାକୁ ଭଲ ଭାବେ ପରୀକ୍ଷା କରି ନେଇପାରିବେ ଗ୍ରାହକ। ଏଥିସହିତ ଅଳଙ୍କାର ଉପରେ ମେକିଂ ଚାର୍ଜରେ ଆକର୍ଷଣୀୟ ରିହାତି ଘୋଷଣା କରାଯାଇଛି। ସୁନା ଓ ହୀରା ଅଳଙ୍କାରର ନିର୍ଦ୍ଦିଷ୍ଟ କ୍ରୟ ଉପରେ ସ୍ପେଶାଲ ରିହାତିର ମଧ୍ୟ ସୁବିଧା ଉପଲବ୍ଧ ରହିଛି। ସେହିପରି ସୁନା ଓ ହୀରା ଗହଣା ବ୍ୟବସାୟ କ୍ଷେତ୍ରରେ ପୂର୍ବରୁ ଅଗ୍ରୱାଲ ଏଣ୍ଡ ସନ୍ସ ଗ୍ରାହକଙ୍କ ବିଶ୍ୱାସ ଜିତିଥିବାବେଳେ ଏବେ ରୌପ୍ୟ ନଗରୀରେ ଏହାର ଆଦୃତ ବୃଦ୍ଧି ପାଇବା ପାଇଁ ଆଶା କରାଯାଉଛି। ଏଥିସହିତ ଅକ୍ଷୟତୃତୀୟା ଅବସରରେ ସ୍ୱତନ୍ତ୍ର ରିହାତି ଏବଂ ଆକର୍ଷଣୀୟ ଉପହାର ମଧ୍ୟ ଉପଲବ୍ଧ ରହିଥିବା ସଞ୍ଜୟ ଅଗ୍ରୱାଲ ଓ ଗୌରଭ ଅଗ୍ରୱାଲ ସୂଚନା ଦେଇଛନ୍ତି।

# ପ୍ଲାଟିନମ୍ ଖଣିଜ ପଦାର୍ଥ ଉତ୍ତୋଳନରେ ଓଏମ୍‌ସିର ସଫଳତା

ଭୁବନେଶ୍ୱର, ୨୦।୪(ଅନୁରାଧା ମହାରଣା)

ଓଡ଼ିଶାର ଖଣିଜ ସମ୍ପଦ ଉତ୍ତୋଳନ କ୍ଷେତ୍ରରେ ଏକ ନୂତନ ଅଧ୍ୟାୟ ଯୋଡ଼ି ହୋଇଛି । କେନ୍ଦୁଝର ଜିଲା ବାଙ୍ଗୁର କ୍ରୋମାଇଟ ଖଣିରୁ ପ୍ଲାଟିନମ୍ ଗ୍ରୁପ ଏଲିମେଣ୍ଟସ ବା ପ୍ଲାଟିନମ୍ ଧାତୁ (ପିଜିଇ) ଉତ୍ତୋଳନ ପାଇଁ ଓଡ଼ିଶା ଖଣି ନିଗମ ଲିମିଟେଡ (ଓଏମ୍‌ସି) ପକ୍ଷରୁ ଭୁବନେଶ୍ୱର ସ୍ଥିତ ସିଏସ୍ଆଇଆର୍-ଆଇଏମ୍ଏମ୍‌ଟି ପରିସରରେ ପ୍ଲାଟିନମ୍ ଗ୍ରୁପ ମିନେରାଲ୍ସ ବା ପ୍ଲାଟିନମ୍ ଖଣିଜ ପଦାର୍ଥ (ପିଜିୟୁ) ପାଇଲଟ ପ୍ଲାଣ୍ଟର ସଫଳ ପରୀକ୍ଷଣ କରାଯାଇଛି। ଏହା ଭାରତର ପ୍ରଥମ ସମନ୍ୱିତ ପ୍ଲାଟିନମ୍ ଗ୍ରୁପ ଏଲିମେଣ୍ଟସ ବା ପ୍ଲାଟିନମ ଧାତୁ (ପିଜିଇ) ପ୍ରକଳ୍ପ, ଯାହା ଖଣିଜ କ୍ଷେତ୍ରରେ ଦେଶକୁ ଆତ୍ମନିର୍ଭର କରିବା ଦିଗରେ ଏକ ବଡ଼ ସଫଳତା ଆଣିଦେବ। ପ୍ଲାଟିନମ ଗ୍ରୁପ ଏଲିମେଣ୍ଟସ ତଥା ପ୍ଲାଟିନମ୍, ପାଲାଡିୟମ ଏବଂ ରେଡିୟମ ଭଳି ମୂଲ୍ୟବାନ ଧାତୁଗୁଡିକ କ୍ଲିନ ଏନର୍ଜି, ଇଲେକ୍ଟ୍ରୋନିକ୍ସ ଏବଂ ଅଟୋମୋଟିଭ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଓଏମ୍‌ସି ଏବଂ ସିଏସ୍ଆଇଆର୍-ଆଇଏମ୍ଏମ୍‌ଟି ଓ ଦକ୍ଷିଣ ଆଫ୍ରିକାର ମିଣ୍ଟେକର ମିଳିତ ସହଯୋଗରେ ୨ ପର୍ଯ୍ୟାୟ ବିଶିଷ୍ଟ ଗବେଷଣା ଏବଂ ବିକାଶ କାର୍ଯ୍ୟକ୍ରମ ଅଧୀନରେ ପ୍ରାୟ ୧୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ପାଇଲଟ ପ୍ଲାଣ୍ଟ ଘଣ୍ଟା ପ୍ରତି ୧ ଟନ୍ ଖଣିଜ ପ୍ରକ୍ରିୟାକରଣ କରିବାର କ୍ଷମତା ରଖୁଛି। ୨୦୨୫ ଅକ୍ଟୋବରରେ ବାଙ୍ଗୁର ଖଣିଠାରେ ଓଡ଼ିଶା ଖଣି ନିଗମ, ମିଣ୍ଟେକ ଏବଂ ସିଏସ୍ଆଇଆର୍-ଆଇଏମ୍ଏମ୍‌ଟିର ମିଳିତ ଉଦ୍ୟମରେ କରାଯାଇଥିବା ଅଧ୍ୟୟନରୁ ପାଇଲଟ ପ୍ଲାଣ୍ଟର ଡିଜାଇନ ଏବଂ ପରିଚାଳନାର ବିଶେଷ ତଥ୍ୟ ସଂଗ୍ରହ କରାଯାଇଛି।

# ପିଏନ୍‌ବିର ମେଗା ରିଟେଲ୍ କାର୍ଯ୍ୟକ୍ରମ



ସମ୍ବଲପୁର, ୨୦।୪

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି)ର ସମ୍ବଲପୁର ମଣ୍ଡଳ ପକ୍ଷରୁ ଏକ ରିଟେଲ୍ ଆଉଟରିଚ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ୟାଙ୍କ ମୁଖ୍ୟ କାର୍ଯ୍ୟାଳୟ ମହାପ୍ରବନ୍ଧକ ଆଦିତ୍ୟ କୁମାର ପାଢ଼ୀଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ବଲପୁର ମଣ୍ଡଳ ମୁଖ୍ୟ ମନୋଜ କୁମାର ସେଠ ଗ୍ରାହକ ଏବଂ ସମ୍ବଲପୁର ଟିମ୍ ସଦସ୍ୟମାନଙ୍କୁ ସ୍ୱାଗତ କରି ପିଏନ୍‌ବି ବୃତ୍ତିଧାରୀ ଓ ଉଦ୍ୟୋଗୀମାନଙ୍କୁ ସହଜ ତଥା ଅନୁକୂଳ ସୁବିଧା ପ୍ରଦାନ କରିବାକୁ ପ୍ରତିବଦ୍ଧ ରହିଆସିଛି ବୋଲି କହିଥିଲେ। ପିଏନ୍‌ବିର ଦେଶବ୍ୟାପୀ ଗ୍ରାହକକୈନ୍ଦ୍ରିକ ପଦକ୍ଷେପର ଅଂଶସ୍ୱରୂପ ଗ୍ରାହକମାନଙ୍କୁ ଗୋଟିଏ ସ୍ଥାନରେ ସେମାନଙ୍କ ଆବଶ୍ୟକତା ଅନୁଯାୟୀ ରିଟେଲ ଋଣ ସମ୍ବନ୍ଧୀୟ ପରାମର୍ଶ, ଯୋଗ୍ୟତା ଯାଞ୍ଚ ଓ ଅନୁମୋଦନ ଦିଆଯାଇଥାଏ ବୋଲି ମହାପ୍ରବନ୍ଧକ ପାଢ଼ୀ କହିଥିଲେ। ବ୍ୟାଙ୍କ ନିକଟରେ ସବୁ ବର୍ଗର ଗ୍ରାହକଙ୍କ ଆବଶ୍ୟକତା ପୂରଣ କରିବା ଉତ୍ପାଦ ରହିଛି ଏବଂ ଗ୍ରାହକମାନେ ଏଥିରୁ ଲାଭ ଉଠାଇବା ଉଚିତ ବୋଲି ମଧ୍ୟ ସେ କହିଥିଲେ। ଏହି ଅବସରରେ ମୁଖ୍ୟ ପ୍ରବନ୍ଧକ ରବୀନ୍ଦ୍ର ରାୟ ବ୍ୟାଙ୍କର ବିଭିନ୍ନ ରିଟେଲ ଋଣ ଯୋଜନା ସମ୍ପର୍କରେ ଗ୍ରାହକମାନଙ୍କୁ ଅବଗତ କରାଇଥିଲେ। କାର୍ଯ୍ୟକ୍ରମର ସଫଳତା ପାଇଁ ଏଚ୍‌ପିଏଲ୍‌ପି ମୁଖ୍ୟ କେ.ପି. ସାମନ୍ତରାୟ ଧନ୍ୟବାଦ ଜଣାଇଥିଲେ।

# ଗ୍ରୀଷ୍ମକାଳରେ ଗଡ଼ିବ ୯୦୮ ସ୍ୱତନ୍ତ୍ର ଟ୍ରେନ୍

ନୂଆଦିଲ୍ଲୀ , ୨୦।୪

ପ୍ରତିବର୍ଷ ଭଳି ଚଳିତ ଗ୍ରୀଷ୍ମକାଳରେ ଭାରତୀୟ ରେଳ ବିଭାଗ ପକ୍ଷରୁ ସାରା ଦେଶରେ ୯୦୮ ସ୍ୱତନ୍ତ୍ର ଗ୍ରୀଷ୍ମକାଳୀନ ଟ୍ରେନ ଚଳାଚଳ କରିବ ବୋଲି ସୂଚନା ଦିଆଯାଇଛି। ଏପ୍ରିଲ ୧୫ରୁ ଜୁଲାଇ ୧୫ ମଧ୍ୟରେ ଦେଶର ବିଭିନ୍ନ ଭାଗରେ ଏହି ସଂଖ୍ୟକ ସ୍ୱତନ୍ତ୍ର ଟ୍ରେନ ଚଳାଚଳ କରିବା ସହ ୧୮,୨୬୨ ଟ୍ରିପ୍‌ରେ ଯାତ୍ରୀମାନଙ୍କୁ ଯାତାୟାତ ଲାଗି ସୁବିଧା ଦିଆଯିବ। ଏହାମଧ୍ୟରୁ ୧୧,୨୯୪ ଟ୍ରିପ୍ ପାଇଁ ୬୬୦ଟି ଟ୍ରେନ ସମ୍ପର୍କରେ ଘୋଷଣା କରାଯାଇସାରିଛି। ଯାତ୍ରୀମାନେ ସେମାନଙ୍କ ଗନ୍ତବ୍ୟସ୍ଥଳକୁ ନେଇ ଆଗୁଆ ଟିକେଟ ବୁକିଂ କରିପାରିବେ ବୋଲି ରେଳ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

# ଅକ୍ଷୟତୃତୀୟାରେ ୨୦୦କୋଟିର ଅଳଙ୍କାର କାରବାର

ଭୁବନେଶ୍ୱର, ୨୦।୪(ଅନୁରାଧା ମହାରଣା)

ଚଳିତ ବର୍ଷ ଅକ୍ଷୟତୃତୀୟାରେ ଧର୍ମୀୟ ଆସ୍ଥା ଓ ଅର୍ଥନୈତିକ କାରବାରର ମିଶ୍ରଣ ମିଳୁଛି। ସୁନା ଓ ରୁପାର ମୂଲ୍ୟ ରେକର୍ଡ ସ୍ତରରେ ପହଞ୍ଚିଥିବା ସତ୍ତ୍ୱେ ବଜାରରେ ଉତ୍ସାହଜନକ କାରବାର ହୋଇଛି। ରାଜ୍ୟରେ ୨୦୦ କୋଟି ଟଙ୍କାର ହୀରା, ସୁନା,ରୁପା ଓ ପ୍ଲାଟିନମ୍ ଆଦିର କାରବାର ହୋଇଛି। ଗତ ବର୍ଷ ତୁଳନାରେ ଅଳଙ୍କାର ବଜାରରେ ଉନ୍ନତି ହେବାସହ ଦରବୃଦ୍ଧି ସତ୍ତ୍ୱେ ଲୋକଙ୍କ ପାରମ୍ପରିକ ବିଶ୍ୱାସ ଏହି ପରମ୍ପରା ଉପରେ ଅଟଳ ରହିଥିବାର ସ୍ପଷ୍ଟ ସଙ୍କେତ ଦେଉଛି। ଚଳିତ ବର୍ଷ ସୁନା ମୂଲ୍ୟ ପ୍ରତି ୧୦ ଗ୍ରାମ୍ ପ୍ରତି ପ୍ରାୟ ୧.୫୮ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ପହଞ୍ଚିଛି। ସେହିପରି ରୁପାର ମୂଲ୍ୟ ପ୍ରତି କିଲୋଗ୍ରାମ ପ୍ରତି ୨.୫୫ ଲକ୍ଷ ଟଙ୍କାରେ ପହଞ୍ଚିଛି। ଗତ ବର୍ଷ ତୁଳନାରେ ଏହି ମୂଲ୍ୟବୃଦ୍ଧି ଆଶ୍ଚର୍ଯ୍ୟଜନକ ହୋଇଥିଲେ ମଧ୍ୟ ବଜାରରେ ଚାହିଦା କମ୍ ହୋଇନାହିଁ। ପୂର୍ବ ବର୍ଷ ପରି ଗ୍ରାହକମାନେ ଭାରି ଗହଣା ପରିବର୍ତ୍ତେ ଅଧିକାଂଶ ଗ୍ରାହକ ନିଜ ବଜେଟକୁ ସୁହାଇଲା ଭଳି ହାଲୁକା ଗହଣା କ୍ରୟକୁ ଗୁରୁତ୍ୱ ଦେଇଛନ୍ତି। ଏହି ପରମ୍ପରା କେବଳ ଧାର୍ମିକ ଆସ୍ଥାର ପ୍ରତୀକ ନୁହେଁ, ଅର୍ଥନୀତିକୁ ମଧ୍ୟ ଗତି ଦେଉଛି।



ଖିମଜୀ ଜୁଏଲର୍ସର ପରିଚାଳନା ନିର୍ଦ୍ଦେଶକ ମିତେଶ ଖିମଜୀ କହିଛନ୍ତି, ଚଳିତବର୍ଷ ୨ଦିନ ଧରି ଅକ୍ଷୟତୃତୀୟା ପର୍ବ ପାଳନ କରାଯାଇଥିବାରୁ ଗ୍ରାହକମାନେ ଉଭୟଦିନ ହୀରା, ସୁନା ଓ ରୁପା ଆଦି ଅଳଙ୍କାର କିଣିଛନ୍ତି। ଗତବର୍ଷ ତୁଳନାରେ ଚଳିତବର୍ଷ ସୁନା ବିକ୍ରି ପରିମାଣ ୨୫ରୁ ୨୯% ବଢ଼ିଥିବାବେଳେ ହୀରା ଗହଣା ବିକ୍ରି ପରିମାଣ ୧୫% ବୃଦ୍ଧି ପାଇଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ..........................................
ବୟସ:..........................................
ଜନ୍ମ ତାରିଖ: ..................................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।



ଇଜିପ୍ଟର କାଏରୋଠାରେ ଆରମ୍ଭ ହୋଇଥିବା ଆଇଏସଏସଏଫ୍ ଜୁନିୟର ବିଶ୍ୱକପରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିବାକୁ ମନୋନୀତ ହୋଇଛନ୍ତି ଓଡ଼ିଶାର ମାନ୍ୟତା ସିଂ।

# ସର୍ବଭାରତୀୟ ପୋଲିସ ୱାଟର ସ୍ପୋର୍ଟ୍ସରେ ଓଡ଼ିଶାର ସଫଳତା

## ଖୁରାନିଆଙ୍କୁ ଭେଟିଲେ ପଦକ ବିଜୟୀ ଓଡ଼ିଶା କ୍ରୀଡ଼ାବିତ୍

**ଭୁବନେଶ୍ୱର, ୨୦।୪ (ତପନ ସ୍ୱାଇଁ)**

ଉତ୍ତରାଖଣ୍ଡର ଡେହେରିଠାରେ ଅନୁଷ୍ଠିତ ୨୫ତମ ସର୍ବଭାରତୀୟ ପୋଲିସ ୱାଟର ସ୍ପୋର୍ଟ୍ସ କ୍ଲଷ୍ଟର (କାୟାକିଂ, କାନୋଇଂ ଏବଂ ରୋଇଂ) ଚାମ୍ପିୟନଶିପ୍‌ରେ ଓଡ଼ିଶା ପୋଲିସର କ୍ରୀଡ଼ାବିତ୍‌ମାନେ ଉଲ୍ଲେଖନୀୟ ପ୍ରଦର୍ଶନ କରି ରାଜ୍ୟ ପାଇଁ ଗୌରବ ଆଣିଛନ୍ତି। ପଦକ ବିଜୟୀ ଓଡ଼ିଶା କ୍ରୀଡ଼ାବିତମାନେ ସୋମବାର ରାଜ୍ୟ ପୋଲିସ ମୁଖ୍ୟାଳୟଠାରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି। ଡିଜିପି ଖୁରାନିଆ ସମସ୍ତ ପଦକ ବିଜେତାଙ୍କୁ ସ୍ୱାଗତ କରିବା ସହ ସେମାନଙ୍କର କ୍ରୀଡ଼ା ନୈପୁଣ୍ୟକୁ ଭୂୟସୀ ପ୍ରଶଂସା କରିଛନ୍ତି। ୱାଟର ସ୍ପୋର୍ଟ୍ସ କ୍ଷେତ୍ରରେ ଓଡ଼ିଶା ପୋଲିସର ଏହି ସଫଳତା ଆଗାମୀ ଦିନରେ ଅନ୍ୟ କ୍ରୀଡ଼ାବିତଙ୍କ ପାଇଁ ପ୍ରେରଣା ସାଜିବ ବୋଲି ଖୁରାନିଆ ମତବ୍ୟକ୍ତ କରିଛନ୍ତି।

ପ୍ରକାଶଯୋଗ୍ୟ, ଏପ୍ରିଲ ୮ରୁ ୧୨ ପର୍ଯ୍ୟନ୍ତ ଅନୁଷ୍ଠିତ ଏହି ଜାତୀୟ ସ୍ତରୀୟ ପ୍ରତିଯୋଗିତାରେ ଓଡ଼ିଶା ପୋଲିସ ଦଳ ମୋଟ ୨ଟି ରୌପ୍ୟ ଏବଂ ୭ଟି ବ୍ରୋଞ୍ଜ ପଦକ ହାସଲ କରିଥିଲା। ରୋଇଂ ଏବଂ କାନୋଇଂ ଭଳି ପ୍ରତିଯୋଗିତାରେ ଓଡ଼ିଶାର ମହିଳା କ୍ରୀଡ଼ାବିତ୍‌ମାନେ ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ। ସୁନ୍ଦରଗଡ଼ ରିତୁ କାଉଡି ରୋଇଂ ୫୦୦ ମିଟରରେ ରୌପ୍ୟ ଏବଂ ୨୦୦୦ ମିଟରରେ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ସେହିପରି ଝୁପିଡି କଟକର ସୋନାଲିକା ଦାସ ରୋଇଂ ୫୦୦ ମିଟରରେ ରୌପ୍ୟ ଏବଂ ୨୦୦୦ ମିଟରରେ ବ୍ରୋଞ୍ଜ ପଦକ ପାଇଥିଲେ। ସୁନ୍ଦରଗଡ଼ର ସଚିମା କେର୍କେଟା କାନୋଇଂ ସି-୧ (୨୦୦ ମିଟର)ରେ ବ୍ରୋଞ୍ଜ ପାଇଥିବାବେଳେ କଟକର ସଞ୍ଜୁକ୍ତା ଡୁଙ୍ଗଡୁଙ୍ଗ, ସୁମିତ୍ରା ମଲ୍ଲିକ, ସୁନ୍ଦରଗଡ଼ର ରେଶମା ଲାକ୍ରା, ରିଡେଲ ଲାକ୍ରାଙ୍କୁ ନେଇ ଗଠିତ ଦଳ ରୋଇଂ କକ୍ସଲେସ ଫୋର୍ ୫୦୦ ମିଟର ବର୍ଗରେ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାର ଉପସ୍ଥିତ ରହି ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ।


ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ଓ ଅନ୍ୟ ପୋଲିସ ଅଧିକାରଙ୍କ ସହ ପଦକ ବିଜୟୀ ଓଡ଼ିଶା କ୍ରୀଡ଼ାବିତ୍।

# ଆଇଏସ୍ଏଲ୍: ପଞ୍ଜାବ ଏଫ୍‌ସିର ବଡ଼ ବିଜୟ

**ଲୁଧିଆନା, ୨୦।୪:**

ଚଳିତ ଇଣ୍ଡିଆନ ସୁପର ଲିଗ୍ (ଆଇଏସ୍ଏଲ୍)ରେ ସୋମବାର ଖେଳାଯାଇଥିବା ଏକ ମ୍ୟାଚ୍‌ରେ ପଞ୍ଜାବ ଏଫ୍‌ସି ୩-୦ ଗୋଲରେ ଇଣ୍ଟର କାଶୀକୁ ପରାସ୍ତ କରିଛି। ପଞ୍ଜାବ ଏହି ବିଜୟ ଓ ୧୪ ପଏଣ୍ଟ ସହ ସପ୍ତମ ସ୍ଥାନରେ ରହିଥିବା ବେଳେ ଇଣ୍ଟର କାଶୀ ୧୧ ପଏଣ୍ଟ ସହ ନବମ ସ୍ଥାନରେ ରହିଛି।

ମ୍ୟାଚ୍ ଆରମ୍ଭରୁ ପଞ୍ଜାବ ଆଟାକିଂ ରଣନୀତି ଆପଣେଇଥିଲା। ୩୭ତମ ମିନିଟ୍‌ରେ ସମିର ଜେଲକୋଭିକ୍‌ଙ୍କ ଗୋଲ ବଳରେ ପଞ୍ଜାବ ପ୍ରଥମାର୍ଦ୍ଧ ସୁଦ୍ଧା ୧-୦ ଗୋଲରେ ଆଗରେ ରହିଥିଲା। ଦ୍ୱିତୀୟାର୍ଦ୍ଧ ଆରମ୍ଭରୁ ଏଫିଅଙ୍ଗ ଏନ୍‌ସୁଙ୍ଗୁସି ୫୧ତମ ମିନିଟ୍‌ରେ ଦଳ ପାଇଁ ଦ୍ୱିତୀୟ ଗୋଲ ସ୍କୋର କରିଥିଲେ। ସେହିଭଳି ୭୧ତମ ମିନିଟ୍‌ରେ ଏଫିଅଙ୍ଗଙ୍କଠାରୁ ମିଳିଥିବା ପାସ୍‌କୁ ବେଡେ ଆମରାଚି ଓସୁଜି ଗୋଲରେ ପରିଣତ କରିଥିଲେ।

# ଫାଓ ଏକାଡେମୀର ଦ୍ୱିତୀୟ ପରାଜୟ

## ଏଆଇଏଫ୍ଏଫ୍ ଏଲିଟ୍ ଲିଗ୍ ଫାଇନାଲ ରାଉଣ୍ଡ

**କଟକ, ୨୦।୪ (କୁମାରଶ୍ରୀ)**

୧୮ବର୍ଷରୁ କମ୍ ଏଆଇଏଫଏଫ ଏଲିଟ୍ ଲିଗ୍‌ର ଫାଇନାଲ ରାଉଣ୍ଡରେ ଫାଓ ଏକାଡେମୀ କ୍ରମାଗତ ଦ୍ୱିତୀୟ ପରାଜୟ ବରଣ କରିଛି। ପ୍ରଥମ ମ୍ୟାଚ୍‌ରେ ଟିୱାଇଡିଏଠାରୁ ୧-୩ ଗୋଲରେ ହାରିବା ପରେ ସୋମବାର ଦ୍ୱିତୀୟ ମ୍ୟାଚ୍‌ରେ ଦଳ ୨-୩ ଗୋଲରେ ପଞ୍ଜାବ ଏଫସିଠାରୁ ହାରିଛି। ୨୨ ତାରିଖରେ ଫାଇନାଲ ରାଉଣ୍ଡର ଅନ୍ତିମ ମ୍ୟାଚ୍‌ରେ ମାଡ୍ରାସ ଏଫସିକୁ ଭେଟିବ ଫାଓ ଏକାଡେମୀ। ଗ୍ରୁପ-ଡି'ରେ ସ୍ଥାନ ପାଇଥିବା ଫାଓ ଏକାଡେମୀର ଅଭିଯାନ ପ୍ରତିଯୋଗିତାରୁ ଏକପ୍ରକାର ଶେଷ ହୋଇଛି। ପଞ୍ଜାବର ରାମସାର ସାହିବ ସ୍ପୋର୍ଟସ ଷ୍ଟାଡିୟମରେ ସୋମବାର ଫାଓ ଏକାଡେମୀ ଏବଂ ଘରୋଇ ପଞ୍ଜାବ ଏଫସି ଭିତରେ ମୁକାବିଲା ହୋଇଥିଲା। ୧୫ତମ ମିନିଟରେ ଅଭିରାଜ ସିଂହ କପୁର ପଞ୍ଜାବ ନିମନ୍ତେ ପ୍ରଥମ ଗୋଲ ଦେଇଥିଲେ। ୨୦ତମ ମିନିଟରେ ଫାଓ ଏକାଡେମୀ ଗୋଲ୍ ପରିଶୋଧ କରିଥିଲା। ଫରୱାର୍ଡ ମୋହନ ଗୁଣ୍ଡ ଏହି ଗୋଲ ସ୍କୋର କରିଥିଲେ। ୩୩ତମ ମିନିଟରେ ଆକାଶ ସାହୁଙ୍କ ଗୋଲ ଦ୍ୱାରା ଫାଓ ଏକାଡେମୀ ଅଗ୍ରଣୀ ହାସଲ କରିଥିଲା। ହେଲେ ଖେଳର ପ୍ରଥମାର୍ଦ୍ଧ ଶେଷ ହେବା ବେଳକୁ ଇଞ୍ଜୁରୀ ଟାଇମ୍‌ରେ ପଞ୍ଜାବ ଅଧିନାୟକ ସତନାମ ସିଂହ ଗୋଲ ଦେଇ ମ୍ୟାଚ୍‌କୁ ବରାବର ସ୍ଥିତିରେ ପହଞ୍ଚାଥିଲେ। ଦ୍ୱିତୀୟାର୍ଦ୍ଧର ୫୭ତମ ମିନିଟରେ ଏଡିଶନ ମଇତିଙ୍କ ଗୋଲ ବଳରେ ପଞ୍ଜାବ ପୁର୍ନବାର ମ୍ୟାଚ୍‌ରେ ଆଗୁଆ ରହିଥିଲା।

# ହକି ଇଣ୍ଡିଆ ଘୋଷଣା କଲା ୩୬ଜଣିଆ ଦଳ

## ଜାତୀୟ କୋଚିଂ କ୍ୟାମ୍ପ

**ନୂଆଦିଲ୍ଲୀ, ୨୦।୪ (ପି.ଟି.)**

ବେଙ୍ଗାଲୁରୁର ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ) ସେଣ୍ଟରରେ ଏପ୍ରିଲ ୨୦ରୁ ମେ ୯ ପର୍ଯ୍ୟନ୍ତ ହେବାକୁଥିବା ଆଗାମୀ ଜାତୀୟ ସିନିୟର ପୁରୁଷ ପ୍ରଶିକ୍ଷଣ ଶିବିର ପାଇଁ ଏକ ୩୬ ଜଣିଆ ସମ୍ଭାବ୍ୟ ଖେଳାଳି ତାଲିକା ହକି ଇଣ୍ଡିଆ ଘୋଷଣା କରିଛି। ଏହି ପ୍ରଶିକ୍ଷଣ ଶିବିର କୌଶଳଗତ ସଂହତି, କଣ୍ଡିସନିଂ ଏବଂ ମ୍ୟାଚ ସିମୁଲେଶନ ସେସନ ଉପରେ ଧ୍ୟାନ ଦେବ। କାରଣ ଦଳ ଏକ ବ୍ୟସ୍ତବହୁଳ ଅନ୍ତର୍ଜାତୀୟ ଋତୁ ପୂର୍ବରୁ ଏହାର ପ୍ରସ୍ତୁତିକୁ ସୁନିଶ୍ଚିତ କରିବାକୁ ଲକ୍ଷ୍ୟ ରଖିଛ; ଯେଉଁଥିରେ ଏଫ୍ଆଇଏଚ୍ ପ୍ରୋ-ଲିଗ୍‌ର ୟୁରୋପୀୟ ପର୍ଯ୍ୟାୟ, ବିଶ୍ୱକପ୍ ଓ ଏସୀୟ କ୍ରୀଡ଼ା ଅନ୍ତର୍ଭୁକ୍ତ। ଏଥିସହିତ ଦଳ ସମସ୍ତ ବିଭାଗରେ ରିଦିମ ତିଆରି କରିବା, କମ୍ବିନେଶନକୁ ଶାଣିତ କରିବା ଏବଂ ସମସ୍ତ ବିଭାଗକୁ ସୁଦୃଢ଼ କରିବା ଲକ୍ଷ୍ୟ ରହିଛି।

**କୋଚିଂ କ୍ୟାମ୍ପ ପାଇଁ ୩୬ ଜଣିଆ ଖେଳାଳି ତାଲିକା:** ଗୋଲକିପର: କ୍ରିଶନ ବାହାଦୁର ପାଠକ, ପଓ୍ୱନ, ସୁରଜ କାରକେରା, ମୋହିତ ହୋନେନାହାଲି ଶଶିକୁମାର, ପ୍ରିନ୍ସଦୀପ ସିଂ। ଡିଫେଣ୍ଡର: ରାଜୀନ୍ଦର ସିଂ, ମନମିତ୍ ସିଂ, ହାର୍ଦ୍ଦିକ ସିଂ, ମୋଇରାଙ୍ଗଥେମ୍ ରବିଚନ୍ଦ୍ରା ସିଂ, ବିବେକସାଗର ପ୍ରସାଦ, ବିଷ୍ଣୁ କାନ୍ତ ସିଂ, ରାଜକୁମାର ପାଲ୍, ନୀଳକାନ୍ତ ଶର୍ମା, ରୋଶନ କୁଜୁର, ମନପ୍ରୀତ ସିଂ। ଫରୱାର୍ଡ: ଅଭିଷେକ, ସୁଖଜିତ ସିଂ, ଶିଳାନନ୍ଦ ଲାକ୍ରା, ମନଦୀପ ସିଂ, ଅରାଇଜିତ ସିଂ ହୁଣ୍ଡାଲ, ଅଙ୍ଗଦବୀର ସିଂ, ଉତ୍ତମ ସିଂ, ସେଲ୍‌ଭାମ କାର୍ଥୀ, ଆଦିତ୍ୟ ଅର୍ଜୁନ ଲାଲାଗେ, ମନୀନ୍ଦର ସିଂ, ଦିଲପ୍ରୀତ ସିଂ।

# ସୂରଜ ଚାନ୍ଦଙ୍କୁ ପୁରୁଷ ସିଙ୍ଗଲ୍ସ ଟାଇଟଲ

## ପିଏସ୍ଏ ଚ୍ୟାଲେଞ୍ଜର ଟୁର୍

**ଚେନ୍ନାଇ, ୨୦।୪ (ପି.ଟି.)**

ଭାରତର ସୂରଜ କୁମାର ଚାନ୍ଦ ଏଚ୍‌ସିଏଲ୍ ସ୍କ୍ୱାଶ ପିଏସ୍ଏ ଚ୍ୟାଲେଞ୍ଜର ଟୁର୍ ଟାଇଟଲ ହାସଲ କରିଛନ୍ତି। ଦ୍ୱିତୀୟ ସିଡ୍ ତଥା ବିଶ୍ୱର ୧୩୪ ର୍‍ୟାଙ୍କିଙ୍ଗପ୍ରାପ୍ତ ଏହି ଭାରତୀୟ ଖେଳାଳି ସୋମବାର ଅନୁଷ୍ଠିତ ଫାଇନାଲରେ ଦକ୍ଷିଣ କୋରିଆର ଜିଓଙ୍ଗମିନ୍ ରିୟୁଙ୍କୁ ୧୧-୫, ୧୧-୯, ୧୧-୩ରେ ହରାଇ ଦେଇଛନ୍ତି। ଏହା ହେଉଛି ତାଙ୍କର ଚତୁର୍ଥ ପିଏସ୍ଏ ଟାଇଟଲ। ଅନ୍ୟପକ୍ଷରେ ସପ୍ତମ ସିଡ୍ ଇଜିପ୍ଟର ରୋକୈୟା ଓଥମାନ ମହିଳା ଫାଇନାଲରେ ଦ୍ୱିତୀୟ ସିଡ୍ ତଥା ମାଲେସିଆର ହର୍ଲିନ ତାନଙ୍କୁ ୧୨-୧୦, ୧୧-୭, ୯-୧୧, ୧୧-୭ରେ ହରାଇ ଦେଇଛନ୍ତି।

# ଖାସାବାଙ୍କୁ ମରଣୋତ୍ତର ପଦ୍ମବିଭୂଷଣ ପାଇଁ ନିର୍ଦ୍ଦେଶ

**ମୁମ୍ବାଇ, ୨୦।୪ (ପି.ଟି.)**



ବମ୍ବେ ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରଦାନ କରିବାକୁ ଯାଇ କୁସ୍ତିଯୋଦ୍ଧା ଖାସାବା ଦାଦାସାହେବ ଯାଦବଙ୍କୁ ମରଣୋତ୍ତର ପଦ୍ମ ବିଭୂଷଣ ଉପାଧିରେ ସମ୍ମାନିତ କରିବା ଲାଗି ନିର୍ଦ୍ଦେଶ ଦେଇଛନ୍ତି। ଖାସାବା ଥିଲେ ଭାରତର ପ୍ରଥମ ବ୍ୟକ୍ତିଗତ ଅଲିମ୍ପିକ ପଦକ ବିଜେତା। କୋର୍ଟ ଖାସାବାଙ୍କ ପୁତ୍ର ରଣଜିତ୍ ଯାଦବଙ୍କ ଦ୍ୱାରା ପ୍ରତିଷ୍ଠିତ 'କୁସ୍ତିବୀର ଖାସାବା ଯାଦବ ଫାଉଣ୍ଡେଶନ' ଦ୍ୱାରା ଦାଏର ଏକ ଜନସ୍ୱାର୍ଥ ମାମଲା (ପିଆଇଏଲ୍)ର ଶୁଣାଣି କରୁଥିଲେ। ଖାସାବା ଦାଦାସାହେବ ଯାଦବଙ୍କୁ ମରଣୋତ୍ତର ଭାରତର ଦ୍ୱିତୀୟ ସର୍ବୋଚ୍ଚ ବେସାମରିକ ପୁରସ୍କାର ପ୍ରଦାନ ପାଇଁ ସାନି ଦାଖଲ କରାଯାଇଥିବା ଆବେଦନପତ୍ରର ପୁନଃ ବିଚାର କରିବା ଲାଗି ସ୍ୱରାଷ୍ଟ୍ର ବ୍ୟାପାର ମନ୍ତ୍ରଣାଳୟକୁ ନିର୍ଦ୍ଦେଶ ପାଇଁ ପିଆଇଏଲ୍‌ରେ ନିବେଦନ କରାଯାଇଥିଲା। ମେ ୪ ତାରିଖ ପୂର୍ବରୁ ଉପଯୁକ୍ତ ନିଷ୍ପତ୍ତି ନେବା ପାଇଁ କୋର୍ଟ ବିଭାଗୀୟ ମନ୍ତ୍ରଣାଳୟକୁ ନିର୍ଦ୍ଦେଶ ଦେବା ସହ ଏହି ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ମେ ୫ ତାରିଖ ଦିନ ଧାର୍ଯ୍ୟ କରିଛନ୍ତି। ଦରକାର ପଡ଼ିଲେ ରାଜ୍ୟ ସରକାର ଯେ କୌଣସି ଆବଶ୍ୟକତାକୁ ଶୀଘ୍ର ପାଳନ କରିବେ ବୋଲି କୋର୍ଟ କହିଛନ୍ତି। ଖାସାବା ୧୯୫୨ ହେଲସେଙ୍କି ଅଲିମ୍ପିକ ଗେମ୍ସରେ ବ୍ରୋଞ୍ଜ ପଦକ ଜିତିଥିଲେ। ୧୯୮୪ରେ ତାଙ୍କର ଦେହାନ୍ତ ହୋଇଥିଲା।


# Classified Everyday 0674-2580101, 9692975378



REAL ESTATE
SALE

ବାଲିଅନ୍ତାରୁ 5K.M. Pitchu Road side Schedulecaste plot 2100sqft.- 40,00,000/-. 7978947520. D-32

Ready to move apartment Sale Near Hanspal, Rasulgarh, Bhubaneswar. 9777433701. D-29

Plot- Baranga, Samantaraypur, Nakhara-490/-, Retanga, Khurda, Malatipatapur, Kandarapur - 8895778043. D-164

Plot Sale Near Sundarpada OEC College with Boundary wall- 6372670155. D-30

3BHK, Drawing, Dining, Puja, Three Bed Room, Two Kitchens, Three Toilets, Garage near Shopping Mall, Inox Cinema, Tamando, Rate- Three crores (Negotiable). Cell. 9040188940, 93481 21441. D-166

Ready to move Duplex at prime location near V2 Showroom, Patrapada, Bhubaneswar. Contact: 9861037729/ 9040337729. D-76961

DO U NEED TO INVEST on property/Immediately house purpose ??? At Brahmanjharilo, Phulanakhara, Cuttack in between middle of CUTTACK & BHUBANESWAR at a reduced price. 7809525452. D-252




All types of physiotherapy and massage. Contact: 9556924059 / 7656969134. D-109

Newly opening full body massage. Best therapist, Good Looking: 7205888795. D-135

Newly open Jyoti spa positively health benefits (Expert therapist). 8458067955. D-76960

ପାଠକଙ୍କ ପାଇଁ ସୂଚନା କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## AFFIDAVIT

By virtue of an affidavit sworn before Executive Magistrate, Balasore, dated 23.03.2026, I, LAXMI NARAYAN MALLIK, Address: At- Bhaskarganj "A", P.S.- Sahadevkhunta, P.O./Dist.- Balasore, Odisha, PIN- 756001 declare that the actual and correct name of my father is Bidyadhar Mallik which is mentioned in my Aadhaar Card bearing No. xxxx xxxx 6359 but in my land record under Mouza- Jogeswarpur, P.S.- Balasore Sadar, P.S. No.120, Dist.- Balasore in Khata No.22 his name is wrongly recorded as Krushnachandra Mallik. Hence, both Bidyadhar Mallik and Krushnachandra Mallik is one and same person. D-165

By virtue of an affidavit sworn before the Executive Magistrate, Junagarh, Dtd.- 16.03.2026, I, Ranjit Patel, R/o. At- Budel, P.O.- Maliguda, P.S.- Junagarh, Dist.- Kalahandi, Odisha declare that I have changed the name of my son from Jageswar Patel to Jugeswar Patel. Henceforth, he shall be known as Jugeswar Patel for all purposes
Ranjit Patel D-167

## LEGAL NOTICE

I.R.N0. 79, Dt. 07.02.2026

ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର-୨,
(ଶ୍ରୀ ଆଶୁତୋଷ ସାମଲ), (ଓ.ଏ.ଏସ୍.) (ଏସ୍.ଏ.ଜି.),
୪ର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା,
ଓଡ଼ିଶା ସର୍ଭେ ଓ ସେଟେଲମେଣ୍ଟ ୧୯୫୮ ଆଇନ ଧାରା ୧୫(ଖ) ଅନୁଯାୟୀ
ଓ.ଏସ୍.ଏସ୍. ମୋକଦ୍ଦମା ନମ୍ବର-୨୩/୨୦୨୦

ନୋଟିସ

(ଦେୱାନୀ କାର୍ଯ୍ୟବିଧି ସଂହିତାର ଆଦେଶ ନମ୍ବର ୫ ଏବଂ ନିୟମ ନମ୍ବର ୨୦ ମୁତାବକ)

ସନ୍ତୋଷୀ ରାଣା .....ବାଦୀ

ବନାମ

ଆଶାମଣୀ ସାମନ୍ତସିଂହାର ଏବଂ ଅନ୍ୟମାନେ .....ପ୍ରତିବାଦୀ

ପ୍ରାପ୍ତେଷୁଙ୍କ ନାମ ଏବଂ ଠିକଣା:
ପ୍ରତିବାଦୀ ନଂ.୨- ବାଳାମଣି ମଙ୍ଗରାଜ, ବୟସ ୫୩, ସ୍ୱାମୀ: ୰ଲକ୍ଷ୍ମଣ ମଙ୍ଗରାଜ, ଗ୍ରାମ: ଆଙ୍କୋଲା, ପୋ: ଆଙ୍କୋଲା, ଥାନା: ଡେଲାଙ୍ଗ, ଜିଲ୍ଲା: ପୁରୀ, ପ୍ରତିବାଦୀ ନଂ.୩- ସାବନ ପ୍ରଧାନ, ସ୍ୱାମୀ: ବ୍ରହ୍ମଚାରୀ ପ୍ରଧାନ, ଗ୍ରାମ: ଦାରୁଠେଙ୍ଗ, ଥାନା: ଚନ୍ଦକା, ଜିଲ୍ଲା: ଖୋର୍ଦ୍ଧା, ପ୍ରତିବାଦୀ ନଂ.୫- ଭାଗିରଥୀ ସୁବୁଦ୍ଧି ଆଲିୟାସ ସାହୁ, ପିତା: ୰ବିଶ୍ୱନାଥ ସାହୁ, ଗ୍ରାମ: ଭାତକୁରୀ, ପୋ: ଗଙ୍ଗପଡ଼ା, ଥାନା: ଇନ୍‌ଫୋଭ୍ୟାଲି, ଜିଲ୍ଲା: ଖୋର୍ଦ୍ଧା, ପ୍ରତିବାଦୀ ନଂ.୯- ମମତା ସୁବୁଦ୍ଧି, ପିତା: ୰ବଂଶୀଧର ସୁବୁଦ୍ଧି, ଗ୍ରାମ: ଭାତକୁରୀ, ପୋ: ଗଙ୍ଗପଡ଼ା, ଥାନା: ଇନ୍‌ଫୋଭ୍ୟାଲି, ଜିଲ୍ଲା: ଖୋର୍ଦ୍ଧା, ପ୍ରତିବାଦୀ ନଂ.୧୦- ଶର୍ମିଷ୍ଠା ସୁବୁଦ୍ଧି, ପିତା: ୰ବଂଶୀଧର ସୁବୁଦ୍ଧି, ଗ୍ରାମ: ଭାତକୁରୀ, ପୋ: ଗଙ୍ଗପଡ଼ା, ଥାନା: ଇନ୍‌ଫୋଭ୍ୟାଲି, ଜିଲ୍ଲା: ଖୋର୍ଦ୍ଧା ।

ନୋଟିସ

ଏତଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ଦ୍ୱାରା ଜଣାଇ ଦିଆଯାଉଅଛି ଯେ ଉପରୋକ୍ତ ମୋକଦ୍ଦମାର ବାଦୀ ନିମ୍ନୋକ୍ତ ଜମିର ହାଲ୍ ଜମିଜମାର ଚୂଡ଼ାନ୍ତ ପ୍ରକାଶନର ରେକର୍ଡ଼ ରିଭିଜନ ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ ନମ୍ବର ୨ରେ ଦାଖଲ କରିଛନ୍ତି। ପ୍ରତିବାଦୀମାନଙ୍କୁ ମୋକଦ୍ଦମାର ଶୁଣାଣି ନିମନ୍ତେ ପଞ୍ଜୀକୃତ ଡାକ ଦ୍ୱାରା ନୋଟିସ ଜାରି ହୋଇଥିଲା। କିନ୍ତୁ ଉକ୍ତ ନୋଟିସ ବିଭିନ୍ନ କାରଣ ଦର୍ଶାଇ ଫେରସ୍ତ ଆସିଅଛି। ଏଣୁ ଉପରଲିଖିତ ମୋକଦ୍ଦମାର ଶୁଣାଣି ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ରିଭିଜନ ଅଦାଲତ-୨, ଚତୁର୍ଥ ମହଲା, ବିଭାଗୀୟ ମୁଖ୍ୟ କାର୍ଯ୍ୟାଳୟ, ଭୁବନେଶ୍ୱରଙ୍କ ଇଜିଲାସରେ ଆସନ୍ତା ତା.୦୮।୦୫।୨୦୨୬ରିଖ ୧୧.୩୦ ଘଟିକାରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଛି।

ଜମିର ବିବରଣୀ

ଜିଲ୍ଲା: ଖୋର୍ଦ୍ଧା, ତହସିଲ: ଜଟଣୀ, ଥାନା: ଇନ୍‌ଫୋଭ୍ୟାଲି, ମୌଜା: ଭାତକୁରୀ।

ସାବକ

ଖାତା ନମ୍ବର- ୯୫, ପ୍ଲଟ୍ ନମ୍ବର- ୩୨୯, କିସମ- ବିଆଳି, ରକବା- ଏ୦.୧୯୦ଡିସିମିଲ୍ ସମ୍ବନ୍ଧରୁ ଏ.୦.୦୩୬ଡିସିମିଲ୍, ସ୍ୱତ୍ୱ- ସ୍ଥିତିବାନ

ହାଲ୍

ଖାତା ନମ୍ବର- ୪୨, ପ୍ଲଟ୍ ନମ୍ବର- ୪୮୬, କିସମ- ଶାରଦ ଜଳଅଣଜଳସେଚିତ-୩, ରକବା- ଏ୦.୧୯୦ଡିସିମିଲ୍ ସମ୍ବନ୍ଧରୁ ଏ.୦.୦୩୬ଡିସିମିଲ, ସ୍ୱତ୍ୱ- ସ୍ଥିତିବାନ୍ ଧ-୧୬୨

## ମନେ ପଡ଼ନ୍ତି

ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



୰ତାରକ ଚନ୍ଦ୍ର ମିଶ୍ର

ଆବିର୍ଭାବ: ତା. ୦୧.୦୧.୧୯୪୫
ତିରୋଧାନ: ତା. ୨୧.୦୪.୨୦୨୪
ମୋତି ଭବନ ପ୍ଲଟ ନଂ-୨୨/୧୩୦/୭୮୯
ସୁବୁଦ୍ଧିପୁର, କଳିଙ୍ଗ ବିହାର, ଭୁବନେଶ୍ୱର-୭୫୧୦୧୯

ଜୀବନର ରଣଶୁଝି
ରଣଭୂମେ ଯୁଝି ଯୁଝି
ବାହୁଡ଼ି ଯାଇଛ
ତୁମେ ସଂଗ୍ରାମ କେଶରୀ
ଅମର ଅକ୍ଷୟ
ସଦା ତୁମ କୀର୍ତ୍ତିଗୁଣ
ଅବିନାଶୀ ଆତ୍ମା
ତୁମ ପ୍ରଭୁ ପାଦେ ଲୀନ
ତୁମର ଆଶୀର୍ବାଦ ଆଦି
ଆମର ପାଥେୟ
ବିଭୁ ପାଦେ ତୁମ ମୁକ୍ତି
ସଦା ଥାଉ ଧେୟ

ପତ୍ନୀ, ପୁତ୍ର, କନ୍ୟା, ପୁତ୍ରବଧୂ, ଜାମାତା, ଭାଇ, ବନ୍ଧୁ ଓ ପରିବାର ବର୍ଗ

ଧ-୧୬୩

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।


# ଦ୍ୱିତୀୟ ଅନ୍ତର୍ଜାତୀୟ ଦିନିକିଆରେ ବାଂଲାଦେଶ ବିଜୟୀ

**ଢାକା, ୨୦।୪**

ସ୍ଥାନୀୟ ଶେର-ଇ- ବାଂଲା ନ୍ୟାଶନାଲ ଷ୍ଟାଡିୟମରେ ସୋମବାର ଖେଳାଯାଇଥିବା ଦ୍ୱିତୀୟ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟ ମ୍ୟାଚରେ ଭ୍ରମଣକାରୀ ନ୍ୟୁଜିଲାଣ୍ଡ ଦଳକୁ ୬ଉଇକେଟରେ ହରାଇ ଦେଇଛି ଆୟୋଜକ ବାଂଲାଦେଶ ସିରିଜକୁ ୧-୧ ବରାବର ସ୍ଥିତିକୁ ନେଇ ଆସିଛି। ଦୁଇ ଦଳ ମଧ୍ୟରେ ତୃତୀୟ ଟି୨୦ ଗୁରୁବାର ଖେଳାଯିବ। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ନ୍ୟୁଜିଲାଣ୍ଡ ୪୮.୪ ଓଭରରେ ୧୯୮ ରନ କରି ଅଲଆଉଟ ହୋଇଯାଇଥିଲା। ଦଳର ଟପ୍ ସ୍କୋରର ନିକ୍ କେଲି ୧୪ ଚୌକା ସହ ସର୍ବାଧିକ ୮୩ ରନ କରିଥିଲେ। ବାଂଲାଦେଶ ତରଫରୁ ଶ୍ରେଷ୍ଠ ବୋଲିଂ କରିଥିବା ନାହିଦ ରାଣା ୩୨ ରନ ବିନିମୟରେ ୫ଉଇକେଟ ଅକ୍ତିଆର କରିଥିଲେ। ସୋରିଫୁଲ ଇସ୍‌ଲାମ ୩୨ ରନ ଦେଇ ଦୁଇ ଉଇକେଟ ହାସଲ କରିଥିଲେ। ଜବାବରେ ବାଂଲାଦେଶ ୩୫.୩ ଓଭରରେ ୪ଉଇକେଟ ବିନିମୟରେ ୧୯୯ରନ କରି ମ୍ୟାଚ ଜିତିନେଇଥିଲା। ଦଳ ପକ୍ଷରୁ ତାନ୍‌ଜିଦ ହସନ ତମିମ ୧୦ ଚୌକା ଓ ୪ ଛକା ସହ ୭୬ରନ କରିଥିବା ବେଳେ ନଜମୁଲ ହୋସେନ ଶାନ୍ତୋ ୫୦ ରନ କରି ରିଟାୟର୍ଡ ହର୍ଟ ହୋଇଥିଲେ। ତୋହିଦ ହ୍ରିଦୟ ୫୦ରନ କରି ଅପରାଜିତ ରହିଥିଲେ। ନ୍ୟୁଜିଲାଣ୍ଡର ଜେଡେନ ଲେନକ୍ସ ୩୬ ରନ ଦେଇ ୨ ଉଇକେଟ ନେଇଥିଲେ। ନାହିଦ ରାଣା ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଦୁଇ ଦଳ ମଧ୍ୟରେ ତୃତୀୟ ତଥା ଅନ୍ତିମ ଦିନିକିଆ ଗୁରୁବାର ଖେଳାଯିବ।

**ସଂକ୍ଷିପ୍ତ ସ୍କୋର**

ନ୍ୟୁଜିଲାଣ୍ଡ ଇନିଂସ: ୪୮.୪ ଓଭରରେ ୧୯୮/ଅଲଆଉଟ (ନିକ୍ କେଲି-୮୩, ମହମଦ ଆବାସ-୧୯; ନାହିଦ ରାଣା-୫/୩୨, ସୋରିଫୁଲ୍ ଇସ୍‌ଲାମ-୨/୩୨)। ବାଂଲାଦେଶ ଇନିଂସ: ୩୫.୩ ଓଭରରେ ୧୯୯/୪ (ଜେଡେନ ଲେନକ୍ସ-୨/୩୬, ୱିଲିୟମ ଓରୋକେ-୧/୪୧)।

**ଅନୁଗୋଳ ମହୋତ୍ସବ ଉଦ୍‌ଯାପିତ**

# ସୁନିଧିଙ୍କ 'ଧୁମ ମଚାଲେ' ଗୀତରେ ଝୁମିଲା ଷ୍ଟାଡିୟମ



ମଞ୍ଚରେ ବଲିଉଡ୍ ଗାୟିକା ସୁନିଧି ଚୌହାନ ସଙ୍ଗୀତ ପରିବେଷଣ କରୁଛନ୍ତି।



ଷ୍ଟାଡିୟମରେ ଦର୍ଶକମାନେ ସଙ୍ଗୀତର ମଜା ନେଉଛନ୍ତି।

ଅନୁଗୋଳ,୨୦।୪ (ଜ୍ୟୋତିରଞ୍ଜନ ସାହୁ)

ଅନୁଗୋଳ ଜିଲା ମହୋତ୍ସବର ଉଦ୍‌ଯାପନୀ ସନ୍ଧ୍ୟା ଯେତେ ଆଗକୁ ବଢୁଥିଲା, ଦର୍ଶକମାନଙ୍କ ମନରେ ଉତ୍ସାହ ଓ ଉତ୍କଣ୍ଠା ସେତିକି ବୃଦ୍ଧି ପାଉଥିଲା। ସନ୍ଧ୍ୟା ହେବା ବେଳକୁ ଷ୍ଟାଡିୟମ ଚାରିପାଖରେ ଲୋକମାନଙ୍କ ଭିଡ଼ ଜମି ଯାଇଥିଲା। ସହସ୍ରାଧିକ ଦର୍ଶକ ଗ୍ୟାଲେରୀ ଦଖଲ କରିନେଇଥିବାବେଳେ ଅନେକେ ଲୋକ ଦୂରରୁ ହେଉ ପଛେ ନିଜ ପ୍ରିୟ ବଲିଉଡ୍ ଗାୟିକା ସୁନିଧି ଚୌହାନଙ୍କୁ ଦେଖିବା ଆଶାରେ ଷ୍ଟାଡିୟମ ବାହାରେ ଜମା ହୋଇଥିଲେ। ପ୍ରଥମ ଥର କରି ବଲିଉଡ୍‌ର ପ୍ରସିଦ୍ଧ ଗାୟିକା ସୁନିଧି ଚୌହାନଙ୍କ ଲାଇଭ ପରିବେଷଣ ଅନୁଗୋଳରେ ଦେଖିବାକୁ ମିଳିଥିଲା। ମଞ୍ଚରେ ତାଙ୍କ ପ୍ରବେଶ ହେବାମାତ୍ରେ ଦର୍ଶକମାନଙ୍କ ହୋହଲ୍ଲା ଓ କରତାଳିରେ ପୂରା ଷ୍ଟାଡିୟମ କମ୍ପିଉଠିଥିଲା। ସୁନିଧି ଗୋଟିଏ ପରେ ଗୋଟିଏ ସୁପରହିଟ ଗୀତ ପରିବେଷଣ କରି ଦର୍ଶକଙ୍କୁ ମନୋରଞ୍ଜନର ସର୍ବୋଚ୍ଚ ସୀମାକୁ ନେଇଯାଇଥିଲେ। ସିଲା କି ଜୱାନୀ, ଧୁମ ମଚାଲେ, ବିଡି ଜଲେଇଲେ, କମଲି, ଦେଶୀ ଗାର୍ଲ, କ୍ରେଜି କିଆରେ, ବେ ଇନତହା, ଟିଆମୋ, ବିନ୍ ତେରେ, ଭାଗେ ରେ ମନ ଓ ସାମି ସାମି... ପରି ଲୋକପ୍ରିୟ ଗୀତରେ ଷ୍ଟାଡିୟମ ପୂରା ଝୁମିଉଠିଥିଲା। ପ୍ରଥମ ଥର ଅନୁଗୋଳକୁ ଆସିଥିବା ସୁନିଧି ମଧ୍ୟ ଏଠାର ଦର୍ଶକମାନଙ୍କର ଭଲପାଇବା ଓ ସମର୍ଥନ ଦେଖି ବେଶ ଖୁସି ପ୍ରକାଶ କରିଥିଲେ। ସେ କହିଥିଲେ, ଅନୁଗୋଳର ଦର୍ଶକମାନଙ୍କ ଉତ୍ସାହ ତାଙ୍କୁ ଆଗକୁ ଆହୁରି ଭଲ ପରିବେଷଣ କରିବାକୁ ପ୍ରେରଣା ଦେଇଛି। ଏହି ସୁରିଲା ସନ୍ଧ୍ୟା ମହୋତ୍ସବର ଶେଷ ଦିନକୁ କେବଳ ଭବ୍ୟ ନୁହେଁ, ଅଭୁଲା ମଧ୍ୟ କରିଦେଇଛି। ସାଂସ୍କୃତିକ କାର୍ଯ୍ୟକ୍ରମ ପୂର୍ବରୁ ଉଦ୍‌ଯାପନୀ ମହୋତ୍ସବରେ ସମ୍ମାନିତ ଅତିଥି ଭାବେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, କାମାକ୍ଷାନଗର ବିଧାୟକ ଶତ୍ରୁଘନ ଜେନା, ପରଜଙ୍ଗ ବିଧାୟକ ବିଭୂତି ଭୂଷଣ ପ୍ରଧାନ, ଅନୁଗୋଳ ଅତିରିକ୍ତ ଜିଲାପାଳ ପ୍ରତାପ ପ୍ରୀତିମୟ ଯୋଗଦେଇଥିଲେ। ସତ୍ୟଜିତ ପ୍ରଧାନ, ଜ୍ୟୋତିର୍ମୟୀ ନାୟକ, ଅମିତ ମିଶ୍ରାଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଭିଡିଓରେ ବାର୍ତ୍ତା ଦେଲେ ମନ୍ତ୍ରୀ

ଅନୁଗୋଳ,୨୦।୪(ଜ୍ୟୋତିରଞ୍ଜନ ସାହୁ)

ଅନୁଗୋଳ ଜିଲା ମହୋତ୍ସବ ଉଦ୍‌ଯାପନୀ ଉତ୍ସବରେ ରାଜ୍ୟ ଆଇନ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କୌଣସି କାରଣରୁ ଯୋଗଦାନ କରିପାରି ନ ଥିଲେ। ତେଣୁ ମନ୍ତ୍ରୀ ଭିଡିଓ ବାର୍ତ୍ତାରେ କିଛି ସନ୍ଦେଶ ଦେଇଥିଲେ। ବୁଢ଼ୀ ଠାକୁରାଣୀ ପୀଠର ସୌନ୍ଦର୍ଯ୍ୟକରଣ ପାଇଁ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ସବୁବେଳେ କହୁଥିଲେ। ଓଡ଼ିଶାର ୩୫ଟି ପୁରୁଣା ମନ୍ଦିର ଭିତରେ ଥିବା ଅନୁଗୋଳ ବୁଢ଼ୀ ଠାକୁରାଣୀ ମନ୍ଦିର ଉନ୍ନତୀକରଣ ପାଇଁ ଯୋଜନ ହେଇଛି। ଖୁବ୍‌ଶୀଘ୍ର ଏହି କାର୍ଯ୍ୟ କରାଯିବ ବୋଲି ମନ୍ତ୍ରୀ ହରିଚନ୍ଦନ ଭିଡିଓ ବାର୍ତ୍ତାରେ କହିଥିଲେ।

## ରାଷ୍ଟ୍ରୀୟ ଗୀତ ଗାଇଲା ବେଳେ ଅଧାରେ ଅଟକିଲେ

ଅନୁଗୋଳ,୨୦।୪(ଜ୍ୟୋତିରଞ୍ଜନ ସାହୁ)

ଅନୁଗୋଳ ମହୋତ୍ସବ ଉଦ୍‌ଯାପନୀ ସନ୍ଧ୍ୟା କାର୍ଯ୍ୟକ୍ରମ ଆରମ୍ଭରୁ ଆଙ୍କର ରାଷ୍ଟ୍ରୀୟ ଗୀତ ଗାନ କରିବା ପାଇଁ ସମସ୍ତଙ୍କୁ ଠିଆ ହେବାକୁ ଅନୁରୋଧ କରିଥିଲେ। ସମସସ୍ତ ଠିଆ ହେବା ପରେ ଗୀତ ଗାଇବା ଆରମ୍ଭ ହୋଇଥିଲା। ଆଙ୍କର ନିଜେ ମାଇକରେ ଗାଇବା ଆରମ୍ଭ କରିଥିଲେ। କିଛି ସମୟ ଗାଇବା ପରେ ଆଉ ଆଗକୁ ଯାଇ ନ ପାରି ଅଟକି ଯାଇଥିଲେ। ଲୋକଙମାନେ ବିରୋଧ କରିବାରୁ ମାଇକରେ ଆଉ ଠାରେ ରାଷ୍ଟ୍ରୀୟ ଗୀତ ପରିବେଷଣ କରାଯାଇଥିଲା।

## ସୁନିଧିଙ୍କୁ ଦେଖିବାକୁ ଚୌକି କବ୍‌ଜା

ଅନୁଗୋଳ,୨୦।୪(ଜ୍ୟୋତିରଞ୍ଜନ ସାହୁ)

ଅନୁଗୋଳ ଜିଲା ମହୋତ୍ସବର ଉଦ୍‌ଯାପନୀ କାର୍ଯ୍ୟକ୍ରମ ଦେଖିବା ପାଇଁ ଲୋକଙ୍କ ଭିଡ ବେଶ୍ ବଢ଼ିଯାଇଥିଲା। ଯିଏ ଆଗେ ଆସିବେ ସେ ଚୌକିରେ ବସିବାର ସୁବିଧା ପାଇଁ ଏକ ପ୍ରକାର ପ୍ରତିଯୋଗିତା ଚାଲିଥିଲା। କିନ୍ତୁ କିଛି ଲୋକ ଆଗୁଆ ଆସି ଚୌକିକୁ ଶୁଆଇ ନିଜ ଲୋକଙ୍କ ପାଇଁ ଜାଗା ରଖୁଥିବା ଦେଖାଯାଇଥିଲା।

## ତୁଳସୀପାଳରେ ବିହନ ବୁଣିଲେ ବିଧାୟକ



ଅଖିମୁଠି ଅନୁକୂଳ କରୁଛନ୍ତି ଅନୁଗୋଳ ବିଧାୟକ।

ବଅଁରପାଳ,୨୦।୪(ସୁବାସ ସାହୁ)

ଅନୁଗୋଳ ଜିଲା ବଅଁରପାଳ ବ୍ଲକ ତୁଳସୀପାଳ ପଞ୍ଚାୟତର କଙ୍କିନାଳୀ ଗ୍ରାମରେ ସୋମବାର ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଅଖିମୁଠି ଅନୁକୂଳ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲାପରିଷଦ ସଦସ୍ୟା ମୀରା ଗଡ଼ନାୟକ, ଗୋପାଳ ନାଏକ, ବଅଁରପାଳ ବ୍ଲକ ମଣ୍ଡଳ ଭାଜପା ସଭାପତି ସୁବ୍ରତ ସାହୁ, ସାଧାରଣ ସମ୍ପାଦକ ପ୍ରଦୀପ ସାମଲ, ଅନିଲ ଗଡ଼ନାୟକ, ବସନ୍ତ ବିଶ୍ୱାଳ, ମନୋଜ ସାହୁ, ମାଧୁରୀ ବିଷୋୟୀ, ଲିଜା ଦାସ, ଲୋକନାଥ ସାହୁ, ଦୁର୍ଯ୍ୟ ପରିଡ଼ା, ଲୀକୁ ଦାସ, ମଧୁ ସାହୁ, କାହ୍ନା ଦାସ, ପ୍ରଦ୍ୟୁମ୍ନ ସାହୁ, ଲକ୍ଷ୍ମଣ ଦେହୁରୀ, ଛବି ସେଠୀ, ନିର୍ମଳ ସାହୁ, ଶିବରାମ ଦେହୁରୀଙ୍କ ସହ ବହୁ ସଂଖ୍ୟକ ଚାଷୀ ଓ ଅନ୍ୟ ସ୍ଥାନୀୟ ନେତା, କର୍ମୀ ଉପସ୍ଥିତ ଥିଲେ। ପରେ ବିଧାୟକ ପ୍ରତାପ ଗ୍ରାମବାସୀଙ୍କ ସହ ବୈଠକ କରି ଭତ୍ତା, ଆବାସ ଯୋଜନା, ପାନୀୟଜଳ ସହିତ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନେବାକୁ ବିଧାୟକ ଆଶ୍ୱାସନ ଦେଇଥିଲେ। ବହୁ ସଂଖ୍ୟକ ଚାଷୀ ଓ ଗ୍ରାମବାସୀଙ୍କ ଉପସ୍ଥିତ ଥିଲେ।

## ହଳ ବୁଲାଇଲେ ଜିଲା ଯୋଜନା କମିଟି ଅଧ୍ୟକ୍ଷ

କଣିହାଁ,୨୦।୪(ନିରୋଜ ପ୍ରଧାନ)

ଅନୁଗୋଳ ଜିଲା କଣିହାଁ ବ୍ଲକ ହାତିଆଦଣ୍ଡାଠାରେ ପବିତ୍ର ଅକ୍ଷୟ ତୃତୀୟା ଅବସରରେ ତାଳଚେର କେନ୍ଦ୍ରୀୟ ଚଷା ସମାଜ ଦ୍ୱାରା ପକ୍ଷରୁ ଅଖିମୁଠି ଅନୁକୂଳ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପାଲଲହଡ଼ା ବିଧାୟକ ତଥା ଜିଲା ଯୋଜନା କମିଟି ଅଧ୍ୟକ୍ଷ ଅଶୋକ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଲରେ ହଳ ବୁଲାଇବା ସହ ଅଖିମୁଠି ଅନୁକୂଳ କରିଥିଲେ। ପରେ ବିଧାୟକ ମହାନ୍ତି ଚାଷୀମାନଙ୍କ ସହ ସମସ୍ୟା ବିଷୟରେ ଆଲୋଚନା କରିଥିଲେ। ସରକାର ଚାଷୀମାନଙ୍କ ଉନ୍ନତିକୁ ଦୃଷ୍ଟି ଦେଇ ଜଳସେଚନ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୭୪ ହଜାର କୋଟି ଟଙ୍କା ବଜେଟରେ ରଖିଥିବା ସୂଚନା ଦେଇଥିଲେ। ପାଲଲହଡ଼ା ନିର୍ବାଚନମଣ୍ଡଳୀରେ ଜଳସେଚନ ପାଇଁ ଟିଲାଣ୍ଟି ଜଳ ପ୍ରକଳ୍ପ, ଚକଧର ଜଳ ପ୍ରକଳ୍ପ ଓ ବିଭିନ୍ନ ଯୋଜନା ନେଇ କାମ କରୁଥିବା ବିଷୟରେ ଅବଗତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଭାରତୀୟ ଜନତା ପାର୍ଟି ଅନୁଗୋଳ ଜିଲା ଉପସଭାପତି ନୃସିଂହ ବରାଳ, ବରିଷ୍ଠ କାର୍ଯ୍ୟକର୍ତ୍ତା ତ୍ରିପୁର ପ୍ରଧାନ, ମକୁନ୍ଦ ସାହୁ, ବିନୋଦ ଜେନା, ସାମାଜିକ କର୍ମୀ କ୍ଷୀରୋଦ ସାହୁ, ଧ୍ରୁବ ଧୀର, ସ୍ଥାନୀୟ ଅଞ୍ଚଳର ଅନେକ ବ୍ୟକ୍ତି, କୃଷକ ଉପସ୍ଥିତ ଥିଲେ।

## ସୁବର୍ଣ୍ଣ ଜୟନ୍ତୀ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ



ପ୍ରସ୍ତୁତି ବୈଠକରେ ଉପସ୍ଥିତ ପୁରାତନ ଛାତ୍ରମାନେ।

ବନ୍ତଳା,୨୦।୪(ସୁଶିତ ସାହୁ)

ଅନୁଗୋଳ ବ୍ଲକ ପୁରୁଣାଗଡ଼ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସୂଚନା ଅନୁଯାୟୀ, ପୁରୁଣାଗଡ଼ ଉଚ୍ଚ ବିଦ୍ୟାଳୟ ୧୪ ଜୁଲାଇ ୧୯୭୧ରେ ପ୍ରତିଷ୍ଠା ହୋଇଥିଲା। କିନ୍ତୁ କୌଣସି କାରଣବଶତଃ ବିଦ୍ୟାଳୟ ସ୍ଥାପନର ୫୦ ବର୍ଷ ପୂର୍ତ୍ତି ପାଳନ ହୋଇ ନ ଥିବାରୁ ଏ ସମ୍ପର୍କରେ କେତେଜଣ ପୂର୍ବତନ ଛାତ୍ର ଓ ଶିକ୍ଷକ ରବିବାର ବିଦ୍ୟାଳୟ ପରିସରରେ ବୈଠକ କରି ସୁବର୍ଣ୍ଣ ଜୟନ୍ତୀ ପାଇଁ ପ୍ରସ୍ତୁତି କରିଥିଲେ। ପୂର୍ବତନ ଶିକ୍ଷକ କୁମୁଦ ଚନ୍ଦ୍ର ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ସୁବର୍ଣ୍ଣ ଜୟନ୍ତୀ ପାଳନ ନେଇ ଆଲୋଚନା ହୋଇଥିଲା। ଏଥିରେ ସର୍ବସମ୍ମତିକ୍ରମେ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ପାଳନ ପାଇଁ ସମସ୍ତ ପୂର୍ବତନ ଛାତ୍ର ଓ ଶିକ୍ଷକ ସହମତ ହୋଇଥିଲେ। ଏଥିସହ ବିଦ୍ୟାଳୟରେ ପଢ଼ିଥିବା ସମସ୍ତ ପୂର୍ବତନ ଛାତ୍ରୀଛାତ୍ରଙ୍କୁ ଜଣାଇବା ଓ ଏ ନେଇ ଏକ ସ୍ମରଣିକା ଉନ୍ମୋଚନ କରିବା ନେଇ ନିଷ୍ପତ୍ତି ହୋଇଥିଲା। ଆସନ୍ତା ୨୬ରେ ଦ୍ୱିତୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହେବାକୁ ସ୍ଥିର ହୋଇଛି।

## ସତ୍ୟନାରାୟଣ ପୂଜା କମିଟି ପକ୍ଷରୁ ବାଦିପାଲା

ସନ୍ତ୍ରୀଛକ,୨୦।୪(ସନ୍ତୋଷ ପରିଡ଼ା)

ଅନୁଗୋଳ ଜିଲା ବଅଁରପାଳ ବ୍ଲକ ଗଡ଼ସନ୍ତ୍ରୀ ଗ୍ରାମର ସତ୍ୟନାରାୟଣ ପୂଜା କମିଟି ଆନୁକୂଲ୍ୟରେ ଗଡ଼ସନ୍ତ୍ରୀ ପାଲା ମଣ୍ଡପଠାରେ ୯୫ତମ ବାଦିପାଲା ଶନିବାର ଠାରୁ ସୋମବାର ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଯାଇଛି। ପାଲା ପରିବେଷଣ ପାଇଁ ଓଡ଼ିଶାର ସୁନାମଧନ୍ୟ ଗାୟକ ଜଗତସିଂହପୁର ମାଛଗାଁର ପ୍ରବୀର ସନାତନ ଦାସ ଓ ସାଥୀ, ତାଙ୍କ ସହ ଗାୟକ ଭକ୍ତି ବିଭୂଷଣ ପୁରୀ ଚନ୍ଦନପୁରର ସନାତନ ମୁଦୁଲି ଓ ସାଥୀ ପାଲା ପରିବେଷଣ କରିଥିଲେ। ଆଖପାଖ ଗ୍ରାମ ତୁଳସୀପାଳ, ଗାଡ଼ରଖାଇ, ପୁରୀକିଆ, ବଉଳିଗଡ଼, ନୂଆହତା, ବୁଢ଼ାପଙ୍କ ଆଦି ଅଞ୍ଚଳର ବହୁ ପାଲା ପ୍ରେମୀ, ଦର୍ଶକ ପାଲା ଦେଖିବାକୁ ଆସିଥିଲେ।

## ଅଖିମୁଠି ଅନୁକୂଳ, କୃଷି ରଥ ଉଦ୍‌ଘାଟିତ



ଜିଲାସ୍ତରୀୟ ଅକ୍ଷୟ ତୃତୀୟା ପାଳନ କାର୍ଯ୍ୟକ୍ରମ ଅବସରରେ ମଞ୍ଚାସୀନ ଅତିଥିମାନେ।

ଅନୁଗୋଳ,୨୦।୪(ଦିବ୍ୟଶାନ୍ତନୁ ନାଥ)

ପବିତ୍ର ଅକ୍ଷୟ ତୃତୀୟା ଅବସରରେ ଅନୁଗୋଳ ଜିଲାରେ କୃଷି କାର୍ଯ୍ୟର ଶୁଭାରମ୍ଭ ହୋଇଯାଇଛି। ପଞ୍ଚମହଲାସ୍ଥିତ କୃଷି ବିଜ୍ଞାନ କେନ୍ଦ୍ର ପରିସରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଢେଙ୍କାନାଳ ଏମ୍‌ପି ରୁଦ୍ର ନାରାୟଣ ପାଣି ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଭାବେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ତଥା ସମ୍ବଲପୁର ଏମ୍‌ପିଙ୍କ ପ୍ରତିନିଧି ସୁଦୀପ ଗଡ଼ନାୟକ, ଜିଲା ପରିଷଦ ସଭାପତି ବବିତା ପ୍ରଧାନ, ଛେଣ୍ଡିପଦା ବିଧାୟକଙ୍କ ପ୍ରତିନିଧି ଚୌଧୁରୀ ପ୍ରଧାନ, କୃଷି ସ୍ଥାୟୀ କମିଟି ଅଧ୍ୟକ୍ଷା ମାରା ଗଡ଼ନାୟକ, ଜିଲା ପରିଷଦ ସଦସ୍ୟ ଗୋପାଳ ଚନ୍ଦ୍ର ନାୟକ ପ୍ରମୁଖ ଯୋଗ ଦେଇଥିଲେ। ମୁଖ୍ୟ ଅତିଥିଙ୍କ ଦ୍ୱାରା ଅଖିମୁଠି ଅନୁକୂଳ କରାଯାଇଥିଲା। ଏହି ଅବସରରେ କୃଷି ବିଭାଗ ତରଫରୁ ଏକ କୃଷି ରଥର ଉଦ୍‌ଘାଟନ କରାଯାଇଥିଲା। ଏହି କୃଷି ରଥ ୧୦ ଦିନ ପର୍ଯ୍ୟନ୍ତ ଜିଲାର ବିଭିନ୍ନ ବ୍ଲକ ଭ୍ରମଣ କରି ଖରିଫ -୨୦୨୬ ଉପରେ କୃଷି ବାର୍ତ୍ତା ପ୍ରଚାର କରିବ। ଏହି ଶୁଭ ଅବସରରେ ଭିଡିଓ କନଫରେନ୍ସ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦ୍ୱାରା ଖରିଫ ଚାଷର ସହାୟତା ପାଇଁ ତଥା ଚାଷୀଙ୍କୁ ସମ୍ମାନ ପାଇଁ ସରକାରଙ୍କ ତରଫରୁ ସିଏମ୍ କିଷାନ ଯୋଜନାରେ କିସ୍ତି ପ୍ରଦାନ କରାଯାଇଥିଲା। ଏହି ସିଧା ପ୍ରସାରଣରେ ଚାଷୀ, ପଞ୍ଚାୟତ ପ୍ରତିନିଧିମାନେ ଯୋଗ ଦେଇଥିଲେ। ଜିଲାର ମୋଟ ୧ ଲକ୍ଷ ୪୮ହଜାର ୯୩୧ ଜଣ କ୍ଷୁଦ୍ର ଓ ଓ ନାମମାତ୍ର ଚାଷୀ ଏବଂ ଏବଂ ଭୂମିହୀନ ଚାଷୀଙ୍କୁ ୨୯ କୋଟି ୭୮ ଲକ୍ଷ ୬୨ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଭିନ୍ନ ବିଭାଗୀୟ ଅଧିକାରୀ, ଚାଷୀ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ କୃଷି ବିଜ୍ଞାନ କେନ୍ଦ୍ରର ମୁଖ୍ୟ ତଥା ବରିଷ୍ଠ ବୈଜ୍ଞାନିକ ଡ. ଦେବାଶିଷ ମିଶ୍ର ପରିଚାଳନା କରିଥିବାବେଳେ ମୁଖ୍ୟ ଜିଲା କୃଷି ଅଧିକାରୀ ବିନୋଦ କୁମାର ଦଳାଇ ଧନ୍ୟବାଦ ଅର୍ପଣ କରିଥିଲେ।

## ଟ୍ରେଲର ଧକ୍କାରେ ବୃଦ୍ଧଙ୍କ ମୃତ୍ୟୁ

ସନ୍ତ୍ରୀଛକ,୨୦।୪(ସନ୍ତୋଷ ପରିଡ଼ା)

ଅନୁଗୋଳ ଜିଲା ସନ୍ତ୍ରୀଛକ ଦୁର୍ଗା ବଜାର ସମ୍ମୁଖରେ ଏକ ସଡ଼କ ଦୁର୍ଘଟଣାରେ ଚେରଙ୍ଗା ରାଉତ(୭୦)ଙ୍କ ମୃତ୍ୟୁ ହୋଇଛି। ପୋଲିସ ସୂଚନା ଅନୁସାରେ, ଆଠମଲ୍ଲିକ ବ୍ଲକ କିଆକଟା ଥାନା ଜଗନ୍ନାଥପୁର ଗ୍ରାମର ବାସନ୍ତୀ ନାୟକଙ୍କ ପିତା ଚେରଙ୍ଗା ସୋମବାର ସକାଳେ ବଅଁରପାଳ ପୁରୁଣା ପେଟ୍ରୋଲ ପମ୍ପ ସମ୍ମୁଖରେ ରାସ୍ତାପାର ହେଉଥିଲେ। ଏହି ସମୟରେ ଅନୁଗୋଳରୁ ଏକ କମ୍ପାନୀ ଅଭିମୁଖେ ଯାଉଥିବା ଏକ ଟ୍ରେଲର ନମ୍ବର (ଏନ୍‌ଏଲ୍‌୦୧ଏନ୍‌୩୦୩୮) ଚେରଙ୍ଗାଙ୍କୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ବଅଁରପାଳ ପୋଲିସ ତାଙ୍କୁ ଉଦ୍ଧାର କରି ଗାଷ୍ଟୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲା। ସେଠାରୁ ତାଙ୍କୁ ଅନୁଗୋଳ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଚେରଙ୍ଗାଙ୍କ ମୃତ୍ୟୁ ହୋଇଥିଲା। ଏ ନେଇ ମୃତକଙ୍କ ଝିଅ ବାସନ୍ତୀ ବଅଁରପାଳ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ ନମ୍ବର.୨୪୦/୨୬ରେ ଏକ ମାମଲା ରୁଜୁକରି ଘଟଣାର ଅଧିକ ତଦନ୍ତ ଚଲାଇଥିବା ଥାନା ଅଧିକାରୀ ଦୁଷ୍ମନ୍ତ କୁମାର ସିଂହ ପ୍ରକାଶ କରିଛନ୍ତି।

## ଲୁହାମୁଣ୍ଡାରେ ଅଖିମୁଠି ଅନୁକୂଳ

ବଇଣ୍ଡା,୨୦।୪(ପରିକ୍ଷିତ ସାହୁ)

ଅନୁଗୋଳ ଜିଲା କିଶୋରନଗର ବ୍ଲକ ହଣ୍ଡପା ଥାନା ଲୁହାମୁଣ୍ଡାଠାରେ ଅକ୍ଷୟ ତୃତୀୟା ଅବସରରେ କୃଷକ ମଙ୍ଗଳ ସଂଘ ତରଫରୁ ଅଖିମୁଠି ଅନୁକୂଳ କରାଯାଇଛି। ଏଥିରେ ସଭାପତି ଧର୍ମେନ୍ଦ୍ର ପ୍ରଧାନ, ନିମେଇ ସାହୁ, ବିରଞ୍ଚି ବିଶ୍ୱାଳ, ପବିତ୍ର ସାହୁ, କରୁଣା ପ୍ରଧାନ, ହେମନ୍ତ ବିଶ୍ୱାଳ, ସଞ୍ଜୀବ ସାହୁ, ପ୍ରଦୀପ ସାହୁ, ହୃଷୀକେଶ ସାହୁ, ବୈରାଗୀ ସାହୁ, ସହଦେବ ସାହୁ, ଦାମୋଦର ସାହୁ ପ୍ରମୁଖ ସମସ୍ତ ସଦସ୍ୟ ଉପସ୍ଥିତ ରହି ଅଖିମୁଠି ଅନୁକୂଳ କରିଥିଲେ।

## ମେଗା ପ୍ରକଳ୍ପରେ ୬ ଗ୍ରାମ ସାମିଲ ପାଇଁ ଦାବି

କଣିହାଁ,୨୦।୪(ନିରୋଜ ପ୍ରଧାନ)

ଅନୁଗୋଳ ଜିଲା କଣିହାଁ ବ୍ଲକ ବଜ୍ରକୋଟ ପଞ୍ଚାୟତ ସହ ଦେନାଳି ଗ୍ରାମକୁ ମେଗା ଜଳସେଚନ ପ୍ରକଳ୍ପରେ ପୁନଃ ସାମିଲ ପାଇଁ ଜିଲାପାଳଙ୍କ ନିକଟରେ ଦାବି ହୋଇଛି। ଏହି ଦାବି ପୂରଣ ନ ହେଲେ ୩୦ ତାରିଖରେ ୧୨ ଘଣ୍ଟିଆ ୫୩ନଂ. ଜାତୀୟ ରାଜପଥ ଅବରୋଧ ସହ ଆମରଣ ଅନଶନ କରାଯିବ ବୋଲି ଚାଷୀମାନଙ୍କ ପକ୍ଷରୁ ଚେତାବନୀ ଦିଆଯାଇଛି।

ବଜ୍ରକୋଟ ପଞ୍ଚାୟତର ଚାଷୀମାନଙ୍କ ଅଭିଯୋଗ ଅନୁଯାୟୀ, ରାଜ୍ୟ ସରକାର ୨୦୨୨ ମସିହାରେ ୩ଟି ମେଗା ଜଳସେଚନ ପ୍ରକଳ୍ପ ବଜ୍ରକୋଟ, ଦେନାଳି ଓ ରଞ୍ଜନା କାର୍ଯ୍ୟକାରୀ କରିଥିଲେ। ଏହି ପ୍ରକଳ୍ପରେ ବଜ୍ରକୋଟ ପଞ୍ଚାୟତର ବଜ୍ରକୋଟ, ଡମଯୋଡ଼ି, ପାଣନାଳି, କେନ୍ଦୁବେରେଣି, ଖାଳପାଳ ଓ ରେଙ୍ଗାଳି ପଞ୍ଚାୟତର ଦେନାଳି ଗ୍ରାମର ଚାଷ ଜମି ଜଳସେଚନ ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଥିଲା। ବଜ୍ରକୋଟ ପଞ୍ଚାୟତ ସହ ଦେନାଳି ଗ୍ରାମ ପୂର୍ବରୁ ମେଗା ଜଳସେଚନ ପ୍ରକଳ୍ପର ଅଂଶବିଶେଷ ଥିଲା। ପରେ ଏହି ଗ୍ରାମଗୁଡ଼ିକୁ ଟିଲାଣ୍ଟୀ କ୍ଷୁଦ୍ର ଜଳସେଚନ ପ୍ରକଳ୍ପରେ ସାମିଲ କରାଯାଇଛି। ଏହି ପ୍ରକଳ୍ପ ଦ୍ୱାରା କେବଳ ବର୍ଷା ଋତୁରେ ହିଁ ଜମିରେ ଜଳସେଚନ ସମ୍ଭବ ହେବ ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ବଜ୍ରକୋଟ ଗ୍ରାମଠାରେ ବ୍ରାହ୍ମଣୀ ନଦୀରେ ମେଗା ଜଳ ପ୍ରକଳ୍ପ ନିର୍ମାଣ ହେଉଥିବାବେଳେ ଏହି ପଞ୍ଚାୟତର ଗ୍ରାମଗୁଡ଼ିକୁ ଉକ୍ତ ପ୍ରକଳ୍ପରୁ ବାଦ ଦେବାକୁ ନେଇ ଚାଷୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଏହାକୁ ବିରୋଧ କରି ୬ ଗ୍ରାମର ପ୍ରଜା ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି।

## ୩୩ ଅଭିଯୋଗ ପଞ୍ଜୀକୃତ

ଆଠମଲ୍ଲିକ,୨୦।୪(ଉଦୀପ୍ତ ପୁରୋହିତ)

ଆଠମଲ୍ଲିକ ପଞ୍ଚାୟତ ବ୍ଲକ ସଭାଗୃହରେ ସୋମବାର ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲାପାଳ ଅବଦଲ ମୁହମ୍ମଦ ଅଖତାର, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସମୀର କୁମାର ପଣ୍ଡା, ଜିଲା ପରିଷଦ ନିର୍ବାହୀ ଅଧିକାରୀ ଦେବଦତ୍ତ ମହନ୍ତ, ଉପଜିଲାପାଳ ଉପେନ୍ଦ୍ର ଲୁହା, ଜିଲା ଚିକିତ୍ସା ଅଧିକାରୀ ଡା. ମଦନ ମୋହନ ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ୩୩ଟି ଅଭିଯୋଗ ପଞ୍ଜୀକୃତ ହୋଇଥିବାବେଳେ ସେଥିରୁ ୨ଟି ଅଭିଯୋଗ ଫଇସଲା କରାଯାଇ ରେଡ୍‌କ୍ରସ୍ ତରଫରୁ ୨୦ ହଜାର ଟଙ୍କା ସହାୟତା ରାଶି ଯୋଗାଇ ଦିଆଯାଇଥିଲା। ବିଡିଓ ଟିଟସ ମହାନନ୍ଦିଆ, ତହସିଲଦାର ପ୍ରସନ୍ନ ଟେଟେ, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜ୍ୟୋତିରଞ୍ଜନ ବାଗ, ଏସ୍‌ଡିପିଓ ସୁଶାନ୍ତ ତାଉଡ଼ିଆ, ଜିଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁଙ୍କ ସମେତ ବହୁ ଜିଲାସ୍ତରୀୟ ଓ ଉପଖଣ୍ଡସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ।

## ଜିଲାସ୍ତରୀୟ ଜୟଦେବ ଜୟନ୍ତୀ

ଅନୁଗୋଳ,୨୦।୪(ଦିବ୍ୟଶାନ୍ତନୁ ନାଥ)

ଅନୁଗୋଳ ଜିଲା ପାଠାଗାର ପ୍ରାଙ୍ଗଣରେ ଜିଲାସ୍ତରୀୟ ମହାକବି ଜୟଦେବଙ୍କ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଡ. ଧରଣୀଧର ନାଥ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ରାଧାକାନ୍ତ ମହାନ୍ତି, ଡ. କୁଳମଣି ନାୟକ, ମୁଖ୍ୟବକ୍ତା ଭାବେ ଡ. ସଦାନନ୍ଦ ପରିଡ଼ା ଯୋଗଦେଇଥିଲେ। ଅତିଥିମାନେ ଜୟଦେବଙ୍କ ଅମର କୃତି ଗୀତଗୋବିନ୍ଦ ଉପରେ ମତାମତ ରଖିବା ସହ ଏହାର ନାଟକୀୟତା, ପ୍ରେମ ଓ ଆଧାତ୍ମିକ ଭାବନା ବିଷୟରେ ଅଲୋଚନା କରିଥିଲେ। ଉତ୍ସବକୁ ବୈରାଗୀ ମଲ୍ଲିକ ସଂଯୋଜନା କରିଥିବାବେଳେ ସଂସ୍କୃତି ଉନ୍ନୟନ ଅଧିକାରୀ ଦୁଃଶାସନ ନାଏକ, ଡ. ଇନ୍ଦିରା ଦାଶ ମଞ୍ଚାସୀନ ଥିଲେ।

## ଭାଜପା କୃଷକ ମୋର୍ଚ୍ଚା ତରଫରୁ ଅଖିମୁଠି ଅନୁକୂଳ

ଅନୁଗୋଳ,୨୦।୪(ଦିବ୍ୟଶାନ୍ତନୁ ନାଥ)

ଅନୁଗୋଳ ଜିଲା ଭାଜପା କୃଷକ ମୋର୍ଚ୍ଚା ତରଫରୁ ଜିଲା କୃଷଜ ମୋର୍ଚ୍ଚା ସଭାପତି ବିଜୟ ମାଝୀଙ୍କ ନେତୃତ୍ୱରେ ଜାମୁନାଳି ନଟଡ଼ାଠାରେ ସୋମବାର ଅଖିମୁଠି ଅନୁକୂଳ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଢେଙ୍କାନାଳ ଏମ୍‌ପି ରୁଦ୍ରନାରାୟଣ ପାଣି, ଜିଲା ଭାଜପା ପୂର୍ବତନ ସଭାପତି ଦିଲେଶ୍ୱର ପ୍ରଧାନ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରତିମା ମିଶ୍ର, ଜିଲା କୃଷକ ମୋର୍ଚ୍ଚା ପ୍ରଭାରୀ ପ୍ରଶାନ୍ତ ଗଣ୍ଡିଆ, ଜିଲା ସାଧାରଣ ସମ୍ପାଦକ ସୁଦୀପ ଗଡ଼ନାୟକ, ଜିଲା ଉପସଭାନେତ୍ରୀ ନମିତା ଦଳବେହେରା, ଜିଲା କୋଷାଧ୍ୟକ୍ଷ ବିଶ୍ୱଜିତ ମିଶ୍ର, ଜିଲା ସମ୍ପାଦକ ଗୋପବନ୍ଧୁ ଗଡ଼ନାୟକ, ନଟଡ଼ା ସରପଞ୍ଚ ଓ ବହୁ ସଂଖ୍ୟକ ଚାଷୀ ଉପସ୍ଥିତ ଥିଲେ।

**ନାରୀ ଶକ୍ତି ବନ୍ଦନ ଅଧିନିୟମକୁ ନେଇ ଭାଜପାର ଖବରଦାତା ସମ୍ମିଳନୀ**

## ମହିଳାମାନଙ୍କୁ ପ୍ରତାରିତ କଲା କଂଗ୍ରେସ, ବିଜେଡି




ଅନୁଗୋଳ,୨୦।୪(ଦିବ୍ୟଶାନ୍ତନୁ ନାଥ)

କଂଗ୍ରେସ ସମେତ ବିରୋଧୀ ଦଳର ମହିଳା ବିରୋଧୀ ଆଭିମୁଖ୍ୟକୁ ନେଇ ଭାଜପା ଜନଜାଗରଣ ସୃଷ୍ଟି କରିବ। ଗତ ୧୭ ତାରିଖ ଭାରତୀୟ ଗଣତାନ୍ତ୍ରିକ ଇତିହାସରେ ଏକ 'କଳା ଦିବସ' ଥିଲା। ଏହି ଦିନ କଂଗ୍ରେସ ନେତୃତ୍ୱରେ ସମସ୍ତ ବିରୋଧୀଦଳ ମିଶି ଦେଶର ମହିଳାମାନଙ୍କ ସ୍ୱପ୍ନକୁ ଚୂରମାର କରି ଦେଇଥିଲେ। ସମ୍ବିଧାନର ୧୩୧ତମ ସଂଶୋଧନକୁ ଲୋକ ସଭାରେ ପରାଜିତ କରି ଉତ୍ସବ ପାଳନ କରିଥିଲେ ବୋଲି ଭାଜପା ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀ ଐଶ୍ୱର୍ଯ୍ୟା ବିଶ୍ୱାଳ ସୋମବାର ଅନୁଗୋଳଠାରେ ଭାଜପା ପକ୍ଷରୁ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ପ୍ରକାଶ କରିଛନ୍ତି। ଜିଲା ଭାଜପା କାର୍ଯ୍ୟାଳୟରେ ଜିଲା ସଭାପତି ଯଯାତି ପଟ୍ଟନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଖବରଦାତା ସମ୍ମିଳନୀରେ ଭାଜପା ମହିଳା ମୋର୍ଚ୍ଚା ରାଜ୍ୟ ସଭାନେତ୍ରୀଙ୍କ ସହ ଭାଜପା ରାଜ୍ୟ ଉପ ସଭାନେତ୍ରୀ ତଥା ପୂର୍ବତନ ବିଧାୟିକା କୁସୁମ ଟେଟେ ଉପସ୍ଥିତ ରହି କଂଗ୍ରେସ ଓ ବିଜେଡି ନାରୀମାନଙ୍କୁ ପ୍ରତାରିତ କରିଛନ୍ତି ବୋଲି କହିଥିଲେ।

ଭାଜପା ନେତ୍ରୀ କହିଥିଲେ, ଏହା ଦେଶର ମହିଳାଙ୍କ ପରାଜୟ ନୁହେଁ, ଏହା ବିରୋଧୀଙ୍କ ଅହଂକାରକୁ ଦର୍ଶାଉଛି। ଏହାର ଉତ୍ତର ଏ ଦେଶର ନାରୀଶକ୍ତି ନିଜ ଭୋଟ ମାଧ୍ୟମରେ ଦେବେ। ପ୍ରଧାନମନ୍ତ୍ରୀ ଏବଂ ଭାରତୀୟ ଜନତା ପାର୍ଟି ପାଇଁ ଏଇ ନାରୀ ଶକ୍ତି ବନ୍ଦନ ଅଧିନିୟମ ହେଉଛି ଏକ ସଂକଳ୍ପ। ଏହା ନିଶ୍ଚିତ ଭାବେ ଗ୍ରହଣ ହେବ। ମୋଦିଙ୍କ ନେତୃତ୍ୱରେ ମହିଳାମାନଙ୍କୁ ସେମାନଙ୍କ ଅଧିକାର ମିଳିବ। କଂଗ୍ରେସ ସହ ସାମିଲ ସମସ୍ତ ବିରୋଧୀମାନଙ୍କ ମହିଳା ବିରୋଧୀ ଆଭିମୁଖ୍ୟ ବିରୋଧରେ ଆଗାମୀ ଦିନରେ ଭାରତୀୟ ଜନତା ପାର୍ଟି ଆନ୍ଦୋଳନ ସୃଷ୍ଟି କରିବ। ପଞ୍ଚାୟତଠାରୁ ଆରମ୍ଭ କରି ସଂସଦ ଯାଏ ସବୁଠି ସ୍ୱର ଉତ୍ତୋଳନ କରିବ ବୋଲି ଭାଜପା ନେତ୍ରୀ ପ୍ରକାଶ କରିଥିଲେ। ଅନୁଗୋଳ ଜିଲା ଭାଜପା ମିଡିଆ ସେଲ୍ ସଂଯୋଜନାରେ ଅନୁଷ୍ଠିତ ଉକ୍ତ ଖବରଦାତା ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ପ୍ରତିମା ମିଶ୍ର, ରାଜ୍ୟ ମହିଳା ମୋର୍ଚ୍ଚା ସମ୍ପାଦିକା ସୁଚିସ୍ମିତା ତ୍ରିପାଠୀ, ରାଜ୍ୟ ମହିଳା ମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟା ରୋଜାଲିନ ଦାସ, ଜିଲା ପରିଷଦ ସଦସ୍ୟା ମୀରା ଗଡ଼ନାୟକ, ଜ୍ୟୋତିର୍ମୟୀ ଦେହୁରୀ, ସୁଜାତା ସାହୁ, ସୌଭାଗିନୀ ପ୍ରଧାନ, ଯସ୍ମିନ ପ୍ରଧାନ, ସ୍ମିତା ପଟ୍ଟନାୟକ, ତିଲୋତ୍ତମା ଅମାନ୍ତ ପ୍ରମୁଖ ଉପସ୍ଥିତ ଥିଲେ।

ଧରିତ୍ରୀ 52 Years

# ଧରିତ୍ରୀ DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ମଙ୍ଗଳବାର, ଏପ୍ରିଲ ୨୧/୨୦୨୬ Bhubaneswar, Tuesday, April 21/ 2026


# ତିଲକଙ୍କ ଶତକ, ମୁମ୍ବାଇର ପ୍ରତୀକ୍ଷିତ ବିଜୟ



ଶତକ ହାସଲ ଅବସରରେ ଶଟ୍ ଖେଳୁଛନ୍ତି ତିଳକ ବର୍ମା।

**ଅହମଦାବାଦ, ୨୦।୪**

ତିଲକ ବର୍ମାଙ୍କ ବିସ୍ଫୋରକ ଶତକ ସହାୟତାରେ ମୁମ୍ବାଇ ଇଣ୍ଡିଆନ୍ସ ଚଳିତ ଆଇପିଏଲ୍‌ରେ ସୋମବାର ପ୍ରତୀକ୍ଷିତ ବିଜୟ ହାସଲ କରିଛି। ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିବା ଗୁଜରାଟ ଟାଇଟନ୍ସକୁ ମୁମ୍ବାଇ ୯୯ ରନରେ ପରାସ୍ତ କରିଛି। ମୁମ୍ବାଇ ୨୦ ଓଭରରେ ୫ ଉଇକେଟ ହରାଇ ୧୯୯ ରନ କରିଥିଲା। ଜବାବରେ ଗୁଜରାଟ ଅତି ଶୋଚନୀୟ ବ୍ୟାଟିଂ କରି ୧୫.୫ ଓଭରରେ ୧୦୦ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା। କ୍ରମାଗତ ୪ ପରାଜୟ ପରେ ମୁମ୍ବାଇର ଏହା ପ୍ରଥମ ବିଜୟ। ଗୁଜରାଟ ଦଳର ୫ ବ୍ୟାଟର ଦୁଇଅଙ୍କ ସ୍ପର୍ଶ କରିପାରି ନ ଥିବାବେଳେ ୱାଶିଂଟନ ସୁନ୍ଦର ସର୍ବାଧିକ ୨୬ ରନ କରିଥିଲେ। ମୁମ୍ବାଇ ପକ୍ଷରୁ ଇମ୍ପାକ୍ଟ ପ୍ଲେୟର ଅଶ୍ୱିନ କୁମାର ଚମତ୍କାର ବୋଲିଂ କରି ୪ ଉଇକେଟ ହାସଲ କରିଥିଲେ।

ଟସ୍‌ଜିତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ ଗୁଜରାଟ ଅଧିନାୟକ ଶୁବମନ ଗିଲ୍। ଏକାଧିକ ପରିବର୍ତ୍ତନ ସହ ପଡ଼ିଆକୁ ଓହ୍ଲାଇଥିଲା ମୁମ୍ବାଇ ଇଣ୍ଡିଆନ୍ସ। ଟପ୍ ଅର୍ଡର ବ୍ୟାଟର ଡାନିସ ମେଲେୱର ଓ ମିଡିୟମ ଫାଷ୍ଟ ବୋଲର କ୍ରିଶ୍ ଭଗତ ଆଇପିଏଲ୍ ଡେବ୍ୟୁ କରିଥିଲେ। ମୁମ୍ବାଇ ୪୪ ରନରେ ୩ ଉଇକେଟ ହରାଇ ଥିବାବେଳେ ଦଳର ବ୍ୟାଟିଂ ମେରୁଦଣ୍ଡ ସାଜିଥିଲେ ତିଲକ ବର୍ମା। ଆରମ୍ଭରୁ ଧିମା ଖେଳିଥିବା ତିଲକ ପରେ ଗିୟର ବଦଳାଇ ବିସ୍ଫୋରକ ବ୍ୟାଟିଂ କରିଥିଲେ। ସେ ୪ର୍ଥ ଉଇକେଟରେ ନମନ ଧିରଙ୍କ ସହ ୫୨ ଓ ୫ମ ଉଇକେଟରେ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ସହ ୩୮ ବଲ୍‌ରୁ ୮୧ ରନର ମୂଲ୍ୟବାନ ଭାଗୀଦାରି ଗଢ଼ିଥିଲେ। ନମନ ୪୫ (୬ ଚୌକା, ୧ ଛକା) ରନ ସଂଗ୍ରହ କରିଥିଲେ। ତିଲକ ଷ୍ଟ୍ରୋକପୂର୍ଣ୍ଣ ଶତକ ହାସଲ କରିବାରୁ ମୁମ୍ବାଇ ସ୍କୋର ୧୯୯ ହୋଇ ଯାଇଥିଲା। ୪୫ଟି ବଲ୍‌ର ସମ୍ମୁଖୀନ ହୋଇଥିବା ତିଲକ ୮ ଚୌକା ଓ ୭ ଛକା ସହାୟତାରେ ୧୦୧ ରନକରି ଅପରାଜିତ ରହିଥିଲେ। ଆଇପିଏଲ୍‌ରେ ଏହାଥିଲା ତାଙ୍କର ପ୍ରଥମ ଶତକ। ପ୍ରଥମ ୨୨ ବଲ୍‌ରେ ମାତ୍ର ୧୯ ରନ କରିଥିବା ତିଲକ ପରବର୍ତ୍ତୀ ୨୩ ବଲ୍‌ରେ ୮୨ ରନ ସଂଗ୍ରହ କରିଥିଲେ।

**ସଂକ୍ଷିପ୍ତ ସ୍କୋର**

ମୁମ୍ବାଇ ଇଣ୍ଡିଆନ୍ସ ୨୦ ଓଭରରେ ୧୯୯/୫ (ତିଲକ ବର୍ମା-୧୦୧*, ନମନ ଧିର-୪୫, କାଗିସୋ ରାବାଡ଼ା-୩/୩୩, ମହମ୍ମଦ ସିରାଜ-୧/୨୫, ପ୍ରସିଦ୍ଧ କ୍ରିଷ୍ଣା-୧/୫୪)। ଗୁଜରାଟ ଟାଇଟନ୍ସ ୧୫.୫ ଓଭରରେ ୧୦୦/ଅଲଆଉଟ (ୱାଶିଂଟନ ସୁନ୍ଦର-୨୬, ଅଶ୍ୱିନ କୁମାର-୪/୨୪, ମିଚେଲ ସାଣ୍ଟନର-୨/୧୬, ଏ.ଏମ. ଗଜନଫର-୨/୧୭, ଯଶପ୍ରୀତ୍ ବୁମ୍‌ରା-୧/୧୫, ହାର୍ଦ୍ଦିକ ପାଣ୍ଡ୍ୟା-୧/୧୮)।

**ଆଇପିଏଲ୍ କାର୍ଯ୍ୟସୂଚୀ**

(ଆଜିର ମ୍ୟାଚ)
ହାଇଦ୍ରାବାଦ
ବନାମ ଦିଲ୍ଲୀ
ସ୍ଥାନ: ହାଇଦ୍ରାବାଦ
ସମୟ: ସନ୍ଧ୍ୟା ୭.୩୦
ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

## ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ବାତିଲ | ପଏଣ୍ଟ | ରନ ହାର |
|---|---|---|---|---|---|---|
| ପଞ୍ଜାବ କିଙ୍ଗ୍ସ | ୬ | ୫ | ୦ | ୧ | ୧୧ | +୧.୪୨୦ |
| ରୟାଲ ଚ୍ୟାଲେଞ୍ଜର୍ସ | ୬ | ୪ | ୨ | ୦ | ୮ | +୧.୧୭୧ |
| ରାଜସ୍ଥାନ ରୟାଲ୍ସ | ୬ | ୪ | ୨ | ୦ | ୮ | +୦.୫୯୯ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୬ | ୩ | ୩ | ୦ | ୬ | +୦.୫୬୬ |
| ଦିଲ୍ଲୀ କ୍ୟାପିଟାଲ୍ସ | ୫ | ୩ | ୨ | ୦ | ୬ | +୦.୩୧୦ |
| ଗୁଜରାଟ ଟାଇଟନ୍ସ | ୬ | ୩ | ୩ | ୦ | ୬ | -୦.୮୨୧ |
| ମୁମ୍ବାଇ ଇଣ୍ଡିଆନ୍ସ | ୬ | ୨ | ୪ | ୦ | ୪ | +୦.୦୬୭ |
| ଚେନ୍ନାଇ ସୁପର କିଙ୍ଗ୍ସ | ୬ | ୨ | ୪ | ୦ | ୪ | -୦.୭୮୦ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୬ | ୨ | ୪ | ୦ | ୪ | -୧.୧୭୩ |
| ନାଇଟ ରାଇଡର୍ସ | ୭ | ୧ | ୫ | ୧ | ୩ | -୦.୮୭୯ |

# ସୁଶ୍ରୀଙ୍କ ଅର୍ଦ୍ଧଶତକ: ଭୁବନେଶ୍ୱର ବିଜୟୀ

**କଟକ, ୨୦।୪ (କୁମାରଶ୍ରୀ)**



ଓସିଏ ଆନୁକୂଲ୍ୟରେ କଟକରେ ଚାଲିଥିବା ଆନ୍ତଃଜିଲା ମହିଳା ଟି୨୦ ଟୁର୍ନାମେଣ୍ଟର ଏକ ମ୍ୟାଚ୍‌ରେ ଭୁବନେଶ୍ୱର ୫୦ରନରେ ଖୋର୍ଦ୍ଧାକୁ ହରାଇଛି। ଅର୍ଦ୍ଧଶତକୀୟ ଇନିଂସ ଖେଳିଥିବା ବିଜୟୀ ଦଳର ଅଧିନାୟିକା ସୁଶ୍ରୀ ଦିବ୍ୟଦର୍ଶିନୀ ପ୍ଲେୟର ଅଫ ଦି ମ୍ୟାଚ୍ ବିବେଚିତ ହୋଇଛନ୍ତି। ରେଭେନ୍ସା ଗ୍ରାଉଣ୍ଡ-୨ରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଭୁବନେଶ୍ୱର ୪ ଉଇକେଟ ହରାଇ ୧୩୯ରନ କରିଥିଲା। ସୁଶ୍ରୀ ୭୧ବଲର ସମ୍ମୁଖୀନ ହୋଇ ୮୯ରନରେ ଅପରାଜିତ ରହିଥିଲେ। ଖୋର୍ଦ୍ଧାର ମେଘନା ପାଢ଼ୀଙ୍କୁ ୨ଟି ଉଇକେଟ ମିଳିଥିଲା। ୧୪୦ରନର ବିଜୟ ଲକ୍ଷ୍ୟକୁ ପିଛା କରୁଥିବା ଖୋର୍ଦ୍ଧା ୬ ଉଇକେଟ ବିନିମୟରେ ୮୯ରନ କରିବାକୁ ସକ୍ଷମ ହୋଇଥିଲା। ବିଜୟଲକ୍ଷ୍ମୀ ବେହେରା ୪୦ରନର ସଂଘର୍ଷପୂର୍ଣ୍ଣ ପାଳି ଖେଳିଥିଲେ। ଭୁବନେଶ୍ୱର ତରଫରୁ ତରଣା ପ୍ରଧାନ, ସୁଜାତା ମଲ୍ଲିକ ଏବଂ ପ୍ରିୟଙ୍କା ସାହୁ ଗୋଟିଏ ଲେଖାଏ ଉଇକେଟ ଦଖଲ କରିଥିଲେ। ସୋମବାର ଖେଳାଯାଇଥିବା ଅନ୍ୟ ମ୍ୟାଚ୍ ଗୁଡ଼ିକରେ ଢେଙ୍କାନାଳ ୧୧୨ରନରେ ବୌଦ୍ଧକୁ, ପୁରୀ ୧୦ ଉଇକେଟରେ ସମ୍ବଲପୁରକୁ, ଯାଜପୁର ୨୯ରନରେ ଝାରସୁଗୁଡାକୁ, କେନ୍ଦ୍ରାପଡା ୬୧ରନରେ ପାରାଦୀପକୁ, ବାଲେଶ୍ୱର ୭ ଉଇକେଟରେ ସୋନପୁରକୁ ହରାଇଥିଲା।

# ରାଜ୍ୟ ଓପନ ସ୍କୁଲ, କଲେଜ ଚେସ୍ ୨୫ରୁ

**ଭୁବନେଶ୍ୱର, ୨୦।୪ (ତପନ ସ୍ୱାଇଁ)**

କଟକ ଜିଲା ଚେସ୍ ଆସୋସିଏଶନ ଓ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ସ୍କୁଲ ଓ କଲେଜ ଚେସ୍ ଚଳିତ ମାସ ୨୫ ଓ ୨୬ ତାରିଖ ଦୁଇଦିନଧରି ଅନୁଷ୍ଠିତ ହେବ। ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ପରିସରରେ ଏହି ପ୍ରତିଯୋଗିତା ସ୍କୁଲ ଓ କଲେଜ ଭିନ୍ନ ଭିନ୍ନ ବର୍ଗରେ ଆୟୋଜନ ହେବ। ପ୍ରତିଯୋଗିତା ପାଇଁ ୬୦ଟି ଆକର୍ଷଣୀୟ ଟ୍ରଫି ସହ ମୋଟ ୫୦,୦୦୦ ଟଙ୍କାର ପୁରସ୍କାର ରାଶି ରଖାଯାଇଛି। ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପଢୁଥିବା ପିଲାମାନେ ସ୍କୁଲ ବର୍ଗରେ ଏବଂ କଲେଜ ବର୍ଗରେ ୨୫ ବର୍ଷରୁ କମ୍ ଯେ କୌଣସି ଖେଳାଳି ଅଂଶଗ୍ରହଣ କରିପାରିବେ। ଉଭୟ ବର୍ଗରେ ଚାମ୍ପିୟନ ଖେଳାଳିଙ୍କୁ ଟ୍ରଫି ସହ ୫୦୦୦, ରନରଅପ୍‌ଙ୍କୁ ୩୦୦୦ ଓ ତୃତୀୟ ସ୍ଥାନ ପାଇଁ ୨୫୦୦ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯିବ। ପ୍ରଦର୍ଶନ ଭିତ୍ତିରେ ମୋଟ ୧୨ ଜଣଙ୍କୁ ଆର୍ଥିକ ପୁରସ୍କାରରେ ସମ୍ମାନିତ କରାଯିବ। ଏହା ବ୍ୟତୀତ ଶ୍ରେଷ୍ଠ ମହିଳା ଓ ଭିନ୍ନକ୍ଷମ ଖେଳାଳିଙ୍କୁ ସ୍ୱତନ୍ତ୍ରଭାବେ ପୁରସ୍କୃତ କରାଯିବ। ଏହା ବ୍ୟତୀତ ଅଂଶଗ୍ରହଣକାରୀ ସମସ୍ତ ପ୍ରତିଯୋଗୀଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯିବ ବୋଲି ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ଡିନ୍ ଛାତ୍ର କଲ୍ୟାଣ ପ୍ରଫେସର ଜୟ ପ୍ରକାଶ ଭଞ୍ଜ ଜଣାଇଛନ୍ତି। ବିଭିନ୍ନ ବୟସ ବର୍ଗର ଶ୍ରେଷ୍ଠ ଖେଳାଳିଙ୍କୁ ମଧ ସ୍ୱତନ୍ତ୍ରଭାବେ ପୁରସ୍କୃତ କରାଯିବ। ଓଡ଼ିଶାର ପ୍ରଥମ ଗ୍ରାଣ୍ଡମାଷ୍ଟର ଦେବାଶିଷ ଦାସ ଓ ପ୍ରଥମ ମହିଳା ଗ୍ରାଣ୍ଡମାଷ୍ଟର କିରଣ ମନୀଷା ମହାନ୍ତି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିବେ ବୋଲି କଟକ ଜିଲା ଚେସ୍ ଆସୋସିଏଶନ ସମ୍ପାଦକ ସତ୍ୟରଞ୍ଜନ ପଟ୍ଟନାୟକ ପ୍ରକାଶ କରିଛନ୍ତି।

# ସେମିରେ ଆଶୁତୋଷ-ଚେତନ, ରାକେଶ-ଆକାଶ



ଆଶୁତୋଷ ପାଢ଼ୀ ଓ ଚେତନ ଆନନ୍ଦ।

**ଭୁବନେଶ୍ୱର, ୨୦।୪ (ତପନ ସ୍ୱାଇଁ)**

**ଅଲ୍ ଓଡ଼ିଶା ଓପନ ୧୦ରେଡ୍ ସ୍ନୁକର**

ବିଲିୟାର୍ଡ୍ସ ଆଣ୍ଡ ସ୍ନୁକର ଆସୋସିଏଶନ ଅଫ୍ ଓଡ଼ିଶା (ବିଏସ୍ଏଓ) ଆନୁକୂଲ୍ୟରେ ପଟିଆସ୍ଥିତ ୬ପକେଟ୍ସ କ୍ଲବ ପରିସରରେ ଚାଲିଥିବା ଅଲ୍ ଓଡ଼ିଶା ଓପନ ୧୦ରେଡ୍ ସ୍ନୁକର ଚାମ୍ପିୟନଶିପ୍‌ର କ୍ୱାର୍ଟର ଫାଇନାଲ ପର୍ଯ୍ୟାୟ ସୋମବାର ଶେଷ ହୋଇଛି। ଏଥିସହ ପ୍ରତିଯୋଗିତାର ସେମିଫାଇନାଲ ଲାଇନ୍‌ଅପ୍ ହୋଇଯାଇଛି। ମଙ୍ଗଳବାର ପ୍ରଥମ ସେମିଫାଇନାଲରେ ଆଶୁତୋଷ ପାଢ଼ୀଙ୍କୁ ଭେଟିବେ ଚେତନ ଆନନ୍ଦ। ଦ୍ୱିତୀୟ ସେମିରେ ରାକେଶ ରୋଶନ ପ୍ରଧାନ ଓ ଆକାଶ ମହାପାତ୍ରଙ୍କ ମଧ୍ୟରେ ମୁକାବିଲା ହେବ। ପ୍ରଥମ କ୍ୱାର୍ଟର ଫାଇନାଲରେ ଆଶୁତୋଷ ୩-୧ରେ ନିଶାନ୍ତ ବିଶ୍ୱାଳଙ୍କୁ ହରାଇଥିବାବେଳେ ଦ୍ୱିତୀୟ କ୍ୱାର୍ଟରରେ ଉଭାସ ମହାପାତ୍ରଙ୍କୁ ୩-୦ରେ ହରାଇଛନ୍ତି ରାକେଶ ରୋଶନ ପ୍ରଧାନ। ତୃତୀୟ କ୍ୱାର୍ଟରରେ ଚେତନ ଆନନ୍ଦ ୩-୧ରେ ଅନୁଜ କୁମାର ପଣ୍ଡାଙ୍କୁ ଏବଂ ଚତୁର୍ଥ କ୍ୱାର୍ଟର ଫାଇନାଲରେ ଆକାଶ ମହାପାତ୍ର ୩-୦ରେ ମିଶାଶ ସ୍ୱାଇଁଙ୍କୁ ପରାସ୍ତ କରିଛନ୍ତି।

# ରାସ୍ତା ନ ଥିବା ଗାଁରେ ରହୁଛନ୍ତି ଆଇପିଏଲ୍‌ର ନୂଆ ବୋଲିଂ ସେନସେଶନ

**ଅହମଦାବାଦ, ୨୦।୪**

ପ୍ରତ୍ୟେକ ବର୍ଷ ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍) ଜରିଆରେ ଅନେକ ଲୁକାୟିତ କ୍ରିକେଟ ପ୍ରତିଭା ପଦାକୁ ଆସନ୍ତି ଏବଂ ରାତାରାତି ସେନସେଶନ ପାଲଟି ଯାଆନ୍ତି। ଯଶପ୍ରୀତ ବୁମରା, ସଞ୍ଜୁ ସାମସନଙ୍କଠାରୁ ଆରମ୍ଭ କରି ୧୫ ବର୍ଷୀୟ ବୈଭବ ସୂର୍ଯ୍ୟବଂଶୀଙ୍କ ଭଳି ଅନେକ ତାରକା ଖେଳାଳିଙ୍କ କ୍ୟାରିୟର ସଜାଡ଼ିବାରେ ଆଇପିଏଲ୍ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଛି। ଚଳିତ ବର୍ଷ ଆଇପିଏଲ୍‌ରେ ଯେଉଁ କେତେକ ଖେଳାଳି ଲୋକଲୋଚନକୁ ଆସିଛନ୍ତି, ସେମାନଙ୍କ ମଧ୍ୟରୁ ଅନ୍ୟତମ ହେଲେ ରାଜସ୍ଥାନ ପେସର ଅଶୋକ ଶର୍ମା। ସେ ଗୁଜରାଟ ଟାଇଟନ୍ସ ଲାଗି ଖେଳୁଛନ୍ତି। ଏପର୍ଯ୍ୟନ୍ତ ୫ ମ୍ୟାଚ୍‌ରେ ଅଶୋକ ନିୟମିତ ଘଣ୍ଟା ପ୍ରତି ୧୫୦ କିମି ବେଗରେ ବୋଲିଂ କରି ଚର୍ଚ୍ଚାର କେନ୍ଦ୍ର ବିନ୍ଦୁ ପାଲଟିଛନ୍ତି। ଅଶୋକ ରାଜସ୍ଥାନ ରୟାଲ୍ସ ବିପକ୍ଷ ମ୍ୟାଚ୍‌ରେ ଧ୍ରୁବ ଜୁରେଲଙ୍କୁ ଘଣ୍ଟା ପ୍ରତି ୧୫୪.୨ କିମି ଗତିରେ ୟର୍କର ପକାଇଥିଲେ, ଯାହାକି ଏପର୍ଯ୍ୟନ୍ତ ଚଳିତ ସିଜନର ଦ୍ରୁତତମ ବଲ ହୋଇ ରହିଛି। ହେଲେ ବିଶ୍ୱର ସବୁଠୁ ବଡ଼ ଟି୨୦ ଲିଗ୍ ପର୍ଯ୍ୟନ୍ତ ତାଙ୍କର ଯାତ୍ରା କଦାପି ସହଜ ନ ଥିଲା।ଜୟପୁରଠାରୁ ୩୫ କିମି ଦୂରରେ ସ୍ଥିତ ଏକ ଛୋଟ ଗାଁର ଗରୀବ ପରିବାରରେ ଅଶୋକଙ୍କ ଜନ୍ମ। ତାଙ୍କ ଗାଁରେ ଏପର୍ଯ୍ୟନ୍ତ ଉପଯୁକ୍ତ ରୋଡ୍ ନାହିଁ। ଅଶୋକଙ୍କ ପରିବାର ଅନେକ କଷ୍ଟକର ପରିସ୍ଥିତି ଦେଖିଛି। ବିଭିନ୍ନ ସମସ୍ୟା ସତ୍ତ୍ୱେ ଶାନ୍ତିପୂର୍ଣ୍ଣ ପରିବେଶ କାରଣରୁ ସେ ଏବେ ବି ଗାଁରେ ରହୁଛନ୍ତି। ଏ ସମ୍ପର୍କରେ ଅଶୋକଙ୍କ ବଡ଼ ଭାଇ ଅକ୍ଷୟ କହିଛନ୍ତି, ଅଶୋକ ଗାଁରେ ରହିବାକୁ ଭଲ ପାଆନ୍ତି। ସେ ସକାଳ ୫ଟାରେ ଉଠି ଟ୍ରେନିଂ ଲାଗି ୩ ଘଣ୍ଟା ଗ୍ରାଉଣ୍ଡକୁ ଯାଆନ୍ତି। ୮ଟା ସୁଦ୍ଧା ଫେରିବା ପରେ ବିଶ୍ରାମ କରନ୍ତି। ସେ ତାଙ୍କ ଡାଏଟ୍‌କୁ ନେଇ ଖୁବ ଯତ୍ନବାନ। କେକେଆର ସହିତ ଥିଲା ବେଳେ ତାଙ୍କର ଆଣ୍ଠୁ ଇଞ୍ଜୁରୀ ପରଠାରୁ ସେ ଡାଏଟ୍ ଉପରେ ଅଧିକ ଧ୍ୟାନ ଦିଅନ୍ତି। ଗାଁରେ ଶାନ୍ତି ଅଛି, ଯାହାକୁ ଅଶୋକ ଭଲ ପାଆନ୍ତି। ସେ ଆଜି ବି ଯାହା ବି ହୋଇପାରିଛନ୍ତି, ତାହା ଗାଁରେ ହିଁ ଆରମ୍ଭ ହୋଇଥିଲା। ସେ ସର୍ବଦା କୁହନ୍ତି, ଯାହା ବି ହେଇ ଯାଉ ଗାଁ ଛାଡ଼ିବି ନାହିଁ। ଗାଁରେ ରହିବା ପାଇଁ ୫ ଷ୍ଟାର ଲାଇଫ୍ ଷ୍ଟାଇଲ ଛାଡ଼ିପାରିବେ ବୋଲି କୁହନ୍ତି। ସେ ଘରୋଇ ଖାଦ୍ୟ ଖାଇବା ପସନ୍ଦ କରନ୍ତି। ଡାଏଟ୍, ରିକଭରୀ ଓ ଶୋଇବା ତାଙ୍କ ଟ୍ରେନିଂର ଗୁରୁତ୍ୱପୂର୍ଣ୍ଣ ଭାଗ। ଏହା ବ୍ୟତୀତ ଅଶୋକ କ୍ରିକେଟ ଅଭିଯାନ ସମ୍ପର୍କରେ ଅକ୍ଷୟ ପ୍ରକାଶ କରିଛନ୍ତି, ୨୦୧୯ରେ ୧୭ ବର୍ଷୀୟ ଅଶୋକଙ୍କୁ ମୁଁ ଆରାଭଲି କ୍ରିକେଟ ଏକାଡେମୀ ନେଇ ଯାଇଥିଲି। ସେଠାରେ ପୂର୍ବତନ ରଣଜୀ କ୍ରିକେଟର ବିବେକ ଯାଦବ ଅଶୋକଙ୍କ ଦ୍ରୁତ ବୋଲିଂ ଦେଖି ପ୍ରଭାବିତ ହୋଇଥିଲେ। ଅଶୋକ ନୂଆ ଥିଲେ। ଏହା ସତ୍ତ୍ୱେ ସେ ତାଙ୍କୁ ସିଧାସଳଖ ସିନିୟର ଦଳରେ ସାମିଲ କରିବା ସହ ତାଙ୍କୁ ଏକାଡେମୀରେ ରହିବାକୁ କହିଥିଲେ। ସେହି ନିଷ୍ପତ୍ତି ଅଶୋକଙ୍କୁ କ୍ରିକେଟର ହେବାରେ ସାହାଯ୍ୟ କରିଥିଲା। ହେଲେ କୋଭିଡ୍ ମହାମାରୀରେ ବିବେକ ସାର୍‌ଙ୍କ ମୃତ୍ୟୁ ପରେ ଅଶୋକ ଭାଙ୍ଗି ପଡ଼ିଥିଲେ। ଏହାପରେ ଅନେକ ବୁଝାଇବା ପରେ ସେ କ୍ରିକେଟ ଉପରେ ଧ୍ୟାନ ଦେଇଥିଲେ। ଅଶୋକ ପୂର୍ବର କୋଲକାତା ନାଇଟ୍ ରାଇଡର୍ସ ଓ ରାଜସ୍ଥାନ ରୟାଲ୍ସ ଦଳର ସଦସ୍ୟ ଥିଲେ।



ଅଶୋକ ଶର୍ମା

# ଦେଶର ୯୫ତମ ଗ୍ରାଣ୍ଡମାଷ୍ଟର ଆରଣ୍ୟକ

**ନୂଆଦିଲ୍ଲୀ, ୨୦।୪**

୨୨ ବର୍ଷୀୟ କୋଲକାତାର ଆରଣ୍ୟକ ଘୋଷ ରବିବାର ଗ୍ରାଣ୍ଡମାଷ୍ଟର ମାନ୍ୟତା ହାସଲ କରିଛନ୍ତି। ସେ ଦେଶର ୯୫ତମ ଚେସ୍ ଖେଳାଳି ଭାବେ ଏହି ସମ୍ମାନଜନକ ଉପାଧି ପାଇଛନ୍ତି। ବ୍ୟାଂକକ୍‌ଠାରେ ଚାଲିଥିବା ୨୩ତମ ବିସି ଓପନ ଟୁର୍ନାମେଣ୍ଟରେ ସେ ଜବରଦସ୍ତ ପ୍ରଦର୍ଶନ କରିଥିଲେ। ସେ ୯ ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ଅପରାଜୟ ଭାବେ ୭ ପଏଣ୍ଟ ସ୍କୋର କରିଥିଲେ। ଫଳରେ ତାଙ୍କ ରେଟିଂ ପଏଣ୍ଟ ୨୫୮୪ରେ ପହଞ୍ଚିଛି। ଏଥିସହିତ ସେ ତାଙ୍କ ତୃତୀୟ ତଥା ଅନ୍ତିମ ଗ୍ରାଣ୍ଡମାଷ୍ଟର ନର୍ମ ହାସଲ କରିଛନ୍ତି। ଆରୋଣ୍ୟକ ୨୦୨୨ରେ ପ୍ରଥମ ଜିଏମ୍ ନର୍ମ ହାସଲ କରିଥିଲେ।

# ଭାଗନେବେ ଅନିମେଶ, ଶ୍ରାବଣୀ



ଶ୍ରାବଣୀ ନନ୍ଦ ଓ ଅନିମେଶ କୁଜୁର।

**କଟକ, ୨୦।୪ (କୁମାରଶ୍ରୀ)**

**ବିଶ୍ୱ ଆଥଲେଟିକ୍ସ ରିଲେ**

ମେ ୨ ଏବଂ ୩ ତାରିଖ ଦୁଇ ଦିନ ଧରି ଆଫ୍ରିକୀୟ ରାଷ୍ଟ୍ର ବୋଟ୍‌ସ୍ୱାନାରେ ହେବାକୁ ଥିବା ବିଶ୍ୱ ଆଥଲେଟିକ୍ସ ରିଲେରେ ଓଡ଼ିଶା ପକ୍ଷରୁ ଦୁଇ ଖେଳାଳି ଭାରତର ପ୍ରତିନିଧିତ୍ୱ କରିବେ। ଏହି ଦୁଇ ସ୍ପ୍ରିଣ୍ଟର ହେଲେ ଭୁବନେଶ୍ୱରସ୍ଥିତ ଏଚ୍‌ପିସିରେ ଟ୍ରେନିଂ ନେଉଥିବା ଅନିମେଶ କୁଜୁର ଏବଂ ଶ୍ରାବଣୀ ନନ୍ଦ। ୪x୧୦୦ ମିଟର ପୁରୁଷ ବର୍ଗରେ ଅନିମେଶ ଏବଂ ମହିଳା ବର୍ଗରେ ଶ୍ରାବଣୀ ଭାଗ ନେବେ ବୋଲି ଆଥଲେଟିକ ଫେଡେରେଶନ ଅଫ ଇଣ୍ଡିଆ ପକ୍ଷରୁ ଘୋଷଣା କରାଯାଇଛି। ବିଶ୍ୱ ଚାମ୍ପିୟନଶିପ୍‌ରେ ଭାଗ ନେବାକୁ ଥିବା ଏହି ଦୁଇ ସ୍ପ୍ରିଣ୍ଟରଙ୍କୁ ଓଡ଼ିଶା ଆଥଲେଟିକ୍ସ ଆସୋସିଏଶନ ଅଧ୍ୟକ୍ଷ ଆଶୀର୍ବାଦ ବେହେରା, ସଭାପତି ଜିଏସ୍ ପଟ୍ଟନାୟକ ଏବଂ ସମ୍ପାଦକ ଅଭିଜିତ ପାଲ ଶୁଭେଚ୍ଛା ଜଣାଇଛନ୍ତି।

# ଶନକା ପିଏସ୍ଏଲ୍‌ରୁ ୧ ବର୍ଷ ବାସନ୍ଦ

**ଢାକା, ୨୦।୪**

ଚୁକ୍ତି ସ୍ୱାକ୍ଷର କରିବା ସତ୍ତ୍ୱେ ପାକିସ୍ତାନ ସୁପର ଲିଗ୍ (ପିଏସ୍ଏଲ୍)ରେ ନ ଖେଳିବା ପାଇଁ ଶ୍ରୀଲଙ୍କାର ଅଲରାଉଣ୍ଡର ଦାସୁନ ଶନକାଙ୍କୁ ଲିଗ୍‌ରୁ ୧ ବର୍ଷ ଲାଗି ବାସନ୍ଦ କରାଯାଇଛି। ତାଙ୍କୁ ଚଳିତ ପିଏସ୍ଏଲ୍ ଲାଗି ଲାହୋର କଲନ୍ଦର୍ସ ୭୫ ଲକ୍ଷ ଟଙ୍କାରେ ଦଳରେ ସାମିଲ କରିଥିଲା। ହେଲେ ୩୪ ବର୍ଷୀୟ ଶନକା ମାର୍ଚ୍ଚ ୨୧ ତାରିଖରେ ଟୁର୍ନାମେଣ୍ଟରୁ ଓହରିବା ନେଇ ଘୋଷଣା କରିବା ପରେ ସାମ କୁରାନଙ୍କ ବଦଳ ଖେଳାଳି ଭାବେ ରାଜସ୍ଥାନ ରୟାଲ୍ସ ସହ ଚୁକ୍ତି କରିଥିଲେ।

# କିଟ୍‌ରେ ସିଏମ୍ ଟ୍ରଫି ଭଲିବଲ ଆରମ୍ଭ

**ଭୁବନେଶ୍ୱର, ୨୦।୪ (ତପନ ସ୍ୱାଇଁ)**

ତୃଣମୂଳ ସ୍ତରରୁ କ୍ରୀଡ଼ାକୁ ଦୃଢ଼ କରିବାପାଇଁ ରାଜ୍ୟ ସରକାରଙ୍କ 'ପଡ଼ିଆରୁ ପୋଡିୟମ' ଭିଜନ ପରିପ୍ରେକ୍ଷୀରେ ଖୋର୍ଦ୍ଧାଜିଲା ୧୪ ବର୍ଷରୁ କମ୍ ବାଳିକା ଓ ବାଳକ ସିଏମ୍ ଟ୍ରଫି ଭଲିବଲ ଟୁର୍ନାମେଣ୍ଟ ସୋମବାର କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ ଆରମ୍ଭ ହୋଇଛି। ବିଜୁ ପଟ୍ଟନାୟକ ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ହେଉଥିବା ଏହି ପ୍ରତିଯୋଗିତାର ବାଳିକା ବର୍ଗରେ ୬ଟି ଏବଂ ବାଳକ ବିଭାଗରେ ୧୦ ଦଳ ଅଂଶଗ୍ରହଣ କରିଛନ୍ତି। ଫଳରେ ପ୍ରାୟ ୧୭୨ ଖେଳାଳି ଓ ୫୨ ଅଫିସିଆଲ ଏକତ୍ରିତ ହୋଇଛନ୍ତି। ଓଡ଼ିଶା ଭଲିବଲ ଆସୋସିଏଶନ ସମ୍ପାଦକ ଗଗନେନ୍ଦୁ ଦାଶ, ଖୋର୍ଦ୍ଧା ଜିଲା କ୍ରୀଡ଼ା ଅଧିକାରୀ ଗୀତାଞ୍ଜଳି ପଣ୍ଡା ଏବଂ ଖୋର୍ଦ୍ଧା ଜିଲା ଆଥ୍‌ଲେଟିକ୍ ଆସୋସିଏଶନ ସମ୍ପାଦକ ଉପେନ୍ଦ୍ର ନାଥ ଦାସ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଛନ୍ତି।



ସିଏମ୍ ଟ୍ରଫି ଭଲିବଲ ଉଦ୍‌ଘାଟନୀ ଉତ୍ସବରେ ଉପସ୍ଥିତ ବିଭିନ୍ନ ଦଳର ଭଲିବଲ ଖେଳାଳିମାନେ।

# ମାରାତ୍ମକ ରୋଗରେ ପୀଡ଼ିତ ଆଫଗାନିସ୍ତାନର ପୂର୍ବତନ ପେସର

**ନୂଆଦିଲ୍ଲୀ, ୨୦।୪ (ପିଟି)**

ଆଫଗାନିସ୍ତାନର ପୂର୍ବତନ ପେସର ଶାପୁର ଜଦ୍ରାନ ଏବେ ହେମୋଫାଗୋସାଇଟିକ୍ ଲିମଫୋହିଷ୍ଟିଓସାଇଟୋସିସ୍ (ଏଚ୍ଏଲ୍ଏଚ୍) ନାମକ ମାରାତ୍ମକ ରୋଗରେ ପୀଡ଼ିତ ହୋଇଛନ୍ତି। ଏହି ୩୮ ବର୍ଷୀୟ ପୂର୍ବତନ ପେସର ବର୍ତ୍ତମାନ ନୂଆଦିଲ୍ଲୀ ହସ୍ପିଟାଲରେ ଆଇସିୟୁରେ ଭର୍ତ୍ତି ହୋଇଛନ୍ତି। ଗତ ଜାନୁଆରୀଠାରୁ ଏଠାରେ ତାଙ୍କର ଚିକିତ୍ସା ଚାଲିଛି। ଏଚ୍ଏଲ୍ଏଚ୍ ଏଭଳି ଏକ ରୋଗ, ଯାହାକି ମୁଖ୍ୟତଃ ଛୁଆଙ୍କୁ ପ୍ରଭାବିତ କରିଥାଏ। ଏହି ରୋଗରେ ପୀଡ଼ିତ ହେବା ପରେ ଶରୀରର ରୋଗ ପ୍ରତିଷେଧକ ଶକ୍ତି ଦୁର୍ବଳ ହୋଇଯାଏ। ଯଦ୍ଦ୍ୱାରା ରୋଗୀ ହାଇପରଫ୍ଲାମେଶନ ସମ୍ମୁଖୀନ ହୋଇଥାଏ, ଯାହାକି ଶରୀରର ଟିସୁ, ବୋନ ମ୍ୟାରୋ, ଲିଭର ସ୍ପ୍ଲିନ ଓ ଲିମ୍ଫ ନୋଡ୍‌କୁ କ୍ଷତିଗ୍ରସ୍ତ କରେ।







Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, S-3/5, Industrial Estate, Angul. Editor- Tathagata Satpathy, ସମ୍ପାଦକ- ତଥାଗତ ସତପଥୀ Business queries: <advt@dharitri.com>